ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୪/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Tuesday, January 4/2022 | ★★★★★★

୪୮ଶ ଭାଗ ୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**କରୋନାର ଅନ୍ତ ପାଇଁ ସଭିଏଁ ପ୍ରୟାସ କରନ୍ତୁ**

ନୂଆବର୍ଷରେ କରୋନା ଅନ୍ତ ଘଟାଇବା ପାଇଁ ସମସ୍ତେ ଅଣ୍ଟା ଭିଡିବା ଦରକାର ବୋଲି ଅଭିନେତ୍ରୀ ଜାହ୍ନବୀ କପୁର ଲୋକଙ୍କୁ ଅନୁରୋଧ କରିଛନ୍ତି।

୦୭

୦୫

**ଗୃହିଣୀଙ୍କୁ ୨,୦୦୦ ଟଙ୍କା ପ୍ରତିଶ୍ରୁତି ଦେଲେ ସିଦ୍ଧୁ**

ମହିଳା ଭୋଟବ୍ୟାଙ୍କ ହାତେଇବା ଲାଗି ପଞ୍ଜାବ କଂଗ୍ରେସ ସଭାପତି ନବଜ୍ୟୋତ ସିଂ ସିଦ୍ଧୁ ଗୃହିଣୀଙ୍କୁ ମାସିକ ୨,୦୦୦ ଟଙ୍କା ଦେବାକୁ ଘୋଷଣା କରିଛନ୍ତି।



# ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ

## ୱାର୍ଡ ପୁନର୍ଗଠନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୩।୧(ବ୍ୟୁରୋ)




- ୧୨ ସୁଦ୍ଧା ଆପତ୍ତି ଅଭିଯୋଗ
- ୧୩ରେ ପ୍ରକାଶ ପାଇବ ବିଜ୍ଞପ୍ତି
- ଜାନୁୟାରୀ ୨୮ ସୁଦ୍ଧା ପ୍ରକ୍ରିୟା ଶେଷ
- ପଛୁଆବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ ରହିବ ନାହିଁ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଘୋଷଣାକୁ ଆଉ କିଛିଦିନ ବାକି ରହିଥିବା ବେଳେ ରାଜ୍ୟ ସରକାର ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ନିର୍ବାଚନ ହେବାକୁ ଯାଉଥିବା ୧୦୭ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି), ମ୍ୟୁନିସିପାଲିଟି ଏବଂ ମହାନଗର ନିଗମରେ ୱାର୍ଡ ପୁନର୍ଗଠନ ଏବଂ ସଂରକ୍ଷଣ କାର୍ଯ୍ୟ ଆରମ୍ଭ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ସମସ୍ତ ଜିଲାପାଳଙ୍କୁ ଏ ନେଇ ଚିଠି ଲେଖିଛନ୍ତି। ଜାନୁୟାରୀ ୩ରେ ୱାର୍ଡ ପୁନର୍ଗଠନ ଏବଂ ସ୍ଥାନ ସଂରକ୍ଷଣ ନେଇ ମତାମତ ଲୋଡ଼ାଯାଇଛି। ଏ ନେଇ ଜିଲାପାଳମାନେ ଚିଠା ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଜାନୁୟାରୀ ୧୨ ସୁଦ୍ଧା ଆପତ୍ତି ଅଭିଯୋଗ ଗ୍ରହଣର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ୧୩ ତାରିଖ ସୁଦ୍ଧା ୱାର୍ଡ ପୁନର୍ଗଠନ ଓ ସ୍ଥାନ ସଂରକ୍ଷଣ କାର୍ଯ୍ୟ ଶେଷ କରି ଜିଲାସ୍ତରରେ ବିଜ୍ଞପ୍ତି ପ୍ରକାଶ କରିବାକୁ କୁହାଯାଇଛି। ଏହା ବିରୋଧରେ ଆବେଦନ କରିବାକୁ ଜାନୁୟାରୀ ୧୩ରୁ ୨୭ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ଆସନ୍ତା ୨୮ ତାରିଖରେ ଆବେଦନଗୁଡ଼ିକର ଶୁଣାଣି କରାଯିବ। କେବେ ସୁଦ୍ଧା ୱାର୍ଡ ପୁନର୍ଗଠନ ଓ ସ୍ଥାନ ସଂରକ୍ଷଣ ନେଇ ବିଜ୍ଞପ୍ତି ପ୍ରକାଶ କରାଯିବ ତାହା ପରବର୍ତ୍ତୀ ସମୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଣାଇ ଦିଆଯିବ। ଏ ଦିଗରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ସହ ବିଭାଗକୁ ନିୟମିତ ଜଣାଇବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୁପ୍ରିମକୋର୍ଟ ୨୦୨୧ ଡିସେମ୍ବର ୬ ଏବଂ ୨୧ରେ ଦେଇଥିବା ରାୟ ଅନୁସାରେ ପଛୁଆବର୍ଗମାନଙ୍କର ସ୍ଥାନ ସଂରକ୍ଷଣ ହେବ। ଅନୁସୂଚିତ ଅଞ୍ଚଳକୁ ଛାଡ଼ି ଅନ୍ୟାନ୍ୟ ସ୍ଥାନରେ ମ୍ୟୁନିସିପାଲିଟି ଏବଂ ଏନ୍ଏସି ଅଞ୍ଚଳକୁ ବିଭକ୍ତ କରି ୱାର୍ଡ ପୁନର୍ଗଠନ କରିବା ସହ ଅନୁସୂଚିତ ଜାତି, ଜନଜାତି ଓ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯିବ। ସେହିପରି ୨୦୧୧ ଜନଗଣନା ଅନୁଯାୟୀ ମହାନଗର ନିଗମ ଅଞ୍ଚଳରେ ୱାର୍ଡ ପୁନର୍ଗଠନ ଏବଂ ଓଡ଼ିଶା ମ୍ୟୁନିସିପାଲ ଆଇନ-୧୯୫୦ର ଧାରା ୧୨(୩)(ବି)(୧) ଓ (୨) ଅନୁସାରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୱାର୍ଡ ପୁନର୍ଗଠନ ଓ ସ୍ଥାନ ସଂରକ୍ଷଣକୁ ନେଇ ଥିବା ଆପତ୍ତି ଅଭିଯୋଗ ନିର୍ଦ୍ଧାରିତ ସମୟରେ କେବଳ ଜିଲାପାଳଙ୍କ କାର୍ଯ୍ୟାଳୟର ଅଭିଯୋଗ ବାକ୍ସରେ ଦାଖଲ କରିବାକୁ କୁହାଯାଇଛି। ସେହିପରି ଅନୁଗୋଳ ଜିଲାର ୩, ବଲାଙ୍ଗୀରର ୫, ବାଲେଶ୍ୱରର ୫, ବରଗଡ଼ର ୪, ଭଦ୍ରକର ୪, ବୌଦ୍ଧର ୧, କଟକର ୩, ଦେବଗଡ଼ର ୧, ଢେଙ୍କାନାଳର ୩, ଗଜପତିର ୨, ଗଞ୍ଜାମର ୧୬, ଜଗତ୍‌ସିଂହପୁରର ୨, ଯାଜପୁରର ୨, ଝାରସୁଗୁଡ଼ାର ୩, ☞ପୃଷ୍ଠା-୪




## ଜାନୁୟାରୀ ଦରମାରେ ମିଳିବ ବର୍ଦ୍ଧିତ ମହଙ୍ଗା ଭତ୍ତା

ଭୁବନେଶ୍ୱର,୩।୧(ବ୍ୟୁରୋ)

ରାଜ୍ୟ ସରକାରୀ କର୍ମଚାରୀ ଓ ପେନ୍‌ସନ୍‌ଧାରୀଙ୍କୁ ୩ ପ୍ରତିଶତ ମହଙ୍ଗାଭତ୍ତା ଦେବାକୁ ଡିସେମ୍ବର ୩୧ରେ ରାଜ୍ୟ ସରକାର ଘୋଷଣା କରିଥିଲେ। ଏହା ୨୦୨୧ ଜୁଲାଇ ୧ ତାରିଖରୁ ପିଛିଲା ଭାବରେ ଲାଗୁ ହେବ। ଏ ନେଇ ସୋମବାର ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ କର୍ମଚାରୀମାନଙ୍କୁ ୨୦୨୨ ଜାନୁୟାରୀ ମାସ ଦରମାରେ ଏହି ମହଙ୍ଗାଭତ୍ତା ପ୍ରଦାନ କରାଯିବ। ରାଜ୍ୟରେ କାର୍ଯ୍ୟକରୁଥିବା ସମସ୍ତ ସର୍ବଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କ ଲାଗି ସାଧାରଣ ବିଭାଗ ପୁଣି ଥରେ ବିଜ୍ଞପ୍ତି ପ୍ରକାଶ କରିବ। ଓଡ଼ିଶା ରିଭାଇଜ୍‌ଡ ସ୍କେଲ୍ ଅଫ ପେ(ଓଆରଏସ୍‌ପି) ରୁଲ୍‌ସ ୨୦୧୭ ଅଧୀନରେ ନିୟମିତ ଦରମା ପାଉଥିବା ୱାର୍କ ଚାର୍ଜଡ, ପୂର୍ଣ୍ଣ ଅନୁଦାନ ପାଉଥିବା ବେସରକାରୀ କଲେଜର ଶିକ୍ଷକ ଓ ଅଣଶିକ୍ଷକ, ଓଆର୍‌ଏସ୍‌ପି ରୁଲ୍‌ସ ୨୦୧୭ ଓ ୨୦୧୯ ଅଧୀନରେ ବେତନ ପାଉଥିବା ସମସ୍ତ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କୁ ବର୍ଦ୍ଧିତ ମହଙ୍ଗାଭତ୍ତା ପ୍ରଦାନ କରାଯିବ। ଜାନୁୟାରୀ ମାସ ଦରମାରେ ଏହି ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବ। ତେବେ ୨୦୨୧ ଜୁଲାଇରୁ ଡିସେମ୍ବର ମଧ୍ୟରେ ଥିବା ବକେୟା ଜାନୁୟାରୀ ଦରମାରେ ମିଳିବ ନାହିଁ। ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ
ମାନିବାକୁ ପଡ଼ିବ

## କନିଷ୍ଠ ଶିକ୍ଷକଙ୍କ ଦରମା ୫୦% ବଢ଼ିଲା

ଭୁବନେଶ୍ୱର, ୩।୧(ବ୍ୟୁରୋ)

**ଉପକୃତ ହେବେ ୩୩,୦୩୮**

ରାଜ୍ୟର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକ ଓ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକଙ୍କ ପାଇଁ ଖୁସି ଖବର। ରାଜ୍ୟ ସରକାର ସେମାନଙ୍କ ଦରମା ୫୦ ପ୍ରତିଶତ ବୃଦ୍ଧି କରିଛନ୍ତି। ଏ ନେଇ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ୨୦୨୨ ଜାନୁୟାରୀ ପହିଲାରୁ ଏହି ବର୍ଦ୍ଧିତ ଦରମା କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, କନିଷ୍ଠ ଶିକ୍ଷକମାନଙ୍କ ଦରମା ୯,୨୦୦ ଟଙ୍କା ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କ୍ରମେ ଏବେ ତାହା ୧୩,୮୦୦ ଟଙ୍କାକୁ ବୃଦ୍ଧି ପାଇଛି। ସେହିଭଳି ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକମାନଙ୍କର ବର୍ତ୍ତମାନ ଦରମା ୭,୪୦୦ ଟଙ୍କା ଥିବାବେଳେ ଏହା ୧୧,୦୦୦ ଟଙ୍କାକୁ ବୃଦ୍ଧି ହୋଇଛି। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ୧୬୮ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି ନିଷ୍ପତ୍ତି ଦ୍ୱାରା ୧୩,୩୨୪ ଜଣ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକଙ୍କ ସମେତ ୧୯,୭୧୪ ଜଣ କନିଷ୍ଠ ଶିକ୍ଷକ ଉପକୃତ ହେବେ। ରାଜ୍ୟର ସମୁଦାୟ ୩୩,୦୩୮ ଜଣ କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି ହେବ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଗତ ୧ ତାରିଖରେ ରାଜ୍ୟ ସରକାର ୮,୧୦୨ଜଣ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକଙ୍କ ଚାକିରି ନିୟମିତ କରିଥିଲେ। ଏହି ଶିକ୍ଷକମାନେ ୨୦୧୫ ମସିହାରୁ ରାଜ୍ୟର ବିଭିନ୍ନ ସରକାରୀ ସ୍କୁଲରେ ଚୁକ୍ତିଭିତ୍ତିକରେ କାର୍ଯ୍ୟ କରିଆସୁଛନ୍ତି।

## ଚାର୍ଜଶିଟ୍‌ରେ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଅଭିଯୁକ୍ତ

**ଲଖିମପୁର ଖେରି ହିଂସା ମାମଲା**

ଲଖିମପୁର, ୩।୧



ଉତ୍ତରପ୍ରଦେଶର ଲଖିମପୁର ଖେରି ହିଂସା ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ସୋମବାର ୧୪ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ସିଜେଏମ୍) ଚିନ୍ତା ରାମଙ୍କ ଅଦାଲତରେ ଚାର୍ଜଶିଟ୍ ଦାଖଲ ହୋଇଛି। ତିକୁନିଆ ଥାନାରେ ଦାଏର ଏତଲା ଆଧାରରେ ଏସ୍‌ଆଇଟି ଆଶିଷ ମିଶ୍ରାଙ୍କ ସମେତ ୧୩ ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତମାନେ ହେଲେ ଅଙ୍କିତ ଦାସ, ନନ୍ଦନ ସିଂ ବିଷ୍ଟ, ସତ୍ୟମ ତ୍ରିପାଠୀ ଓରଫ ସତ୍ୟମ, ଲତିଫ୍ ଓରଫ କାଲେ, ଶେଖର ଭାରତୀୟ ସୁମିତ ଜୟସ୍ୱାଲ, ଆଶିଷ ପାଣ୍ଡେ, ଲବକୁଶ ରାଣା, ଶିଶୁ ପାଲ, ଉଲ୍ଲାସ କୁମାର ଓରଫ ମୋହିତ ତ୍ରିବେଦୀ, ରିଙ୍କୁ ରାଣା ଏବଂ ଧର୍ମେନ୍ଦ୍ର ବଞ୍ଜାରା। ଅନ୍ୟ ଜଣେ ଅଭିଯୁକ୍ତ ବୀରେନ୍ଦ୍ର ଶୁକ୍ଲାଙ୍କ ନାମ ଚାର୍ଜଶିଟ୍‌ରେ ଅଭିଯୁକ୍ତ ଭାବେ ସାମିଲ ହେବା ସହ ତାଙ୍କ ବିରୋଧରେ ପ୍ରମାଣ ଲୁଚାଇବା ଅଭିଯୋଗରେ ଆଇପିସିର ଦଫା ୨୦୧ ଲଗାଯାଇଛି। ତେବେ ସେ ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟ ୩ରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ନିର୍ବାଚନ ମଣ୍ଡଳୀ ଖେରିକୁ ୟୁପି ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ ଗସ୍ତ ବେଳେ ଏହାକୁ ବିରୋଧ କରି ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ଏହି ସମୟରେ ଆଶିଷ ମିଶ୍ରାଙ୍କ ଗାଡ଼ି ମାଡ଼ିଯାଇ ୪ କୃଷକଙ୍କ ମୃତ୍ୟୁ ଘଟିଥିଲା। ☞ପୃଷ୍ଠା-୪






**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୯,୧୩,୪୮,୩୦୧ | ୫୪,୬୩,୪୭୫ | ୨୫,୪୯,୪୪,୫୧୯ |
| ଭାରତ | ୩,୪୯,୨୨,୮୮୨ | ୪,୮୧,୮୯୩ | ୩,୪୨,୯୫,୪୦୭ |
| ଓଡ଼ିଶା | ୧୦,୫୫,୯୮୦ | ୮୪୬୩(+୫୩) | ୧୦,୪୫,୨୫୫ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଏଣିକି ମାଇଁ ଲର୍ଡ ବଦଳରେ ସାର୍ ସମ୍ବୋଧନ

**କଟକ ଅଫିସ,୩।୧:** ସୋମବାରଠାରୁ ହାଇକୋର୍ଟ ଖୋଲିଛି। ଚଳିତବର୍ଷର ପ୍ରଥମ ସାପ୍ତାହିକ ମାମଲା ତାଲିକାରେ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ପାଇଁ ପ୍ରକାଶିତ ତାଲିକାରେ ବିଚାରପତିଙ୍କୁ ମାଇଁ ଲର୍ଡ, ଇୟୋର ଲର୍ଡସିପ୍, ଇୟୋର ଅନର ଭାବେ ସମ୍ବୋଧନ ନ କରିବାକୁ ଆଇନଜୀବୀ ଓ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହୁଥିବା ପକ୍ଷଙ୍କୁ ଅନୁରୋଧ କରାଯାଇଛି। ଏହାସହିତ ସମ୍ବୋଧନ ପୂର୍ବରୁ ଅନରେବଲ ଉପସର୍ଗ ଯୋଗ ନ କରି କେବଳ ସାର୍ କହିବାକୁ ଅନୁରୋଧ କରାଯାଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଆର. କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ପାଇଁ ପ୍ରକାଶିତ ତାଲିକାରେ ଏ ସମ୍ପର୍କରେ ଉଲ୍ଲେଖ ରହିଛି। ତେବେ ଏହାକୁ ନେଇ କେତେଜଣ ଆଇନଜୀବୀ ମତପ୍ରକାଶ କରିଛନ୍ତି।

### “ବେଞ୍ଚ ଓ ବାର୍ ମଧ୍ୟରେ ପ୍ରଭେଦ ରହିବନି



ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଏଭଳି ଅନୁରୋଧ ସ୍ୱାଗତଯୋଗ୍ୟ। ୨୦୧୪ରେ ସୁପ୍ରିମକୋର୍ଟ ମଧ୍ୟ ଏ ସମ୍ପର୍କରେ କହିଥିଲେ। ହେଲେ ଏହାକୁ ବାଧ୍ୟତାମୂଳକ କରି ନ ଥିଲେ। ଏହି ନିୟମ ଲାଗୁ ହେଲେ ବିଚାରପତି ଓ ଆଇନଜୀବୀଙ୍କ ମଧ୍ୟରେ ସମାନତା ଦେଖାଦେବ। ବେଞ୍ଚ ଓ ବାର୍ ମଧ୍ୟରେ ପ୍ରଭେଦ ରହିବ ନାହିଁ।

-ଶୈଳବାଳା ଜେନା, ଆଇନଜୀବୀ

### “ନୂଆ ଘଟଣା ନୁହେଁ



ଏହା ନୂଆ ଘଟଣା ନୁହେଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବାର୍ କାଉନ୍ସିଲ ଅଫ ଇଣ୍ଡିଆ ଦେଶର ସମସ୍ତ ବାର୍‌କୁ ଏନେଇ ଗାଇଡଲାଇନ ଜାରି କରିଥିଲେ। ପୁଣି ଥରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଉକ୍ତ ପ୍ରସଙ୍ଗକୁ ଉଠାଇଛନ୍ତି। ଏହାକୁ ଆଇନଜୀବୀମାନେ ପାଳନ କଲେ ଭଲ ହେବ।

-ଜ୍ଞାନରଞ୍ଜନ ମହାନ୍ତି, ଆଇନଜୀବୀ

### “ସ୍ୱାଗତଯୋଗ୍ୟ ପଦକ୍ଷେପ



ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଇଂରେଜ ଅମଳରୁ ରହିଆସିଥିବା ପ୍ରଥା ଉଠିବ। ବହୁବର୍ଷ ପରେ ମଧ୍ୟ ମାଇଁ ଲର୍ଡ ସମ୍ବୋଧନରେ ପରିବର୍ତ୍ତନ ହୋଇପାରିନାହିଁ। ଏହା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କର ଏକ ଉନ୍ନତ ଚିନ୍ତାଧାରା। ଏହାକୁ ବ୍ୟକ୍ତିଗତଭାବେ ସମର୍ଥନ ଜଣାଉଛି।

-ବ୍ୟୋମକେଶ ତ୍ରିପାଠୀ, ଆଇନଜୀବୀ

### “ପରାମର୍ଶ ପାଳନ ନିଷ୍ପତ୍ତିକୁ ସ୍ୱାଗତ



ମାଇଁ ଲର୍ଡ ବଦଳରେ ସାର୍ ସମ୍ବୋଧନ ପରାମର୍ଶ ନିଷ୍ପତ୍ତିକୁ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ସ୍ୱାଗତ କରାଯାଉଛି। ସମସ୍ତ ଆଇନଜୀବୀ ସାର୍ ସମ୍ବୋଧନ ପାଳନ କରିବାକୁ ଅନୁରୋଧ କରୁଛି। ସେହିପରି ହାଇକୋର୍ଟର ଅନ୍ୟ ବିଚାରପତିମାନେ ମଧ୍ୟ ସାର୍ ସମ୍ବୋଧନ ଗ୍ରହଣ କରିବାକୁ ଅନୁରୋଧ କରାଯାଉଛି।

-ଜେ.କେ. ଲେଙ୍କା, ସମ୍ପାଦକ, ହାଇକୋର୍ଟ ବାର୍ ଆସୋସିଏଶନ

# ‘ହସ୍ପିଟାଲରେ ସମସ୍ତ ବ୍ୟବସ୍ଥା ପ୍ରସ୍ତୁତ ରଖ’

**ବଢୁଛି କରୋନା, ଓମିକ୍ରନ୍ ସଂକ୍ରମଣ**

- ସ୍ଥିତି ସମ୍ପର୍କରେ ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ
- ୬୪୯୦ ଶଯ୍ୟା ପ୍ରସ୍ତୁତ, ଅକ୍ସିଜେନ ଅଭାବ ହେବନାହିଁ



ଭୁବନେଶ୍ୱର, ୩।୧(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ି ଚାଲୁଥିବା ବେଳେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଭର୍ଚୁଆଲ ମୋଡ୍‌ରେ ସ୍ଥିତି ସମୀକ୍ଷା କରିଛନ୍ତି। ଓମିକ୍ରନ ବୃଦ୍ଧିକୁ ରୋକିବା ଲାଗି ସରକାର ପ୍ରସ୍ତୁତ ଅଛନ୍ତି। ଏଥିପାଇଁ ଟିକାକରଣ ସହ ହସ୍ପିଟାଲଗୁଡ଼ିକରେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା, ଶଯ୍ୟା ପ୍ରସ୍ତୁତ ରଖିବା ଏବଂ ଓଡ଼ିଶା ରାଜ୍ୟ ଔଷଧ ନିଗମକୁ ଆବଶ୍ୟକୀୟ ଔଷଧ ତଥା ସରଞ୍ଜାମ ମହଜୁଦ ରଖିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକ ପରେ ମନ୍ତ୍ରୀ ସୂଚନା ଦେଇ କହିଛନ୍ତି, ଓମିକ୍ରନ ମୁକାବିଲା ନିମନ୍ତେ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ୧୧୭୯ ଶଯ୍ୟା ପ୍ରସ୍ତୁତ ରଖାଯାଇଛି। ଏଥିମଧ୍ୟରେ ୯୩୭ ସାଧାରଣ, ୨୪୨ ଆଇସିୟୁ ଏବଂ ୧୧୦ଟି ଭେଣ୍ଟିଲେଟର ଶଯ୍ୟା ରହିଛି। ଏହାପରେ ଯଦି ଆବଶ୍ୟକ ପଡ଼େ ତା’ହେଲେ ଶଯ୍ୟା ସଂଖ୍ୟା ବୃଦ୍ଧି କରିବା ଲାଗି ପ୍ରଶାସନକୁ କୁହାଯାଇଛି। ସେହିପରି ରାଜ୍ୟରେ ବୟସ୍କଙ୍କ ଲାଗି ୫,୩୧୧ ସାଧାରଣ ଶଯ୍ୟା, ୧,୩୭୪ ଆଇସିୟୁ ଶଯ୍ୟା ଓ ୬୨୪ଟି ଭେଣ୍ଟିଲେଟର ଶଯ୍ୟା ରହିଛି। ରାଜ୍ୟରେ ଅକ୍ସିଜେନ୍‌ର ଅଭାବ ହେବ ନାହିଁ। ଜିନୋମ ସିକ୍ୱେନ୍ସିଂ ଏବେ କେବଳ ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ଏସ୍)ରେ ହେଉଛି। ଅନ୍ୟ କେଉଁଠି ଜିନୋମ ସିକ୍ୱେନ୍ସିଂ କରାଯାଇପାରିବ ସେ ନେଇ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା, ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀ, ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ କରୋନା ଏବଂ ଓମିକ୍ରନ୍ ସଂକ୍ରମଣ ବଢ଼ିବା ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ଯେଉଁମାନେ ବିଦେଶରୁ ଫେରୁଛନ୍ତି ସେମାନଙ୍କର ଟେଷ୍ଟ କରାଯାଉଛି। ପଜିଟିଭ ବାହାରିଲେ ଜିନୋମ ସିକ୍ୱେନ୍ସିଂ କରାଯାଉଛି। ରବିବାର ଚିହ୍ନଟ ହୋଇଥିବା ୨୩ ଓମିକ୍ରନ୍ ଆକ୍ରାନ୍ତଙ୍କ ମଧ୍ୟରୁ ୧୯ ଜଣଙ୍କଠାରେ ଲକ୍ଷଣ ନାହିଁ। ଲକ୍ଷଣ ବହୁତ କମ୍ ଲୋକଙ୍କ ପାଖରେ ରହିଛି। ଅନ୍ୟମାନଙ୍କଠାରେ ସାଧାରଣ ଲକ୍ଷଣ ରହିଛି। ସେମାନଙ୍କ ମଧ୍ୟରେ ସ୍ଥାନୀୟ ଲୋକ ରହିଛନ୍ତି। ଅର୍ଥାତ୍ କମ୍ୟୁନିଟିରେ ଭାଇରସ୍ ଅଛି। ଗୋଷ୍ଠୀରେ ଓମିକ୍ରନ ରହିଛି। ତେଣୁ ସଂକ୍ରମଣ ହେବ। ଏ ନେଇ ସମସ୍ତେ ସଚେତନ ହେବା ଦରକାର। ଓମିକ୍ରନ୍ ଅଧିକ ସଂକ୍ରମଣ କରିବ, କିନ୍ତୁ ଗୁରୁତର ହେବାର ଆଶଙ୍କା ନାହିଁ। ତେବେ ଏହାକୁ ମୁକାବିଲା କରିବା ଲାଗି ଭିଡ଼ ଜମାନ୍ତୁ ନାହିଁ, କୋଭିଡ୍ ନିୟମ ମାନନ୍ତୁ। ନଚେତ୍ ସଂଖ୍ୟା ବଢ଼ିଯିବ। ଏହାର ମୁକାବିଲା ଲାଗି ସରକାର ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି। ଜିଲାପାଳମାନେ ଗାଇଡ୍‌ଲାଇନ ଅନୁସାରେ କଟକଣା ଜାରି କରିବେ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ବଦଳିଲେ ସମ୍ବଲପୁର ଜିଲାପାଳ**

**ଭୁବନେଶ୍ୱର,୩।୧(ବ୍ୟୁରୋ):** ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏ ନେଇ ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୨୦୧୩ ବ୍ୟାଚ ଆଇଏଏସ୍ ତଥା ସମ୍ବଲପୁର ଜିଲାପାଳ ଶୁଭମ ସାକ୍ସେନାଙ୍କୁ କୃଷି ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଥିବା ବେଳେ ୨୦୧୬ ବ୍ୟାଚ ଆଇଏଏସ୍ ତଥା ରାଉରକେଲା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡାଙ୍କୁ ସମ୍ବଲପୁର ଜିଲାପାଳ, ୨୦୧୮ ବ୍ୟାଚ ଆଇଏଏସ୍ ତଥା କନ୍ଧମାଳ ଜିଲା ବାଲିଗୁଡା ଉପଜିଲାପାଳ ଶୁଭଙ୍କର ମହାପାତ୍ରଙ୍କୁ ରାଉରକେଲା ମହାନଗର ନିଗମ କମିଶନର ଭାବେ ବଦଳି କରାଯାଇଛି। ଏଥିସହିତ ତାଙ୍କୁ ରାଉରକେଲା ସ୍ମାର୍ଟସିଟି ସିଇଓ, ଏଡିଏମ୍ ରାଉରକେଲା ଏବଂ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।



ଡିଜିପି ସୁନୀଲ ବଂଶଲ ଓ ତାଙ୍କ ସହଧର୍ମିଣୀ ସୋମବାର ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କଲେ ଡିଜିପି

**ପୁରୀ ଅଫିସ,୩।୧:** ତିନିଦିନର ବିରତି ପରେ ସୋମବାର ଚଳିତବର୍ଷର ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିର ଖୋଲିଛି। ଏହି ଅବସରରେ ଓଡ଼ିଶାର ନବନିଯୁକ୍ତ ଡିଜିପି ସୁନୀଲ କୁମାର ବଂଶଲ ସସ୍ତ୍ରୀକ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର ଭିତର ବେଢ଼ା ପରିସରରେ ଥିବା ସମସ୍ତ ଦେବଦେବୀଙ୍କୁ ବଂଶଲ ଦର୍ଶନ କରି କିଛି ସମୟ ରହିବା ପରେ ବାଇଶି ପାହାଚ ଦେଇ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ସେବାୟତଙ୍କ ପକ୍ଷରୁ ଡିଜିପି ବଂଶଲଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆ ପାଟ, ପତିତପାବନ ବାନା ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ପରେ ଡିଜିପି ବଂଶଲ୍ ଖବରଦାତାଙ୍କୁ କହିଥିଲେ, ମହାପ୍ରଭୁଙ୍କ ଆଶୀର୍ବାଦରୁ ରାଜ୍ୟବାସୀଙ୍କର ସେବା କରିବାର ସୁଯୋଗ ମିଳିଛି। ସମସ୍ତଙ୍କ ସହଯୋଗରେ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରାଯାଇ ରାଜ୍ୟକୁ ଅପରାଧମୁକ୍ତ କରିବା ସହ ନିଶା କାରବାରକୁ ବନ୍ଦ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ମହାଲକ୍ଷ୍ମୀଙ୍କ ମନ୍ଦିରରେ ତାଙ୍କ କୌଳିକ ପଣ୍ଡା ଦାମୋଦର ମହାସୁଆର ବଂଶଲ୍‌ଙ୍କୁ ତାଙ୍କ ପରିବାର ପୂର୍ବରୁ ମହାପ୍ରଭୁଙ୍କ ଦର୍ଶନ କରିଥିବା ସମ୍ପର୍କ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ଶେଷରେ ଡିଜିପି କୌଳିକ ଖାତାରେ ଦସ୍ତଖତ କରିଥିଲେ।

# ୭ରେ ନବୀନ ନିବାସ ଘେରାଉ

**ଭୁବନେଶ୍ୱର, ୩।୧(ବ୍ୟୁରୋ):** ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ପ୍ୟାକେଜ୍ ଘୋଷଣା କରୁଛନ୍ତି। ମାତ୍ର ରାଜ୍ୟରେ ପ୍ରାୟ ୨୬ଲକ୍ଷ ସବୁଜ ପତ୍ରିକାଧାରୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି। ଏହାକୁ ବିରୋଧ କରାଯିବା ସହ ସବୁଜ ପତ୍ରିକାଧାରୀଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବା ଦାବିରେ ଆସନ୍ତା ୭ତାରିଖରେ ନବୀନ ନିବାସ ଘେରାଉ କରାଯିବ। ଏଥିସହ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘ ପକ୍ଷରୁ କୁହାଯାଇଛି। ସୋମବାର ଭଗବତୀ ଭବନରେ ଏଆଇଟିୟୁସି ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘର ରାଜ୍ୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କମିଟିସଭାପତି ସୁର ଜେନା କହିଲେ, ସରକାର ଏମାନଙ୍କୁ ଅଣଦେଖା କରୁଛନ୍ତି। ୨୦୧୨ ପରଠାରୁ ପତ୍ରିକାଧାରୀଙ୍କୁ ପରିଚୟପତ୍ର ଦିଆଯାଇ ନାହିଁ। ବାରମ୍ବାର ଆନ୍ଦୋଳନ ଯୋଗୁ ମୁଖ୍ୟମନ୍ତ୍ରୀ ଏହିସବୁ ଦାବି ସମ୍ପର୍କରେ ବିଚାର କରିବା ପାଇଁ ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ମାତ୍ର ୧ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ସୁଫଳ ମିଳିପାରି ନାହିଁ।

ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଲିଃ
The Odisha Small Industries Corporation Ltd.
(A Silver Category Government of Odisha Undertaking)
DSPL - 365
ନୂତନ ବର୍ଷ ୨୦୨୨ ଉପଲକ୍ଷେ ଓଡିଶାର ଜନସାଧାରଣଙ୍କୁ ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ।



ଶ୍ରୀ ଚିନ୍ମୟ କୁମାର ସାହୁ, ଅଧ୍ୟକ୍ଷ
OIPR-14073/13/0093/2122
Distributor :
TATA TISCON 550SD

# ଆଜି ନନ୍ଦନକାନନ ଖୋଲିବ

**ବଟାନିକାଲ ଗାର୍ଡେନରେ ବଣଭୋଜି ମନା**

**ବାରଙ୍ଗ,୩।୧(ଡି.ଏନ୍.ଏ.):** ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ମଙ୍ଗଳବାର ଖୋଲିବ। ଗତ ୩୦ତାରିଖଠାରୁ ୩ତାରିଖ ପର୍ଯ୍ୟନ୍ତ ୫ଦିନ ପାଇଁ ବନ୍ଦ ରହିଥିଲା। ଏହାସହ ବନ୍ଦ ଥିବା ସମୟରେ ଅନଲାଇନରେ ପର୍ଯ୍ୟଟକମାନେ କରିଥିବା ପିଣ୍ଡି ବୁକିଂ ଓ ପ୍ରବେଶ ପାଇଁ ଟିକେଟ ର ଅର୍ଥ ୧୦ଦିନ ମଧ୍ୟରେ ଫେରିପାଇବାକୁ କୁହାଯାଇଛି। ଏଥିସହ କରୋନା କଟକଣା ପାଇଁ ବଟାନିକାଲ ଗାର୍ଡେନରେ ବଣଭୋଜିକୁ ଜାନୁୟାରୀ ମାସ ପାଇଁ ବନ୍ଦ କରାଯାଇଛି ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ଡ. ସଞ୍ଜିତ କୁମାର କହିଛନ୍ତି।

# ‘ଦୁଇ ମାସର ପୁଅକୁ ମାରିଦେଲେ ମା’

**ଦମ୍ପତିଙ୍କ ଘରୋଇ କଳିର ଦୁଃଖଦ ପରିଣତି**

କେନ୍ଦ୍ରାପଡ଼ା ଅଫିସ/ମାର୍ଶାଘାଇ, ୩।୧ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ କାନପୁର ଗାଁରେ ରବିବାର ବିଳମ୍ବିତ ରାତିରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ଘରୋଇ କଳିରୁ ୨ ମାସର ଶିଶୁପୁତ୍ରକୁ ମା’ ମାରି ଏକ ଅବ୍ୟବହୃତ କୂଅରେ ପକାଇ ଦେଇଛନ୍ତି। ଖବରପାଇ ସୋମବାର ସକାଳେ ପୋଲିସ ପହଞ୍ଚି ଅଗ୍ନିଶମବାହିନୀ ସହାୟତାରେ ଶିଶୁର ମୃତଦେହକୁ ପଥର ବନ୍ଧା ଅବସ୍ଥାରେ କୂଅରୁ ବାହାର କରିଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମା’ ଓ ବାପାଙ୍କୁ ଥାନାରେ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

କାନପୁର ଗାଁର ସତ୍ୟରଞ୍ଜନ ପରିଡା ପାଟକୁରା ଥାନା ମାଣିକପୁର ଗାଁର ଲକ୍ଷ୍ମୀପ୍ରିୟାଙ୍କୁ ଦୁଇବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ଏଥିମଧ୍ୟରେ ଆର୍ଥିକ ପରିସ୍ଥିତିକୁ ନେଇ ଦମ୍ପତିଙ୍କର ବହୁ ସମୟରେ କଳି ହେଉଥିଲା। ଦୁଇମାସ ପୂର୍ବେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଦୁଇଦିନ ତଳେ ଘରୋଇ କଳିକୁ ନେଇ ଲକ୍ଷ୍ମୀପ୍ରିୟା ବାପଘରକୁ ଚାଲି ଯାଇଥିଲେ। ତେବେ ଲକ୍ଷ୍ମୀପ୍ରିୟାଙ୍କ ଭାଇ କଳି ସମାଧାନ କରି ତାଙ୍କୁ ଶ୍ୱଶୁର ଘରେ ଛାଡି ଦେଇ ଯାଇଥିଲେ। ରବିବାର ରାତି ପ୍ରାୟ ୨ଟାରେ ଲକ୍ଷ୍ମୀପ୍ରିୟା ପୁଅ ନ ଥିବା କହି ଚିତ୍କାର କରିଥିଲେ। ପରେ ଗ୍ରାମବାସୀ ଘଟଣାସ୍ଥଳକୁ ଆସି ଖୋଜାଖୋଜି ପରେ ମଧ୍ୟ ପୁଅର ପତ୍ତା ପାଇ ନ ଥିଲେ। ସତ୍ୟରଞ୍ଜନ ଏ ସମ୍ପର୍କରେ ଖୋଳତାଡ କରିବାରୁ ଲକ୍ଷ୍ମୀପ୍ରିୟା ସତ ମାନି ଯାଇଥିଲେ। ସେ ଶିଶୁପୁତ୍ରକୁ ଶ୍ୱାସରୁଦ୍ଧ କରି ମାରିବା ପରେ ଘର ନିକଟସ୍ଥ ଅବ୍ୟବହୃତ କୂଅରେ ଫୋପାଡି ଥିବା କହିଥିଲେ। ଏ ନେଇ ଥାନାରେ ଦଫା ୩୦୨ରେ ନଂ. ୩/୨୨ରେ ମାମଲା ରୁଜୁ ହୋଇଛି। ଆଇଆଇସି ପି. କେ. କାନୁନ୍‌ଗୋ ଘଟଣାର ତଦନ୍ତ କରୁଛନ୍ତି।

# ସଂରକ୍ଷଣ ଲାଗୁ ନ କଲେ ନିର୍ବାଚନ କରାଇ ଦେବୁନି

- ବଲାଙ୍ଗୀରରେ ଆଦିବାସୀଙ୍କ ମହାବିକ୍ଷୋଭ
- ସରପଞ୍ଚ, ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ଅଧ୍ୟକ୍ଷ ପଦରେ ସଂରକ୍ଷଣ ଦାବି
- ଉତ୍ତ୍ୟକ୍ତ କର୍ମୀ ଚିରିଲେ ସରକାରୀ ବିଜ୍ଞାପନ ହୋର୍ଡିଂ



ବଲାଙ୍ଗୀରରେ ଆଦିବାସୀଙ୍କ ମହାବିକ୍ଷୋଭ ସମାବେଶ।

ବଲାଙ୍ଗୀର ଅଫିସ, ୩।୧

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସରକାର ଯେଉଁ ଚିଠା ସଂରକ୍ଷଣ ଆସନ ଜାରି କରିଛନ୍ତି ସେଥିରେ ଆଦିବାସୀଙ୍କ ପ୍ରତି ଅନ୍ୟାୟ ଜଳଜଳ ଦେଖାଯାଉଛି। ସରକାର ଆଦିବାସୀଙ୍କୁ ସଂରକ୍ଷଣ ନ ଦେଲେ ଆଗାମୀ ପଞ୍ଚାୟତ ନିର୍ବାଚନ କରାଇ ଦେବୁନାହିଁ ବୋଲି ଆଦିବାସୀ କଲ୍ୟାଣ ମହାସଂଘ ଶୁଣାଇଛି। ମହାସଂଘ ପକ୍ଷରୁ ସୋମବାର ସହସ୍ରାଧିକ ଆଦିବାସୀ ପ୍ରଥମେ ଶୋଭାଯାତ୍ରାରେ ସହର ପରିକ୍ରମା କରି କଚେରି ଛକରେ ଦୀର୍ଘ ସମୟ ଧରି ରାସ୍ତାରୋକୋ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହାବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସମୟରେ ଆନ୍ଦୋଳନକାରୀ ଜିଲାପାଳଙ୍କ କାର୍ଯ୍ୟାଳୟ ପାଚେରିରେ ଲାଗିଥିବା ସରକାରୀ ବିଜ୍ଞାପନ ହୋର୍ଡିଂକୁ ଚିରି ପକାଇଥିଲେ। ପରେ ଆଦିବାସୀ ସଂଘର ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳ ଚଞ୍ଚଲ ରାଣାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ନିର୍ବାଚନରେ ସରପଞ୍ଚ, ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ଆସନରେ ଉଚିତ ସଂରକ୍ଷଣ କୋଟା ଲାଗୁ କରିବାକୁ ଅନୁରୋଧ କରିଥିଲେ।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪ ଧାରା ୧୦, ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୫୯ ଧାରା ୧୬ ଅନୁସାରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତା୪।୧୦।୨୦୨୧ରିଖରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୨୦୨୨ ସକାଶେ ଚିଠା ସଂରକ୍ଷଣ ତାଲିକା ପ୍ରସ୍ତୁତ କରିଥିଲେ। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବଲାଙ୍ଗୀର ଜିଲାପାଳ ଗତ ୮ ଅକ୍ଟୋବର ୨୦୨୧ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଉକ୍ତ ବିଜ୍ଞପ୍ତିରେ ବ୍ଲକୱାରି ଆଦିବାସୀ ଜନସଂଖ୍ୟା ଆଧାରରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟ, ବ୍ଲକ ଅଧ୍ୟକ୍ଷ ପଦବୀ ଆଦିବାସୀଙ୍କ ପାଇଁ ସଂରକ୍ଷିତ ଥିଲା। କିନ୍ତୁ ତା୨୭।୧୨।୨୦୨୧ରିଖରେ ପ୍ରକାଶିତ ଜିଲାପାଳଙ୍କ ସଂରକ୍ଷଣ ଚିଠା ତାଲିକାରେ ଜିଲାର ୩୧୭ ପଞ୍ଚାୟତ ମଧ୍ୟରୁ ଗୋଟିଏ ବି ପଞ୍ଚାୟତରେ ଆଦିବାସୀଙ୍କ ପାଇଁ ସଂରକ୍ଷଣ କରାଯାଇନାହିଁ।

ବଲାଙ୍ଗୀର ସହିତ ଓଡ଼ିଶାର ୨୩ଟି ଜିଲାର ଆଦିବାସୀମାନଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ନିୟମ ଉଲ୍ଲଂଘନ କରି କୋଟା ଉଚ୍ଛେଦ କରିଦେବା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଏବଂ ଆଦିବାସୀମାନଙ୍କ ପ୍ରତି ଓଡ଼ିଶା ସରକାରଙ୍କ ବୈମାତୃକ ମନୋଭାବର ପରିଚାୟକ। ତେଣୁ ଭାରତୀୟ ସମ୍ବିଧାନର ଧାରା ୨୪୩ ଡି. ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪ ଧାରା ୧୦, ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୫୯ର ଧାରା ୧୬ ଅନୁସାରେ ଆଦିବାସୀ ଜିଲାୱାରି, ବ୍ଲକୱାରି ଜନସଂଖ୍ୟା ହିସାବରେ ପୂର୍ବପରି ସରପଞ୍ଚ, ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ଅଧ୍ୟକ୍ଷ ପଦବୀଗୁଡିକ ଆଦିବାସୀମାନଙ୍କ ପାଇଁ ସଂରକ୍ଷଣ କରି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କରନ୍ତୁ ନଚେତ ନିର୍ବାଚନ କରାଇ ଦେବୁ ନାହିଁ ବୋଲି ଆଦିବାସୀ ନେତାମାନେ ଚେତାବନୀ ଦେଇଥିଲେ।

16th Death Anniversary



Er. Sukanta Chandra Samantaray
( 12.05.1946 - 04.01.2006 )
Selfless soul always loving and kind
Such are memories you leave behind
You fell into the endless slumber
without biding goodbye
Memories of you will never die
TRUPTI
Since 1970
Founder: TRUPTI GROUP

**ଆଜିର ମନ୍ତବ୍ୟ**

"ଘୃଣା ସୃଷ୍ଟିକାରୀ ମନ୍ତବ୍ୟ ଦେଶର ସଂସ୍କୃତି ଏବଂ ସମ୍ବିଧାନ ବିରୋଧୀ। ସଭିଏଁ ନିଜ ଧର୍ମକୁ ମାନନ୍ତୁ କିନ୍ତୁ ଘୃଣ୍ୟ ମନ୍ତବ୍ୟ ଦେବା କିମ୍ବା ଲେଖିବାରୁ ବିରତ ରୁହନ୍ତୁ।

– ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



କାହ୍ନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବତାଇ ଦେବା ବୁଦ୍ଧି, ମାଗି ଆଣିବା ତିଅଣ।**

ନିଜ ବୁଦ୍ଧିରେ ବାଟ ଚାଲିବା ଠିକ୍। ପର ବୁଦ୍ଧିରେ ପଡ଼ିଲେ ଖାଲରେ ପଡିଯିବାର ସଂଭାବନା ରହିଥାଏ। ଅସଲ ବେଳରେ ସେ ବୁଦ୍ଧି କାମ କରି ନ ଥାଏ। ସେହିପରି ମାଗି ଆଣୁଥିବା ତରକାରି କେଉଁ ଆଡ଼କୁ ପାଇ ନ ଥାଏ, ସେଥିରେ ଭୋକ ମେଣ୍ଟିପାରି ନ ଥାଏ। ଏସବୁ କ୍ଷଣସ୍ଥାୟୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବର ତିରିଶା, କନିଆ ଦଶା।**

ବରକୁ ତିରିଶ ବର୍ଷ ଓ କନ୍ୟାକୁ ଦଶ ବର୍ଷ ହୋଇଥିବା ଯୋଡ଼ି ଠିକ୍ ବୋଲି ପ୍ରାଚୀନ କାଳରେ ଲୋକଙ୍କର ବିଶ୍ୱାସ ରହିଥିଲା। ଏହା ଫଳରେ କନ୍ୟାର ସତିତ୍ୱ ପ୍ରତି କୌଣସି ସନ୍ଦେହ ରହୁ ନ ଥିଲା। ଅବଶ୍ୟ ସମୟ ବା ଯୁଗ ବଦଳ ରୀତିରେ ଆଜି ଏହାର ତାତ୍ପର୍ଯ୍ୟ କିଛି ନାହିଁ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# classifieds

**Everyday 0674-2580101, 2549302**



**SALE**

ଧଉଳି ଛକ ପାଖରେ ଘରବାରି boundary 40ft. ପିଚୁରୋଡ୍ ଥାଇ plot ବିକ୍ରିହେବ। 7008833643. D-71762

**Ready to move 1BHK Holiday apartment sale Jagannathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033905, 6372753860.** D-71749

**Sum Hospital** ନିକଟବର୍ତ୍ତୀ ଅନ୍ଧାରୁଆରେ **Bio-Tech Park (Vaccine Plant)** ନିକଟରେ **gharabari plot boundary, electricity** ଥାଇ କିଣନ୍ତୁ, **immediate** ଘର କରନ୍ତୁ **9437005434.** D-71754

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 1200sqft. 3,00,000/-, ନଖରା ତ୍ରିନାଥବଜାର sqft.-200 (Outright). 9348232008. D-22629

**Residential gharabari plot near English Medium School, Brahmanjharilo, Cuttack with boundarywall, 7km from Nakhara, Cuttack, 12km to BBSR. 7809525452.** D-71835

ଭୁବନେଶ୍ୱର ଡେରାସ୍, ସୁନ୍ଦରପଦାରେ ଘରବାଡ଼ି ପ୍ଲଟ୍ sqft.-1500/-, 950/-, 650/- ମିଳୁଛି। SEEMA-6370476317. D-71765



**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757



Newly Open Saikrupa Panchakarma Spa positively health benefits with expert. 8984068077. D-22723

Newly open full body massage ladies and gents. 8327740003, 8455985899. D-71838

One hour any therapy by expert therapist @800 only. 9078484455. D-71461



ଘରେବସି ସ୍ୱଳ୍ପ ବିନିଯୋଗରେ ମାସକୁ ୩୦,୦୦୦/-ରୁ ୬୦,୦୦୦/- ରୋଜଗାର କରନ୍ତୁ। 9776020766, 9439008685. D-71460

**LOST**

Original registered mutation ROR No.- 801/1912, dated 04.12.2015, Khata No.- 801/1912, Plot No.- 2399/4498, Area A0.061 dec., Mouza- Daruthenga, P.S.- Chandaka, Dist.- Khurda has been lost. FIR has been lodged in Infocity Police Station, Bhubaneswar, vide R. No.- 622/21, dated 31.12.2021. If found kindly contact: 9437087116. D-22738

Original registered mutation ROR No.- 474/914, dated 17.12.1997, Khata No.- 474/914, Plot No.- 346/2725, Area A0.110 dec., Mouza- Patia, P.S.- Infocity, Dist.- Khurda has been lost. FIR has been lodged in Infocity Police Station, Bhubaneswar, vide R. No.- 622/21, dated 31.12.2021. If found kindly contact: 9437087116. D-22739

Original registered mutation ROR No.- 801/2968, dated 26.10.2016, Khata No.- 801/2968, Plot No.- 2394/3664, Area A0.288 dec., Mouza- Daruthenga, P.S.- Chandaka, Dist.- Khurda has been lost. FIR has been lodged in Infocity Police Station, Bhubaneswar, vide R. No.- 621/21, dated 31.12.2021. If found kindly contact: 9437013115. D-22740

Original registered mutation ROR No.- 801/1433, Khata No.- 801/1433, Plot No.- 2394, Area A0.095 dec., Mouza- Daruthenga, P.S.- Chandaka, Dist.- Khurda has been lost. FIR has been lodged in Infocity Police Station, Bhubaneswar, vide R. No.- 621/21, dated 31.12.2021. If found kindly contact: 9437013115. D-22741

**AFFIDAVIT**

By virtue of an affidavit, I, Subha Chhatria, village- Dharabgarh, PO. Goelbhadi, Dist. Balangir declare that my father's actual name is Chambaru Chhatria. But some of my educational certificate, my father's name has been wrongly mentioned as Dambaru Chhatria and Chmbaru Chhatria. That above all names are same and one person. D-22735

**ନିରୁଦ୍ଦିଷ୍ଟ**



ନାମ: ଅଶୋକ କୁମାର ମହାନ୍ତି (ରାଜା), ବୟସ-26 ହୁଲୁରୁସିଂଘାଂ, ଅନୁଗୋଳ 01.01.2020 ସାଇକେଲରେ ଆଠମଲ୍ଲିକ ଆଡକୁ ଯାଇଛନ୍ତି। Contact No.- 9437382797, 7735888835. D-22742

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ ସମାବେଶ

## ଆର୍‌ଡିସି ଅଫିସକୁ ଧସେଇ ପଶିଲେ

**ସମ୍ବଲପୁର,୩।୧(ବ୍ୟୁରୋ)**

ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ଆହ୍ୱାନକ୍ରମେ ସୋମବାର ୧୦ ଜିଲାର ଅଙ୍ଗନୱାଡି କର୍ମୀ ଓ ସହାୟିକା ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିଭିନ୍ନ ଦାବି ନେଇ ସେମାନେ ଶୋଭାଯାତ୍ରାରେ ଆସି ଆର୍‌ଡିସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ୟାପକ ପୋଲିସ ମୁତୟନ ସତ୍ତ୍ୱେ କର୍ମୀମାନେ ଆର୍‌ଡିସି ଅଫିସକୁ ଧସେଇ ପଶିଥିଲେ। ସେଠାରେ ଆର୍‌ଡିସିଙ୍କ ସ୍ୱତନ୍ତ୍ର ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସଂଘର କେନ୍ଦ୍ରୀୟ ଆବାହକ ପ୍ରଶାନ୍ତ ପାଢୀଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଥିଲା।

ଅଙ୍ଗନୱାଡି କର୍ମୀମାନେ ନାରୀସେବା ସଦନଠାରୁ ଶୋଭାଯାତ୍ରାରେ ବାହାରି ପ୍ରଥମେ ଶ୍ରମ କମିଶନର ଅଫିସକୁ ଯାଇଥିଲେ। ସେଠାରେ ଯୁଗ୍ମ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଆର୍‌ଡିସି ଅଫିସ ସମ୍ମୁଖରେ ସଭାନେତ୍ରୀ ମୀରାବତି ଦଳବେହେରା, ସାଧାରଣ ସମ୍ପାଦକ ପ୍ରଭାସିନୀ ପାଢ଼ୀଙ୍କ ପରିଚାଳନାରେ ବିକ୍ଷୋଭ ସମାବେଶ ହୋଇଥିଲା। ପଶ୍ଚିମ ଓଡ଼ିଶାର ୧୦ ଜିଲାରୁ ଆସିଥିବା କର୍ମୀ ଓ ସହାୟିକା ସେମାନଙ୍କ ଦାବି ଉପସ୍ଥାପନ



ବିକ୍ଷୋଭରେ ସାମିଲ ହୋଇଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକା।

### ୧୦ ଜିଲାର କର୍ମୀ ସାମିଲ

କରିଥିଲେ। ପ୍ରମୁଖ ଦାବି ମଧ୍ୟରେ ସରକାରୀ ମାନ୍ୟତା ପ୍ରଦାନ, ସମାନ କାମକୁ ସମାନ ଦରମା, ମାସିକ ୨୧ ହଜାର ଭତ୍ତା ଓ ଅବସର ପରେ ୧୦ ହଜାର ପେନ୍‌ସନ୍, ନୂତନ ଶିକ୍ଷାନୀତି ସଂଶୋଧନ, ଚାକିରିରେ ସର୍ତ୍ତାବଳୀ, କର୍ମୀଙ୍କୁ ସୁପରଭାଇଜର ପଦକୁ ପଦୋନ୍ନତି, ମୃତ୍ୟୁ ସହାୟତା ରାଶି ୫ ଲକ୍ଷ କରିବା, ମୃତ କର୍ମୀଙ୍କ ପରିବାରରୁ ଜଣଙ୍କୁ ଚାକିରି ଆଦି ଅନ୍ୟତମ। ଦାବି ପୂରଣ ନେଇ ବାରମ୍ବାର ପ୍ରତିଶ୍ରୁତି ଦିଆଯାଉଥିଲେ ହେଁ ପାଳନ କରାଯାଉ ନାହିଁ। ଏ ନେଇ ବଜେଟ ପୂର୍ବରୁ ସରକାରଙ୍କ ଉଦ୍ଦେଶ୍ୟରେ ୧ ଲକ୍ଷ ପୋଷ୍ଟକାର୍ଡ ପ୍ରେରଣ କରାଯିବ ବୋଲି କର୍ମୀମାନେ ଚେତାବନୀ ଦେଇଥିଲେ। ସମାବେଶରେ କନକ ପ୍ରଧାନ, ମିନି ପଣ୍ଡା, ପ୍ରମିଳା ସିଂ, ଶାନ୍ତିଲତା ସେୟ, ଉର୍ମିଳା ସାହୁ, ଅନସୂୟା ଶତପଥୀ, ଯଶୋବନ୍ତି ବାଙ୍କ, ମମତା ପ୍ରଧାନ, ସୈରେନ୍ଦ୍ରି ନାୟକ, ଶାନ୍ତିଲତା ପଟେଲ, ସୌଦାମିନୀ ପାଣ୍ଡେ, ରତ୍ନମଣି ସାହୁ, ବାତକୃଷ୍ଣ ସାହୁ, ଅହଲ୍ୟା ପଣ୍ଡା, କୁସୁମଲତା ଖମାରୀଙ୍କ ସମେତ ହଜାର ସଂଖ୍ୟାରେ କର୍ମୀ ସାମିଲ ଥିଲେ।

# 'ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ଐତିହାସିକ'




## ହକରଙ୍କୁ ମିଳିଲା ପରିଚୟପତ୍ର

**ଖୋର୍ଦ୍ଧା ଅଫିସ,୩।୧**

ଖବରକାଗଜ ବିତରକ (ହକର)ଙ୍କୁ ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମ ଖୋର୍ଦ୍ଧାରୁ ଶୁଭାରମ୍ଭ ହୋଇଛି। ସୋମବାର ଜିଲା ସଂସ୍କୃତି ଭବନ ପରିସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜ ଯୋଗଦେଇ ଏହାର ଶୁଭାରମ୍ଭ କରି କହିଥିଲେ, ରାଜ୍ୟର ସମସ୍ତ ଜିଲାରେ ପର୍ଯ୍ୟାୟକ୍ରମେ ଏହି ପରିଚୟପତ୍ର ବଣ୍ଟନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହା ଏକ ଐତିହାସିକ ପଦକ୍ଷେପ ଓ ଅଭିନବ ପ୍ରୟାସ। ହକରଙ୍କୁ ସରକାରୀ ସ୍ତରରେ ସ୍ୱୀକୃତି ପ୍ରଦାନ କରିଛନ୍ତି। ଗତ ଡିସେମ୍ବର ୨୩ରେ ମୁଖ୍ୟମନ୍ତ୍ରୀ ହକରଙ୍କୁ କୋଭିଡ୍ ସହାୟତା ପ୍ରଦାନ କରିଥିଲେ। ଏଥିସହ ଅଣସଙ୍ଗଠିତ ଶ୍ରମିକ ସାମାଜିକ କଲ୍ୟାଣ ବୋର୍ଡରେ ସାମିଲ କରିଛନ୍ତି। ରାଜ୍ୟର ୭୩୦୦ ହକରଙ୍କୁ ଏହି ପରିଚୟପତ୍ର ବଣ୍ଟନ କରାଯିବ। ହକରମାନେ ନିରବଚ୍ଛିନ୍ନ ଭାବେ ଖବରକାଗଜ ବିତରଣ କରି ଆସୁଛନ୍ତି। କୋଭିଡ୍‌ର ପ୍ରଥମ ଲହର ବେଳେ ହକରମାନେ ଯାତାୟାତରେ ହଇରାଣ ହୋଇଛନ୍ତି। ଏଣିକି ସବୁ ସମୟରେ ପରିଚୟପତ୍ର ସେମାନଙ୍କୁ ସହାୟକ ହେବ।

ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଥିଲେ, ତିନି ସପ୍ତାହ ମଧ୍ୟରେ ହକରଙ୍କ ତାଲିକା ପ୍ରସ୍ତୁତ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ୧୫ଦିନ ମଧ୍ୟରେ ରାଜ୍ୟର ହକରଙ୍କ ଡାଟାବେସ ପ୍ରସ୍ତୁତ କରାଯାଇଛି। ସମସ୍ତ ହକରଙ୍କ ଆକାଉଣ୍ଟକୁ ୬ହଜାର ଟଙ୍କା କୋଭିଡ୍ ସହାୟତା ପଠାଯାଇଛି। କେତେଜଣ ହକରଙ୍କ ବ୍ୟାଙ୍କ ଆକାଉଣ୍ଟ ଜନିତ ତ୍ରୁଟି ଯୋଗୁ ସମସ୍ୟା ହୋଇଛି। ଏହାର ଖୁବଶୀଘ୍ର ସମାଧାନ କରାଯିବ। କୋଭିଡ୍ ସମୟରେ ଭୟଭୀତ ନ ହୋଇ ଖବରକାଗଜ ବିତରଣ କରି ଲୋକଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ସେହିପରି ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର କହିଛନ୍ତି, ହକରମାନେ ଘର ଘର ବୁଲି ଖବରକାଗଜ ପହଞ୍ଚାଇଥାନ୍ତି। ପରିବାର ପୋଷଣ ପାଇଁ ନିଃସ୍ୱାର୍ଥ ଭାବେ କାର୍ଯ୍ୟ କରୁଛନ୍ତି। କୋଭିଡ୍ ସହାୟତା ଠାରୁ ପରିଚୟପତ୍ର ସେମାନଙ୍କ ପାଇଁ ସମ୍ମାନ ଆଣିଦେବ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଥିଲେ, ହକରଙ୍କ ସାମାଜିକ ଦାୟିତ୍ୱବୋଧ, କର୍ତ୍ତବ୍ୟନିଷ୍ଠା ଏବଂ ସମୟାନୁବର୍ତ୍ତିତା ଉଚ୍ଚକୋଟୀର। ଶ୍ରମର ସାର୍ଥକତାକୁ ଠିକ୍ ପ୍ରତିପାଦନ କରିପାରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ମାନସ ରଞ୍ଜନ ଖୁଣ୍ଟିଆ, ଅତିରିକ୍ତ ଜିଲାପାଳ ମନୋଜ ପାଢୀ ମଞ୍ଚାସୀନ ଥିଲେ। ଏହି ଅବସରରେ ହକର ଜିତେନ୍ଦ୍ର କୁମାର ବେହେରା ଅନୁଭୂତି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଯୋଜନା ହକରଙ୍କ ପାଇଁ ଖୁସି ଆଣିଛି। ଏଥିଲାଗି ସେ ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କୁ କୃତଜ୍ଞତା ଜଣାଇଥିଲେ। କୋଭିଡ ଗାଇଡ୍‌ଲାଇନ ଯୋଗୁ ୧୦ଜଣ ହକରଙ୍କୁ ଅତିଥିମାନେ ପରିଚୟପତ୍ର ପ୍ରଦାନ କରିଥିଲେ।

## ହାତୀ ଛୁଆ ମୃତ୍ୟୁ ଭୂତାଣୁଜନିତ

**କେନ୍ଦୁଝର,୩।୧(ସ୍ୱ.ପ୍ର.)**

କେନ୍ଦୁଝର ଡିଭିଜନ ଘଟଗାଁ ରେଞ୍ଜ ଅନ୍ତର୍ଗତ ଦେଓବନ୍ଧ ସେକ୍ସନର ବାରବାଙ୍କ ଜଙ୍ଗଲରେ ଗତ ରବିବାର ଏକ ହାତୀ ଛୁଆର ମୃତ୍ୟୁ ହୋଇଥିଲା। ଏଣ୍ଡୋଥେଲିଓଟ୍ରୋପିକ ହରପସ ଭୂତାଣୁ କାରଣରୁ ତାହାର ମୃତ୍ୟୁ ଘଟିଥିବା ବନ ବିଭାଗ ସୂଚନା ଦେଇଛି। ସେଣ୍ଟର ଫର ୱାଇଲ୍ଡ ଲାଇଫ ହେଲ୍‌ଥ ଓ କଲେଜ ଅଫ ଭେଟେରିନାରି ସାଇନ୍ସ, ଓୟୁଏଟି ଭୁବନେଶ୍ୱରର ପ୍ରାଥମିକ ତଦନ୍ତ ରିପୋର୍ଟରୁ ଏହା ଜଣାପଡ଼ିଥିବା ଡିଏଫ୍‌ଓ ଧନରାଜ ଏଚ୍.ଡି ସୂଚନା ଦେଇଛନ୍ତି। ତେବେ ଉକ୍ତ ଜଙ୍ଗଲରେ ହାତୀ ଥିବା ନେଇ ବନ ବିଭାଗ ଟ୍ରାକିଂ ରିପୋର୍ଟରେ ଦର୍ଶାଯାଇଥିଲା କି ନାହିଁ, ତାହା ତଦନ୍ତ ସାପେକ୍ଷ।

## ସଂରକ୍ଷଣ ପ୍ରକ୍ରିୟା...

ପ୍ରଥମ ପୃଷ୍ଠାରୁ...

କଳାହାଣ୍ଡିର ୪, କେନ୍ଦ୍ରାପଡ଼ାର ୨, କେନ୍ଦୁଝରର ୧, ଖୋର୍ଦ୍ଧାର ୪, ନୟାଗଡ଼ର ୪, ନୂଆପଡ଼ାର ୩, ପୁରୀର ୪, ସମ୍ବଲପୁରର ୧, ସୁବର୍ଣ୍ଣପୁରର ୩ଟି ମ୍ୟୁନିସିପାଲିଟି ଓ ଏନ୍‌ଏସିରେ ହେବାକୁ ଥିବା ନିର୍ବାଚନ ସମ୍ପର୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କୁ ଜଣାଇ ଦିଆଯାଇଛି। ଏଥିସହିତ ୫ ମହାନଗର ନିଗମର ମଧ୍ୟ ସୀମା ପୁନଃ ନିର୍ଦ୍ଧାରଣ ହେବ। ଜାନୁୟାରୀ ୫ ସୁଦ୍ଧା ମହାନଗର ନିଗମ ସୀମା ପୁନଃ ନିର୍ଦ୍ଧାରଣ ବିଜ୍ଞପ୍ତି ପ୍ରକାଶ ପାଇବ। ଜାନୁଆରୀ ୭ ସୁଦ୍ଧା ଚିଠା ତାଲିକା ପ୍ରକାଶ କରାଯିବ। ଅଣ ଅନୁସୂଚୀତ ଅଞ୍ଚଳରେ ପଛୁଆ ବର୍ଗଙ୍କ ପାଇଁ କୌଣସି ସ୍ଥାନ ସଂରକ୍ଷଣ ରହିବ ନାହିଁ।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ୨୦୧୯ରେ ପୌର ନିର୍ବାଚନ କରିବା ସକାଶେ ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ କାର୍ଯ୍ୟ ଶେଷ କରିଥିଲେ। ତେବେ ସ୍ଥାନ ସଂରକ୍ଷଣକୁ ନେଇ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯିବାରୁ ପୌର ନିର୍ବାଚନକୁ ଝଟକା ଲାଗିଥିଲା। ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକ ହେବ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇପାରି ନ ଥିଲା। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସରକାରଙ୍କ ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିବା ସହ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ଫଳରେ ରାଜ୍ୟ ସରକାର ଓଡ଼ିଶା ମ୍ୟୁନିସିପାଲ ଆଇନ-୧୯୫୦ ଏବଂ ଓଡ଼ିଶା ମହାନଗର ନିଗମ ଆଇନ-୨୦୦୩ରେ ସଂଶୋଧନ କରିବାକୁ ବାଧ୍ୟ ହୋଇଥିଲେ। କ୍ୟାବିନେଟ ଅନୁମୋଦନ ପରେ ପୌର ବିଧି(ସଂଶୋଧନ)ବିଲ୍-୨୦୨୧କୁ ବିଧାନସଭାରେ ଅନୁମୋଦନ କରାଇଥିଲେ। ଆଇନ ସଂଶୋଧନ ପ୍ରକ୍ରିୟା ଶେଷ ହୋଇଥିବାରୁ ପୌର ନିର୍ବାଚନ କରିବା ସକାଶେ ସରକାର ଅଣ୍ଟା ଭିଡ଼ିଛନ୍ତି। ଏ ନେଇ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇସାରିଛି। ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଆଇନ ଜାଲରେ ଛନ୍ଦି ହୋଇପଡିଥିବାରୁ ଗତ ୩ ବର୍ଷ ଧରି ରାଜ୍ୟ ସରକାର ପୌର ନିର୍ବାଚନ କରିବାରେ ସକ୍ଷମ ହୋଇ ପାରି ନ ଥିଲେ।

## ଜାନୁୟାରୀ ଦରମାରେ...

କର୍ମଚାରୀଙ୍କର ମହଙ୍ଗାଭତ୍ତା ୨୮ ପ୍ରତିଶତରୁ ୩୧ ପ୍ରତିଶତକୁ ବୃଦ୍ଧି ପାଇଛି। ଏହାଦ୍ୱାରା ରାଜ୍ୟର ୭.୫ ଲକ୍ଷ ସରକାରୀ କର୍ମଚାରୀ ଏବଂ ପେନ୍‌ସନ୍‌ଭୋଗୀ ଉପକୃତ ହେବେ। ଏଥିସହିତ ସପ୍ତମ ବେତନ କମିଶନ ବାବଦ ୩୦ ପ୍ରତିଶତ ବକେୟା ଅର୍ଥ ପ୍ରଦାନ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ରାଜ୍ୟର ୪ ଲକ୍ଷ ସରକାରୀ କର୍ମଚାରୀ ଉପକୃତ ହେବେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ପ୍ରତ୍ୟେକ ଦିଗରୁ ଭଲ ରହିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ମନକୁ ବିଚଳିତ କରିବ। ପାରିବାରିକ ସମସ୍ୟା ସମାଧାନ କରି ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା, ବ୍ୟବସାୟ, ପରିବହନରେ ସଫଳତା ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଅଫିସରେ ଜଣେ ଅଧସ୍ତନ କର୍ମଚାରୀ ପ୍ରତିବାଦର ସ୍ୱର ଉତ୍ତୋଳନ କରି ପରିସ୍ଥିତିକୁ ଜଟିଳ କରିପାରନ୍ତି।

**ବୃଷ** – ସମ୍ପର୍କୀୟଙ୍କ ବିରୁଦ୍ଧାଚରଣଜନିତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ନିଜକୁ ଚଳେଇ ନେବାରେ ଅସମର୍ଥ ହେବେ। ନିଜ କାମ ପଛକୁ ପକାଇ ବନ୍ଧୁଙ୍କ ପାଇଁ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନ ପ୍ରଭୃତି କ୍ଷେତ୍ରରୁ ଲାଭବାନ ହେବେ। ଭୁଲ୍ ବୁଝାମଣା ଓ ଯୁକ୍ତିତର୍କରୁ ପରିବାରରେ ବିବାଦୀୟ ପରିସ୍ଥିତି ଉପୁଜିପାରେ।

**ମିଥୁନ** – ଆର୍ଥିକ ଅନଟନ ଓ କୌଣସି ବିବାଦୀୟ କଥା ପରିସ୍ଥିତିକୁ ସରଗରମ କରିପାରେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ଭାଙ୍ଗି ପଡ଼ିଥିବା ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ। ଅଫିସ୍ କାମରେ ସହକର୍ମୀଙ୍କ ପ୍ରତ୍ୟେକ କାର୍ଯ୍ୟକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**କର୍କଟ** – କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ରହିପାରନ୍ତି। ବାକ୍ ଅସଂଯମତା ଯୋଗୁ ବନ୍ଧୁମାନଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ଆତ୍ମୀୟଙ୍କ ପରଶ୍ରୀକାତରତା ମନୋଭାବ ଓ ଈର୍ଷାପରାୟଣତା ବିଭିନ୍ନ ସମସ୍ୟା ସୃଷ୍ଟି କରିପାରେ।

**ସିଂହ** – ବିବାଦ କିମ୍ବା ପ୍ରତିଦ୍ୱନ୍ଦ୍ୱିତା କଲେ ଓଲଟା ଫଳ ପାଇବେ। ପଦସ୍ଥ ବ୍ୟକ୍ତିଙ୍କ ସହ ଭୁଲ୍ ବୁଝାମଣା କାରଣରୁ ସୁଯୋଗ ହାତଛଡ଼ା ହୋଇପାରେ। ଆନୁଷ୍ଠାନିକ କାମ, ବାଣିଜ୍ୟ, ପରିବହନ ତଥା ପରିବାରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। କୌଣସି ସମ୍ପର୍କୀୟଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** – ପ୍ରତ୍ୟେକ କାମରେ ସଫଳତା ପାଇଲେ ମଧ୍ୟ ତାହା ସରଳ ଓ ସହଜରେ ହେବା କଷ୍ଟକର ହୋଇପାରେ। ଆତ୍ମୀୟଙ୍କ ସମ୍ବନ୍ଧରେ କୌଣସି ଖବର ପାଇ ବିସ୍ମିତ ହୋଇପାରନ୍ତି। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ଓ ସାହିତ୍ୟ, କଳା କ୍ଷେତ୍ରରୁ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାମ୍ନାରେ ଭାବପ୍ରବଣବଶତଃ ଅପଦସ୍ଥ ହୋଇପାରନ୍ତି।

**ତୁଳା** – ଆଜି ଆପଣଙ୍କର କାମଗୁଡ଼ିକ ଏବଂ ପାରିବାରିକ ସ୍ଥିତି ଶୃଙ୍ଖଳିତ ହୋଇ ନ ପାରେ। ଭୁଲ୍ ବୁଝାମଣା କାରଣରୁ କିମ୍ବା ସାଧାରଣ କଥାରୁ ମତାନ୍ତର ସୃଷ୍ଟି ହୋଇପାରେ। ମନର ଦୁଃଖ ଓ ଅବସୋସକୁ ପ୍ରକାଶ କରି ନ ପାରି ନୀରବ ରହିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଅନୁକମ୍ପାରୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** – ପାରିବାରିକ କ୍ଷେତ୍ରରେ ସ୍ଥଗିତ କାର୍ଯ୍ୟ ସକାଶେ ମନରେ ଅସ୍ଥିରତା ସୃଷ୍ଟି ହେବ। ସହକର୍ମୀଙ୍କ ସହମତି କିମ୍ବା ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ମନେ ମନେ ସମ୍ପୂର୍ଣ୍ଣ କରିବାକୁ ଭାବୁଥିବା କାମଟିକୁ ଅପରାହ୍ନ ସମୟକୁ ସମାପନ କରିପାରିବେ। ଆଇନ ଅଦାଲତ, କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** – ସାମାଜିକ ପ୍ରତିଷ୍ଠା, ପାରିବାରିକ ସଦ୍‌ଭାବ ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କ ସଂସର୍ଗତା ଲାଭ କରିବେ। କଚେରି ମାମଲା, ଶିଳ୍ପ, ବ୍ୟବସାୟ, ପରିବହନ, ଏଜେନ୍ସିପ୍, ପ୍ରକାଶନ, ସାମ୍ବାଦିକତା କ୍ଷେତ୍ରରେ ଆଶାତୀତ ସଫଳତା ହାସଲ ହେବ। ମନାନ୍ତରଜନିତ ହ୍ରାସ ପାଇଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ହେବ। ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ।

**ମକର** – ସମସ୍ୟା ଜାଲରେ ବାନ୍ଧିହୋଇ ଅଟକି ରହିଥିବା କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ପାଇବେ, ଯାହାକି କାମକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ବହୁ ପୂର୍ବରୁ ଆଶା ପୋଷଣ କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିକ୍ଷା, ପରୀକ୍ଷା ଓ ଅଧ୍ୟୟନରେ ଏକାଗ୍ରତା ଆଣିପାରିବେ।

**କୁମ୍ଭ** – ଅତ୍ୟଧିକ କର୍ମଜଞ୍ଜାଳଜନିତ ମାନସିକ ଚାପ ବୃଦ୍ଧି ପାଇବ। ଅବହେଳିତ କାମ କିମ୍ବା ଋଣ ପରିଶୋଧଜନିତ କିଛି ଆକସ୍ମିକ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। ଆତ୍ମୀୟ କିମ୍ବା ସହକର୍ମୀଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ।

**ମୀନ** – ପୂର୍ବ ସଂକଳ୍ପିତ କାର୍ଯ୍ୟସାଧିତ ହେଲେ ମଧ୍ୟ ମାନସିକ ସ୍ଥିରତା ରହିବ ନାହିଁ। ବ୍ୟୟବୃଦ୍ଧି ଓ ଶତ୍ରୁତା ଜନିତ ବିଭିନ୍ନ ସମସ୍ୟା ମନକୁ ଭାରାକ୍ରାନ୍ତ କରି ରଖିବ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ବ୍ୟସ୍ତ ଓ ବିବ୍ରତତାକୁ ଦେଖି ଆତ୍ମୀୟ ଓ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

## ଚାର୍ଜଶିଟ୍‌ରେ କେନ୍ଦ୍ରମନ୍ତ୍ରୀଙ୍କ...

ପରେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଜଣେ ଖବରଦାତା, ୨ ଭାଜପା କର୍ମୀଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ଆଶିଷ ମିଶ୍ରା ଜାଣିଶୁଣି ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇଥିବା ଅଭିଯୋଗ ହୋଇଥିବାବେଳେ ଏହାକୁ ସେ ଖଣ୍ଡନ କରିଥିଲେ। ଅନ୍ୟପକ୍ଷରେ ମୋ ପୁଅ (ଆଶିଷ) ଘଟଣାସ୍ଥଳରେ ଉପସ୍ଥିତ ଥିବାର ପ୍ରମାଣ ମିଳିଲେ ଇସ୍ତଫା ଦେବି ବୋଲି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ଗତ ଅକ୍ଟୋବର ୫ ତାରିଖରେ କହିଥିଲେ। ଏବେ ଏସ୍‌ଆଇଟିର ଚାର୍ଜଶିଟ୍‌ରେ ଆଶିଷଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିବାରୁ କେନ୍ଦ୍ରମନ୍ତ୍ରୀଙ୍କ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

ଶତ୍ରୁକୁ ପରାଭୂତ କରିବାର ସର୍ବୋତ୍ତମ ଉପାୟ ହେଲା- ତା'ସମ୍ମୁଖରେ ହସିବା। ତୁମେ ସତକୁ ସତ ହସିପାରିବ ସେତିକି ବେଳେ, ଯେତେବେଳେ ତୁମେ ସବୁପ୍ରକାର ଅପମାନ ଓ ଦୋଷାଦୋଷର ଉର୍ଦ୍ଧ୍ୱରେ ଥିବ। -ଶ୍ରୀମା

# ମାନିବାକୁ ପଡ଼ିବ

ମେଘାଳୟ ରାଜ୍ୟପାଳ ସତ୍ୟପାଳ ମଲିକ୍ ହରିୟାଣାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇପ୍ରଧାନମନ୍ତ୍ରୀନରେନ୍ଦ୍ରମୋଦିଙ୍କୁଅହଂକାରୀଆଖ୍ୟାଦେଇଛନ୍ତି। ସେ କହିଛନ୍ତି, ନିକଟରେ ସେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ବେଳେ କୃଷକଙ୍କ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ଏଥିସହିତ ସେ କହିଥିଲେ ଏହି ଆନ୍ଦୋଳନ ଯୋଗୁ ଦେଶର ୫୦୦ କୃଷକଙ୍କ ଜୀବନ ଚାଲିଗଲା। ମଲିକ୍‌ଙ୍କ କହିବା ଅନୁଯାୟୀ ତାଙ୍କୁ ଉତ୍ତରରେ ପ୍ରଧାନମନ୍ତ୍ରୀ ପଚାରିଥିଲେ, ମୋ ପାଇଁ କ'ଣ କୃଷକଙ୍କ ଜୀବନ ଗଲା କି ? ମଲିକ୍ କହିଥିଲେ, ଯେହେତୁ ଆପଣ ରାଜା ସେହି ଦୃଷ୍ଟିରୁ କୁହାଗଲା। ତେବେ ମାତ୍ର ପାଞ୍ଚ ମିନିଟ୍‌ର କଥୋପକଥନ ପରେ ପ୍ରଧାନମନ୍ତ୍ରୀଙ୍କ ଏଭଳି ବ୍ୟବହାରରେ ମଲିକ୍ ଅତିଷ୍ଠ ହୋଇଥିବା କହିଥିଲେ। ଏହା ପରେ ତାଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବାକୁ କୁହାଯାଇଥିଲା। ସେହି ଅନୁଯାୟୀ ମଲିକ୍ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟି କଥାବାର୍ତ୍ତା କଲା ବେଳେ ପ୍ରଧାନମନ୍ତ୍ରୀ ତାଙ୍କ ବୁଦ୍ଧି ହରାଇ ବସିଲେଣି ଓ ଯାହା କହିବାର ଅଛି ଆମକୁ କୁହ ବୋଲି ଶାହା କହିଥିଲେ। ଏସବୁ ବିଷୟ ମଲିକ୍ ସାଧାରଣରେ ପ୍ରକାଶ କରିବା ପରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ସେହିସବୁ କଥାକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ପ୍ରଧାନମନ୍ତ୍ରୀ ପାଗଳ ହୋଇଗଲେଣି ବୋଲି ଶାହା ଦେଇଥିବା ମନ୍ତବ୍ୟକୁ ମଲିକ୍ କହୁଥିବାର ଭିଡିଓକୁ ଉପଲକ୍ଷ୍ୟ କରି ଖାର୍ଗେ ଯେଉଁ ସମାଲୋଚନା କରିଛନ୍ତି, ତାହା ଅନେକ ରାଜନୈତିକ ପ୍ରଶ୍ନ ସୃଷ୍ଟି କରୁଛି।

ଅମିତ ଶାହା ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ସତ୍ୟ ହୋଇଥିବ ବୋଲି ବିଶ୍ୱାସ ହେଉନାହିଁ। ମଲିକ୍‌ଙ୍କ ମୋଦି ବିରୋଧୀ ଚିନ୍ତାଧାରା, ହୁଏତ, ଭାଜପାର ପୁରୁଖା ନେତାଙ୍କ ମଧ୍ୟରେ ବ୍ୟାପି ସାରିଛି। କିନ୍ତୁ ଅସ୍ୱାଭାବିକ କଥା କହି ନିଜର ଗୁରୁତ୍ୱ ବଢ଼ାଇବାର ଉଦ୍ୟମ ମଲିକ୍‌ଙ୍କଠାରେ ସ୍ପଷ୍ଟ ଦେଖାଯାଉଛି। ସାଧାରଣ ଅଶିକ୍ଷିତ ନାଗରିକ ମଧ୍ୟ କହିପାରିବ ଯେ ଆଜିର ସମଗ୍ର ଭାଜପା ସରକାର ଏବଂ ଦଳ କେବଳ ମାତ୍ର ନରେନ୍ଦ୍ର ମୋଦିଙ୍କ କାନ୍ଧରେ ଚଢ଼ିକରି ବସିଛି। କେନ୍ଦ୍ର ସରକାରଙ୍କ ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପାର୍ଲାମେଣ୍ଟକୁ ରାଜ୍ୟ ସଭା ମାଧ୍ୟମରେ ପ୍ରବେଶ କରିସାରିଛନ୍ତି। ମୋଦିଙ୍କ ବିନା ସେମାନଙ୍କର କୌଣସି ଅସ୍ତିତ୍ୱ ନାହିଁ। ସେଥିପାଇଁ କୌଣସି କେନ୍ଦ୍ରମନ୍ତ୍ରୀ ପରୋକ୍ଷରେ ମୋଦିଙ୍କ ବିରୋଧରେ ଜଣେ ଜଣାଶୁଣା ବିରୋଧୀଙ୍କୁ ମନ୍ତବ୍ୟ ଦେବେ ବୋଲି ବିଶ୍ୱାସ କରିହେଉ ନାହିଁ। ଆଜି ଯଦି ଭାଜପାକୁ ଭୋଟ୍ ମିଳୁଛି ତାହାର ଶ୍ରେୟ ନରେନ୍ଦ୍ର ମୋଦିଙ୍କୁ ଯିବ। ତାଙ୍କ ବିନା ହୁଏତ ଅଧାରୁ ଅଧିକ ଭାଜପା ନେତା ନିର୍ବାଚନ ଜିଣିପାରିବେ ନାହିଁ ବୋଲି ଇତିହାସ ବାରମ୍ବାର ଭାରତୀୟ ଭୋଟରଙ୍କୁ ଦେଖାଇଆସିଛି। ତଥାପି ମଲିକ୍‌ଙ୍କ କଥାକୁ ଏଡ଼ାଇଦେବା ଉଚିତ ନୁହେଁ। ଭାଜପାର ଆଶୀର୍ବାଦ ଯୋଗୁ ରାଜ୍ୟପାଳ ପଦବୀ ପାଇଥିବା ମଲିକ୍ ନିଜର ମନୋବଳ ପ୍ରଦର୍ଶନ କରିବା ସହିତ ତାଙ୍କର ମେରୁଦଣ୍ଡ ଅଛି ବୋଲି ପ୍ରମାଣ କରିଦେଇଛନ୍ତି। ସାଧାରଣ ନାଗରିକ ଏହା ମଧ୍ୟ ବୁଝୁଛନ୍ତି ଯେ ମଲିକ୍‌ଙ୍କର ପୂର୍ବରୁ କୌଣସି ଅନୈତିକ କାର୍ଯ୍ୟ ଥିଲେ ତାହାକୁ ଏବେସୁଦ୍ଧା ଦାଣ୍ଡରେ ପକାଇ ଘୋଷାଡ଼ି ନେଇସାରନ୍ତେଣି। 'ନୂଆ ଭାରତ'ରେ କୌଣସି ବିରୋଧୀଙ୍କୁ ବରଦାସ୍ତ କରାଯାଉନାହିଁ କିମ୍ବା ଗଣତାନ୍ତ୍ରିକ ପଦ୍ଧତିରେ ସମ୍ମାନ ଦେବାର ଇଚ୍ଛା ମଧ୍ୟ କରାଯାଉ ନାହିଁ। ଏଭଳି ପ୍ରଚ୍ଛଦପଟରେ ସତ୍ୟପାଳ ମଲିକ୍‌ଙ୍କର ନୈତିକ ଶକ୍ତିକୁ ପ୍ରଶଂସା କରିବାକୁ ପଡ଼ିବ। ଏଥିସହିତ ସାଧାରଣ ଭାରତୀୟ ଚରିତ୍ରକୁ ମଧ୍ୟ ଅଧ୍ୟୟନ କରିବାର ସମୟ ଆସିଲାଣି। କ୍ଷମତାରେ ଥିବାବେଳେ ମାଇଲା ମୂଷା ଭଳି ସମସ୍ତେ ଗୋଡ଼ଚଟା ହୋଇଥିବାର ଲକ୍ଷ୍ୟ କରାଯାଏ। ଅବସର ନେବାପରେ ପୁନର୍ବାର କୌଣସି ଏକ ପଦବୀରେ ଅବସ୍ଥାପିତ ହେବା ପାଇଁ ବିକଳ ହୋଇଥାନ୍ତି। ତାହା ଯଦି ନ ମିଳେ, ତେବେ ହଠାତ୍ ବୀର ପାଲଟି ସେହି ଗୋଡ଼ଚଟାମାନେ ନେତୃତ୍ୱକୁ ବିରୋଧ କରନ୍ତି। ସ୍ଥଳବିଶେଷରେ ମଧ୍ୟ କେତେକେ ବହି କିମ୍ବା ସ୍ତମ୍ଭ ଲେଖି ହଠାତ୍ ସଚ୍ଚୋଟ ପାଲଟିବାର ଚିତ୍ର ଆଙ୍କନ୍ତି। ମାନିବାକୁ ପଡ଼ିବ। ସତ୍ୟପାଳ ମଲିକ୍ ଜଣେ ଗୋଡ଼ଚଟା ନୁହନ୍ତି। କ୍ଷମତାରେ ଥିବା ସମୟରେ କୃଷକଙ୍କୁ ସମର୍ଥନ କରି ତାଙ୍କର ଶକ୍ତିଶାଳୀ ଚରିତ୍ରକୁ ପ୍ରତିପାଦନ କରିପାରିଛନ୍ତି।

# ଶିକ୍ଷାରେ ଗୁଣାତ୍ମକତା ଲୋଡ଼ା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ସମ୍ପ୍ରତି ଓଡ଼ିଶା ସରକାର ସରକାରୀ ସ୍କୁଲଗୁଡ଼ିକର ରୂପାନ୍ତରୀକରଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ନିର୍ମିତ ହେଉଛି ସ୍ମାର୍ଟ କ୍ଲାସ, ଅତ୍ୟାଧୁନିକ ବିଜ୍ଞାନାଗାର, ଶୌଚାଳୟ, ଇ-ପାଠାଗାର, ସୁଦୃଶ୍ୟ ଫାଟକ ଓ ଚିତ୍ରକଳା ଅଙ୍କିତ ପାଚେରି। ନୂତନ କୋଠାଘର ତିଆରି ନ ହେଲେ ମଧ୍ୟ ପୁରୁଣା କୋଠାର ନବୀକରଣ ହେଉଛି। ସ୍କୁଲଗୁଡ଼ିକ ଏବେ ଚମତ୍କାର ଦେଖାଯାଉଛି। ଏହା ନିଶ୍ଚୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଅପରପକ୍ଷରେ ଅଧିକାଂଶ ସ୍କୁଲରେ ଆବଶ୍ୟକ ବିଷୟ ଶିକ୍ଷକ ନାହାନ୍ତି। କେଉଁଠି ଓଡ଼ିଆ ଶିକ୍ଷକ ଇଂଲିଶ ପଢ଼ାଉଛନ୍ତି ତ ଆଉ କେଉଁଠି ସଂସ୍କୃତ ଶିକ୍ଷକ ଇତିହାସ ପଢ଼ାଉଛନ୍ତି। ପୁନଶ୍ଚ ଅଧିକାଂଶ ଶିକ୍ଷକ ରୁଚି ନ ଥାଇ ଶିକ୍ଷକତାକୁ ଏକ ବୃତ୍ତି ଭାବରେ ଗ୍ରହଣ କରିଛନ୍ତି। ଫଳତଃ ସେମାନେ ନିଜ ବୃତ୍ତି ପ୍ରତି ଉତ୍ସର୍ଗୀକୃତ ହୋଇପାରୁ ନାହାନ୍ତି। ଶିକ୍ଷକମାନେ ହେଉଛନ୍ତି ବିଦ୍ୟାଳୟର ଆତ୍ମା। ଏହି ମଣିଷ ତିଆରି କାରଖାନାର ସେମାନେ ହେଉଛନ୍ତି ବିନ୍ଧାଣି। ଏଣୁ କେବଳ ବାହ୍ୟ ରୂପକୁ ନବୀକରଣ ଓ ଆକର୍ଷଣୀୟ କଲେ ଶିକ୍ଷାର ଗୁଣବତ୍ତା ବଢ଼ିବ ନାହିଁ। ଶିକ୍ଷାର ଗୁଣବତ୍ତା ବଢ଼େ ଯେତେବେଳେ ଶିକ୍ଷକମାନେ ସମର୍ପିତ, ସଚ୍ଚରିତ୍ରସମ୍ପନ୍ନ, ସେବା ମନୋଭାବାପନ୍ନ ଓ ତ୍ୟାଗୀ ହୋଇ ଶିକ୍ଷକତାକୁ ବ୍ରତ ଭାବରେ ଗ୍ରହଣ କରନ୍ତି। ଏହିଭଳି ଆଦର୍ଶ ଓ ଯୋଗ୍ୟ ଶିକ୍ଷକ ବିନା ସ୍କୁଲର ବାହ୍ୟ ରୂପାନ୍ତରୀକରଣ ଶିକ୍ଷାର ପ୍ରକୃତ ଲକ୍ଷ୍ୟ ସାଧନ କରିପାରିବ ନାହିଁ। କଥାରେ ଅଛି ''ଦେଉଳକୁ ଶୋଭା ଦିଶେ ଧ୍ୱଜା ବାନ୍ଧିଲେ/ଧ୍ୱଜା ବାନ୍ଧିଲେ କି ହେବ ଦେଉଳେ ଦିଅଁ ନ ଥିଲେ/ କି ହେବ ଶୁଆ ପୋଷିଲେ।'' ସତ୍ୟବାଦୀ ବନ ବିଦ୍ୟାଳୟର ଆକର୍ଷଣୀୟ କୋଠା ନ ଥିଲା ଓ ଆଜିର ସୁବିଧା ସୁଯୋଗ ନ ଥିଲା। ମାତ୍ର ସେଠି ଥିଲେ ଉଚ୍ଚଶିକ୍ଷିତ, ଚରିତ୍ରବାନ୍, ଉତ୍ସର୍ଗୀକୃତ ଛାତ୍ରବତ୍ସଳ ଶିକ୍ଷକ। ଏଣୁ ଏହି ବନ ବିଦ୍ୟାଳୟ ତା'ର ସୀମିତ ଆୟୁଷ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଯେଉଁ ବିପ୍ଳବ ସୃଷ୍ଟି କରିଥିଲା ଆଜି ତା'ର ପଟାନ୍ତର ନାହିଁ। ଗୋପବନ୍ଧୁ କହିଥିଲେ, ''ପ୍ରକୃତରେ ଟଙ୍କା ଦରକାର ନାହିଁ, ଟଙ୍କା ମନୁଷ୍ୟ ତିଆରି କରୁଛି, ମନୁଷ୍ୟ ଲୋଡ଼ିଲେ ପାଇବ। ପ୍ରଧାନ ଆବଶ୍ୟକତା ଶିକ୍ଷକ, ଯେଉଁମାନେ ନିଜ ସ୍ୱାର୍ଥକୁ ବଳି ଦେଇ ସତ୍ୟର ପ୍ରଚାର ନିମନ୍ତେ ଦେଶୋଧାରକୁ ନିଜର ବ୍ରତ କରି, ଦେଶର ଲକ୍ଷ ଲକ୍ଷ କୋଟି କୋଟି ମାନବ ପଢ଼ିଯିବେ। କୁମ୍ଭାର ମାଟିପିଣ୍ଡୁଳା ଧରି ଦେବପ୍ରତିମା ଗଢ଼ୁଛି। ମନୁଷ୍ୟ ପିଣ୍ଡରୁ ଶିକ୍ଷକମାନଙ୍କୁ ପ୍ରକୃତ ମନୁଷ୍ୟ ଗଢ଼ିବାକୁ ହେବ। ଏ କାର୍ଯ୍ୟ ଅତି କଠିନ।''

୧୯୧୫ ମସିହା କଥା। ସତ୍ୟବାଦୀ ବନ ବିଦ୍ୟାଳୟକୁ ପରିଦର୍ଶନ କରିବାକୁ ଆସିଥାଆନ୍ତି ଜଣେ ଇଂରେଜ ପରିଦର୍ଶକ। ସେ ବିଦ୍ୟାଳୟର ଏକ ମାଟିକୁଡ଼ିଆରେ ଚାଲୁଥିବା ଛାତ୍ରାବାସ ଦେଖି ଅସନ୍ତୁଷ୍ଟ ହେଲେ ଓ ଗୋପବନ୍ଧୁଙ୍କୁ କହିଲେ, ''ଏଭଳି ଦରିଦ୍ର ପରିବେଶରେ ଛାତ୍ରମାନଙ୍କୁ ରଖିଲେ ସେମାନଙ୍କ ମନ ସଙ୍କୁଚିତ ହୋଇଯିବ। ଏଣୁ ଏହି ମାଟିକୁଡ଼ିଆଗୁଡ଼ିକୁ ଭାଙ୍ଗି ଦିଆଯାଉ।'' ଗୋପବନ୍ଧୁଙ୍କ ଉତ୍ତର ଥିଲା, ''ସାହେବ! ଏହି ଚାଳଘର ମୁଁ କାହିଁକି କରିଛି ଜାଣନ୍ତି ? ଏହି ସ୍କୁଲରୁ ଯେଉଁମାନେ ମାଟ୍ରିକ୍ ପାସ୍ କରିବେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଗରିବ। ଉଚ୍ଚଶିକ୍ଷା ପାଇବା ନିମନ୍ତେ ସେମାନଙ୍କ ସମ୍ବଳ ନାହିଁ। ଯଦି ଏଠାରେ ସେମାନେ ବିଳାସବ୍ୟସନ ଓ ଆଡ଼ମ୍ବର ମଧ୍ୟରେ କୋଠାଘରେ ରହନ୍ତି, ସେମାନଙ୍କ ଭବିଷ୍ୟତ ଜୀବନ ଦୁଃଖମୟ ହେବ। ଭୋଗବିଳାସରେ ଅଭ୍ୟସ୍ତ ହୋଇ ସେମାନଙ୍କୁ ପିତୃପିତାମହଙ୍କ ଚାଳଘର ଭଲ ଲାଗିବ ନାହିଁ ଓ ଆଉ ଗାଁକୁ ଫେରିଯିବାକୁ ସେମାନଙ୍କ ମନ ହେବ ନାହିଁ। ସେମାନେ ଅତୃପ୍ତ ହୋଇ ହୁଏତ ଅସାଧୁ ଉପାୟରେ ଅର୍ଥ ରୋଜଗାର କରିବାକୁ ଚେଷ୍ଟା କରିବେ। ଏଣୁ ଛାତ୍ରାବାସ ପାଇଁ ବଡ଼ ବଡ଼ କୋଠାଘରର ଆବଶ୍ୟକତା ନାହିଁ।'' ଆଜି ଗୋପବନ୍ଧୁଙ୍କ ଆଶଙ୍କା ସତ୍ୟରେ ପରିଣତ ହୋଇଛି। ବହୁ ଛାତ୍ରୀଛାତ୍ର ଭୋଗବିଳାସ ମଧ୍ୟରେ ଏସି କୋଠରିରେ ପାଠ ପଢ଼ି ବଡ଼ଲୋକ ହେଲା ପରେ ଆଉ ଗ୍ରାମ୍ୟ ପରିବେଶକୁ ଫେରିବାକୁ ଚାହୁଁନାହାନ୍ତି। କେହି କେହି ଏକ ଭୋଗମୟ ଜୀବନଯାପନ କରିବା ଲକ୍ଷ୍ୟ ନେଇ ଅସାଧୁ ଉପାୟରେ ଅର୍ଥ ରୋଜଗାର କରୁଛନ୍ତି। ଶିକ୍ଷାର ଲକ୍ଷ୍ୟ ଭ୍ରଷ୍ଟ ହୋଇଛି।

ଗୋପବନ୍ଧୁ ସାହେବଙ୍କୁ ନେଇଗଲେ ଛାତ୍ରାବାସର ପଶ୍ଚିମ ପାର୍ଶ୍ୱକୁ। ସମୟ ଥାଏ ଦିନ ୧୨ଟା। ଖୋଲା ଆକାଶ ତଳେ ବକୁଳ ଛୁରିଆନା କୁଞ୍ଜରେ ଚାଲିଥାଏ ପାଠପଢ଼ା। ଶିକ୍ଷକଙ୍କ ପାଇଁ ଥାଏ ସିମେଣ୍ଟ ନିର୍ମିତ ଚୌକି ଓ ଟେବୁଲ। ଚଟାଣ ଥାଏ ସୁନ୍ଦର ଓ ସ୍ୱଚ୍ଛ। ବେଳେବେଳେ ପିଲାମାନଙ୍କ ମୁଣ୍ଡରେ ଝରିପଡୁଥାଏ ଫୁଲ। ସେମାନେ ପ୍ରସନ୍ନ ଚିତ୍ତରେ ଶିକ୍ଷକମାନଙ୍କ କଥା ଶୁଣୁଥା'ନ୍ତି। ଗଛ ଦେହରେ କଣ୍ଟା ପିଟା ହୋଇ କଳାପଟା ଝୁଲୁଥାଏ। ସାହେବ ଏପରି ବିଦ୍ୟାଳୟ କେବେ ଦେଖି ନ ଥା'ନ୍ତି। ଏସବୁ ଦେଖି ସେ ସ୍ତମ୍ଭୀଭୂତ ହେଲେ। ପରିଦର୍ଶନ ସରିଲା ଓ ସେ ସ୍କୁଲରୁ ବିଦାୟ ନେଲେ। ବିଦ୍ୟାଳୟ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଶଂସାସୂଚକ ମନ୍ତବ୍ୟ ଦେଇଥିଲେ। ପରବର୍ତ୍ତୀ ସମୟରେ ସେହି ମନ୍ତବ୍ୟକୁ ଭିତ୍ତି କରି ସବୁ ବିଦ୍ୟାଳୟକୁ ନିର୍ଦ୍ଦେଶ ଆସିଲା- ''ସ୍କୁଲ ପାଇଁ ବ୍ୟୟସାପେକ୍ଷ ବିରାଟ କୋଠାଘର ଆବଶ୍ୟକ ନାହିଁ। ବର୍ଷାଦିନ ପାଇଁ ସାଧାରଣ ଘର ତିଆରି କରି ସତ୍ୟବାଦୀ ବନ ବିଦ୍ୟାଳୟ ଆଦର୍ଶରେ ଛୋଟ ଛୋଟ ଗଛ ଲଗାଇ ଉପବନ ତିଆରି କରନ୍ତୁ। ସେଥିରେ ପାଠପଢ଼ା ଅତି ଚମତ୍କାର ଭାବରେ ହେବ। ପିଲାମାନଙ୍କ ମନ ଓ ପ୍ରାଣ ଉଦାର ଓ ବିଶାଳ ହୋଇଉଠିବ।'' ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ, ପରିବର୍ତ୍ତିତ ସମୟରେ ଶିକ୍ଷାଦାନ ପାଇଁ ଏକ ସୁଦୃଢ଼ ଭିତ୍ତିଭୂମିର ଆବଶ୍ୟକତା ରହିଛି। ସ୍ୱଚ୍ଛ ପରିବେଶ ଓ ଆବଶ୍ୟକ ଉପକରଣ ବିନା ଶିକ୍ଷାଦାନ ସଫଳ ହେବ ନାହିଁ। ଉଚ୍ଚ ବେତନଭୋଗୀ ଚାକିରିଆ ସୃଷ୍ଟି କରିବା ଶିକ୍ଷାର ଲକ୍ଷ୍ୟ ନୁହେଁ। ଚରିତ୍ରବାନ୍, ନୀତିନିଷ୍ଠ ଦେଶଭକ୍ତ ମଣିଷ ସୃଷ୍ଟି କରିବା ହେଉଛି ଶିକ୍ଷାର ଲକ୍ଷ୍ୟ। ଏହା ସମ୍ଭବ କେବଳ ନୈତିକତା ଆଧାରିତ ଶିକ୍ଷା ମାଧ୍ୟମରେ। ଏଥିପାଇଁ ଆବଶ୍ୟକ ନୈତିକ ମୂଲ୍ୟବୋଧ ଭିତ୍ତିକ ପାଠ୍ୟକ୍ରମ ଓ ଆଦର୍ଶ ନୀତିନିଷ୍ଠ ଶିକ୍ଷକ। ତେଣୁ ଗୋପବନ୍ଧୁ ଶିକ୍ଷକଙ୍କ ଆତ୍ମଶୁଦ୍ଧି ଉପରେ ଗୁରୁତ୍ୱ ଦେଉଥିଲେ। ଯେଉଁମାନେ ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକ ଥିଲେ, ସମସ୍ତେ ଥିଲେ ସଂସ୍କୃତିବନ୍ତ ଶୁଦ୍ଧ ଉଚ୍ଚାରଣ ଓ ଆଚରଣର ପ୍ରତୀକ। ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ଓ ପଣ୍ଡିତ କୃପାସିନ୍ଧୁ ଥିଲେ ଏମ୍.ଏ. ଡିଗ୍ରୀଧାରୀ ବିଦ୍ୱାନ୍। ଆଚାର୍ଯ୍ୟ ହରିହର ଥିଲେ ଏଫ୍.ଏ. ଡିଗ୍ରୀଧାରୀ। ଏମାନେ ସମସ୍ତେ ଲୋଭନୀୟ ଉଚ୍ଚ ଦରମାପ୍ରାପ୍ତ ସରକାରୀ ଚାକିରି ଛାଡ଼ି କେବଳ ସଂସାର ଚଳାଇବା ପାଇଁ ଆବଶ୍ୟକ ସ୍ୱଳ୍ପ ଦରମାରେ ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ଶିକ୍ଷକତା ସେମାନଙ୍କ ପାଇଁ ବୃତ୍ତି ନ ଥିଲା, ଏହା ଥିଲା ଏକ ସେବା ବ୍ରତ। ଯେଉଁଦିନ ଗୋଦାବରୀଶ ସେଠାରେ ଶିକ୍ଷକ ଭାବରେ ଯୋଗଦେଲେ, ସେଦିନ ତାଙ୍କ ପାଇଁ ଏକ ସ୍ୱାଗତ ସଭା ଆୟୋଜିତ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ସେଦିନର ଅନୁଭୂତି ବର୍ଣ୍ଣନା କରି କହିଛନ୍ତି, ''ମୋତେ ସେଦିନ ଆଉ ଥରେ ବ୍ରତ ହେଲା ପରି ଲାଗିଲା। ମୋ ଆଖିରୁ ଅବିରଳ ଲୁହ ବହି ଯାଉଥାଏ। ମାତ୍ର ମୁଁ ପାଟି ଫିଟାଇ କିଛି କହିପାରିଲି ନାହିଁ। କେବଳ ଯେଉଁ ଗୁରୁଦାୟିତ୍ୱ ମୁଣ୍ଡାଇବାକୁ ଯାଉଥିଲି ତା'ରି ଭାରରେ ମୋ ମୁଣ୍ଡ ଭାଜି ହୋଇ ଯାଉଥାଏ।'' ଆଚାର୍ଯ୍ୟ ହରିହର ଓ ପଣ୍ଡିତ କୃପାସିନ୍ଧୁ ଥିଲେ ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷକ। ଆଚାର୍ଯ୍ୟ ହରିହର ଥିଲେ ଛାତ୍ରାବାସର ତତ୍ତ୍ୱାବଧାରକ। ଛାତ୍ରାବାସରେ ରହୁଥିବା ଛାତ୍ରମାନଙ୍କୁ ସେ ଏତେ ଆତ୍ମୀୟତା ଭିତରେ ବାନ୍ଧି ରଖିଥିଲେ ଯେ, ସେମାନେ ଛୁଟିଦିନରେ ମଧ୍ୟ ଘରକୁ ଯିବାକୁ ଆଗ୍ରହ ପ୍ରକାଶ କରୁ ନ ଥିଲେ। ଏହିଭଳି ପରିବେଶ ଓ ଶିକ୍ଷକଙ୍କୁ ଦେଖି ମଧୁସୂଦନ ଦାସ ଗୋପବନ୍ଧୁଙ୍କୁ କହିଥିଲେ ''ତୁମେ ସବୁ ମିଶି ସତ୍ୟବାଦୀରେ ଗୋଟିଏ ନାଳନ୍ଦା ଗଢ଼ିଦେଲ। ଏ ବିଦ୍ୟାଳୟ ଧନରେ ଗଢ଼ା ହୋଇ ନାହିଁ। ରକ୍ତ, ମାଂସ ଓ ମସ୍ତିଷ୍କରେ ଗଢ଼ା ହୋଇଛି।''

ଏବେ ସରକାର ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ପାଇଁ ନୂତନ ଯୋଜନାମାନ ପ୍ରସ୍ତୁତ କରୁଛନ୍ତି ଓ ଶିକ୍ଷାରେ ସଂସ୍କାର ଆଣିବା ପାଇଁ ଚେଷ୍ଟା କରୁଛନ୍ତି। ଜଗତୀକରଣ ପରେ ନୂତନ ଶିକ୍ଷା ବ୍ୟବସ୍ଥାକୁ ସ୍ୱାଗତ କରି କୋଟି କୋଟି ଟଙ୍କା ବିନିଯୋଗ କରାଯାଉଛି। ତା' ସତ୍ତ୍ୱେ ଶିକ୍ଷା ବ୍ୟବସ୍ଥା ଶୃଙ୍ଖଳିତ ହୋଇପାରୁ ନାହିଁ। ଛାତ୍ର, ଶିକ୍ଷକ ଓ ଶିକ୍ଷା- ଏ ତିନୋଟି ହେଉଛି ଏକ ସ୍ୱର୍ଣ୍ଣ ତ୍ରିଭୁଜ। ମାତ୍ର ଏମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରୁ ନାହିଁ। ବାହ୍ୟ ରୂପାନ୍ତରୀକରଣ ସିନା ହେଉଛି, ଅନ୍ତଃରୂପାନ୍ତରୀକରଣ ହୋଇପାରୁ ନାହିଁ। ପ୍ରାକୃତିକ ପରିବେଶରେ ଶିକ୍ଷାଦାନ, ଚରିତ୍ର ଗଠନ, ଶ୍ରମ ପ୍ରତି ମର୍ଯ୍ୟାଦା ଜ୍ଞାପନ, ଶୃଙ୍ଖଳିତ ଜୀବନଯାପନ, ଦେଶପ୍ରେମ ଜାଗରଣ, ସମାଜସେବା ଓ ନୈତିକ ଆଦର୍ଶବାଦର ବିକାଶ ନ ହେଲେ ବାହ୍ୟରୂପାନ୍ତରୀକରଣ ଦ୍ୱାରା ଶିକ୍ଷାର ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରିବ ନାହିଁ। ଏହି ଦୃଷ୍ଟିରୁ ଓଡ଼ିଶାରେ ଶିକ୍ଷା ସଂସ୍କାର କ୍ଷେତ୍ରରେ ଗୋପବନ୍ଧୁ ଦାସ ହିଁ ଆଦ୍ୟ ସଂସ୍କାରକ। ତାଙ୍କରି ଭାଷାରେ, ''ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ଜୀବନର ସୁଗଠନ ଓ ବିକାଶ। ତାହା କେବଳ ତର୍କ, ଯୁକ୍ତିଶକ୍ତି ବଢ଼ିଲେ ହେଲା ନାହିଁ କିମ୍ବା ଫୁଟବଲ କ୍ରିକେଟରେ ପଟୁତା ଦେଖାଇ ପୁରସ୍କାର ପାଇବାରେ ନାହିଁ। ଏସବୁର ଆବଶ୍ୟକତା ଅବଶ୍ୟ ଅସ୍ୱୀକାର କରାଯାଇ ନ ପାରେ। କିନ୍ତୁ ନୈତିକ ଜୀବନର ବିକାଶରେ ହିଁ ମାନବର ପ୍ରକୃତ ମାନବତ୍ୱ। ଏ ପ୍ରକାର ଶିକ୍ଷା ଅଭାବରୁ ଆଧୁନିକ ଶିକ୍ଷା ବିଧାନ ବହୁଦିନ ଏ ଦେଶରେ ପ୍ରବର୍ତ୍ତିତ ହେଲେ ସୁଦ୍ଧା ଆଜିଯାଏ ବିଶେଷ କିଛି ଫଳ ଦେଖାଇ ନାହିଁ।'' ପୁନଶ୍ଚ ବଡ଼ ବିଡ଼ମ୍ବନା ହେଲା ସରକାର ଯେଉଁ ଶିକ୍ଷକମାନଙ୍କୁ ମଣିଷ ନିର୍ମାଣ କହି ଉଚ୍ଛ୍ୱସିତ ପ୍ରଶଂସା କରନ୍ତି, ସେମାନଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦେଇ ସର୍ବନିମ୍ନ ଦରମା ଦିଅନ୍ତି। ଏହିପରି ନିଯୁକ୍ତି ପାଇ ସେମାନେ କିପରି ସମର୍ପିତ ହୋଇପାରିବେ ତାହା ଏକ ବଡ଼ ପ୍ରଶ୍ନ।

**ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,**
**ମୋ:୭୦୦୮୩୬୯୯୨୦**

## ଏଇ ଭାରତରେ

ପ୍ଲାଷ୍ଟିକ୍ ବର୍ଜ୍ୟ ଏବେ ନଦୀ, ହ୍ରଦ ଓ ସମୁଦ୍ରରେ ଜଳଜୀବଙ୍କ ପାଇଁ ବିପଦ ପାଲଟିଛି। ଏଭଳି ସ୍ଥିତିକୁ ସମସ୍ତେ ହୃଦୟଙ୍ଗମ କଲେ ମଧ୍ୟ ୨୪ ବର୍ଷୀୟ ସ୍ନେହା ସାହିଙ୍କ ଚିନ୍ତାଧାରା ଭିନ୍ନ। ଗୁଜରାଟର ଝିଅ ସ୍ନେହା ନିଜ ଟିମ୍‌କୁ ନେଇ ନଦୀରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଫା କରିବା ସହ ଅନ୍ୟ ସଫେଇ କାର୍ଯ୍ୟରେ ଲାଗିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ସେମାନେ 'ଭୁଖି ଷ୍ଟ୍ରିମ୍ ପ୍ରୋଜେକ୍ଟ'ରେ ଭୁଖି ନଦୀରୁ ୭୦୦ କେ.ଜି. ବର୍ଜ୍ୟ ସଫା କରି କଇଁଛଙ୍କ ପାଇଁ ସୁରକ୍ଷିତ ଜୀବନ ସୁନିଶ୍ଚିତ କରିପାରିଛନ୍ତି। ଜାତିସଂଘ ପରିବେଶ କାର୍ଯ୍ୟକ୍ରମ(ୟୁଏନ୍‌ଇପି)ର ପ୍ଲାଷ୍ଟିକ୍ ଟର୍ନର ଚ୍ୟାଲେଞ୍ଜ ଦ୍ୱାରା ତାଙ୍କ ଟିମ୍ ପ୍ରେରିତ ତଥା ଅନୁବନ୍ଧିତ ହେବା ପରେ ଏହି କାର୍ଯ୍ୟ ୨୦୧୯ରେ ବରୋଦାର ମହାରାଜା ସୟାଜୀରାଓ ୟୁନିଭର୍ସିଟିରେ ଆରମ୍ଭ କରିଥିଲେ। ଏହି ଅଭିଯାନ ପାଇଁ ତାଙ୍କ ୧୮ ଜଣିଆ ଟିମ୍‌କୁ ଆମ ଦେଶ ସ୍ୱୀକୃତି ଦେଲା ପରେ ସେମାନେ ତାଙ୍କ କାର୍ଯ୍ୟ ଜାରି ରଖିଛନ୍ତି। ଭୁଖି ନଦୀରୁ ସଂଗ୍ରହ କରିଥିବା ପ୍ଲାଷ୍ଟିକ ବର୍ଜ୍ୟକୁ ରିସାଇକ୍ଲିଂ ମଧ୍ୟ କରିଛନ୍ତି। ସେଥିରୁ ୱାଲ ହ୍ୟାଙ୍ଗିଙ୍ଗ ଓ ପ୍ଲାଣ୍ଟର ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟ ଲାଗି ସ୍ନେହା ଏବଂ ତାଙ୍କ ଟିମ୍‌କୁ ୟୁଥ୍ ଫର୍ ଆୱାର୍ଡ ମିଳିଛି। ଏହା ବ୍ୟତୀତ ସ୍ନେହା ମଧ୍ୟ ସ୍ଥାନୀୟ ଏନ୍‌ଜିଓଗୁଡ଼ିକରେ ସଫେଇ ଓ ଜଳସଂରକ୍ଷଣ କାର୍ଯ୍ୟକଳାପରେ ଜଡ଼ିତ ରହିଛନ୍ତି। ପରିବେଶକୁ ପ୍ରଦୂଷଣମୁକ୍ତ ରଖିବାରେ ତାଙ୍କ ଅଭିଯାନ ଛାତ୍ରୀଛାତ୍ରମାନଙ୍କୁ ନୂଆ ରାସ୍ତା ଦେଖାଇଛି।

# ଦୁଇଟି ନାରୀସ୍ୱର



ଡ. ବାସନ୍ତୀ ମହାନ୍ତି

ଆବହମାନ କାଳରୁ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ଭିନ୍ନ ଭିନ୍ନ ରୂପରେଖ ଆମର ଶ୍ରୁତି ଗୋଚର ଓ ଦୃଷ୍ଟି ଗୋଚର ହୋଇ ଆସୁଅଛି। ରାମାୟଣ, ମହାଭାରତ, ପୁରାଣ, ଇତିହାସ ଆଦି ଶାସ୍ତ୍ର ସଂହିତାରେ ମଧ୍ୟ କମ୍ ଉଦାହରଣ ନାହିଁ। ଏହା କେବଳ ଆମ ଦେଶର ସମସ୍ୟା ନୁହେଁ, ସମଗ୍ର ବିଶ୍ୱରେ ନାରୀମାନଙ୍କ ପ୍ରତି ସମାଜର ଦୃଷ୍ଟିକୋଣ ଭିନ୍ନ ଥିଲା। ଜର୍ମାନ ମହିଳା କ୍ଲାରା ଜେଟ୍‌କିନ୍ ପ୍ରଥମଥର ପାଇଁ ଏହି ଲିଙ୍ଗଗତ ବୈଷମ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ଦ୍ୱାରା ସମ୍ପାଦିତ 'ଇକ୍ୱାଲିଟି' ପତ୍ରିକାରେ ଏହି ସ୍ୱର ଆହୁରି ଶାଣିତ ହୋଇଥିଲା। ଆଜି ଯଦି ବିଶ୍ୱରେ ଲିଙ୍ଗ ଭେଦାଭେଦ ବ୍ୟବଧାନ କମି ଆସିଥାଏ ତେବେ ତାହାର ସବୁତକ ଶ୍ରେୟ ଏହି ମହିଳା ଓକିଲଙ୍କ ପାଖକୁ ହିଁ ଯିବ।

କିନ୍ତୁ ବିଡ଼ମ୍ବନାର ବିଷୟ ଆମ ଦେଶରୁ ମହିଳାମାନଙ୍କର ଏହି ସଂଗ୍ରାମ ତଥାପି ଶେଷ ହୋଇ ନାହିଁ। ସେମାନଙ୍କ ସ୍ୱରକୁ ଯେଉଁପରି ଭାବରେ ଚାପି ଦେବାର ଉଦ୍ୟମ ହେଉଛି, ଦିନକୁ ଦିନ ଯେପରି ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି, ସେଥିପାଇଁ ଯଦି ସର୍ବାନ୍ତଃକରଣରେ ଜନଜାଗରଣ ସୃଷ୍ଟି କରା ନ ଯାଏ ଆଗାମୀପିଢ଼ିର ନାରୀମାନେ ଏମିତି ବଳି ପଡୁଥିବେ। କେତେବେଳେ ସମାଜର ଅସାମାଜିକ ବ୍ୟକ୍ତିମାନଙ୍କ ଶିକାର ତ ଆଉ କେତେବେଳେ ପାରିବାରିକ ହିଂସାର ବଳୟ। ଏସବୁ ସତ୍ତ୍ୱେ ଆଶ୍ୱାସନାର ବିଷୟ ଏହି ଯେ, କେତେକ ମହିଳା ଏ ପର୍ଯ୍ୟନ୍ତ ତଥାପି ଅସ୍ତ୍ର ତ୍ୟାଗ କରିନାହାନ୍ତି ,ସଂଗ୍ରାମରୁ ଓହରି ଯାଇନାହାନ୍ତି। ଯାହାକୁ ଅବଳା ଦୁର୍ବଳା କହି ଏରୁଣ୍ଡି ଭିତରେ ଆବଦ୍ଧ କରାଯାଉଥିଲା ଏବେ ତା' ସ୍ୱରରେ ସମସ୍ତେ ଥରହର। ସେହି ସ୍ୱରକୁ ଚାପିବା ପାଇଁ କାହିଁ କେତେ ଷଡ଼ଯନ୍ତ୍ର।

୨୦୨୧ର ଶେଷ ପାଦରେ ଦୁଇଟି ନାରୀ ସ୍ୱର ସମାଜର ଏକ କଳଙ୍କିତ ଦିଗକୁ ଉନ୍ମୋଚିତ କରୁଛି। ଗୋଟିଏ ନାରୀ ଅନ୍ୟାୟ ବିରୋଧରେ ସଂଗ୍ରାମ କରି ଆତତାୟୀର ଶିକାର ହୋଇଥିବା ସ୍ଥଳେ ଆଉ ଗୋଟିଏ ନାରୀ ତା' ଅଧିକାର ପାଇଁ କରୁଥିବା ସଂଗ୍ରାମ ଜନସାଧାରଣଙ୍କୁ ଆବେଗ ପ୍ରବଣ କରିଦେଇଛି। ଏହି ଘଟଣା ଏବଂ ସଂପୃକ୍ତା ନାରୀ ଦୁଇଙ୍କ ସଂଗ୍ରାମରେ ନିଶ୍ଚୟ ଅନେକ ସମ୍ଭାବନା ଓ ପ୍ରେରଣାର ଉପାଦାନ ରହିଛି।

ଗୋଟିଏ ଘରୋଇ କଲେଜ ପରିସରରେ ଗୋଟାକ ପରେ ଗୋଟାଏ ଅଘଟଣ ଘଟୁଥିବାର ରହସ୍ୟ ଉନ୍ମୋଚନ କରିବାକୁ ଅଣ୍ଟା ଭିଡ଼ିଥିଲା ନାରୀଟିଏ। ପ୍ରଶ୍ନପତ୍ର ଲିକ୍ ସହ ଆହୁରି ଅନେକ ଅଭିଯୋଗ କଲେଜ ନାଁରେ ଥିଲେ ସୁଦ୍ଧା ତାହା ରାଜନେତାଙ୍କ ଛତ୍ରଛାୟା ତଳେ ସୁରକ୍ଷିତ ଥିଲା। ଜନସାଧାରଣଙ୍କ ମନରେ ଏଥିପ୍ରତି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଥିଲେ ବି କେହି ଏ ସମ୍ପର୍କରେ ଅଙ୍ଗୁଳି ଉଠାଇବାର ସାହସ କରିପାରୁ ନ ଥିଲେ। ଆଖପାଖ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ଛାତ୍ରୀଛାତ୍ର ସଂଖ୍ୟା ହ୍ରାସ ଘଟି ସଂପୃକ୍ତ କଲେଜରେ ବୃଦ୍ଧି ହେଉଥିଲେ। ରାଜନୈତିକ ପ୍ରୋତ୍ସାହନ ମିଳୁଥିଲା। ସମ୍ପୂର୍ଣ୍ଣ ଘରୋଇ କଲେଜଟିଏ କିନ୍ତୁ ଭିତ୍ତିଭୂମିରେ ରାଜ୍ୟର ଯେକୌଣସି ସ୍ୱୟଂଶାସିତ କଲେଜଠୁଁ କୌଣସି ଗୁଣରେ କମ୍ ନ ଥିଲା। ପ୍ରଥମ କରି ପାଟି ଖୋଲିବାର ସାହସ କରିଥିଲା ନିର୍ଭୟା ନାରୀଟିଏ। ତା' ସ୍ୱରକୁ ଏପରି ଦମନ କରିଦିଆଗଲା ଯେ, ଯାହା ମାନବ ଇତିହାସରେ କେବେ କେଉଁଠି ଏପରି ବୀଭତ୍ସ ଘଟଣା ଘଟିବାର ଦୃଷ୍ଟାନ୍ତ ଆମ ପାଖରେ ନାହିଁ। ତା' ଶରୀରକୁ ସିନା ଜାଳି ପୋଡ଼ି ଦିଆଗଲା କିନ୍ତୁ ତା'ର ସତ୍‌ସାହସ ନିର୍ଭୀକତା ସମସ୍ତଙ୍କ ପାଇଁ ପ୍ରଶ୍ନବାଚୀ କରିଦେଲା। ସାରା ଓଡ଼ିଶାରେ ଝିଅଟା ପାଇଁ ନ୍ୟାୟ ଦାବିର ତାତି ଥମିବା ପୂର୍ବରୁ ଆଉ ଗୋଟିଏ ସାହସିନୀ ମହିଳା ନିଜ ଅଧିକାର ସାବ୍ୟସ୍ତ କରିବା ପାଇଁ ଯେଉଁ ସଂଘର୍ଷ କରୁଛି ତାହା ସମଗ୍ର ନାରୀଜାତି ପାଇଁ ପ୍ରେରଣା। ନାରୀଜାତିର ସମ୍ମାନ ଓ ସ୍ୱାଧିକାରର ପ୍ରଶ୍ନ। ବିବାହ ଅନୁଷ୍ଠାନ ପ୍ରତି ମର୍ଯ୍ୟାଦାର ପ୍ରଶ୍ନ। ସାହସ ଅଭାବରୁ ଅନେକ ମହିଳା ସ୍ୱାମୀ ଓ ଶ୍ୱଶୁର ଘର ସଦସ୍ୟଙ୍କ ସବୁ ଅନ୍ୟାୟ ଅତ୍ୟାଚାରକୁ ମୁଣ୍ଡପାତି ସହି ପୁଣି ଛାଡ଼ପତ୍ରକୁ ମଧ୍ୟ ନୀରବରେ ଗ୍ରହଣ କରିଥାନ୍ତି। ସାରା ଜୀବନ ଦୁଃଖ ଯନ୍ତ୍ରଣାରେ କଟେଇ ଦିଅନ୍ତି। ଆମ ସମାଜରେ ଖୁବ୍ କମ୍ ପତିପରିତ୍ୟକ୍ତା ମହିଳାଙ୍କ ଭାଗ୍ୟରେ ଦ୍ୱିତୀୟ ବିବାହ କରିବାର ସୁଯୋଗ ଯୁଟିଥାଏ। ଝିଅଟି ଦୃଢ଼ତାର ସହ ଦାବି ସାବ୍ୟସ୍ତ କରିବାକୁ ଯାଇ ଦୁଇପ୍ରକାର ଶିକ୍ଷା ସମାଜକୁ ଦେଉଛି, ବିବାହ ପରି ଏକ ସର୍ବ ପୁରାତନ ଅନୁଷ୍ଠାନକୁ ଏପରି ଅମର୍ଯ୍ୟାଦା କରିବା କୌଣସି ସଭ୍ୟସମାଜ ପକ୍ଷରେ ସ୍ପୃହଣୀୟ ନୁହେଁ। ବିବାହ ପାଇଁ ଶିକ୍ଷାଗତ ଯୋଗ୍ୟତା, ପରିବାରର ଆଭିଜାତ୍ୟ କିମ୍ବା ବଡ଼ ଚାକିରି କିମ୍ବା ଧନ ସମ୍ପତ୍ତି ନୁହେଁ, ବରଂ ଦୁଇଟି ସୁନ୍ଦର ମନ, ଆତ୍ମା, ପ୍ରେମ ଓ ସମର୍ପଣ ଭାବର ଆବଶ୍ୟକତା ରହିଛି। ଝିଅମାନେ ତରବରିଆ ଭାବେ କୌଣସି ବିବାହ ନିଷ୍ପତ୍ତି ନେଇଯିବା ଉଚିତ ନୁହେଁ, ଯାହା ଭବିଷ୍ୟତ ଜୀବନକୁ ଏହିପରି ବିପର୍ଯ୍ୟସ୍ତ କରିଦେବ। ଝିଅଟି ଉଚ୍ଚଶିକ୍ଷିତା। ସେ ସ୍ୱାମୀ ଓ ତା' ପରିବାର ବିରୋଧରେ ଅଭିଯୋଗ ଆଣିଛନ୍ତି। ଘଟଣାରେ କିଏ ଦୋଷୀ କିଏ ନିର୍ଦ୍ଦୋଷ ତାହା କୋର୍ଟ ସାବ୍ୟସ୍ତ କରିବ।

ଏମିତି ଅନେକ ମହିଳା ଅଛନ୍ତି ଯେଉଁମାନେ ସ୍ୱାମୀ ଘରର ପ୍ରତିପତ୍ତି ଓ ଅହଂର ଶିକାର ହୋଇ ଭରଣପୋଷଣରେ ସନ୍ତୁଷ୍ଟ ରହିବାକୁ ବାଧ୍ୟ ହୁଅନ୍ତି। ଶକ୍ତି ସାମର୍ଥ୍ୟ ଓ ସାହସର ଅଭାବରୁ ମଧ୍ୟଯୁଗୀୟ ନାରୀମାନଙ୍କ ପରି ଭାଗ୍ୟ ଦୋଷ ଦେଇ ନୀରବ ରହନ୍ତି। ଜନସାଧାରଣଙ୍କ ପାଖକୁ ସେମାନଙ୍କ ନୀରବ ଆର୍ତ୍ତନାଦ ପହଞ୍ଚିପାରେ ନାହିଁ। ସେମାନଙ୍କର ସବୁ ଦୁଃଖ ଯନ୍ତ୍ରଣା ଅରଣ୍ୟ ରୋଦନ ହୋଇ ରହିଯାଏ। କିନ୍ତୁ ସଂପୃକ୍ତା ଝିଅଟିର ନ୍ୟାୟ ପାଇଁ ଲଢ଼େଇକୁ ଲକ୍ଷ୍ୟ କଲେ ମନେହୁଏ ନାରୀମାନେ ପ୍ରକୃତରେ ଦୁର୍ବଳ ନୁହନ୍ତି। ସେମାନେ ଜାଗିଲେଣି, ତାଙ୍କ ପ୍ରତି ଆଉ ବେଶିଦିନ ଅନ୍ୟାୟ କରାଯାଇ ପାରିବ ନାହିଁ।

ଏକବିଂଶ ଶତାବ୍ଦୀ ଏକବିଂଶ ବର୍ଷର ଶେଷ ପାଦରେ ଦୁଇଟି ନାରୀ ଯେଉଁପରି ନିର୍ଭୀକ ଭାବରେ ସଂଗ୍ରାମ କରିଛନ୍ତି ତାହା ନିଶ୍ଚୟ ଆଗାମୀ ଦିନମାନଙ୍କ ପାଇଁ ସକାରାତ୍ମକ ବାର୍ତ୍ତା ଆଣିବ। ତା' ଦୁଃଖରେ ଦୁଃଖୀ ହେବାକୁ ସାହାଯ୍ୟ ସହାୟତାର ହାତ ବଢ଼ାଇବା ପାଇଁ ସମଗ୍ର ନାରୀ ସମାଜ ସଦା ଜାଗ୍ରତ ହୋଇ ରହିଛି, ଏହି ଆଶ୍ୱାସନା ତାକୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେବ।

**୨୧୩ ସି-ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ,**
**ଲକ୍ଷ୍ମୀସାଗର, ଭୁବନେଶ୍ୱର**
**ମୋ-୯୪୩୭୦୩୩୦୭୪**

## ଚିରନ୍ତନୀ

ବିଲରେ ପଡ଼ିଛି ସୁଅ
ତିନିଦିନ ନାହିଁ ଚାଷ
ବାର ବରଷର ପୁଅ
ଭୋଗି ଭୋଗି ଧଇଁ କାଶ।
-(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୪ ଜାନୁୟାରୀ ୧୯୯୭

- ଆୟକର ବିଭାଗ ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଖରାମଙ୍କ ୨ଟି କୋଠା, ବିଶାଳ ସେଓ ବଗିଚା, ୩୫ ଜର୍ଜି ଗାଈ ସମେତ ୮ ଲକ୍ଷ ଟଙ୍କା ବାଜ୍ୟାପ୍ତ।
- ଦୀର୍ଘଦିନ ଧରି ଚାଲିଥିବା ରାଜନୈତିକ ହଟଚମଟର ଅବସାନ ଘଟାଇ କଂଗ୍ରେସ ସଭାପତି ସୀତାରାମ କେସରୀଙ୍କୁ ସର୍ବସମ୍ମତି କ୍ରମେ ସିପିପି ନେତା ନିର୍ବାଚିତ କରାଯାଇଛି।
- ଜୀ-ଟିଭିର ନ୍ୟୁଜ୍ ଆଣ୍ଡ୍ କରେଣ୍ଟ ଆଫେୟାର୍ସ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ନିର୍ଦ୍ଦେଶକ ରଜତ ଶର୍ମା ଏବଂ ନ୍ୟୁଜ୍ ଟିମ୍‌ର ୪୩ ଜଣ ସଦସ୍ୟଙ୍କ ସାମୂହିକ ଭାବେ ଇସ୍ତଫା ପ୍ରଦାନ।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 4 | | | | |
| | | | | 2 | | 6 | | |
| | 5 | | 6 | | | 1 | 3 | 4 |
| 5 | | | | 3 | | 4 | 6 | |
| | | | | | 4 | | 8 | 7 |
| | 3 | 7 | | | | | 5 | |
| | 1 | 5 | | | 3 | | | |
| | | | 8 | | | | | |
| | 6 | | 1 | | | | | 9 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 4 | 6 | 3 | 9 | 5 | 8 |
| 3 | 9 | 5 | 8 | 2 | 7 | 6 | 4 | 1 |
| 8 | 4 | 6 | 5 | 1 | 9 | 7 | 3 | 2 |
| 1 | 3 | 7 | 2 | 5 | 6 | 4 | 8 | 9 |
| 2 | 8 | 9 | 7 | 4 | 1 | 5 | 6 | 3 |
| 5 | 6 | 4 | 3 | 9 | 8 | 1 | 2 | 7 |
| 9 | 2 | 8 | 6 | 7 | 4 | 3 | 1 | 5 |
| 6 | 5 | 1 | 9 | 3 | 2 | 8 | 7 | 4 |
| 4 | 7 | 3 | 1 | 8 | 5 | 2 | 9 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତିଗ୍ରସ୍ତଙ୍କ ଯୋଗୁ ବିକାଶ ହେଉନାହିଁ

ମହାଶୟ,

ସବୁଥର ପରି ଏଥର ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ସରଳ-ନିରୀହ ମତଦାତାଗଣ ବାହୁବଳ, ଅର୍ଥବଳ ଦ୍ୱାରା ପ୍ରଭାବିତ ହେବେ। ଦୁର୍ନୀତିଖୋର ପ୍ରାର୍ଥୀମାନେ ନିର୍ବାଚନରେ ଜିତି ସରକାରୀ ଯୋଜନା ଅର୍ଥକୁ ନିରନ୍ତର ଲୁଣ୍ଠନ କରିଚାଲିବେ। ଅର୍ଥ ନେଇ ଭୋଟ ଦେଇଥିବା ଲୋକମାନେ ଜନ୍ମାନ୍ଧ ଧୃତରାଷ୍ଟ୍ର ଭଳି ନୀରବ ରହିବେ। ବିଶେଷତଃ, ପାରିବାରିକ ରାଜନୀତି କରୁଥିବା କିଛି କୁଜିନେତା ସୁଧମୂଳ ଅସୁଲ କରିବେ। କ୍ଷମତାସୀନ ସରକାର ଏକଥା ଜାଣି ମଧ୍ୟ ଦୁର୍ନୀତିଗ୍ରସ୍ତଙ୍କୁ ସମର୍ଥନ ଓ ଦଳୀୟ ଟିକେଟ ପ୍ରଦାନ କରୁଛି। ଭଲ ଲୋକମାନେ ଏହି କାରଣରୁ ପଞ୍ଚାୟତ ପ୍ରତିନିଧି ଭାବରେ ନିର୍ବାଚିତ ହୋଇପାରୁନାହାନ୍ତି। ବର୍ତ୍ତମାନ ରାଜନୀତି ସର୍ବାଧିକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଯାଇଛି। ଏହା ଅବ୍ୟାହତ ରହିଲେ ଦେଶରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ବାଟମାରଣାର ଅନ୍ତ ହେବା ଅସମ୍ଭବ। ସରପଞ୍ଚ ୨ ଲକ୍ଷ ଟଙ୍କା ଖର୍ଚ୍ଚକରି ୨ କୋଟି ଟଙ୍କା ଆତ୍ମସାତ କରିବେ ତ ବ୍ଲକ ଚେୟାରମ୍ୟାନ କୋଟିଏ ଖର୍ଚ୍ଚକରି ୧୦ କୋଟି ରୋଜଗାର କରିବେ। ଏହାଦ୍ୱାରା ଗ୍ରାମାଞ୍ଚଳର ଆଦୌ ବିକାଶ ହୋଇପାରିବ ନାହିଁ। ସୁତରାଂ, ସାଧୁ ଚରିତ୍ରର ସମାଜସେବୀମାନଙ୍କୁ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ଦେଲେ ଦୁର୍ନୀତି ଅନେକାଂଶରେ ହ୍ରାସ ପାଇବ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର,ପିରହାଟ,ଭଦ୍ରକ**

### ମନଇଚ୍ଛା ମିଟର ରିଡିଂ ନ ହେଉ

ରାଜ୍ୟରେ ମିଟର ରିଡିଂରେ ଅହେତୁକ ତ୍ରୁଟି ପରିଲକ୍ଷିତ ହେଉଅଛି। ପ୍ରତି ମାସରେ ନିର୍ଦ୍ଧାରିତ ରହିଥିବାବେଳେ ଡିସେମ୍ବର ମାସରେ ତିନିଗୁଣା ବୃଦ୍ଧି ବିଲ୍ ଦିଆଯାଇଛି। ଏଥିପ୍ରତି ଦୃଷ୍ଟି ନ ଦେଲେ ଉପଭୋକ୍ତା ହନ୍ତସନ୍ତ ହେବେ। ଏହାର ସମୀକ୍ଷା କରି ପୁନଃ ମିଟର ରିଡିଂ ନେବା ସହ ଉଚିତ ବିଲ୍ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉ।

**-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବ୍ୟାଙ୍କ ଲକର ପାଇଁ ନୂଆ ନିୟମ

ଚଳିତ ବର୍ଷ ଆରମ୍ଭରୁ ବିଭିନ୍ନ ସେବା ଓ ନିୟମର ପରିବର୍ତ୍ତନ କରାଯାଇ ନୂଆ ନିୟମାବଳୀ ଜାରି ହୋଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ନୂତନ ନିୟମାବଳୀ ଅନୁସାରେ ଗ୍ରାହକ ଯଦି ବ୍ୟାଙ୍କର ଏକ ଲକରକୁ ଭଡ଼ା ନେଉଛନ୍ତି କିମ୍ବା ତାଙ୍କର ମୂଲ୍ୟବାନ୍ ଜିନିଷକୁ ବ୍ୟାଙ୍କ ଲକରରେ ରଖିବା ପାଇଁ ଯୋଜନା କରୁଛନ୍ତି, ତା'ହେଲେ ଆର୍‌ବିଆଇ ଦ୍ୱାରା ସ୍ଥାପିତ ନୂତନ ବ୍ୟାଙ୍କ ଲକର ନୀତି ସମ୍ପର୍କରେ ସଚେତନ ହେବା ଆବଶ୍ୟକ। ୨୦୨୨ ଜାନୁୟାରୀ ୧ ରୁ ଉକ୍ତ ନିୟମାବଳୀ କାର୍ଯ୍ୟକାରୀ ହୋଇସାରିଛି। ଆର୍‌ବିଆଇ ୨୦୨୧ ଅଗଷ୍ଟ ୮ରେ ଏକ ବିଜ୍ଞପ୍ତି ମାଧ୍ୟମରେ ନୂତନ ନିର୍ଦ୍ଦେଶାବଳୀ ସମ୍ପର୍କରେ ବ୍ୟାଙ୍କଗୁଡ଼ିକୁ ଅବଗତ କରାଇଥିଲା।

## ସଂକ୍ଷେପରେ

### ୱାର୍ଡୱିଜାର୍ଡର ୩୮୬୦ ୟୁନିଟ ଗାଡ଼ି ବିକ୍ରି

**ଭୁବନେଶ୍ୱର,୩।୧:** ଜୟ୍ ଇ-ବାଇକ୍ ନାମରେ ଦୁଇଚକିଆ ଇଲେକ୍ଟ୍ରିକ୍ ଯାନ ନିର୍ମାଣ କରୁଥିବା ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟି ଏହାର ଲୋକପ୍ରିୟ ମଡେଲଗୁଡ଼ିକର ଦୃଢ଼ ବିକ୍ରି ଧାରାକୁ ବଜାୟ ରଖି ୨୦୨୧ ଡିସେମ୍ବରରେ ୩୮୬୦ ୟୁନିଟ୍ ଗାଡ଼ି ବିକ୍ରି କରିଛି। ଇଲେକ୍ଟ୍ରିକ୍ ଯାନ ଆଡ଼କୁ ଦ୍ରୁତ ଗତିରେ ଲୋକମାନେ ଢଳୁଥିବାରୁ କମ୍ପାନୀ ବର୍ଷ ଭିତରେ ୫୪୮% ଅଭିବୃଦ୍ଧି ହାସଲ କରିଛି। ୨୦୨୦ ଡିସେମ୍ବରରେ କମ୍ପାନୀ ୫୯୫ ୟୁନିଟ୍ ଯାନ ବିକ୍ରି କରିଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ ମାସ ମଧ୍ୟରେ ୧୭ ହଜାରରୁ ଅଧିକ ଗାଡ଼ି ବିକ୍ରି କରି ୫୭୦% ବୃଦ୍ଧି ହାସଲ କରିଛି। ଏ ସମ୍ପର୍କରେ ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟି ଲିମିଟେଡ୍‌ର ସିଓଓ ଶୀତଲ୍ ଭାଲେରାଓ କହିଛନ୍ତି , ଉଭୟ ସହରାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳର ବହୁସଂଖ୍ୟକ ପରିବାରରେ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ଏକ ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ ହୋଇଛି।

### ସୁରକ୍ଷିତ ଡିଜିଟାଲ ପେମେଣ୍ଟର ଯୁଗ ଆରମ୍ଭ

**ଭୁବନେଶ୍ୱର,୩।୧:** ଦେଶର ବୃଦ୍ଧି ପାଉଥିବା ସାଇବର୍ ଓ ଆର୍ଥିକ ଠକେଇ ମାମଲାଗୁଡିକରୁ ଭାରତକୁ ସୁରକ୍ଷିତ ରଖିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ନିକଟରେ ଏକ ଐତିହାସିକ ନିଷ୍ପତି ନେଇଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ଏହି ନୂଆ ନିୟମ ପେମେଂଟ୍ ନେଟ୍‌ୱର୍କ ଓ ଇସ୍ୟୁୟର୍ ବ୍ୟାଙ୍କଗୁଡିକୁ ଆସନ୍ତା ଜାନୁଆରୀ ୧ ରୁ ଇକମର୍ସ ମର୍ଚ୍ଚାଂଟ୍ ଓ ପେମେଂଟ୍ ଆଗ୍ରିଗେଟର୍‌ଙ୍କୁ ଟୋକେନ୍ ସର୍ଭିସ୍ ପ୍ରୋଭାଇଡର୍ସ (ଟିଏସ୍‌ପି) ଭାବେ କାର୍ଡ ଟୋକେନାଇଜେଶନ ସେବା ପ୍ରଦାନ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ଏହି ଅନୁମତି ହେଉଛି ପେମେଂଟ୍ ନେଟ୍‌ୱର୍କଗୁଡିକ ଦ୍ୱାରା ପ୍ରଦାନ କରାଯାଉଥିବା ଡଭାଇସ୍-ଆଧାରିତ ଟୋକେନାଇଜେଶନ ସେବାଗୁଡିକ ବିସ୍ତାର କରିବା। ଟୋକେନାଇଜେଶନ ହେଉଛି କାର୍ଡ ନମ୍ବରଗୁଡିକୁ ଏକ ଟୋକେନ୍ ସହିତ ବଦଳାଇବା ପାଇଁ ଏକ ମେକାନିଜ୍‌ମ। ଏହି ପ୍ରକ୍ରିୟା କାର୍ଡ-ଆଧାରିତ ଟ୍ରାଞ୍ଜାକ୍ସନଗୁଡକି ସୁରକ୍ଷିତ ଓ ଅଧିକ ନିର୍ଭରଯୋଗ୍ୟ କରିବା।

# ଦେଶରେ ବୃଦ୍ଧିପାଉଛି ବେକାରି ହାର



ନୂଆଦିଲ୍ଲୀ,୩।୧

ଡିସେମ୍ବରରେ ଭାରତର ବେକାରି ହାର ଗତ ୪ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ବୋଲି ସୋମବାର ଭାରତୀୟ ଅର୍ଥନୀତି ମନିଟରିଂ ସେଣ୍ଟର (ସିଏମ୍‌ଆଇଇ) ପକ୍ଷରୁ ସୂଚନା ଦିଆଯାଇଛି। ସିଏମ୍‌ଆଇଇର ସୂଚନା ଅନୁସାରେ ଗତ ଡିସେମ୍ବରରେ ବେକାରି ହାର ୭.୯% କୁ ବୃଦ୍ଧି ପାଇଛି। ୨୦୨୧ ନଭେମ୍ବରରେ ଏହାର ହାର ୭.୦% ରହିଥିଲା ବେଳେ ଅଗଷ୍ଟରେ ମଧ୍ୟ ୮.୩% ରହିଥିଲା ବୋଲି ଜଣାପଡ଼ିଛି। ଫଳରେ କୋଭିଡ୍ ସଂକ୍ରମଣର ନୂତନ ଭାରିଆଣ୍ଟ ଓମିକ୍ରନ୍ ସାଙ୍ଗକୁ ଅନେକ ରାଜ୍ୟରେ କଟକଣା ଓ ସାମାଜିକ ଦୂରତା ଉପରେ ପ୍ରତିବନ୍ଧକ ବୃଦ୍ଧି ପାଇବା ସହିତ ଦକ୍ଷିଣ ଏସୀୟ ଦେଶରେ ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟ ଧୀରେ ଧୀରେ ପ୍ରଭାବିତ ହେଉଛି, ଯାହାର ପ୍ରଭାବ ସ୍ଥାନୀୟ ଉପଭୋକ୍ତା ଓ କର୍ମଜୀବୀଙ୍କ କାର୍ଯ୍ୟ ଉପରେ ବେଶ୍ ପ୍ରଭାବ ପକାଇଛି। ସଂସ୍ଥାର ଉକ୍ତ ତଥ୍ୟରେ ଦର୍ଶାଯାଇଛି, ଭାରତର ସହରାଞ୍ଚଳର ବେକାରି ହାର ଡିସେମ୍ବରରେ ପୂର୍ବ ମାସର ୮.୨% ରୁ ୯.୩% କୁ ବୃଦ୍ଧି ପାଇଥିବା ବେଳେ ଗ୍ରାମାଞ୍ଚଳର ବେକାରି ହାର ୬.୪% ରୁ ୭.୩% ବୃଦ୍ଧି ପାଇଛି। ଏଭଳି ପରିସ୍ଥିତିରେ ଅନେକ ଅର୍ଥନୀତିଜ୍ଞ ଚିନ୍ତା କରୁଛନ୍ତି, ଓମିକ୍ରନ୍‌ର ପ୍ରକାର ଯଦି ପୂର୍ବ ତୁଳନାରେ ଜଟିଳ ରୁହେ ତା' ହେଲେ ପୂର୍ବ ତ୍ରୈମାସରେ ଦେଖାଯାଇଥିବା ଅର୍ଥନୈତିକ କାର୍ଯ୍ୟକଳାପର ପୁନରୁଦ୍ଧାରକୁ ଓଲଟାକରି ଦେଇପାରେ ବୋଲି ଆଶଙ୍କା କରାଯାଉଛି। ସେହିପରି ସରକାର ମାସିକ ଆକଳନ ପ୍ରକାଶକରୁ ନ ଥିବାରୁ ଅର୍ଥନୀତିଜ୍ଞ ତଥା ନୀତିନିର୍ଣ୍ଣୟକାରୀମାନେ ମୁମ୍ବାଇ ସ୍ଥିତ ସିଏମ୍‌ଆଇଇର ତଥ୍ୟ ଉପରେ ବେଶ୍ ନଜର ରଖିଛନ୍ତି।

# ସ୍କୋଡା ଅଟୋ ଇଣ୍ଡିଆର ବିକ୍ରି ଅଭିବୃଦ୍ଧି ଜାରି

ଭୁବନେଶ୍ୱର,୩।୧

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆର ଫଳାଫଳ ସୂଚନା ଅନୁସାରେ ୨୦୨୧ ଡିସେମ୍ବର ଶେଷ ସୁଦ୍ଧା ୧୩୦%ର ବିକ୍ରି ଅଭିବୃଦ୍ଧି ରେକର୍ଡ କରି ବାର୍ଷିକ କାରବାର ଶେଷ କରିଥିଲା। କମ୍ପାନୀ ୨୦୨୦ରେ ବିକ୍ରି କରିଥିବା ୧୦,୩୮୭ ୟୁନିଟ ଯାନ ତୁଳନାରେ ୨୦୨୧ରେ ବାର୍ଷିକ ୨୩,୮୫୮ ୟୁନିଟ ଗାଡ଼ି ବିକ୍ରି କରିଥିଲା । ଫଳରେ ବିକ୍ରୟ ପରିମାଣରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଥିଲା। ଏହାର କୁସାକ ଯାନର ଉନ୍ମୋଚନ ଦ୍ୱାରା କମ୍ପାନୀ ଏହି ସଫଳତା ହାସଲ କରିଛି। ଗତ ବର୍ଷ ପାଇଁ ସାମଗ୍ରିକ ବିକ୍ରୟ ପରିମାଣର ୬୦%ରୁ ଉର୍ଦ୍ଧ୍ୱ ଏବଂ ଏହାର ଆରମ୍ଭ ହେବାର ମାସଗୁଡିକରେ ୭୫%ରୁ ଅଧିକ ଅବଦାନ ଦେଇଛି। ସେହିଭଳି ୨୦୨୦ ଡିସେମ୍ବରରେ ବିକ୍ରି ହୋଇଥିବା ୧,୩୦୩ ୟୁନିଟ ଯାନ ତୁଳନାରେ ଡିସେମ୍ବର ୨୦୨୧ରେ ବିକ୍ରୟ ୩,୨୩୪ ୟୁନିଟ ଗାଡ଼ି ରେକର୍ଡ କରିଥିଲା। ଫଳସ୍ୱରୂପ ଏହାର ମାସିକ ବିକ୍ରୟ ପରିମାଣରେ ପ୍ରାୟ ୧୪୮% ବୃଦ୍ଧି ଘଟିଛି। ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଜୈକ ହାସିଲଙ୍କ ସୂଚନା ଅନୁସାରେ ସ୍କୋଡା ଅଟୋ ଇଣ୍ଡିଆର ସମଗ୍ର ଦଳ ପାଇଁ ୨୦୨୧ ଏକ ସଫଳତା ଏବଂ ନମନୀୟତା ବର୍ଷର ପ୍ରତୀକ। ଭାରତରେ ଅଭିବୃଦ୍ଧିର ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରି କମ୍ପାନୀ ସଫଳତାର ସହିତ ସ୍କୋଡା କୁସାକର ଆରମ୍ଭ କରିଛି । ଉଦ୍ୟୋଗ ଏବଂ ଅର୍ଥନୀତିକୁ ବହୁଳ ଭାବରେ ପ୍ରଭାବିତ କରିଥିବା ମହାମାରୀ ଏବଂ ଯୋଗାଣ ପ୍ରତିବନ୍ଧକ ଆକାରର ପ୍ରତିକୂଳତା ସତ୍ତ୍ୱେ ଏହାର ବାର୍ଷିକ ବିକ୍ରୟ ପରିମାଣରେ ୩ ଅଙ୍କ ବିଶିଷ୍ଟ ବୃଦ୍ଧି ହାସଲ କରି ପାରିଛୁ।

# ପାରମ୍ପରିକ ଶିଳ୍ପର ବିକାଶ ପାଇଁ ସହାୟତା ଦେବେ ସରକାର



ଭୁବନେଶ୍ୱର,୩।୧

ଷ୍ଟାର୍ଟଅପ୍ ଓ ସ୍ଫୁର୍ତ୍ତି କ୍ଲଷ୍ଟରକୁ ଯୋଡ଼ି ପାରମ୍ପରିକ ଶିଳ୍ପକୁ ଏକ ନୂତନ ସଂଜ୍ଞା ଦେବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ଷ୍ଟାର୍ଟଅପ୍ କନେକ୍ଟ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିରେ ବିଭିନ୍ନ ସମସ୍ୟା ସମାଧାନର ସର୍ବାଧୁନିକ ବ୍ୟବସ୍ଥା ରହିଛି। ଏ ନେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ସୋମବାର ସ୍ଥାନୀୟ ପଟିଆସ୍ଥିତ ଓ-ହବ୍‌ଠାରେ ଏକ ବୈଠକ ସହ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଛି। ସ୍ଫୁର୍ତ୍ତି ଅଧୀନରେ କାର୍ଯ୍ୟରତ ବିଭିନ୍ନ କ୍ରିୟାନ୍ୱୟନ ସଂସ୍ଥା, ବୈଷୟିକ ସଂସ୍ଥା ଏବଂ ନୋଡାଲ ଏଜେନ୍ସିଗୁଡ଼ିକ ଉକ୍ତ ବୈଠକରେ ଅଂଶଗ୍ରହଣ କରି ପାରମ୍ପରିକ ଶିଳ୍ପ କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକୁ କିପରି ନୂତନ ଜ୍ଞାନକୌଶଳ ମାଧ୍ୟମରେ ସମାଧାନ କରାଯାଇପାରିବ ତାହା ପ୍ରଦର୍ଶନ କରିଥିଲେ। ବିଶେଷ ଭାବେ ହାଇପର ଡେଲିଭରି, ଇ-କମର୍ସ, ଜୈବଖାଦ୍ୟ ଏବଂ ସୁପରଫୁଡ୍, କୃଷି ଉତ୍ପାଦ ଓ ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ, ହସ୍ତତନ୍ତ ଓ ହସ୍ତକାରିଗରି କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଏଥିରେ ପ୍ରଦର୍ଶିତ କରାଯାଇଥିଲା। ଏହି ବୈଠକରେ ଗ୍ରୋଜିପ୍, ସ୍ୱାବଲମ୍ବୀ ଓଡ୍ରା ଗ୍ରୀନ୍ ଫାରମର୍ସ ପ୍ରଡ୍ୟୁସର କମ୍ପାନୀ ଲି, କୁକାବୁରା ନ୍ୟାଚୁରାଲ୍ସ, ଫାଷ୍ଟଟେକ୍ ଫେସନ୍ସ ନିଓ ସଞ୍ଜୀବନୀ, ଟ୍ରାଇବ ଷ୍ଟୋର, ସିଗ୍ ସ୍ୱଟ୍ ଭଳି ସଂସ୍ଥା ସମୂହ ଯୋଗଦେଇ ବିଭାଗୀୟ ଅଧିକାରୀମାନଙ୍କ ସହ ବାର୍ତ୍ତା ବିନିମୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ସଚିବ ଉଦୟ ନାରାୟଣ ଦାସ, ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ୍ ଆଲାମ୍, ଷ୍ଟାର୍ଟଅପ୍ ଇଭାନଜେଲିଷ୍ଟ ଡ.ସଂଯୁକ୍ତା ବଡ଼ାଇ ପ୍ରମୁଖ ଉକ୍ତ ବୈଠକରେ ଯୋଗଦେଇଥିଲେ।

# ଶେୟାର ବଜାରରେ ଉତ୍ସାହ ବୃଦ୍ଧି

ମୁମ୍ବାଇ,୩।୧

ସୋମବାର ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ରେ ବେଞ୍ଚମାର୍କ ଇକ୍ୱିଟି ଇଣ୍ଡେକ୍ସ ୨୦୨୨କୁ ଏକ ଭଲ ଫଳ ସହିତ କାରବାର ଆରମ୍ଭ କରିଛି। ସୋମବାରର ପ୍ରଥମ ବାଣିଜ୍ୟ ଅଧିବେଶନରେ ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ ଷ୍ଟକ୍‌ରେ ଏକ ରାଲିର ନେତୃତ୍ୱ ନେଇ ଏହାର ନିବେଶକମାନେ ପ୍ରାୟ ୧.୬ ପ୍ରତିଶତ ଅଭିବୃଦ୍ଧି କରିଛନ୍ତି। ସେହିଭଳି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୨୯.୪୦ ପଏଣ୍ଟ (୧.୬୦%) ବୃଦ୍ଧି ପାଇ ୫୯,୧୮୩.୨୨ ଅଙ୍କରେ ସ୍ଥିର ରହିଥିଲାବେଳେ ନିଫ୍ଟି ୨୭୧.୬୫ ପଏଣ୍ଟ (୧.୫୭%) ବୃଦ୍ଧି ପାଇ ୧୭,୬୨୫.୭୦ ଅଙ୍କରେ ଶେଷ ହୋଇଛି।

# ଟିପିସିଓଡିଏଲ୍‌କୁ ୬ ବର୍ଗରେ ଜାତୀୟ ସମ୍ମାନ

ଭୁବନେଶ୍ୱର,୩।୧

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ)କୁ କ୍ୱାଲିଟି ସର୍କଲ ଫୋରମ୍ ଅଫ୍ ଇଣ୍ଡିଆ (କ୍ୟୁସିଏଫ୍‌ଆଇ) ପକ୍ଷରୁ ଆୟୋଜିତ ନ୍ୟାଶନାଲ କନ୍‌ଭେନ୍‌ସନ୍ ଅନ୍ କ୍ୱାଲିଟି କନ୍‌ସେପ୍ଟସ୍ (ଏନ୍‌ସିକ୍ୟୁସି), ୨୦୨୧ରେ ଛଅଟି ସ୍ୱର୍ଣ୍ଣ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି। ଏହି ୬ଟି ମଧ୍ୟରେ 'ପାର୍ ଏକ୍ସଲେନ୍ସ' ବର୍ଗରେ ୪ ଓ 'ଏକ୍ସଲେନ୍ସ' ବର୍ଗରେ ୨ଟି ପୁରସ୍କାର ପ୍ରଦାନ କରାଯାଇଛି। କ୍ୱାଲିଟି ସର୍କଲ ଫୋରମ ଅଫ୍ ଇଣ୍ଡିଆ ଭାରତରେ କ୍ୱାଲିଟି ସର୍କଲ ଆନ୍ଦୋଳନ ନେତୃତ୍ୱ ନେଉଛି। ଚଳିତ ବର୍ଷ ଏନ୍‌ସିକ୍ୟୁସି ଆୱାର୍ଡସ୍‌ର ବିଷୟବସ୍ତୁ ଥିଲା 'ଭାରତକୁ ବିଶ୍ୱର ଅଗ୍ରଣୀରେ ପରିଣତ କରିବା ଲାଗି କ୍ୱାଲିଟି କନ୍‌ସେପ୍ଟ ଜରିଆରେ ଲୋକଙ୍କୁ ଯୋଡ଼ିବା'। ଏଥିରେ ସାରା ଦେଶରୁ ୨୦୪୫ ପ୍ରକଳ୍ପ ଆବେଦନ ୧୫୨୩ ଭର୍ଚୁଆଲ ଆବେଦନ ଓ ୫୨୨ ପ୍ରକଳ୍ପର ପ୍ରତ୍ୟକ୍ଷ ଆବେଦନ (ପ୍ରବେଶ/ଏଣ୍ଟ୍ରି) ସହ ୪୯୭ ସଂସ୍ଥାଠାରୁ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଟିପିସିଓଡିଏଲ୍‌ର ସମସ୍ତ ପାର୍ ଏକ୍ସଲେନ୍ସ ଓ ଏକ୍ସଲେଣ୍ଟ ବର୍ଗର ବିଜେତାମାନେ ୨୦୨୨ର ଦ୍ୱିତୀୟାର୍ଦ୍ଧରେ ଇଣ୍ଡୋନେସିଆରେ ଆୟୋଜନ କରାଯିବାକୁ ଥିବା ଇଣ୍ଟରନ୍ୟାଶନାଲ କନ୍‌ଭେନ୍‌ସନ୍ ଅନ୍ କ୍ୱାଲିଟି କନ୍‌ସେପ୍ଟସ୍ (ଆଇସିକ୍ୟୁସି)ରେ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ଏନ୍‌ସିକ୍ୟୁସିଠାରୁ ଏହି ସମ୍ମାନଜନକ ପୁରସ୍କାର ହାସଲ କରିବା ଟିପିସିଓଡିଏଲ୍ ପାଇଁ ଗର୍ବର ବିଷୟ। ଆମର ଉଦ୍ୟମକୁ ମାନ୍ୟତା ଦେବା ଓ ଆମକୁ ଅନୁପ୍ରାଣିତ କରିଥିବାରୁ ଆମେ ସେମାନଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛୁ। ଆମେ ଏଭଳି ସମାନ ଧରଣର ପ୍ରକଳ୍ପରେ କାର୍ଯ୍ୟ କରିବା ଏବଂ ଭବିଷ୍ୟତରେ ମଧ୍ୟ କ୍ୱାଲିଟି ପ୍ରଦର୍ଶନ କରିବା ଜାରି ରଖିବେ ବୋଲି ଏମ୍. ସେନ୍‌ବାଗମ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ କହିଛନ୍ତି।

## ଫୁରସତ୍

# ମାନେକୁଇନ୍ସ ମୁଣ୍ଡ ଛେଦନ ନିର୍ଦ୍ଦେଶ

**ଯେବେ ନିର୍ଯାତନା ସୀମା ଟପିଯାଏ, ସେତେବେଳେ ଜନ୍ମନିଏ ବିଦ୍ରୋହ ଏବଂ ଅପସରିଯାଏ ମନ ଭିତରେ ଗୋଟିଏ ବ୍ୟବସ୍ଥା ପ୍ରତି ଜମାଟ ବାନ୍ଧିଥିବା ଭୟ। ଇତିହାସ ଫର୍ଦ୍ଦ ଲେଉଟାଇଲେ ଦେଖିବାକୁ ମିଳିବ ଏଭଳି ଅନେକ ଉଦାହରଣ। ଆଫଗାନିସ୍ତାନରେ ତାଲିବାନ ଶାସନରେ ମଧ୍ୟ ଏହାର ପୁନରାବୃତ୍ତି ହୋଇଛି। ମହିଳାଙ୍କ ଡ୍ରେସ୍‌କୋଡ୍‌କୁ ନେଇ ତାଲିବାନୀ ଶାସକ ଗୋଷ୍ଠୀ କଡ଼ା କଟକଣା ଲଗାଇଥିବାବେଳେ ଏହାକୁ ନେଇ କୁହୁଳୁଥିବା ପୁଞ୍ଜୀଭୂତ ଅସନ୍ତୋଷ ବାଡ଼ ଭାଙ୍ଗିବାକୁ ବସିଲାଣି। ଏଭଳି ସମୟରେ ପୋଷାକ ଦୋକାନରେ ପ୍ରଦର୍ଶିତ ମହିଳାଙ୍କ ପ୍ରତିକୃତି (ମାନେକୁଇନ୍ସ)ଗୁଡ଼ିକର ମୁଣ୍ଡ ଛେଦନ କରିବାକୁ ଜାରି କରାଯାଇଛି ନିର୍ଦ୍ଦେଶ। ଇସ୍‌ଲାମ୍ କଠୋରପନ୍ଥୀଙ୍କ ମହିଳା ବିରୋଧୀ ଏଭଳି ମାନସିକତାକୁ ନେଇ ପ୍ରତିବାଦ ତୀବ୍ର ହେଉଥିବାବେଳେ ବିଶ୍ୱସ୍ତରରୁ ଏହାକୁ ମିଳୁଛି ନୈତିକ ସମର୍ଥନ।**

### କ୍ରୂର ହେଉଛନ୍ତି ତାଲିବାନ କଠୋରପନ୍ଥୀ



**କାବୁଲ:** ଶାସନ କ୍ଷମତା ହାତେଇବା ପରେ ଆଫ୍‌ଗାନିସ୍ତାନର ଭାଗ୍ୟ ନିର୍ଦ୍ଧାରଣ କରିବାକୁ ଯଥାସାଧ୍ୟ ଉଦ୍ୟମ କରିଚାଲିଛି ତାଲିବାନ। ହେଲେ ଦୀର୍ଘ ୨୦ବର୍ଷ ମଧ୍ୟରେ ଅନେକ ସକାରାତ୍ମକ ପରିବର୍ତ୍ତନକୁ ପାଖରୁ ଦେଖିଥିବା ଆଫ୍‌ଗାନବାସୀ ଶାସକ ଗୋଷ୍ଠୀର ମନଇଚ୍ଛା କଟକଣାକୁ ମୁଣ୍ଡପାତି ସହିନେବାକୁ ପ୍ରସ୍ତୁତ ନୁହନ୍ତି। ଫଳରେ ଶାସକ ଏବଂ ଶାସିତଙ୍କ ମଧ୍ୟରେ ଆରମ୍ଭ ହୋଇଛି ସଂଘାତ। ପୋଷାକ, ସଙ୍ଗୀତ ଶିକ୍ଷା, ବାଦ୍ୟଯନ୍ତ୍ର ଉପରେ ପୂର୍ବରୁ କଡ଼ା କଟକଣା ଜାରି କରିଥିବା ବ୍ୟବସାୟିକ ପ୍ରତିଷ୍ଠାନରେ ପ୍ରଦର୍ଶିତ ମହିଳା ମାନେକୁଇନ୍ସଗୁଡ଼ିକର ମୁଣ୍ଡ ଛେଦନ କରିବାକୁ ତାଲିବାନ୍ ପକ୍ଷରୁ ଜାରି କରାଯାଇଛି ନୂଆ ନିର୍ଦ୍ଦେଶ, ଯାହାକୁ ନେଇ ସୃଷ୍ଟି ହୋଇଛି ତୀବ୍ର ପ୍ରତିବାଦ।

ସର୍ବଦା ଅଜବ ନିୟମ ଲାଗୁ କରି ଚର୍ଚ୍ଚାରେ ରହୁଥିବା ତାଲିବାନର ମାନେକୁଇନ୍ସ ମୁଣ୍ଡଛେଦନ ନୀତି କଠୋରପନ୍ଥୀ ଗୋଷ୍ଠୀର ମହିଳା ବିରୋଧୀ ମାନସିକତାକୁ ପୁଣିଥରେ ପଦାରେ ପକାଇଛି। ଆଫ୍‌ଗାନିସ୍ତାନର ପଶ୍ଚିମ ହେରାଟ୍ ପ୍ରଦେଶରେ ଏଭଳି ନିୟମ ଜାରି କରି ପୁଣିଥରେ ଚର୍ଚ୍ଚାକୁ ଆସିଛି ତାଲିବାନ୍। ପ୍ରତିକୃତି ପ୍ରଦର୍ଶନ ଇସ୍‌ଲାମ ସରିଆ ଆଇନ ବିରୋଧୀ। ତେଣୁ ମୁଣ୍ଡଥିବା ମହିଳା ମାନେକୁଇନ୍ସକୁ କୌଣସି ପରିସ୍ଥିତିରେ ପ୍ରଦର୍ଶନ କରିବାକୁ ଅନୁମତି ପ୍ରଦାନ କରାଯାଇପାରିବ ନାହିଁ ବୋଲି ତାଲିବାନ୍ ପକ୍ଷରୁ କୁହାଯାଇଛି। ତେବେ ଏଭଳି ନିର୍ଦ୍ଦେଶ ବିରୋଧରେ ବ୍ୟବସାୟୀମାନେ ତୀବ୍ର ସ୍ୱର ଉତ୍ତୋଳନ କରିଛନ୍ତି। ଦିନକୁ ଦିନ ତାଲିବାନୀ ଶାସନ ଜୀବନକୁ ଦୁର୍ବିଷହ କରିଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ହେରାଟରେ ମାନେକୁଇନ୍ସ ବ୍ୟବସାୟ କରୁଥିବା ଏକମାତ୍ର ବ୍ୟବସାୟୀ ଅଲ୍ଲି ଅହମ୍ମଦ କହିଛନ୍ତି, ଗୋଟିଏ ମାନେକୁଇନ୍ସର ମୂଲ୍ୟ ୧୦୦ରୁ ୨୦୦ ଡଲାର ପଡୁଛି। ମୁଣ୍ଡ ଛେଦନ କରିବା ପରେ ସେଗୁଡ଼ିକ ଅଦରକାରୀ ହୋଇଯିବ। ଏହା ତାଙ୍କ ରୋଜଗାରର ପ୍ରମୁଖ ମାଧ୍ୟମ ଥିଲା। ନୂଆ ନିୟମାବଳୀ ଲାଗୁ କରାଯିବା ପରେ ତାଙ୍କ ଜୀବନଜୀବିକା ଉଜୁଡ଼ିଯିବ। ସେହିପରି କଠୋରପନ୍ଥୀ ତାଲିବାନ୍ ମହିଳାଙ୍କ ଚଳାବୁଲା ସ୍ୱାଧୀନତାକୁ ମଧ୍ୟ ସଙ୍କୁଚିତ କରିଦେଇଛନ୍ତି। କାର୍ କିମ୍ବା ଟ୍ୟାକ୍ସିରେ ୭୨ କିଲୋମିଟରରୁ ଅଧିକ ଯାତ୍ରା କରୁଥିବା ମହିଳାଙ୍କ ସହିତ ତାଙ୍କର ନିକଟତମ ପୁରୁଷ ସମ୍ପର୍କୀୟ ରହିବା ବାଧ୍ୟତାମୂଳକ କରାଯାଇଛି। କାର୍, ଟ୍ୟାକ୍ସିରେ ମ୍ୟୁଜିକ୍ ବଜାଇ ପାରିବେ ନାହିଁ ବୋଲି ଡ୍ରାଇଭରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିନା ହିଜାବରେ କୌଣସି ମହିଳା ଯାତ୍ରୀଙ୍କୁ ନେବାଆଣିବା କଲେ କଠୋର ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ମୁଖପାତ୍ର ମହମ୍ମଦ ସାଦିକ୍ ଆକିଫ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି।

ଅପରପକ୍ଷେ ମହିଳାଙ୍କ ସ୍ୱାଧୀନତାରେ ଏଭଳି ପ୍ରହାରକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶିକ୍ଷା, ନିଯୁକ୍ତି ପରେ ଯାତାୟାତରେ ମଧ୍ୟ ମହିଳାଙ୍କ ସ୍ୱାଧୀନତାକୁ ସଙ୍କୁଚିତ କରାଯାଉଛି। ତାଲିବାନୀ ଗୋଷ୍ଠୀର ଏଭଳି ମାନସିକତା ସମାଜରୁ ମହିଳାମାନଙ୍କୁ ଦୂରେଇ ଦେବ। ଏହା ବିରୋଧରେ କଠୋର ପ୍ରତିବାଦର ଆବଶ୍ୟକତା ରହିଥିବା ଅନେକେ ମତ ଦେଇଛନ୍ତି।

# ଦୃଷ୍ଟିବାଧିତଙ୍କ ସୃଜନଶୀଳତା ପାଇଁ ବ୍ରେଲି



### ବିଶ୍ୱ ବ୍ରେଲି ଦିବସ

**ମ**ନର କଥା ଏବଂ ସୃଜନଶୀଳତାର ପରିପ୍ରକାଶ ପାଇଁ ସଭିଙ୍କ ମନରେ ଥାଏ ବହୁ ଉତ୍କଣ୍ଠା। ମାତ୍ର ଦୃଷ୍ଟିବାଧିତଙ୍କ ଭଳି କେତେକଙ୍କ ପକ୍ଷରେ ଅକ୍ଷର ଚିହ୍ନିବା, ପଢ଼ିବା ଏବଂ ଏହାର ପରିପ୍ରକାଶ ନିଜସ୍ୱ ଢଙ୍ଗରେ କରିବା ସମ୍ଭବ ହୋଇ ପାରି ନ ଥାଏ। ସେଭଳି ବ୍ୟକ୍ତିଙ୍କ ଲାଗି ବ୍ରେଲି ଅକ୍ଷର ହିଁ ସୃଜନଶୀଳତା ପରିପ୍ରକାଶର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଥାଏ। ଦୃଷ୍ଟିବାଧିତଙ୍କ ପାଇଁ ବ୍ରେଲିର ଉପଯୋଗିତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜାନୁୟାରୀ ୪ରେ ବିଶ୍ୱ ବ୍ରେଲି ଦିବସ ପାଳନ କରାଯାଇଥାଏ। ଦୃଷ୍ଟିବାଧିତଙ୍କ ପାଇଁ ମାନବିକ ଅଧିକାରର ପୂର୍ଣ୍ଣ ହୃଦୟଙ୍ଗମ କରିବାରେ ଯୋଗାଯୋଗର ମାଧ୍ୟମ ଭାବରେ ବ୍ରେଲିର ମହତ୍ତ୍ୱ ବିଷୟରେ ସଚେତନତା ଲାଗି ଏହି ଦିବସ ପାଳିତ ହୁଏ। ଜାତିସଂଘର ସାଧାରଣ ସଭା ଦ୍ୱାରା ନଭେମ୍ବର ୨୦୧୮ରେ ଘୋଷଣା ମାଧ୍ୟମରେ ଏହି କାର୍ଯ୍ୟକ୍ରମ ପାଳନ କରିବା ନିମନ୍ତେ ତାରିଖ ଚୟନ କରାଯାଇଥିଲା। ଦୃଷ୍ଟିବାଧିତଙ୍କ ଲାଗି ଏହି ଲେଖା ପ୍ରଣାଳୀର ସୃଷ୍ଟିକର୍ତ୍ତା ଲୁଇସ୍ ବ୍ରେଲିଙ୍କ ଜନ୍ମଦିନ ପାଳନ ଅବସରରେ ଏହି ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୯ ଜାନୁୟାରୀ ୪ରେ ପ୍ରଥମ ବିଶ୍ୱ ବ୍ରେଲି ଦିବସ ପାଳିତ ହୋଇଥିଲା। ୧୮୦୯ ଜାନୁୟାରୀ ୪ରେ ଲୁଇସ୍ ବ୍ରେଲିଙ୍କ ଜନ୍ମ ହୋଇଥିଲା। ଏହାର ସ୍ମୃତିରେ ବିଶ୍ୱ ବ୍ରେଲି ଦିବସ ପାଳନ କରାଯାଇଥାଏ।

# କରୋନା ନିୟମ ପାଳନ ପାଇଁ ଅପିଲ

**ମୁମ୍ବାଇ:** ବିଶ୍ୱରେ କରୋନା ମହାମାରୀ ନିଜର କାୟା ବିସ୍ତାର କରିଛି। ଏବେ କରୋନାର ନୂଆ ଭାରିଆଣ୍ଟ ଅତ୍ୟଧିକ ସଂକ୍ରାମକ ହୋଇଥିବାରୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ନୂଆ ବର୍ଷ ୨୦୨୨ରେ କରୋନା ଅନ୍ତ ଘଟାଇବା ପାଇଁ ସମସ୍ତେ ଅଣ୍ଟା ଭିଡିବା ଦରକାର ବୋଲି ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ଆଲିଆ ଭଟ୍ଟ ଲୋକଙ୍କୁ ଅନୁରୋଧ କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ନିଜର ଏକ ଷ୍ଟୋରୀରେ ମୁମ୍ବାଇ କମିଶନରଙ୍କ ଏକ ବାର୍ତ୍ତାକୁ ଦୁହେଁ ଶେୟାର କରିଛନ୍ତି। ମୁମ୍ବାଇରେ କରୋନା କେସ୍ ବଢୁଥିବାବେଳେ ତାହାକୁ ଅଧିକ ଘାତକ ନ କରିବାକୁ ସଚେତନତା ଏବଂ ସତର୍କତା ଅବଲମ୍ବନ କରିବାକୁ ହେବ ବୋଲି ସେ ସମସ୍ତଙ୍କୁ ନିବେଦନ କରିଛନ୍ତି। ଜାହ୍ନବୀ ଶେଷ ଥର ପାଇଁ ଫିଲ୍ମ 'ରୁହି'ରେ ନଜର ଆସିଥିଲେ। ସେ ଆଗାମୀ ଫିଲ୍ମ 'ତଖ୍‌ତ'ରେ ନଜର ଆସିବେ। ତାଙ୍କ ଛଡା ସିନେମାରେ ରଣବୀର ସିଂହ, କରୀନା କପୁର ଖାନ, ଆଲିଆ ଭଟ୍ଟ, ବିକି କୌଶଲ, ଭୂମି ପଡନେକର ଏବଂ ଅନୀଲ କପୁରଙ୍କୁ ଦେଖିବାକୁ ମିଳିବ।



ଆଲିଆ ଭଟ୍ଟ



ଜାହ୍ନବୀ କପୁର

# ସୁନ୍ଦରୀରୁ ଦୁନିଆର ସବୁଠାରୁ ଅସୁନ୍ଦର



**ଲଣ୍ଡନ:** ଦୁନିଆର ସବୁଠାରୁ ଅସୁନ୍ଦର ପ୍ରତିଯୋଗିତାରେ କେହି କେବେ ଭାଗ ନେବା ଶୁଣିଛନ୍ତି କି ? ଲଣ୍ଡନର ନ୍ୟୁହାମରେ ୧୮୭୪ ମସିହାରେ ଜନ୍ମିତ ମେରୀ ଏନ୍ ବୀୱନ ନାମ୍ନୀ ମହିଳା ଦୁନିଆର ସବୁଠାର ଅସୁନ୍ଦର ପ୍ରତିଯୋଗିତାରେ ଭାଗ ନେବା ସହ ସେ ମଧ୍ୟ ସେଥିରେ ଜିତିଥିଲେ। ମେରୀ ପୂର୍ବରୁ ଦେଖିବାକୁ ବହୁତ ସୁନ୍ଦର ଥିଲେ। ଅନ୍ୟମାନଙ୍କ ପରି ତାଙ୍କର ମଧ୍ୟ ଅନେକ ସ୍ୱପ୍ନ ଥିଲା। ସେ ବଡ ହୋଇ ନର୍ସ ହୋଇଥିଲେ। ପରେ ତାଙ୍କର ବିବାହ ଥୋମାସ ବୀୱନଙ୍କ ସହ ହୋଇଥିଲା। ତାଙ୍କର ୪ଟି ପିଲା। ବିବାହର ୧୧ ବର୍ଷ ପରେ ତାଙ୍କ ଦେହ ଖରାପ ହେବାକୁ ଲାଗିଲା। ତାଙ୍କୁ ଏକ୍ରୋମେଗାଲି ନାମକ ଏକ ରୋଗ ହୋଇଥିଲା ଯେଉଁଥିରେ କି ତାଙ୍କର ଅଧିକ ହରମୋନ୍ କ୍ଷରଣ ହେବାକୁ ଲାଗିଲା। ବେଳକୁ ବେଳ ତାଙ୍କ ଶରୀର ବୃଦ୍ଧି ହୋଇ ପୁରୁଷଙ୍କ ପରି ଦେଖାଗଲା। ସେଥିରେ ତାଙ୍କୁ ବହୁତ ଯନ୍ତ୍ରଣା ମଧ୍ୟ ସହ୍ୟ କରିବାକୁ ପଡୁଥଲା। ଏହା ଭିତରେ ତାଙ୍କ ସ୍ୱାମୀଙ୍କ ଦେହାନ୍ତ ହେବାରୁ ତାଙ୍କ ୪ ପିଲାଙ୍କ ଦାୟିତ୍ୱ ତାଙ୍କୁ ନେବାକୁ ପଡିଲା। ସେ ସେତେବେଳେ ଟଙ୍କା ପାଇବା ପାଇଁ ଦୁନିଆର ସବୁଠାରୁ ଅସୁନ୍ଦର ପ୍ରତିଯୋଗିତାରେ ଭାଗ ନେଲେ। ସେଥିରେ ଜିତିବା ପରେ ସେ କୋନୀ ଦ୍ୱୀପରେ ଡ୍ରିମ୍‌ଲ୍ୟାଣ୍ଡ ସର୍କସରେ ନିଜର ସ୍ଥାନ ପକ୍କା କରିଥିଲେ। ୧୯୩୩ରେ ତାଙ୍କର ମୃତ୍ୟୁ ହୋଇଥିଲା।



ପ୍ରୋ-କବାଡ଼ି ଲିଗ୍‌ରେ ସୋମବାର ବେଙ୍ଗଲ ୱାରିୟର୍ସ ଓ ଜୟପୁର ପିଙ୍କ୍ ପାନ୍ଥର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ପିଙ୍କ୍ ପାନ୍ଥର୍ସଙ୍କୁ ହରାଇଲା ୱାରିୟର୍ସ

**ବେଙ୍ଗାଲୁରୁ, ୩।୧ (ପି.ଟି.):** ଅଧିନାୟକ ମନିନ୍ଦର ସିଂ ଓ ଅଲରାଉଣ୍ଡର ମହମ୍ମଦ ନବିବକ୍ସଙ୍କ ପ୍ରଭାବୀ ପ୍ରଦର୍ଶନ ସହାୟତାରେ ଗତଥରର ଚାମ୍ପିୟନ ବେଙ୍ଗଲ ୱାରିୟର୍ସ ସୋମବାର ପ୍ରୋ-କବାଡ଼ି ଲିଗ୍‌ରେ ଜୟପୁର ପିଙ୍କ୍ ପାନ୍ଥର୍ସଙ୍କୁ ୩୧-୨୮ରେ ହରାଇ ଦେଇଛି। ମନିନ୍ଦର ୧୩ ପଏଣ୍ଟ ସ୍କୋର କରିଥିବାବେଳେ ନବିବକ୍ସ ଅନ୍ତିମ ମିନିଟ୍‌ରେ ସୁପର ଟ୍ୟାକଲ ସହ ୧୦ ପଏଣ୍ଟ ସ୍କୋର କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପିଙ୍କ୍ ପାନ୍ଥର୍ସ ପକ୍ଷରୁ ଅର୍ଜୁନ ଦେଶୱାଲ ଏକମାତ୍ର ଭଲ ପ୍ରଦର୍ଶନ କରିଥିଲେ। ସେ ଗେମ୍‌ରେ ମୋଟ ୧୬ ପଏଣ୍ଟ ସ୍କୋର କରିଥିଲେ। ତାଙ୍କ ଅନ୍ତିମ ରେଡ୍ ପ୍ରଚେଷ୍ଟା ବିଫଳ ହେବାରୁ ଜୟପୁରର ମ୍ୟାଚ ଜିତିବା ସୁଯୋଗ ହାତଛଡ଼ା ହୋଇଯାଇଥିଲା।

# ବେଙ୍ଗଲ ରଣ୍‌ଜୀ ଦଳରେ କ୍ରୀଡ଼ାମନ୍ତ୍ରୀ

**କୋଲକାତା, ୩।୧ (ପି.ଟି.)**

ଭେଟେରାନ ବ୍ୟାଟର ମନୋଜ ତିୱାରୀଙ୍କୁ ସୋମବାର ବେଙ୍ଗଲର ୨୧ଜଣିଆ ରଣଜୀ ଟ୍ରଫି ଦଳରେ ସ୍ଥାନ ମିଳିଛି। ରାଜ୍ୟରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପାର୍ଟିରେ ରାଜନୈତିକ ପଦାର୍ପଣ କରିବା ତାଙ୍କର ବର୍ଷେ ପୂରିନାହିଁ। ୩୬ ବର୍ଷୀୟ ବେଙ୍ଗଲର ପୂର୍ବତନ ଅଧିନାୟକ ମନୋଜ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ସରକାରରେ କ୍ରୀଡ଼ା ଓ ଯୁବ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅଛନ୍ତି। ବେଙ୍ଗଲ ଦଳରେ ଯୋଗଦାନ କରିବା ଦ୍ୱାରା ସେ ତାଙ୍କ ୧୭ତମ ବର୍ଷ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଜାରି ରଖିଛନ୍ତି। ତିୱାରୀ ଶେଷଥର ପାଇଁ ବେଙ୍ଗଲ ତରଫରୁ ୨୦୨୦ ମାର୍ଚ୍ଚରେ ସୌରାଷ୍ଟ୍ର ବିପକ୍ଷ ରଣଜୀ ଫାଇନାଲ ଖେଳିଥିଲେ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ସେ ଟିଏମ୍‌ସିରେ ଯୋଗଦାନ କରିଥିଲେ। ସେ ଶିବପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ଭାଜପାର ରଥୀନ ଚକ୍ରବର୍ତ୍ତୀଙ୍କୁ ପରାସ୍ତ କରିଥିଲେ। ଇଞ୍ଜୁରୀ ଯୋଗୁ ସେ କୋଭିଡ୍‌ରେ ବାଧାପ୍ରାପ୍ତ ଗତ ସିଜନରେ ଖେଳି ନ ଥିଲେ। କିନ୍ତୁ ବର୍ତ୍ତମାନ ସେ ଅଭିମନ୍ୟୁ ଇଶ୍ୱରନଙ୍କ ନେତୃତ୍ୱାଧୀନ ବେଙ୍ଗଲ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଦର୍ଭ, ରାଜସ୍ଥାନ, କେରଳ, ହରିୟାଣା ଓ ତ୍ରିପୁରା ସମେତ ବେଙ୍ଗଲ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି। ଜାନୁୟାରୀ ୧୩ରେ ଦଳ ଏହାର ପ୍ରଥମ ମ୍ୟାଚ୍ ତ୍ରିପୁରା ବିପକ୍ଷରେ ଖେଳିବ।



ମନୋଜ ତିୱାରୀ।

ସୂଚନାଯୋଗ୍ୟ, ବେଙ୍ଗଲ ରଣଜୀ କ୍ରିକେଟ ଦଳର ୭ଜଣ ଖେଳାଳି କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ଘରୋଇ କ୍ରିକେଟ ଟୁର୍ନାମେଣ୍ଟରେ ଅଭିଯାନ ଆରମ୍ଭ କରିବା ପୂର୍ବରୁ ଦଳ ପାଇଁ ଶକ୍ତ ଧକ୍କା ହୋଇଛି। ବର୍ତ୍ତମାନର ମହାମାରୀ ପରିସ୍ଥିତିକୁ ନେଇ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ତରଫରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବେଙ୍ଗଲ କ୍ରିକେଟ ଦଳର ସମସ୍ତ ସଦସ୍ୟଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ କରାଯାଇଥିଲା। ଖବର ଅନୁସାରେ ବେଙ୍ଗଲର ୬ଜଣ ଖେଳାଳି ସୁଦୀପ ଚାଟାର୍ଜୀ, ଅନୁଷ୍ଟୁପ ମଜୁମଦାର, କାଜି ଜୁନେଦ ସୈଫି, ଗୀତ୍ ପୁରୀ, ପ୍ରଦୀପ୍ତ ପ୍ରମାଣିକ ଓ ସୁରଜିତ ଯାଦବ ଏବଂ ସହକାରୀ କୋଚ୍ ସୌରଶିଷ ଲାହିରି କରୋନା ସଂକ୍ରମିତ ହୋଇଛନ୍ତି। ସଲ୍ଟଲେକ୍‌ସ୍ଥିତ ଯାଦବପୁର ୟୁନିଭର୍ସିଟି ଦ୍ୱିତୀୟ କ୍ୟାମ୍ପସ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଇଣ୍ଟ୍ରା-ସ୍କ୍ୱାର୍ଡ ୱାର୍ମଅପ୍‌ରେ ଏହି ସମସ୍ତ ୭ଜଣ ଉପସ୍ଥିତ ରହିଥିଲେ। ସେମାନେ କେଉଁ ଷ୍ଟ୍ରେନ୍‌ରେ ଆକ୍ରାନ୍ତ ତାହା ସ୍ପଷ୍ଟ ହୋଇ ନାହିଁ। କିନ୍ତୁ ପ୍ରୋଟୋକଲ ଅନୁସାରେ ସେମାନଙ୍କୁ ଆଇସୋଲେଶନରେ ରଖାଯାଇଛି।

# ୨୦୦୫ ବିଦ୍ୟାର୍ଥୀ, ୮୨୬ କୋଚଙ୍କ ନାମ ପଞ୍ଜୀକୃତ

**ଭୁବନେଶ୍ୱର, ୩।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ୨୦୨୨ ବର୍ଷ ଲାଗି ଆୟୋଜିତ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଲାଗି ଯୁବବର୍ଗଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି। ୨୯ ଡିସେମ୍ବର ୨୦୨୧ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୫ ଜାନୁୟାରୀ ୨୦୨୨ ପର୍ଯ୍ୟନ୍ତ ଚାଲିବ। ଏଥିରେ ଇତିମଧ୍ୟରେ ୨୦୦୫ଜଣ ବିଦ୍ୟାର୍ଥୀ ଏବଂ ୮୨୬ଜଣ କୋଚ୍ ନିଜର ନାମ ପଞ୍ଜୀକରଣ କରିସାରିଲେଣି। କ୍ରୀଡ଼ା ପ୍ରତି ଯୁବବର୍ଗଙ୍କ ମଧ୍ୟରେ ରୁଚି ଓ ବଢୁଥିବା ଆଗ୍ରହକୁ ଦେଖି ଆସନ୍ତା ୧୫ ତାରିଖ ସୁଦ୍ଧା ସଂଖ୍ୟା ୧୦ ହଜାର ପାର ହୋଇଯିବ ବୋଲି ବିଭାଗ ଆଶା ରଖିଛି। କ୍ରୀଡ଼ାକୁ ଅଧିକ ପ୍ରୋତ୍ସାହିତ କରିବା ଏବଂ ଭବିଷ୍ୟତରେ ରାଜ୍ୟରୁ ଅଧିକ ମାତ୍ରାରେ କ୍ରୀଡ଼ା ତାରକା ସୃଷ୍ଟି ଲକ୍ଷ୍ୟରେ ବିଭାଗ ପକ୍ଷରୁ ୮ରୁ

**କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ**

୧୮ ବର୍ଷ ବୟସର ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। କ୍ରୀଡ଼ା ପ୍ରତି ରୁଚି ରଖିଥିବା ବିଦ୍ୟାର୍ଥୀ ଏବଂ କୋଚ www.department.sportsodisha.gov.in ମାଧ୍ୟମରେ ନିଜର ନାମ ପଞ୍ଜୀକରଣ କରିପାରିବେ। କ୍ରୀଡ଼ା ଶିକ୍ଷକ/ପ୍ରଶିକ୍ଷକମାନେ ନିଜ ନାମ ପଞ୍ଜୀକରଣ କରାଇ ଓଡ଼ିଶା ପାଇଁ ଭବିଷ୍ୟତର କ୍ରୀଡ଼ା ତାରକା ଅନ୍ୱେଷଣ କରିବା କାର୍ଯ୍ୟରେ ସରକାରଙ୍କ ସହଭାଗୀ ହେବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ବିଭିନ୍ନ ପର୍ଯ୍ୟାୟରେ ଉପଯୁକ୍ତ ପରୀକ୍ଷଣ ମାଧ୍ୟମରେ କ୍ରୀଡ଼ା ପ୍ରତିଭା ଚୟନ କରାଯିବ। ଏହି ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ପ୍ରତିଭାମାନେ ରାଜ୍ୟସରକାରଙ୍କ କ୍ରୀଡ଼ା ଛାତ୍ରାବାସ କିମ୍ବା ଛାତ୍ରାବାସ ବାହାରେ ରହି ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଶୃଙ୍ଖଳରେ ପ୍ରଶିକ୍ଷଣ ଲାଭ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଟପ୍ ଟେନ୍‌କୁ ଫେରିଲେ ଜ୍ୟୋତ୍ସ୍ନା

**ନୂଆଦିଲ୍ଲୀ, ୩।୧ (ପି.ଟି.):** ପ୍ରଫେଶନାଲ ସ୍କ୍ୱାଶ ଆସୋସିଏଶନ (ପିଏସ୍ଏ) ୱାର୍ଲ୍ଡ ର୍ୟାଙ୍କିଙ୍ଗରେ ଭାରତର ଅଗ୍ରଣୀ ସ୍କ୍ୱାଶ ଖେଳାଳି ଜ୍ୟୋତ୍ସ୍ନା ଚିନାପ୍ପା ଟପ୍ ଟେନ୍‌କୁ ଫେରିଛନ୍ତି। ୨୦୧୬ ପରେ ଏହି ୩୫ ବର୍ଷୀୟା ଖେଳାଳି ପ୍ରଥମ ଥର ତାଙ୍କ କ୍ୟାରିୟର ଶ୍ରେଷ୍ଠ ଟପ୍ ୧୦ସ୍ଥାନରେ ପହଞ୍ଚିଛନ୍ତି। ପୁରୁଷ ବିଭାଗରେ ସୌରଭ ଘୋଷାଲ ଗୋଟିଏ ସ୍ଥାନ ତଳକୁ ଖସି ୧୬ତମ ସ୍ଥାନରେ ରହିଛନ୍ତି। କାର୍ଯ୍ୟସୂଚୀରେ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରହିଥିବାରୁ ଭାରତୀୟ ସ୍କ୍ୱାଶ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ। ଚଳିତ ବର୍ଷ ପ୍ରାରମ୍ଭରେ ଯମଜ ସନ୍ତାନର ମାତୃତ୍ୱ ଲାଭ କରିଥିବା ପୂର୍ବତନ ଟପ୍ ୧୦ ଖେଳାଳି ଦୀପିକା ପାଲିକଲ ଖୁବ୍‌ଶୀଘ୍ର ଆକ୍ସନକୁ ଫେରିବେ ବୋଲି ଆଶା କରାଯାଉଛି। ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପାଲିକଲ ଓ ଚିନାପ୍ପା ମହିଳା ଡବଲ୍ସରେ ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିଥିଲେ। ସେମାନେ ଚଳିତବର୍ଷ ଯଥାକ୍ରମେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସ ଆୟୋଜକ ବର୍ମିଂହାମ୍ ଓ ହାଙ୍ଗ୍‌ଝୋଠାରେ ପାର୍ଟନର ହୋଇ ଖେଳିବେ ବୋଲି ଆଶା କରାଯାଉଛି।

# ରାମେଶ୍ୱର କପ୍ ଜୁନିୟର କ୍ରିକେଟ ୫ରୁ

**ଭୁବନେଶ୍ୱର, ୩।୧ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ଅନ୍ୟତମ ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ଅମରେନ୍ଦ୍ର ପ୍ରସାଦ ବଳଙ୍କ ସ୍ମୃତିରେ ୪ର୍ଥ ରାମେଶ୍ୱର କପ୍ ଜୁନିୟର (୧୫ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୫ ତାରିଖରୁ ଆରମ୍ଭ ହେବ। ମ୍ୟାଚଗୁଡ଼ିକ ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ମ୍ୟାଚଗୁଡ଼ିକ ୪୦ ଓଭରବିଶିଷ୍ଟ ହେବ ଏବଂ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ନିୟମ ଅନୁସାରେ ନକ୍‌ଆଉଟ୍ ଭିତ୍ତିରେ ହେବ ବୋଲି ରାମେଶ୍ୱର ସ୍ପୋର୍ଟିଂ କ୍ଲବ ସମ୍ପାଦକ ଦୀପକ ମଙ୍ଗରାଜ ଜଣାଇଛନ୍ତି। ଟୁର୍ନାମେଣ୍ଟରେ ଭାଗ ନେବାକୁ ଯାଉଥିବା ଦଳଗୁଡ଼ିକ ହେଲେ ରାମେଶ୍ୱର 'ଏ', ଓସ୍କାର, ବିବିସିଏ, ଟାଉନ୍ କ୍ଲବ, ରାମେଶ୍ୱର 'ବି', ଗ୍ରୀନ୍ସ, ପାରାମାଉଣ୍ଟ ଓ ସହିଦ ସ୍ପୋର୍ଟିଂ। ୫ ତାରିଖରେ ରାମେଶ୍ୱର 'ଏ' ଓ ଓସ୍କାର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ୬ରେ ବିବିସିଏକୁ ଭେଟିବ ଟାଉନ୍ କ୍ଲବ। ୭ ତାରିଖରେ ପ୍ରଦର୍ଶନୀ ମ୍ୟାଚ ଏବଂ ୮ରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ। ୯ରେ ରାମେଶ୍ୱର 'ବି'-ଗ୍ରୀନ୍ସ ଏବଂ ୧୦ରେ ପାରାମାଉଣ୍ଟ-ସହିଦ ସ୍ପୋର୍ଟିଂ ପରସ୍ପରକୁ ଭେଟିବାପରେ ୧୧ ତାରିଖରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ୧୨ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୧,୧୧୧ ଏବଂ ରନର୍ସଅପ୍ ଦଳକୁ ୬,୬୬୬ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରତି ଖେଳର ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ଶେଷରେ ଶ୍ରେଷ୍ଠ ବ୍ୟାଟର, ବୋଲର, ଫିଲ୍ଡର ଏବଂ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପ୍ରଦାନ କରାଯିବ ବୋଲି ଦୀପକ ପ୍ରକାଶ କରିଛନ୍ତି।

# ଫାଇନାଲରେ ପାରାମାଉଣ୍ଟ




ସେକ୍ ନାକ୍ୱିବ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୩।୧ (କ୍ରୀଡ଼ା ପ୍ରତିନିଧି)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୩ ବର୍ଷରୁ କମ୍ ସିଦ୍ଧାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଆୟୋଜକ ଦଳ ପ୍ରବେଶ କରିଛି। ଲିଗ୍ ପାର୍ଯ୍ୟାୟରେ କ୍ରମାଗତ ୩ଟି ମ୍ୟାଚ ଜିତି ପାରାମାଉଣ୍ଟ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଜୁଭେନାଇଲ କ୍ଲବକୁ ୯ ଉଇକେଟରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜୁଭେନାଇଲ ୨୮.୪ ଓଭରରେ ୭୭ ରନକରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ପ୍ରୀତେଶ ମିଶ୍ର ସର୍ବାଧିକ ୩୭ ରନ କରିଥିଲେ। ବିପକ୍ଷ ଦଳର ସେକ୍ ନାକ୍ୱିବ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ସାତ୍ତ୍ୱିକ ସୁବୁଦ୍ଧିଙ୍କୁ ୨ଟି ଉଇକେଟ ମିଳିଥିଲା। ୭୮ ରନ ବିଜୟ ଲକ୍ଷ୍ୟକୁ ପାରାମାଉଣ୍ଟ ୨୦.୧ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ପ୍ରତୀକ ପ୍ରୀୟାଂଶୁ ନାୟକ ୨୮ ଓ ସ୍ୱାଗତ ସ୍ୱରୂପ ମିଶ୍ର ୨୪ ରନକରି ଅପରାଜିତ ରହିଥିଲେ। ସେକ୍ ନାକ୍ୱିବ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ମୃତ୍ୟୁଞ୍ଜୟ ତ୍ରୀପାଠୀ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ରାମେଶ୍ୱର ସ୍ପୋର୍ଟିଂ ସମ୍ପାଦକ ଦୀପକ ମଙ୍ଗରାଜ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ପ୍ରଦୀପ ଜେନା ଓ ଲୁଲୁ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ। ରମେଶ କୁମାର ନାୟକ ସ୍କୋରର ଥିଲେ।

# ଯୌନ ଶୋଷଣର ଶିକାର ହୋଇଥିଲେ ପୂର୍ବତନ କ୍ରିକେଟର ମିଚେଲ

**ମେଲବୋର୍ନ, ୩।୧ (ପି.ଟି.):** ୧୯୮୫ରେ ଶ୍ରୀଲଙ୍କା ଟୁର୍ ସମୟରେ ସେ ଟିମ୍ ଅଫିସିଆଲଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ଅଷ୍ଟ୍ରେଲିଆର ପୂର୍ବତନ ୧୯ ବର୍ଷରୁ କମ୍



କ୍ରିକେଟର ଜେମି ମିଚେଲ ଅଭିଯୋଗ ଆଣିଛନ୍ତି। ମିଚେଲଙ୍କୁ ବର୍ତ୍ତମାନ ୫୫ବର୍ଷ। ଟିମ୍‌ର ଜଣେ ଡାକ୍ତର ତାଙ୍କୁ ନିଦ ବଟିକା ଦେବା ପରେ ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ଅଷ୍ଟ୍ରେଲିଆନ ବ୍ରଡକାଷ୍ଟିଂ କର୍ପୋରେଶନ (ଏବିସି)କୁ ଏକ ସାକ୍ଷାତ୍‌କାର ଦେଇ ସେ ଏହି ଅଭିଯୋଗ ଆଣିଛନ୍ତି। ସେହି ଟୁର୍ ସମୟରେ ମିଚେଲ ୧୮ ବର୍ଷୀୟ ବ୍ୟାଟର ଥିଲେ। ଜାତୀୟ ଦଳର ଜଣେ ଫିଡର ଭାବେ ତାଙ୍କୁ ୧୯ ବର୍ଷରୁ କମ୍ ଦଳରେ ସାମିଲ କରାଯାଇଥିଲା। ଅଷ୍ଟ୍ରେଲିଆ ପୋଲିସ ବର୍ତ୍ତମାନ ମିଚେଲଙ୍କ ଅଭିଯୋଗର ତଦନ୍ତ ଆରମ୍ଭ କରିଛି। ତଦନ୍ତରେ ସହଯୋଗ କରିବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ନିର୍ଭର ପ୍ରତିଶ୍ରୁତି ଦେଇଛି। ଗତ ଅଗଷ୍ଟରେ ଅନ୍‌ଲାଇନ୍‌ରେ ଏକ ଟିମ୍ ଫଟୋ ଦେଖିବାରେ ମିଚେଲ କ୍ରିକେଟ ଅଷ୍ଟ୍ରେଲିଆଠାରୁ ତାଙ୍କ ପ୍ରଶ୍ନର ଉତ୍ତର ଚାହିଁଥିଲେ। ସେ ଏ ବିଷୟରେ ସରକାରଙ୍କ ଭ୍ରଷ୍ଟାଚାର ଓ ଦୁର୍ବ୍ୟବହାର ବ୍ୟାପାର ବୁଝାଶୁଝା କରୁଥିବା ବିଭାଗର ଦୃଷ୍ଟିଆକର୍ଷଣ କରିଛନ୍ତି। ଏହି ବିଭାଗ ଫେଡେରାଲ ପୋଲିସ ସହ ଯୋଗାଯୋଗରେ ରହିଛି। ମିଚେଲଙ୍କ ଓକିଲ କହିଛନ୍ତି, ଏହି ଟୁର୍ ତାଙ୍କୁ ଗଭୀର ମାନସିକ ଆଘାତ ଦେଇଥିଲା। ତାହାକୁ ସେ ଆଦୌ ଭୁଲିପାରୁ ନାହାନ୍ତି। ଟୁର୍ ବେଳେ ଏସବୁ ଘଟଣା ପଛରେ କି କାରଣ ଥାଇପାରେ ସେ ସବୁର ଉତ୍ତର ଅପେକ୍ଷାରେ ସେ ଅଛନ୍ତି। ୧୯୮୫ ଟୁର୍‌କୁ ନେଇ ତଦନ୍ତ ଆରମ୍ଭ ହୋଇଥିବାରୁ ସେ ବର୍ତ୍ତମାନ ଅଶ୍ୱସ୍ତି ଅନୁଭବ କରୁଥିବା ଏବିସି ୱେବ୍‌ସାଇଟ୍‌କୁ କହିଛନ୍ତି।

# ସେମିଫାଇନାଲରେ ଚାନ୍ଦ କ୍ଲବ କେନ୍ଦ୍ରାପଡ଼ା

**ଟିଗିରିଆ, ୩।୧ (ଡି.ଏନ୍.ଏ.)**

**ଅକ୍ଷୟ ମଲ୍ଲିକ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ଦିବ୍ୟଜ୍ୟୋତି ଆସୋସିଏଶନ ପକ୍ଷରୁ ଆୟୋଜିତ ୪ର୍ଥ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ାର ଚାନ୍ଦ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚ ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର ଓ ଚାନ୍ଦ କ୍ଲବ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଚାନ୍ଦ କ୍ଲବର କାହ୍ନା ସ୍ୱାଇଁ ୨ ଓ ନନ୍ଦୁ ରାଉତ, ପ୍ରକାଶ ପ୍ରଧାନ ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ। ଅପରପକ୍ଷେ ୟୁନାଇଟେଡ କ୍ଲବ କୌଣସି ଗୋଲସ୍କୋର କରିପାରି ନ ଥିଲା। ଫଳରେ ଚାନ୍ଦ କ୍ଲବ ୪-୦ ଗୋଲରେ ବିଜୟୀ ହୋଇଛି। ମୁଖ୍ୟ ଅତିଥିଭାବେ ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ବିଶ୍ୱବିକାଶ ରାଉତରାୟ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ଅରୁଣ କୁମାର ନାୟକ ମ୍ୟାଚ ପରିଚାଳନା କରିଥିଲେ। ତାଙ୍କୁ ଲାଇନରେ ବ୍ରହ୍ମାନନ୍ଦ ଭୋଇ ଓ ସଞ୍ଜୀବ ଦାଶ ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ପ୍ରତାପ ଦାଶ ଓ ସୁବାସ ମୁଦୁଲି କାର୍ଯ୍ୟ ସମ୍ପାଦନ କରିଥିଲେ ।



ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ସୋମବାର ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଦୁଇ ଦଳର ଖେଳାଳିମାନେ।

## ଶିବମ ଦୁବେ, ଭିଡିଓ ଆନାଲିଷ୍ଟଙ୍କୁ କରୋନା

**ମୁମ୍ବାଇ, ୩।୧ (ପି.ଟି.):** ମୁମ୍ବାଇର ବିସ୍ଫୋରକ ଅଲ୍‌ରାଉଣ୍ଡର ଶିବମ୍ ଦୁବେ ଓ ଦଳର ଭିଡିଓ ଆନାଲିଷ୍ଟଙ୍କର କୋଭିଡ୍ ଟେଷ୍ଟ ଫଳାଫଳ ପଜିଟିଭ ଆସିଛି। ଫଳରେ ମୁମ୍ବାଇର ୨୦ ଜଣିଆ ରଣ୍‌ଜୀ ଦଳରେ ଦୁବେଙ୍କ ସ୍ଥାନରେ ସିରାଜ ପାଟିଲଙ୍କୁ ସାମିଲ କରାଯାଇଛି। ୨୮ ବର୍ଷୀୟ ଦୁବେ ଭାରତ ତରଫରୁ ଗୋଟିଏ ଅନ୍ତର୍ଜାତୀୟ ଦିନିକିଆ ଓ ୧୩ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ତାଙ୍କୁ ମହାରାଷ୍ଟ୍ର ଓ ଦିଲ୍ଲୀ ବିପକ୍ଷ ମ୍ୟାଚ ପାଇଁ ମୁମ୍ବାଇ ଦଳରେ ନିଆଯାଇଥିଲା। ୪୧ଥର ରଣଜୀ ଚାମ୍ପିୟନ ମୁମ୍ବାଇ ଏଲିଟ୍ ଗ୍ରୁପ୍ ସି'ରେ ସ୍ଥାନ ପାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୪/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Tuesday, January 4/2022



**ଏକଲବ୍ୟ ପୁରସ୍କାର ପାଇଲେ ଋତପର୍ଣ୍ଣା**

ରାଜ୍ୟର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳା ବ୍ୟାଡ୍‌ମିଣ୍ଟନ ତାରକା ଋତପର୍ଣ୍ଣା ପଣ୍ଡା ସୋମବାର ଏକଲବ୍ୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

୦୮

୦୨

**ରେହମ ଖାନ୍‌ଙ୍କ କାର୍ ଉପରେ ଆକ୍ରମଣ**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପୂର୍ବତନ ସ୍ତ୍ରୀ ତଥା ସାମାଜିକ କର୍ମୀ ରେହମ ଖାନ୍‌ଙ୍କ କାର୍ ଉପରେ ଗୁଳିମାଡ଼ କରାଯାଇଛି।





୧୫ରୁ ୧୮ ବର୍ଷୀୟଙ୍କ ଟିକାକରଣ ସୋମବାରଠାରୁ ଆରମ୍ଭ ହୋଇଥିବାରୁ କଟକ ସିଟି ହସ୍ପିଟାଲରେ ଟିକା ପାଇଁ ଲାଗିଥିବା ଧାଡ଼ି।

# ମୋଦି ଅହଂକାରୀ: ସତ୍ୟପାଲ୍

## ରାଜ୍ୟପାଳଙ୍କ ଭାଷଣକୁ ନେଇ ତୁମ୍ବିତୋଫାନ

■ ପ୍ରଧାନମନ୍ତ୍ରୀଙ୍କ ଆଚରଣ ଚିନ୍ତାଜନକ: କଂଗ୍ରେସ

**ନୂଆଦିଲ୍ଲୀ, ୩।୧**

ମେଘାଳୟ ରାଜ୍ୟପାଳ ସତ୍ୟପାଲ୍ ମଲିକଙ୍କ ଭାଷଣର ଏକ ଭିଡିଓକୁ ନେଇ ଏବେ ରାଜନୈତିକ ମହଲରେ ତୁମ୍ବିତୋଫାନ ସୃଷ୍ଟି ହୋଇଛି। ଉକ୍ତ ଭିଡିଓରେ ସେ ମୋଦିଙ୍କୁ ଅହଙ୍କାରୀ ବୋଲି କହିଥିବା ଜଣାପଡ଼ିଛି। ହରିୟାଣାର ଦାଦ୍ରିଠାରେ ରବିବାର ଏକ ସମାବେଶକୁ ଉଦ୍‌ବୋଧନ ଦେବା ଅବସରରେ ସତ୍ୟପାଲ କୃଷି ଆଇନ ସମ୍ପର୍କରେ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ହୋଇଥିବା ଆଲୋଚନା ସମ୍ପର୍କରେ କହିଥିଲେ। କୃଷି ଆଇନକୁ ନେଇ ଆନ୍ଦୋଳନ ଚାଲିଥିବାବେଳେ ୫୦୦ଚାଷୀଙ୍କ ମୃତ୍ୟୁ ଘଟିଥିବା ସମ୍ପର୍କରେ ସତ୍ୟପାଲ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ଜବାବରେ ମୋଦି ପ୍ରଶ୍ନ କରିଥିଲେ, ଚାଷୀମାନେ କ'ଣ ମୋ ପାଇଁ ମଲେ। ସତ୍ୟପାଲ କହିଥିଲେ, ତୁମେ ଶାସନକର୍ତ୍ତା (କିଙ୍ଗ୍) ହୋଇଥିବାରୁ କୃଷକଙ୍କ ମୃତ୍ୟୁ ପାଇଁ ଦାୟୀ। ଏପରି କି ଗୋଟିଏ କୁକୁର ମରିଗଲେ ଆପଣ ଶୋକବାର୍ତ୍ତା ପଠାନ୍ତି ବୋଲି ସତ୍ୟପାଲ୍ କହିଥିଲେ। ତେବେ ଏହି ପ୍ରସଙ୍ଗରେ



ସତ୍ୟପାଲ୍ ମଲିକ।

କଥାକୁ ଆଗକୁ ନ ବଢ଼ାଇ ସେଇଠି ଶେଷ କରିଥିଲେ। ତେବେ ମୋଦି ତାଙ୍କୁ ଅମିତ୍ ଶାହାଙ୍କୁ ଭେଟିବାକୁ କହିଥିଲେ। ସେହି ଅନୁସାରେ ସତ୍ୟପାଲ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କୁ ଭେଟିବାରୁ ସେ ବିବ୍ରତ ନ ହେବାକୁ ପରାମର୍ଶ ଦେଇଥିଲେ। ଆନ୍ଦୋଳନବେଳେ କୃଷକମାନଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାକୁ ପ୍ରତ୍ୟାହାର କରିବାକୁ ରାଜ୍ୟପାଳ ସତ୍ୟପାଲ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ ଏମ୍‌ଏସ୍‌ପି (ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ) ଉପରେ ଆଇନଗତ ଗ୍ୟାରେଣ୍ଟି ଦେବା ସରକାରଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। ଆନ୍ଦୋଳନ ସ୍ଥଗିତ ରହିଛି, ଏହା ଶେଷ ହୋଇଗଲା ବୋଲି ସରକାର ଭାବିବା ଠିକ୍ ନୁହେଁ। ଅନ୍ୟାୟ ହେଲେ ପୁଣିଥରେ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସତ୍ୟପାଲ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ମୁଣ୍ଡ କାମ କରୁନାହିଁ, ତୁମେ ଚିନ୍ତା କରନାହିଁ, ଆମ ସହ ଯୋଗାଯୋଗ କରବୋଲି ଶାହା ସତ୍ୟପାଲଙ୍କୁ ପରାମର୍ଶ ଦେଇଥିବା ଭିଡିଓରେ ଉଲ୍ଲେଖ ରହିଛି।

ଚାଷୀ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କୁ ଅହଂକାରୀ ବୋଲି ରାଜ୍ୟପାଳ କହିବା ଏବଂ ଅମିତ୍ ଶାହା ମୋଦିଙ୍କୁ ☞ପୃଷ୍ଠା-୫

# ପ୍ରଥମ ଦିନରେ ୮୦ ହଜାର ନେଲେ ଟିକା

■ ୧୫ରୁ ୧୮ ବର୍ଷୀୟଙ୍କ ଟିକାକରଣ ଆରମ୍ଭ

■ ଦେଶରେ ୧୬ ଲକ୍ଷ

**ଭୁବନେଶ୍ୱର, ୩।୧(ବ୍ୟୁରୋ)**

ସାରା ଦେଶରେ ସୋମବାରଠାରୁ ୧୫ରୁ ୧୮ ବର୍ଷ ପିଲାଙ୍କର ଟିକାକରଣ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଦେଶରେ ପ୍ରାୟ ୧୬ଲକ୍ଷରୁ ଊର୍ଦ୍ଧ୍ୱ ପିଲା ଟିକା ନେଇଛନ୍ତି। ଟିକାକରଣ ପାଇଁ ଗତ ୧ ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ଦେଶରେ ଏହି ବର୍ଗର ୭କୋଟି ୫୦ଲକ୍ଷ ପିଲା ଟିକା ନେବାକୁ ଯୋଗ୍ୟ ହୋଇଥିବାବେଳେ ପ୍ରାୟ ୨୭ଲକ୍ଷ ପଞ୍ଜୀକରଣ କରିଥିଲେ। ଏଥିମଧ୍ୟରୁ ୧୬ଲକ୍ଷରୁ ଊର୍ଦ୍ଧ୍ୱ ପିଲା ଟିକା ନେଇଥିବା କୋୱିନ୍ ପୋର୍ଟାଲରୁ ସୂଚନା ମିଳିଛି। ସେହିପରି ଓଡ଼ିଶାରେ ୮୦,୧୨୯ ଜଣ ପିଲା ଟିକା ନେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ସବୁ ବର୍ଗର ମୋଟ ୨,୮୬,୬୪୦ ଜଣଙ୍କର ଟିକାକରଣ ହୋଇଛି। ଏଥିମଧ୍ୟରେ ୧,୫୬,୮୯୦ ଜଣଙ୍କୁ କୋଭିଶିଲ୍ଡ ଏବଂ ୧,୨୯,୭୫୦ ଜଣଙ୍କୁ କୋଭାକ୍ସିନ୍ ଟିକା ଦିଆଯାଇଛି। ତେବେ ପିଲାମାନଙ୍କୁ କେବଳ କୋଭାକ୍ସିନ୍ ଟିକା ଦିଆଯାଇଥିଲା।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ରାଜ୍ୟରେ ସୋମବାର ୩,୨୦୪ ଟିକାକେନ୍ଦ୍ରରେ ଟିକାକରଣ ହୋଇଥିଲା। କେବଳ ୯୩୯ଟି ସ୍ୱତନ୍ତ୍ର କେନ୍ଦ୍ରରେ ପିଲାଙ୍କ ଟିକାକରଣ କରାଯାଇଥିଲା। ପୂର୍ବରୁ ଯେଉଁଠାରେ ଟିକା ଦିଆଯାଉଥିଲା ସେଠାରେ ମଧ୍ୟ ପିଲାଙ୍କୁ ଟିକା ଦିଆଯାଇଥିଲା। ପୂର୍ବାହ୍ନ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପିଲାଙ୍କୁ ଟିକା ଦିଆଯାଇଥିଲା। ଅନ୍ୟମାନଙ୍କୁ ଅପରାହ୍ନରେ ଟିକା ଦିଆଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ୨୦୦୭ କିମ୍ବା ତା' ପୂର୍ବରୁ ଯେଉଁ ପିଲା ଜନ୍ମ ହୋଇଛନ୍ତି ସେମାନେ ଟିକା ନେବା ପାଇଁ ଯୋଗ୍ୟ। ଯୋଗ୍ୟ ହିତାଧିକାରୀମାନେ



କୋୱିନ୍ ପୋର୍ଟାଲରେ ନାମ ପଞ୍ଜୀକରଣ କରିବେ। ଆଧାର କାର୍ଡ ନ ଥିଲେ ସ୍କୁଲ ଆଇ କାର୍ଡ ଦେଖାଇ ମଧ୍ୟ ପଞ୍ଜୀକରଣ କରିପାରିବେ। ଏଥିସହ ଟିକାକେନ୍ଦ୍ରରେ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ ସୂଚନା ଦେଇଥିଲେ। ରାଜ୍ୟରେ ଏକ ମାସ ଭିତରେ ପିଲାଙ୍କ ପ୍ରଥମ ଡୋଜ୍ ଟିକାକରଣ ଶେଷ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଲକ୍ଷ୍ୟ ରଖିଛି।

# ଅଧିକାରୀଙ୍କ ସୁରକ୍ଷାରେ ନକଲି ଶିକ୍ଷକ

## ତୁରନ୍ତ ବହିଷ୍କାର ପାଇଁ ସଚିବଙ୍କ ନିର୍ଦ୍ଦେଶ

**ଯାଜପୁର ଅଫିସ,୩।୧**

ନକଲି ପ୍ରମାଣପତ୍ର ଦେଇ ଚାକିରି କରୁଥିବା ଶିକ୍ଷକଙ୍କୁ ବହିଷ୍କାର କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏପରି କି ତଦନ୍ତରେ ଶିଥିଳତା, କାର୍ଯ୍ୟରେ ଅବହେଳା, ଉପଯୁକ୍ତ ତଦନ୍ତ କରୁ ନ ଥିବା ଅଧିକାରୀଙ୍କୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ପରିସରଭୁକ୍ତ କରାଯିବ। ଏହିସବୁ ପ୍ରକ୍ରିୟା ତୁରନ୍ତ ସମ୍ପନ୍ନ କରିବା ପାଇଁ ବିଭାଗୀୟ ପ୍ରମୁଖ ସଚିବ ଗତ ୧୬ ତାରିଖରେ ସମସ୍ତ ନିର୍ଦ୍ଦେଶକ, ଜିଲାପାଳ, ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କିତ ଏକ ପତ୍ର ସୋମବାର ଯାଜପୁର ଜିଲାପାଳଙ୍କ ହସ୍ତଗତ ହୋଇଛି। ତେବେ କେତେଜଣ ନକଲି ପ୍ରମାଣପତ୍ରଧାରୀ ଶିକ୍ଷକ ଉଚ୍ଚ କର୍ତ୍ତୃପକ୍ଷଙ୍କ ଛତ୍ରଛାୟା ତଳେ ରହିଥିବାରୁ ସେମାନଙ୍କ ବିରୋଧରେ ୫ ବର୍ଷ ହେଲା ଅଭିଯୋଗ ହେଉଥିଲେ ହେଁ କିଛି ସୁଫଳ ମିଳୁନାହିଁ।

ଅଭିଯୋଗ ଆଧାରରେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ପକ୍ଷରୁ ତାଲିକାଭୁକ୍ତ ନକଲି ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଗତ ଅକ୍ଟୋବର ୧୮ରେ ୨୩ଜଣ ଜିଲା ଶିକ୍ଷାଧିକାରୀ(ଡିଇଓ) ଓ ଜିଲା ପ୍ରକଳ୍ପ ସଂଯୋଜକ(ଡିପିସି) ଏବଂ ୫୫ ଜଣ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ଜବାବ ତଲବ ହୋଇଥିଲା। ନକଲି ପ୍ରମାଣପତ୍ରଧାରୀ ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର ଓ ଥାନାରେ ମାମଲା ରୁଜୁ କରିବାକୁ ଗତ ୧ ବର୍ଷ ମଧ୍ୟରେ ନିର୍ଦ୍ଦେଶାଳୟ ପକ୍ଷରୁ ୬ ଥର ନିର୍ଦ୍ଦେଶ ହୋଇଛି। କିନ୍ତୁ ସମ୍ପୃକ୍ତ ଅଧିକାରୀମାନେ ତାହାକୁ ଉଲ୍ଲଂଘନ କରିଆସୁଛନ୍ତି।

କଟକ ଜିଲା ସାଲେପୁର ଶିକ୍ଷା ଜିଲା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏଭଳି ଏକ ଅଭିଯୋଗ ରହିଛି। ନକଲି ଶିକ୍ଷକଙ୍କ ପ୍ରତି ଗଣଶିକ୍ଷା ବିଭାଗୀୟ ଅଧିକାରୀଙ୍କ ଅହେତୁକ ଅନୁକମ୍ପା ଓ ଅନୁଚିତ ଅନୁଗ୍ରହ ସମ୍ପର୍କରେ ଗୋବିନ୍ଦଚନ୍ଦ୍ର ପଣ୍ଡା ନାମକ ଜଣେ ବ୍ୟକ୍ତି ପୂର୍ବରୁ ବହୁବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଏହି ଶିକ୍ଷା ଜିଲା ଅଧୀନରେ ଶତାଧିକ ନକଲି ଶିକ୍ଷକ କାର୍ଯ୍ୟ କରୁଥିବାର ସୂଚନା ମିଳିଥିଲା। ଏନେଇ ୧୯୯୩ରେ ତତ୍କାଳୀନ ଡିଆଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏତଲା ଭିତ୍ତିରେ ୧୬।୪।୧୯୯୩ରେ ଏକ ମାମଲା (ନଂ.୧୧୯) ରୁଜୁ କରି ତଦନ୍ତ କରିଥିଲା। ସେତେବେଳେ କେତେଜଣ ନକଲି ଶିକ୍ଷକ ଗିରଫ ହୋଇଥିଲେ। ପରେ ନକଲି ଶିକ୍ଷକଙ୍କ ଚାପରେ ପୋଲିସର କାର୍ଯ୍ୟାନୁଷ୍ଠାନରେ ଶିଥିଳ ପଡ଼ିଥିଲା। ଏହାପରେ ରାଜ୍ୟ କ୍ରାଇମବ୍ରାଞ୍ଚ ହାତରେ ତଦନ୍ତଭାର ନ୍ୟସ୍ତ କରାଯାଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ ଆଧାର କରି ୨୦୦୩ ଅଗଷ୍ଟରେ ସାଲେପୁର ଡିଆଇଙ୍କ ସମେତ ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବିଡିଓଙ୍କୁ ନକଲି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ହୋଇଥିଲା। ଇତିମଧ୍ୟରେ ୧୮ ବର୍ଷ ବିତିଗଲାଣି। ହେଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଶୂନ ହୋଇଥିବାବେଳେ ନକଲି ଶିକ୍ଷକଙ୍କୁ ବିଭାଗ ତରଫରୁ ବାରମ୍ବାର ପୁରସ୍କୃତ କରାଯାଉଛି। ସାଲେପୁର ବ୍ଲକର ଏକ ବିଦ୍ୟାପୀଠରେ କାର୍ଯ୍ୟରତ ଜଣେ ନକଲି ☞ପୃଷ୍ଠା-୫

# ୫ରୁ କମିବ ଶୀତ

## ୧୧, ୧୨ରେ ପ୍ରବଳ ବର୍ଷା

**ଭୁବନେଶ୍ୱର,୩।୧(ବ୍ୟୁରୋ):** ଜଳବାୟୁ ପରିବର୍ତ୍ତନ ଯୋଗୁ ଚଳିତ ବର୍ଷ ଓଡ଼ିଶା ଭିତରକୁ ବାରମ୍ବାର ପଶ୍ଚିମା ବାୟୁ ପ୍ରବାହ ହେଉଛି। ଏଥିଯୋଗୁ ବର୍ଷା ମଧ୍ୟ ଲାଗିରହୁଛି। ଆସନ୍ତା ୮ ତାରିଖରୁ ୧୨ ତାରିଖ ଯାଏ ରାଜ୍ୟରେ ବର୍ଷା ହେବ। ୮ରୁ ୧୦ ତାରିଖ ମଧ୍ୟରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହେବ। କେତେକ ସ୍ଥାନରେ ଘଡ଼ଘଡି ସହ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି। ୧୦ ତାରିଖରୁ ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ବର୍ଷା ଆରମ୍ଭ ହେବ। ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର, ପୁରୀ, କଟକ, ଖୋର୍ଦ୍ଧା ଜିଲାର କେତେକ ସ୍ଥାନରେ ୧୧ ଓ ୧୨ ତାରିଖରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟ ପକ୍ଷରେ ରାଜ୍ୟରେ ଗତ ୨ଦିନ ହେବ ଶୀତ ସାମାନ୍ୟ ବୃଦ୍ଧି ପାଇଛି। ସର୍ବନିମ୍ନ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ରାଜ୍ୟର ୪ଟି ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳେ ଥିବା ବେଳେ ୧୬ଟି ସ୍ଥାନରେ ୧୫ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଆସନ୍ତା ୫ ତାରିଖରୁ ରାଜ୍ୟରେ ରାତ୍ରିର ତାପମାତ୍ରା ବୃଦ୍ଧି ପାଇବ। ଶୀତ କମିଯିବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ☞ପୃଷ୍ଠା-୫

# ଦୈନିକ ସଂକ୍ରମଣ ହାର ୦.୭୭%କୁ ବୃଦ୍ଧି

■ ଖୋର୍ଦ୍ଧାରେ ସଂକ୍ରମଣ ହାର ବଢ଼ିଲା

■ ରାଜ୍ୟରେ ୪୨୪ ଆକ୍ରାନ୍ତ ଚିହ୍ନଟ

■ ୨ ହଜାର ଟପିଲା ସକ୍ରିୟ ରୋଗୀ ସଂଖ୍ୟା



**ଭୁବନେଶ୍ୱର, ୩।୧(ବ୍ୟୁରୋ)**

ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ହାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରବିବାର ଦୈନିକ ସଂକ୍ରମଣ ହାର ୦.୬୯% ଥିବାବେଳେ ସୋମବାର ତାହା ୦.୭୭% ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୫୪,୭୯୩ ନମୁନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୪୨୪ଜଣ ପଜିଟିଭ୍ ବାହାରିଛନ୍ତି। ଫଳରେ ସଂକ୍ରମଣ ହାର ୦.୭୭%କୁ ବଢ଼ିଛି। ସେପଟେ ଖୋର୍ଦ୍ଧା ଜିଲାରେ ବି ସଂକ୍ରମଣ ହାର ବଢ଼ି ୩.୦୩% ଛୁଇଁଲାଣି। ଗତ ୨୪ ଘଣ୍ଟାରେ ଖୋର୍ଦ୍ଧା ଜିଲାରେ ୪,୯୭୮ ନମୁନା ପରୀକ୍ଷା କରାଯାଇଥିବା ବେଳେ ୧୫୧ଜଣ ପଜିଟିଭ୍ ବାହାରିଛନ୍ତି। ରାଜ୍ୟରେ ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୨୪୬ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଥିବାବେଳେ ୧୭୮ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେହିପରି ୪୭ଜଣ ୧୮ବର୍ଷରୁ କମ୍ ବୟସ୍କ ରହିଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୧୫୧, କଟକରୁ ୬୬, ବାଲେଶ୍ୱର ୨୯, ସୁନ୍ଦରଗଡ଼ ୨୭, ସମ୍ବଲପୁର ୨୨, ଝାରସୁଗୁଡ଼ା ୧୪, ପୁରୀରୁ ୧୨ ଜଣ ରହିଛନ୍ତି। ବାକି ସବୁ ଜିଲାରୁ ସଂକ୍ରମିତଙ୍କ ସଂଖ୍ୟା ୧୦ ତଳକୁ ରହିଛି। ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦,୫୫,୯୮୦କୁ ବୃଦ୍ଧି ପାଇଛି।

ସେପଟେ ସକ୍ରିୟ ରୋଗୀଙ୍କ ସଂଖ୍ୟା ପୁଣି ୨ହଜାର ଟପିଛି। ସୋମବାର ୧୭ଟି ଜିଲାରୁ ଆଉ ୧୪୬ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ଆରୋଗ୍ୟଙ୍କ ସଂଖ୍ୟା ୧୦,୪୫,୨୫୫ରେ ପହଞ୍ଚିଛି। ବର୍ତ୍ତମାନ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨,୨୦୯ ରହିଛି। ଏଥିମଧ୍ୟରୁ ଖୋର୍ଦ୍ଧାରେ ସର୍ବାଧିକ ୮୯୦ଜଣ ଥିବା ବେଳେ କଟକରେ ୧୯୯, ସୁନ୍ଦରଗଡ଼ରେ ୧୨୭, ସମ୍ବଲପୁରରେ ୧୦୯ ଜଣ ରହିଛନ୍ତି। କେବଳ କନ୍ଧମାଳ ବ୍ୟତୀତ ଅନ୍ୟ ସବୁ ଜିଲାରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ଶହେ ତଳକୁ ରହିଥିବା ବେଳେ ଗଜପତିରେ ସର୍ବନିମ୍ନ ୨ଜଣ ରହିଛନ୍ତି।

# ମୁଣ୍ଡା ସିମେଣ୍ଟ ଗୁଣ୍ଡ କରି ବିକ୍ରି କରୁଥିଲେ







କଟକ ଜଗତପୁର ଅଞ୍ଚଳରେ ଥିବା ନକଲି ସିମେଣ୍ଟ କାରଖାନା ଏବଂ ବିଭିନ୍ନ କମ୍ପାନୀର ଲୋଗୋ ଥିବା ପ୍ୟାକେଟ୍।

## ନକଲି ସିମେଣ୍ଟ ଗୋଦାମରେ ଚଢ଼ାଉ

■ ୧୫୦୦ ବସ୍ତା ସିମେଣ୍ଟ, ଟ୍ରକ୍, ଜରି ପ୍ୟାକେଟ୍ ଜବତ

**କଟକ ଅଫିସ,୩।୧**

କଟକ ଜିଲା ଜଗତପୁର ଥାନା ଅଧୀନ ପୀରବଜାର ଚମ୍ପତିଠାରେ ସୋମବାର ପୋଲିସ ଦୁଇଟି ନକଲି ସିମେଣ୍ଟ ଗୋଦାମ ଠାବ କରିଛି। ଚଢ଼ାଉବେଳେ ୧୫୦୦ରୁ ଊର୍ଦ୍ଧ୍ୱ ବସ୍ତା ନକଲି ସିମେଣ୍ଟ, ମୁଣ୍ଡା ସିମେଣ୍ଟ ଆଣିଥିବା ଏକ ଟ୍ରକ ଓ ୩ଟି ନାମୀଦାମୀ ବ୍ରାଣ୍ଡର ଜରି ପ୍ୟାକେଟ୍ ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା(ନଂ.୪/୨୨) ରୁଜୁ ହୋଇଛି। ଏହି ଘଟଣାରେ ଗୋଦାମ ମାଲିକ ବିଜୟ ମହାପାତ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ଆଇଆଇସି ରବୀନ୍ଦ୍ରନାଥ ମେହେର କହିଛନ୍ତି।

ଆଇଆଇସି ମେହେରଙ୍କ ସୂଚନା ଅନୁଯାୟୀ, ବ୍ରହ୍ମପୁରରୁ ମୁଣ୍ଡା ଓ ନଷ୍ଟ ସିମେଣ୍ଟକୁ ବସ୍ତା ପିଛା ୧୩୫ ଟଙ୍କାରେ କିଣାଯାଇ ଏଠାକୁ ଅଣାଯାଉଥିଲା। ଏଥିସହ ନାମୀଦାମୀ ବ୍ରାଣ୍ଡର ଜରି ପ୍ୟାକେଟ୍ ମଧ୍ୟ ସେଠାରୁ କିଣାଯାଉଥିଲା। ପରେ ଉକ୍ତ ଗୋଦାମରେ ମୁଣ୍ଡା ସିମେଣ୍ଟକୁ ଗୁଣ୍ଡ କରାଯାଇ ବସ୍ତାରେ ଭର୍ତ୍ତି କରାଯାଉଥିଲା। ବସ୍ତା ପିଛା ୩୫୦ ଟଙ୍କା ଦରରେ ବିକ୍ରି ପାଇଁ ବଜାରକୁ ପଠାଯାଉଥିଲା। ଅଧିକ ଲାଭ ଆଶାରେ ଏପରି କରାଯାଉଥିବା ମେହେର କହିଛନ୍ତି। ଏହି ଚଢ଼ାଉରେ ଏସିପି ଅମରେନ୍ଦ୍ର ପଣ୍ଡା, ଥାନାଧିକାରୀଙ୍କ ସମେତ ପୋଲିସ ଟିମ୍ ସାମିଲ ହୋଇଥିଲା।

ସୂଚନାଯୋଗ୍ୟ, କଟକ ନକଲି କାରଖାନାର ପେଣ୍ଠସ୍ଥଳୀ ପାଲଟିଛି। କିଛିମାସ ତଳେ କଟକରୁ ଅପମିଶ୍ରିତ ଘିଅ ଓ ତେଲ, ନକଲି ଜର୍ଦ୍ଦା, ସସ୍, ମସଲା ଭଳି ଏକାଧିକ ନକଲି କାରଖାନା ଠାବ କରାଯାଇଛି। କାରଖାନା ମାଲିକମାନେ ଅଧିକ ଲାଭ ଆଶାରେ ଅପମିଶ୍ରିତ ସାମଗ୍ରୀ ବିକ୍ରି କରି ଲାଭବାନ୍ ହେଉଥିବାବେଳେ ଲୋକମାନେ ଏହାକୁ ଖାଇ ରୋଗରେ ପଡୁଛନ୍ତି।

## ବୋଲସେନାରୋ ହସ୍ପିଟାଲରେ ଭର୍ତ୍ତି

ବ୍ରାଜିଲ ରାଷ୍ଟ୍ରପତି ଜେର ବୋଲ୍‌ସେନାରୋ ଅନ୍ତନଳୀରେ ସମସ୍ୟା ଯୋଗୁ ଅସୁସ୍ଥ ଅଛନ୍ତି। ତାଙ୍କୁ ସାଓ ପାଓଲୋର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତର କହିଛନ୍ତି। ୨୦୧୮ ନିର୍ବାଚନବେଳେ ଏକ ରାଜନୈତିକ ରାଲିରେ ସେ ଛୁରାମାଡ଼ର ଶିକାର ହେବା ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା।

# ପାଙ୍ଗୋଙ୍ଗ୍‌ରେ ଚାଇନା ବ୍ରିଜ୍

ବେଜିଂ, ୩।୧

ଭାରତ-ଚାଇନା ସୀମାବିବାଦ ଥମୁ ନ ଥିବାବେଳେ ପୁଣି ଉତ୍ତେଜନା ସୃଷ୍ଟିକାରୀ କାର୍ଯ୍ୟ ଚଳାଇଛି ଚାଇନିଜ୍ ସେନା। ଭାରତ ସୀମା ନିକଟରେ ନିଜର ଭିତ୍ତିଭୂମି ମଜଭୁତ କରିବା ଉଦ୍ଦେଶ୍ୟରେ ପୂର୍ବ ଲଦାଖର ପାଙ୍ଗୋଙ୍ଗ୍ ଶୋ ହ୍ରଦରେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଏକ ପୋଲ ନିର୍ମାଣ କରୁଛି। ଯୁଦ୍ଧ ସ୍ଥିତି ଉପୁଜିଲେ ଚାଇନା ସେନା ସହଜରେ ଏବଂ କମ୍ ସମୟରେ ଭାରତ ସୀମାରେ ପଶିବା ନିମନ୍ତେ ଏହି କାର୍ଯ୍ୟ ଚଳାଇଛି। ସାଟେଲାଇଟ୍ ଛବିରୁ ଚାଇନାର ପୋଲ ନିର୍ମାଣ କାମ ବିଷୟରେ ଭୂ-ଗୋଇନ୍ଦା ବିଶେଷଜ୍ଞମାନେ ଜାଣିବାକୁ ପାଇଛନ୍ତି। ପାଙ୍ଗୋଙ୍ଗ୍ ଶୋ ହ୍ରଦ ୧୩୫ କିମି ଦୀର୍ଘ ହୋଇଥିବାବେଳେ ଏହାର ଦୁଇ ତୃତୀୟାଂଶର ଅଧିକ ଭାଗ ଚାଇନା ନିୟନ୍ତ୍ରଣରେ ରହିଛି। ଚାଇନା ନିର୍ମାଣ କରୁଥିବା ପୋଲ ହ୍ରଦର ଉତ୍ତର ଏବଂ ଦକ୍ଷିଣ ପଟକୁ ସଂଯୋଗ କରୁଛି। ଉକ୍ତ ହ୍ରଦରେ ବ୍ରିଜ୍ ହେବା ଦ୍ୱାରା ଚାଇନାରୁ ଭାରତ ସୀମା ନିକଟରୁ ଦୂରତା ୨୦୦ କିଲୋମିଟରରୁ ୪୦ କିଲୋମିଟରକୁ କମିଯିବ। ଫଳରେ ଚାଇନା ସେନା ୮ ଘଣ୍ଟା ବଦଳରେ ମାତ୍ର ୨ ଘଣ୍ଟାରେ ଅସ୍ତ୍ରଶସ୍ତ୍ର ନେଇ ସେଠାରେ ପହଞ୍ଚିପାରିବେ। ଏବେ ଉକ୍ତ ପୋଲ ନିର୍ମାଣ ପ୍ରାୟ ଶେଷ ହୋଇଆସୁଥିବା ସାଟେଲାଇଟ ଚିତ୍ରରୁ ଜଣାପଡୁଛି ବୋଲି ଭୂ-ଗୋଇନ୍ଦା ବିଶେଷଜ୍ଞ ଡାମିଏନ୍ ସିମୋନ୍ ଏକ ଟୁଇଟ୍ କରିଛନ୍ତି।




■ଭାରତ ବିରୋଧରେ ଭିତ୍ତିଭୂମି ମଜଭୁତ କରୁଛି

■୨୦୦ କି.ମି. ଦୂରତା ୪୦ କି.ମି.କୁ କମିବ

ରିପୋର୍ଟ ଅନୁସାରେ, ୨୦୨୦ ଅଗଷ୍ଟରେ ଭାରତୀୟ ସେନାର ସ୍ୱତନ୍ତ୍ର ଅପରେଶନର ସାମ୍ନା କରି ନ ପାରି ଚାଇନା ସେନା ଏପରି ପଦକ୍ଷେପ ନେଇଛି। ଅଗଷ୍ଟ ୨୯ ଏବଂ ୩୦ ତାରିଖରେ ଭାରତୀୟ ସେନା ପାଙ୍ଗୋଙ୍ଗ୍ ଶୋ ହ୍ରଦର ଦକ୍ଷିଣ ଭାଗରେ ଥିବା କୈଳାସ ପର୍ବତ ଶିଖରକୁ କାବୁ କରିଥିଲା। ତେଣୁ ଆଗକୁ ଭାରତ ପକ୍ଷରୁ ଏପରି କୌଣସି ସମ୍ଭାବ୍ୟ ଅପରେଶନର ମୁକାବିଲା କରିବାକୁ ଚାଇନା ପ୍ରସ୍ତୁତି ଚଳାଇଛି। ଏହି ବ୍ରିଜ୍ ହେବା ପରେ ଚାଇନା କମ ସମୟରେ ବିବାଦୀୟ ସ୍ଥାନଗୁଡ଼ିକୁ ଅତିରିକ୍ତ ସେନା ପଠାଇପାରିବ। ୨୦୨୦ ପରଠାରୁ ଉଭୟ ଭାରତ ଏବଂ ଚାଇନା ପୂର୍ବ ଲଦାଖର ଡେପ୍‌ସାଙ୍ଗ୍ ସମତଳ ଭୂମିରୁ ଉତ୍ତରକୁ ଓ ଡେମ୍‌ଚୋକ୍ ଅଞ୍ଚଳରୁ ଦକ୍ଷିଣକୁ ୫୦ ହଜାରରୁ ଅଧିକ ଲେଖାଏଁ ସୈନ୍ୟ ମୁତୟନ କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୦ ଜୁନ୍‌ରେ ଗଲୱାନ ଘାଟିରେ ପିଏଲ୍‌ଏ ଏବଂ ଭାରତୀୟ ଯବାନଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ୨୦ ଭାରତୀୟ ଯବାନ ଶହୀଦ ହୋଇଥିବାବେଳେ ୪୦ ଚାଇନା ସୈନ୍ୟ ନିହତ ହୋଇଥିଲେ। ତେବେ ଚାଇନା କେବଳ ୪ ସୈନ୍ୟଙ୍କ ମୃତ୍ୟୁ ହୋଇଥିବା ସ୍ୱୀକାର କରିଥିଲା। ଏହି ଘଟଣାର ପ୍ରାୟ ବର୍ଷେ ପରେ ଗତ ବର୍ଷ ଜୁଲାଇରେ ଉଭୟ ଦେଶ ମିଳିତ ସହମତିରେ ସଂଘର୍ଷସ୍ଥଳୀରୁ ୨ କି.ମି. ଦୂର ପର୍ଯ୍ୟନ୍ତ ସୈନ୍ୟ ହଟାଇବାକୁ ରାଜି ହୋଇଥିଲେ।

## ଗଲ୍‌ୱାନରେ ପତାକା ଉଡ଼ାଇଲା

**ନୂଆଦିଲ୍ଲୀ, ୩।୧:** ନୂଆବର୍ଷର ପ୍ରଥମ ଦିନରେ ଚାଇନା ସୈନ୍ୟ ଗଲୱାନ ଘାଟିରେ ନିଜ ପତାକା ରଖିଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। ଚାଇନା ସରକାରଙ୍କ ମୁଖପତ୍ର କୁହାଯାଉଥିବା ଗ୍ଲୋବାଲ ଟାଇମ୍ସ ଏହି ଭିଡିଓ ଟୁଇଟ୍ କରିଛି। ଭାରତ ସୀମା ନିକଟ ଗଲୱାନ ଘାଟିରେ 'ଇଞ୍ଚେ ଜାଗା ନ ଛାଡ଼ିବା' ନୀତିରେ ପିଏଲ୍‌ଏ ସେନା ଜାନୁୟାରୀ ୧ରେ ଚାଇନା ଲୋକଙ୍କୁ ନୂଆବର୍ଷର ଅଭିନନ୍ଦନ ବାର୍ତ୍ତା ଦେଇଥିବା ଟୁଇଟ୍‌ରେ ଉଲ୍ଲେଖ କରାଯାଇଛି। ଏହାକୁ ନେଇ ବିରୋଧୀ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛି। ଭାରତ ସୀମାରେ ଚାଇନାର ଏଭଳି କାର୍ଯ୍ୟ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁହଁ ଖୋଲନ୍ତୁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସେଠାରେ କେବଳ ତ୍ରିରଙ୍ଗା ହିଁ ଶୋଭା ପାଇବ। ଚାଇନାକୁ କେନ୍ଦ୍ର ସରକାର ଜବାବ ଦିଅନ୍ତୁ ବୋଲି ରାହୁଲ ଟୁଇଟ୍ କରିଛନ୍ତି।

ତେବେ ଚାଇନା ବିବାଦୀୟ ସ୍ଥାନରେ ପତାକା ଉତ୍ତୋଳନ କରି ନ ଥିବା ଭାରତୀୟ ସେନା ସୂତ୍ରରୁ ଜଣାପଡ଼ିଛି। ସୋସିଆଲ ମିଡିଆରେ ଚାଇନା ପକ୍ଷରୁ ଜାରି କରାଯାଇଥିବା ଭିଡିଓ ଅନୁସାରେ, ପତାକା ଉତ୍ତୋଳନ ସ୍ଥାନ ଆରମ୍ଭରୁ ଚାଇନା ନିୟନ୍ତ୍ରଣରେ ରହିଛି। ୨୦୨୦ ଜୁନ୍‌ରେ ଭାରତ-ଚାଇନା ସୈନ୍ୟଙ୍କ ମଧ୍ୟରେ ହୋଇଥିବା ସଂଘର୍ଷସ୍ଥଳୀରେ ଉକ୍ତ ପତାକା ଉଡ଼ାଯାଇ ନ ଥିବା ଭାରତୀୟ ସେନା ପକ୍ଷରୁ ଜଣାଯାଇଛି।



## ଇମ୍ରାନଙ୍କ ପୂର୍ବତନ ସ୍ତ୍ରୀଙ୍କ କାର୍ ଉପରେ ଆକ୍ରମଣ


ରେହମ ଖାନ

ଇସ୍‌ଲାମାବାଦ୍, ୩।୧

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପୂର୍ବତନ ସ୍ତ୍ରୀ ତଥା ସାମାଜିକକର୍ମୀ ରେହମ ଖାନ୍‌ଙ୍କ କାର୍ ଉପରେ ରବିବାର ରାତିରେ ଗୁଳିମାଡ଼ କରାଯାଇଛି। ତେବେ ସେ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି। ସୋମବାର ରେହମ ଏ ସମ୍ପର୍କରେ ଏକାଧିକ ଟୁଇଟ୍ କରି ଇମ୍ରାନଙ୍କ ସରକାରଙ୍କୁ ଦାୟୀ କରିଛନ୍ତି। ସେ ତାଙ୍କ କାର୍‌ରୁ ବାହାରି ଅନ୍ୟ ଏକ ଗାଡ଼ିରେ ବସିବାର କିଛି ସମୟ ପରେ ଏହି ଆକ୍ରମଣ ହୋଇଥିଲା। ସେଥିରେ ତାଙ୍କ ଡ୍ରାଇଭର ଏବଂ ସେକ୍ରେଟାରୀ ଥିଲେ ବୋଲି ରେହମ କହିଛନ୍ତି। ଦେଶରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଏହା କ'ଣ ଇମ୍ରାନ ଖାନ୍‌ଙ୍କ ନୂଆ ପାକିସ୍ତାନ ବୋଲି ସେ ପ୍ରଶ୍ନ କରିଛନ୍ତି। ଭୀରୁ, ହିଂସୁକ ଏବଂ ଲୋଭୀଙ୍କ ଦେଶକୁ ସ୍ୱାଗତ ବୋଲି ସେ ଟୁଇଟରେ ଲେଖିଛନ୍ତି।

**ସଂକ୍ଷେପରେ**

## ଡିଆର୍‌ଆଇକୁ ଫେରିଲେ ୱାଙ୍ଖଡେ



**ମୁମ୍ବାଇ, ୩।୧:** ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ମୁମ୍ବାଇ ଆଞ୍ଚଳିକ ନିର୍ଦ୍ଦେଶକ ସମୀର ୱାଙ୍ଖଡେଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ସେ ରାଜସ୍ୱ ଇଣ୍ଟେଲିଜେନ୍ସ ନିର୍ଦ୍ଦେଶାଳୟ(ଡିଆର୍‌ଆଇ)କୁ ଫେରିଛନ୍ତି। ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ମାମଲାରେ ଡ୍ରଗ୍ସ କାରବାର ଲିଙ୍କ୍ ସାମ୍ନାକୁ ଆସିବା ପରେ ୨୦୨୦ ସେପ୍ଟେମ୍ବରରେ ତାଙ୍କୁ ଏନ୍‌ସିବି ଆଞ୍ଚଳିକ ନିର୍ଦ୍ଦେଶକ ଦାୟିତ୍ୱ ମିଳିଥିଲା। ପରବର୍ତ୍ତୀ ସମୟରେ ତାଙ୍କ କାର୍ଯ୍ୟକାଳ ବଢ଼ାଯାଇଥିଲା। ଡିସେମ୍ବର ୩୧ରେ ଏନ୍‌ସିବି ଅଧିକାରୀ ଭାବେ ତାଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ସରିଛି। ମୁମ୍ବାଇ କ୍ରୁଜ୍‌ଶିପ୍‌ରେ ଡ୍ରଗ୍ସ ପାର୍ଟି ମାମଲାରେ ବଲିଉଡ୍ ଅଭିନେତା ଶାହାରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କୁ ଗିରଫ କରିବା ପରେ ୱାଙ୍ଖଡେ ବିବାଦରେ ଛନ୍ଦି ହୋଇପଡ଼ିଥିଲେ।

## କେନିଆ ଜୀବାଶ୍ମ ବିଜ୍ଞାନୀ ରିଚାର୍ଡ ଲିକିଙ୍କ ପରଲୋକ



**ନାଇରୋବି, ୩।୧:** ସାରା ବିଶ୍ୱରେ ପରିଚିତ କେନିଆର ଜୀବାଶ୍ମ ବିଜ୍ଞାନୀ ତଥା ସଂରକ୍ଷଣବାଦୀ ରିଚାର୍ଡ ଲିକିଙ୍କର ପରଲୋକ ହୋଇଛି। ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ଏ ନେଇ କେନିଆ ରାଷ୍ଟ୍ରପତି ଉହୁରୁ କେନ୍ୟାଟ୍ଟା ରବିବାର ସୂଚନା ଦେଇଛନ୍ତି। ସେ ଚର୍ମ କ୍ୟାନ୍‌ସର, କିଡ୍‌ନୀ ଏବଂ ଯକୃତ ଜନିତ ରୋଗରେ ପୀଡ଼ିତ ଥିଲେ। ୱାଇଲ୍ଡ ଲାଇଫ୍ ଡିରେକ୍ଟ ସଂରକ୍ଷଣ ଗ୍ରୁପ୍‌ର ପ୍ରତିଷ୍ଠାତା ରିଚାର୍ଡଙ୍କ ମୃତ୍ୟୁରେ ଉକ୍ତ ଗ୍ରୁପ୍‌ର ସିଇଓ ଶୋକ ବ୍ୟକ୍ତ କରିଛନ୍ତି। ରିଚାର୍ଡ ଜୀବାଶ୍ମ ବିଜ୍ଞାନୀ ଲୁଇସ୍ ଏବଂ ମ୍ୟାରୀ ଲିକିଙ୍କ ପୁଅ। ଦୀର୍ଘ ବର୍ଷ ଧରି ସେ କେନିଆ ଜାତୀୟ ସଂଗ୍ରହାଳୟର ନିର୍ଦ୍ଦେଶକ ରହିବା ସହ ୨ ଥର କେନିଆ ୱାଇଲ୍ଡ ଲାଇଫ୍ ସର୍ଭିସ୍ ବୋର୍ଡର ଅଧକ୍ଷ ରହିଥିଲେ। ଆଫ୍ରିକୀୟ ହାତୀ ସଂଖ୍ୟା ହ୍ରାସକୁ ରୋକିବା ପାଇଁ ସେ ବେଆଇନ ଭାବେ ହେଉଥିବା ହାତୀ ଦାନ୍ତ କାରବାର ବିରୋଧୀ ଅଭିଯାନର ନେତୃତ୍ୱ ନେଇ ଚର୍ଚ୍ଚାକୁ ଆସିଥିଲେ। ୧୯୮୯ରେ ସେ ୧୨ ଟନ୍ ହାତୀ ଦାନ୍ତକୁ ଜାଳି ରାତାରାତି ବିପୁଳ ପରିଚିତି ହାସଲ କରିଥିଲେ। ଥରେ ହାତୀଠାରୁ ଦାନ୍ତ ଅଲଗା ହେବା ପରେ ଏହା ମୂଲ୍ୟହୀନ ହୋଇଥାଏ ବୋଲି ସେ ବାର୍ତ୍ତା ଦେଇଥିଲେ। ମୃତ୍ୟୁବେଳକୁ ସେ ଆମେରିକାର ଷ୍ଟୋନି ବ୍ରୁକ୍ ୟୁନିଭର୍ସିଟିରେ ତୁର୍କାନା ବେସିନ୍ ଇନଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ ଥିଲେ।

## ୮୧ ଦିନ ଆନ୍ଦୋଳନ ପରେ ଆଖି ବୁଜିଲେ ମହିଳା

**ଆଗ୍ରା, ୩।୧:** ଉତ୍ତରପ୍ରଦେଶର ଆଗ୍ରା ଜିଲା ଅନ୍ତର୍ଗତ ଅଜିଜ୍‌ପୁରା ଓ ସିରୋଲି ଗ୍ରାମରେ ରାସ୍ତା ଓ ଉପଯୁକ୍ତ ଡ୍ରେନ୍‌ଜ୍ ବ୍ୟବସ୍ଥା ଦାବି କରି ୮୧ ଦିନ ହେଲା ଆନ୍ଦୋଳନ ଚଳାଇଥିବା ରାନି ଦେବୀ ରବିବାର ଆଖି ବୁଜିଛନ୍ତି। ଆନ୍ଦୋଳନସ୍ଥଳରେ ତାଙ୍କ ସହ ଥିବା ଅନ୍ୟ ଜଣେ ମହିଳାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜିଲା ସଦର ମହକୁମାଠାରେ ସ୍ଥାନୀୟ ଲୋକେ ଆନ୍ଦୋଳନ ଚଳାଇଥିଲେ। ସେମାନେ ଅନଶନରେ ବସିବା ସହ ଆଗାମୀ ବିଧାନସଭା ନିର୍ବାଚନ ବର୍ଜନ କରିବେ ବୋଲି କହିଥିଲେ। ଏପରିକି ସେମାନଙ୍କ ମଧ୍ୟରୁ କେତେଜଣ ନିଜ ଘର କାନ୍ଥରେ 'ବିକ୍ରି ପାଇଁ' ବ୍ୟାନର ଲଗାଇଥିଲେ। ବିକାଶ ନଗରର ରାନି (୪୮) ଅକ୍ଟୋବର ୧୩ରୁ ଆନ୍ଦୋଳନରେ ବସିରହିଥିଲେ। ରାନିଙ୍କ ମୃତ୍ୟୁ ପାଇଁ ତାଙ୍କ ପୁଅ ନୀରଜ ଜିଲା ପ୍ରଶାସନକୁ ଦାୟୀ କରିଛନ୍ତି।

## ସୁଦାନ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

**ଖାର୍ତ୍ତୁମ, ୩।୧:** ସୁଦାନରେ ରାଜନୈତିକ ସଙ୍କଟ ଜାରି ଥିବାବେଳେ ପ୍ରଧାନମନ୍ତ୍ରୀ ଅବଦଲ୍ଲା ହମ୍‌ଦୋକ୍ ରବିବାର ତାଙ୍କ ପଦରୁ ଇସ୍ତଫା ଘୋଷଣା କରିଛନ୍ତି। ଗତ ବର୍ଷ ଅକ୍ଟୋବରରେ ସୁଦାନରେ ସେନା ବିଦ୍ରୋହ କରି ଶାସନ ଦଖଲ କରିବା ପରେ ତାଙ୍କୁ ଗୃହବନ୍ଦୀ କରାଯାଇଥିଲା। ହମ୍‌ଦୋକ୍ ଏବଂ ସେନା ମଧ୍ୟରେ ବୁଝାମଣା ହେବା ପରେ ତାଙ୍କୁ ପୁନଃ କ୍ଷମତା ମିଳିଥିଲା। ସେପଟେ ଶାସନରେ ସେନାର ହସ୍ତକ୍ଷେପକୁ ବିରୋଧ କରି ବହୁ ସଂଖ୍ୟାରେ ଲୋକ ବିକ୍ଷୋଭ ଜାରି ରଖିଛନ୍ତି। ସେମାନଙ୍କୁ ଘଉଡ଼ାଇବାକୁ ସେନା ଗୁଳି ଚଳାଇବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି।

## କର୍ଡେଲିଆ କ୍ରୁଜ୍ ଜାହାଜରେ ୬୬ କୋଭିଡ୍ ପଜିଟିଭ୍

ପଣଜୀ, ୩।୧(ପି.ଟି.)

ମୁମ୍ବାଇରୁ ଗୋଆ ଅଭିମୁଖେ ଯାଉଥିବା କର୍ଡେଲିଆ କ୍ରୁଜ୍ ଜାହାଜରେ ଥିବା ୨,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମଧ୍ୟରୁ ୬୬ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସୋମବାର ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ୍ ରାଣେ ଏହି ସୂଚନା ଦେଇଛନ୍ତି। ପିପିଇ କିଟ୍ ସହ ମେଡିକାଲ ଟିମ୍ ଜାହାଜରେ ପହଞ୍ଚି ଯାତ୍ରୀ ଓ କର୍ମଚାରୀମାନଙ୍କ ଆର୍‌ଟି-ପିସିଆର୍ ପରୀକ୍ଷା କରିଥିଲେ। ପରୀକ୍ଷା ରିପୋର୍ଟ ଘୋଷଣା ନ ହେବା ପର୍ଯ୍ୟନ୍ତ ଜାହାଜରୁ କେହି ନ ବାହାରିବା ପାଇଁ କୁହାଯାଇଥିଲା। ମୋର୍ମୁଗାଓ ବନ୍ଦର କ୍ରୁଜ୍ ଟର୍ମିନାଲ ନିକଟରେ ଜାହାଜଟି ଅଟକି ରହିଛି। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨ ରାତିରେ କର୍ଡେଲିଆ ଜାହାଜରେ ରେଭ୍ ପାର୍ଟି ଚାଲିଥିବାବେଳେ ଏନ୍‌ସିବି ଟିମ୍ ଅଚାନକ ଚଢ଼ାଉ କରି ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ସମେତ ଅନ୍ୟ କେତେଜଣଙ୍କୁ ଗିରଫ କରିଥିଲା।


ଉତ୍ତରପ୍ରଦେଶର ପ୍ରୟାଗରାଜରେ ଜଣେ କିଶୋରୀ ଟିକା ନେବାବେଳେ ସେଲ୍ଫି ନେଉଛନ୍ତି।

## ସରକାରୀ କର୍ମଚାରୀଙ୍କ ବାୟୋମେଟ୍ରିକ୍ ଉପସ୍ଥାନ ସ୍ଥଗିତ

ନୂଆଦିଲ୍ଲୀ, ୩।୧

କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହାର ସମସ୍ତ କର୍ମଚାରୀଙ୍କ ପାଇଁ ଜାନୁୟାରୀ ୩୧ ପର୍ଯ୍ୟନ୍ତ ବାୟୋମେଟ୍ରିକ୍ ଉପସ୍ଥାନ ସ୍ଥଗିତ ରଖିଛନ୍ତି। ତେବେ ସମସ୍ତ କର୍ମଚାରୀ ଉପସ୍ଥାନ ଖାତାରେ ସେମାନଙ୍କ ଉପସ୍ଥାନ ପକାଇବାକୁ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ଏକ ପ୍ରତିକାରମୂଳକ ପଦକ୍ଷେପ ସ୍ୱରୂପ ସମସ୍ତ ମନ୍ତ୍ରଣାଳୟ ଓ ସରକାରୀ ବିଭାଗ ଏବଂ ଏହା ସହ ସଂଯୁକ୍ତ କାର୍ଯ୍ୟାଳୟଗୁଡ଼ିକରେ ଥିବା ଆଧାର ଭିତ୍ତିକ ବାୟୋମେଟ୍ରିକ ଆଟେଣ୍ଡାନ୍ସ ବ୍ୟବସ୍ଥା ୩୧ ତାରିଖ ଯାଏ ବନ୍ଦ ରହିବ। ଏଥିସହ ସମସ୍ତ କର୍ମଚାରୀ ମାସ୍କ ପିନ୍ଧିବା ଓ କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି।



୫୦% କର୍ମଚାରୀ ଘରୁ କାର୍ଯ୍ୟ କରିବାକୁ ଅନୁମତି

ସେହିପରି ଉପସଚିବ ସ୍ତରଠାରୁ କମ୍ ପାହ୍ୟାର ଅଫିସର ଓ କର୍ମଚାରୀଙ୍କ ମଧ୍ୟରୁ ୫୦ ପ୍ରତିଶତଙ୍କୁ ଘରୁ ଅଫିସ କାର୍ଯ୍ୟ କରିବା ଲାଗି କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ଭିନ୍ନକ୍ଷମ ଓ ଗର୍ଭବତୀ ଥିବା ମହିଳା କର୍ମଚାରୀ ଅଫିସ ଆସିବେ ନାହିଁ। ଗହଳି କମାଇବା ପାଇଁ କର୍ମଚାରୀମାନଙ୍କୁ ଭିନ୍ନ ଭିନ୍ନ ସମୟରେ କାର୍ଯ୍ୟାଳୟକୁ ଆସିବା ପାଇଁ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ସେହିପରି କୌଣସି ଅଞ୍ଚଳ କୋଭିଡ୍ କଣ୍ଟେନମେଣ୍ଟ ଜୋନ୍ ଘୋଷଣା ହୋଇଥିଲେ, ଏହା ନ ହଟିବା ପର୍ଯ୍ୟନ୍ତ ସେଠାରେ ରହୁଥିବା କର୍ମଚାରୀଙ୍କୁ ଅଫିସ ନ ଆସିବା ଲାଗି ପରାମର୍ଶ ଦିଆଯାଇଛି।

# ଦିଲ୍ଲୀରେ ୮୪% ନମୁନା ଓମିକ୍ରନ୍

ନୂଆଦିଲ୍ଲୀ, ୩।୧

ଦିଲ୍ଲୀରେ କୋଭିଡ୍ ପରୀକ୍ଷା ହୋଇଥିବା ସମସ୍ତ ନମୁନାର ୮୪ ପ୍ରତିଶତ ଓମିକ୍ରନ୍ ଭାରିଆଣ୍ଟ ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ କହିଛନ୍ତି। ସୋମବାର ପ୍ରକାଶିତ ସ୍ୱାସ୍ଥ୍ୟ ବୁଲେଟିନ୍ ଅନୁଯାୟୀ ଦିଲ୍ଲୀରେ ଦିନକରେ ୪,୦୯୯ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ଏବଂ ପଜିଟିଭିଟି ହାର ୬.୪୬ ପ୍ରତିଶତକୁ ବୃଦ୍ଧି ପାଇଛି। ଓମିକ୍ରନ୍ ବର୍ତ୍ତମାନ ସୁଦ୍ଧା ୨୩ ରାଜ୍ୟକୁ ବ୍ୟାପିଲାଣି। ମହାରାଷ୍ଟ୍ରରେ ସର୍ବାଧିକ ୫୧୦ ଜଣ ଓମିକ୍ରନ୍ ସଂକ୍ରମିତ ହୋଇଥିବାବେଳେ ଦିଲ୍ଲୀରେ ଏହି ସଂଖ୍ୟା ୩୫୧ରେ ପହଞ୍ଚିଛି।

ରବିବାର ତୁଳନାରେ ସୋମବାର ଦିଲ୍ଲୀରେ ୨୮ ପ୍ରତିଶତ ଅଧିକ ମାମଲା ଚିହ୍ନଟ ହୋଇଛି ଓ ଜଣେ ପ୍ରାଣ ହରାଇଛନ୍ତି। କ୍ରମାଗତ ଦୁଇଦିନ ପଜିଟିଭିଟି ହାର ୫ ପ୍ରତିଶତରୁ ଅଧିକ ହେଲେ ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସନ ପ୍ଲାନ (ଜିଆର୍‌ଏପି) ଅନୁଯାୟୀ ସହରକୁ ରେଡ୍ ଆଲର୍ଟରେ ରଖାଯିବ। ଏଭଳି ହେଲେ ସମ୍ପୂର୍ଣ୍ଣ କର୍ଫ୍ୟୁ ଲାଗୁ ହେବା ସହ ଅଧିକାଂଶ ଆର୍ଥିକ କାରବାର ବନ୍ଦ ହୋଇପାରେ। ରବିବାର ଦିଲ୍ଲୀରେ ୩,୧୯୪ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିଲେ ଓ ପଜିଟଭିଟି ହାର ୪.୫୯ ରହିଥିଲା। ସେହିପରି ଶନିବାର ସଂକ୍ରମିତଙ୍କ ସଂଖ୍ୟା ୨,୭୧୬ ଏବଂ ପଜିଟିଭିଟି ହାର ୩.୬% ଥିଲା।

■ଦିନକରେ ୪୦୯୯ କୋଭିଡ୍ ସଂକ୍ରମିତ

■ପଜିଟିଭିଟି ହାର ୬.୪୬%କୁ ବୃଦ୍ଧି



## ମୁମ୍ବାଇ, ଗୋଆରେ ସ୍କୁଲ ବନ୍ଦ

ମୁମ୍ବାଇ/ପଣଜୀ, ୩।୧

କୋଭିଡ୍-୧୯ ସମେତ ଓମିକ୍ରନ୍ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଉଥିବାରୁ ମୁମ୍ବାଇ ଓ ଗୋଆରେ ସ୍କୁଲ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ମୁମ୍ବାଇରେ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଜାନୁୟାରୀ ୩୧ ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି। ତେବେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଠପଢ଼ା ଜାରି ରହିବ ବୋଲି ବ୍ରିହନମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ ପକ୍ଷରୁ ଏକ ନିର୍ଦ୍ଦେଶନାମାରେ କୁହାଯାଇଛି। ପ୍ରଥମରୁ ନବମ ଏବଂ ଏକାଦଶ ଶ୍ରେଣୀ ପିଲାମାନେ ପୂର୍ବଭଳି ଅନ୍‌ଲାଇନ ମୋଡ୍‌ରେ ପଢ଼ିବେ। ଡିସେମ୍ବର ୧୫ରେ ମୁମ୍ବାଇର ସ୍କୁଲ୍‌ଗୁଡ଼ିକ ଖୋଲିଥିଲା। ସେହିପରି ଗୋଆରେ ଜାନୁୟାରୀ ୨୬ ପର୍ଯ୍ୟନ୍ତ ସମସ୍ତ ସ୍କୁଲ୍, କଲେଜ ବନ୍ଦ ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ସମୟ ମଧ୍ୟରେ ଅନ୍‌ଲାଇନ ପାଠପଢ଼ା ଜାରି ରହିବ। ଏଥିସହିତ ସେଠାରେ ଖୁବ୍‌ଶୀଘ୍ର ରାତି ୧୧ରୁ ସକାଳ ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ ଲାଗୁ ହେବାକୁ ଯାଉଛି।

ରବିବାର ମୁମ୍ବାଇରେ ୮,୦୬୩ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେଥିରୁ ଅଧିକାଂଶ ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମିତ। ତେବେ ଲୋକଙ୍କ ମନରୁ ଭୟ ଦୂର କରିବାକୁ ୮୯ ପ୍ରତିଶତ ମାମଲା ଲକ୍ଷଣବିହୀନ ଓ ହସ୍ପିଟାଲଗୁଡ଼ିକରେ ୯୦ ପ୍ରତିଶତ ବେଡ୍ ଖାଲି ପଡ଼ିଛି ବୋଲି ମହାନଗର ନିଗମ କହିଛି। ମୁମ୍ବାଇରେ ସକ୍ରିୟ ମାମଲା ସଂଖ୍ୟା ୨୯,୮୧୯ରେ ପହଞ୍ଚିଲାଣି। ରବିବାର ମହାରାଷ୍ଟ୍ରରେ ୧୧,୮୭୭ ପଜିଟିଭ୍ ଚିହ୍ନଟ ହୋଇଥିଲେ, ଯାହା ପୂର୍ବଦିନ ତୁଳନାରେ ୨୯ ପ୍ରତିଶତ ଅଧିକ। ସେହିପରି ରବିବାର ୫୦ ନୂଆ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇଥିଲେ।

## ରୁଷିଆକୁ ନିର୍ଣ୍ଣାୟକ ଜବାବ ଦେବ ଆମେରିକା


ଜୋ ବାଇଡେନ
ଭୋଲୋଡିମିର୍ ଜେଲେନ୍‌ସ୍କି

**ୱାଶିଂଟନ୍, ୩।୧:** ୟୁକ୍ରେନକୁ ନେଇ ଆମେରିକା ଏବଂ ରୁଷିଆ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରବିବାର ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର୍ ଜେଲେନ୍‌ସ୍କିଙ୍କ ସହ ଆଲୋଚନା କରିଛନ୍ତି। ରୁଷିଆ ୟୁକ୍ରେନ ଉପରେ ଆକ୍ରମଣ କଲେ ଆମେରିକା ଏବଂ ଏହାର ସହଯୋଗୀ ରାଷ୍ଟ୍ର ନିର୍ଣ୍ଣାୟକ ଜବାବ ଦେବେ ବୋଲି ବାଇଡେନ୍ ୟୁକ୍ରେନ ରାଷ୍ଟ୍ରପତିଙ୍କୁ ଭରସା ଦେଇଛନ୍ତି। ୟୁକ୍ରେନ ସୀମାରେ ରୁଷିଆ ଲକ୍ଷାଧିକ ସୈନ୍ୟ ମୁତୟନ କରିବାକୁ ନେଇ ଉତ୍ତେଜନା ବୃଦ୍ଧି ପାଇଛି। ଏହା ପୂର୍ବରୁ ବାଇଡେନ୍ ଏ ପ୍ରସଙ୍ଗରେ ଫୋନ୍ ଯୋଗେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ କଥା ହୋଇଥିଲେ। ୟୁକ୍ରେନ ଉପରେ ଆକ୍ରମଣ କଲେ ଆମେରିକା ରୁଷିଆ ଉପରେ କଠୋର ଆର୍ଥିକ କଟକଣା ଲଗାଇବ ବୋଲି ବାଇଡେନ୍ ପୁଟିନ୍‌ଙ୍କୁ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ ଆମେରିକା ଆଗରେ ରୁଷିଆ କେବେ ମୁଣ୍ଡ ନୁଆଁଇବ ନାହିଁ ବୋଲି ପୁଟିନ୍ କହିଥିଲେ। ୟୁକ୍ରେନ ପ୍ରସଙ୍ଗରେ ଆମେରିକା ଏବଂ ରୁଷିଆ ଅଧିକାରୀମାନେ ଆସନ୍ତା ୯-୧୦ରେ ଜେନେଭାରେ ପରସ୍ପରକୁ ସାକ୍ଷାତ କରିବେ।

ୟୁକ୍ରେନ୍‌କୁ ବାଇଡେନ୍‌ଙ୍କ ଭରସା

## ୟେମେନ ବିଦ୍ରୋହୀଙ୍କ କବ୍‌ଜାରେ ୟୁଏଇ ଜାହାଜ

ଦୁବାଇ, ୩।୧

ୟେମେନର ହୁତି ବିଦ୍ରୋହୀମାନେ ଲୋହିତ ସାଗରରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ରାବି ଫ୍ଲାଗ୍‌ଶିପ୍ ଜାହାଜକୁ କବ୍‌ଜା କରିନେଇଛନ୍ତି। ଏଥିସହ ଇରାନର ଜେନେରାଲ କାସିମ ସୋଲେମାନିଙ୍କ ହତ୍ୟାର ବର୍ଷପୂର୍ତ୍ତି ଅବସରରେ ହ୍ୟାକରମାନେ ଜେରୁଜେଲମ ପୋଷ୍ଟ ନାମକ ଏକ ପ୍ରମୁଖ ଇସ୍ରାଏଲ ଖବରକାଗଜର ୱେବସାଇଟକୁ ହ୍ୟାକ କରିଛନ୍ତି। ଅନ୍ତର୍ଜାତୀୟ ବ୍ୟାପାରର ଗୁରୁତ୍ୱପୂର୍ଣ୍ଣ ମାର୍ଗ ଲୋହିତ ସାଗରରୁ ବିଦ୍ରୋହୀଙ୍କ ଦ୍ୱାରା ଜାହାଜ ଜବତ ନୂଆ ସଙ୍କଟ ସୃଷ୍ଟି କରିଛି। ତେବେ ୱେବ୍‌ସାଇଟ ହ୍ୟାକ୍ ପଛରେ କାହାର ହାତ ରହିଛି ତାହା ଜଣାପଡ଼ିନାହିଁ। ୱେବସାଇଟରୁ ଏହାର ମୂଳ ବିଷୟବସ୍ତୁ ହଟାଇ କରି ହ୍ୟାକର୍ସମାନେ ଇସ୍ରାଏଲର ଆଣବିକ କାର୍ଯ୍ୟକ୍ରମ ସାଇଟ୍ ଉପରେ ଆକ୍ରମଣର ଏକ ଫଟୋ ସଂଲଗ୍ନ କରିଥିଲେ। ୨୦୨୦ରେ ଇରାକରେ ଆମେରିକାର ଡ୍ରୋନ୍ ଷ୍ଟ୍ରାଇକ୍‌ରେ ନିହତ ହୋଇଥିବା ଜେନେରାଲ କାସିମଙ୍କ ସହ ଏହି ଫଟୋ ଯୋଡ଼ାଯାଇଛି। ଏଥିରେ ଏକ କ୍ଷେପଣାସ୍ତ୍ର ମଧ୍ୟ ରହିଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ସଭାକାର୍ଯ୍ୟ, ବୁଦ୍ଧ ମନ୍ଦିର, ୟୁନିଟ-୯, ଅପରାହ୍ନ ୪ଟା।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ୧୫ଜଣଙ୍କୁ 'ଦୂରଦର୍ଶୀ ସେବା ସମ୍ମାନ'

**ଭୁବନେଶ୍ୱର,୩।୧(ବ୍ୟୁରୋ):** ସମ୍ବାଦଭିତ୍ତିକ ପତ୍ରିକା ଦୂରଦର୍ଶୀ ପକ୍ଷରୁ ସୋମବାର ବୁଦ୍ଧ ମନ୍ଦିରଠାରେ ଦୂରଦର୍ଶୀ ସେବା ସମ୍ମାନ ସମାରୋହ ଓ 'ସେବା' ସମ୍ପର୍କିତ ବିଷୟକୁ ନେଇ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୫ଜଣଙ୍କୁ 'ଦୂରଦର୍ଶୀ ସେବା ସମ୍ମାନ' ପ୍ରଦାନ କରାଯାଇଛି। 'ଦୂରଦର୍ଶୀ' ସମ୍ପାଦକ ଦୁର୍ଗାପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ସୁଜିତ୍ କୁମାର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ଲେଖକ ଉମେଶ ଚନ୍ଦ୍ର ଜେନା, ଜାତୀୟ ଯୁବ ପ୍ରକଳ୍ପ ଆବାହକ ମଧୁସୂଦନ ଦାସ ପ୍ରମୁଖ ଯୋଗଦେଇଥିଲେ। ବ୍ୟୁରୋଚିଫ୍ ପ୍ରସନ୍ନ ବିଷୋୟୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

### ୩୧ ଛାତ୍ରୀଛାତ୍ର କରୋନା ପଜିଟିଭ

**ଜଟଣୀ,୩।୧(ଡି.ଏନ୍.ଏ.):** ଜଟଣୀସ୍ଥିତ ନାଇଜର ଶିକ୍ଷାନୁଷ୍ଠାନର କେତେଜଣ ଛାତ୍ରୀଛାତ୍ର କରୋନାରେ ସଂକ୍ରମିତ ହୋଇଛନ୍ତି। ଶିକ୍ଷାନୁଷ୍ଠାନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ବିଭିନ୍ନ ରାଜ୍ୟରୁ ଆସିଥିବା ୩୧ଜଣ ଛାତ୍ରୀଛାତ୍ର ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ସଂକ୍ରମିତ ଛାତ୍ରୀଛାତ୍ର ଓମିକ୍ରନରେ ଆକ୍ରାନ୍ତ ହୋଇଛନ୍ତି କି ନାହିଁ ରିପୋର୍ଟ ଆସିବା ଜଣାପଡିବ ବୋଲି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜିତେନ୍ଦ୍ର କୁମାର ପଣ୍ଡା କହିଛନ୍ତି। ବର୍ତ୍ତମାନ ସମସ୍ତ ଆକ୍ରାନ୍ତ ଛାତ୍ରୀଛାତ୍ର ନାଇଜର ପରିସରରେ ସଙ୍ଗରୋଧରେ ଅଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖାଯିବା ସହ ସମସ୍ତ ବ୍ୟବସ୍ଥା କରାଯାଇଥିବା କୁଳ ସଚିବ ଡ.ଅଭୟ କୁମାର ନାୟକ କହିଛନ୍ତି।

### ରାଜଧାନୀରେ ଜାନକୀ ବଲ୍ଲଭଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବି

**ଭୁବନେଶ୍ୱର,୩।୧(ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୯୫ତମ ଜୟନ୍ତୀ ଉତ୍ସବ ସୋମବାର ରାଜ୍ୟ କଂଗ୍ରେସ ଭବନରେ ସେବାଦଳ ପକ୍ଷରୁ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ କଂଗ୍ରେସ ସେବାଦଳ ଅଧକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ଜାନକୀବଲ୍ଲଭ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ଦୃଷ୍ଟି ଦେଇଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ଯୋଗଦେଇ କହିଛନ୍ତି, ଜାନକୀବଲ୍ଲଭ କେବଳ ରାଜନେତା ନ ଥିଲେ, ସେ ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଆ ଭାଷା ସାହିତ୍ୟକୁ ବିଶ୍ୱରେ ପହଞ୍ଚାଇବା ପାଇଁ ଉଦ୍ୟମ କରିଥିଲେ। ଏହି ଜନନେତାଙ୍କ ପ୍ରତିମୂର୍ତ୍ତି ଅଦ୍ୟାବଧି ରାଜଧାନୀରେ ପ୍ରତିଷ୍ଠା ନ ହେବା ଲଜ୍ଜାର ବିଷୟ। ବିଧାନସଭା ପରିସରରେ ଜାନକୀବଲ୍ଲଭଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ସେ ବାଚସ୍ପତିଙ୍କୁ ପ୍ରସ୍ତାବ ଦେବେ ବୋଲି ସେଠୀ କହିଥିଲେ। ଅନ୍ୟତମ ଅତିଥି ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ହଜାର ଦିନରେ ହଜାର କୋଟିରେ ହଜାର ଶିଳ୍ପ ଆହ୍ୱାନ ଦେଇ ସ୍ୱର୍ଗତ ପଟ୍ଟନାୟକ ଏହାକୁ କାର୍ଯ୍ୟକାରୀ କରିଥିଲେ। ଶିକ୍ଷାବିତ ବଦ୍ରିନାଥ ପଟ୍ଟନାୟକ କହିଛନ୍ତି, ସାଧାରଣ ଓଡ଼ିଆ ଭାଷାରେ ସ୍ୱର୍ଗତଃ ପଟ୍ଟନାୟକ ଭାଗବତ, ମହାଭାରତ ଓ ରାମାୟଣକୁ କଥା ଆକାରରେ ଲେଖି ଲୋକଙ୍କ ନିକଟରେ ପହଞ୍ଚାଇଥିଲେ। ଏଭଳି ଅନବଦ୍ୟ କୃତି ତାଙ୍କୁ ସାଧାରଣରେ ସ୍ୱତନ୍ତ୍ର କରାଇପାରିଛି।

# ବିକଶିତ ହେବ ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ଭିତ୍ତିଭୂମି

**ଭୁବନେଶ୍ୱର, ୩।୧(ବ୍ୟୁରୋ)**

## ଉଷା ସର୍ଭେରେ ଚିହ୍ନିତ ସବୁ ବସ୍ତିର ବିକାଶ ଚଳିତ ବର୍ଷ ଶେଷସୁଦ୍ଧା ସାର




ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ପାଇଁ ନିର୍ଭରଶୀଳ ଓ ବାସଯୋଗ୍ୟ ବସତି ବିକାଶ ଉପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁତ୍ୱ ପ୍ରଦାନ କରିଛନ୍ତି। ସହର ଅନ୍ତର୍ଗତ ଜଙ୍ଗଲ ଜମିରେ ଥିବା ବସ୍ତିଗୁଡ଼ିକରେ ମୌଳିକ ଭିତ୍ତିଭୂମି ବିକାଶ ନିମନ୍ତେ ସୋମବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଜମିରେ ଥିବା ବସ୍ତିଗୁଡ଼ିକର ବିକାଶ ସମ୍ବନ୍ଧିତ କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟ ଶାସନ ସଚିବ କହିଛନ୍ତି, ବସ୍ତିବାସିନ୍ଦାମାନେ ସହରର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେମାନଙ୍କ ପାଇଁ ଉତ୍ତମ ବାସଗୃହ ଏବଂ ମୌଳିକ ସେବା ଯୋଗାଣ ନିଶ୍ଚିତ କରାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାଗା ମିଶନ ଅଭିଯାନ ଆରମ୍ଭ କରିଛନ୍ତି। ଏହି ମିଶନର ପ୍ରଥମ ପର୍ଯ୍ୟାୟରେ ଜମି ଅଧିକାର ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ବସ୍ତିଗୁଡ଼ିକର ବିକାଶ କରି ସେସବୁକୁ ସହର ମୁଖ୍ୟ ଜୀବନଧାରା ସହ ସଂଯୁକ୍ତ କରିବା ଉପରେ ଧ୍ୟାନଦେବାକୁ କୁହାଯାଇଛି। ଚଳିତ ବର୍ଷ ଶେଷସୁଦ୍ଧା ସହର ବସ୍ତିଗୃହ ଅଞ୍ଚଳ(ଉଷା) ସର୍ଭେ ମାଧ୍ୟମରେ ଚିହ୍ନିତ ସମସ୍ତ ବସ୍ତିର ବିକାଶ ସାଧନ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କର୍ମଶାଳାରେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କହିଛନ୍ତି, ସହର ଅନ୍ତର୍ଗତ ଜଙ୍ଗଲ ଜମିରେ ରହିଥିବା ପୁରୁଣା ବସ୍ତିଗୁଡ଼ିକରେ ଜମି ଅଧିକାର ଏବଂ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଥିବା ଆଇନଗତ ଆବଶ୍ୟକତା ଆଦିକୁ ବିଚାରକରି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟାନ୍ୱୟନ ପଦ୍ଧତି (ଏସ୍‌ଓପି) ସ୍ଥିର କରାଯାଇଛି। ନଗର ଓ ଗୃହ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ୍ କହିଛନ୍ତି, ଓଡ଼ିଶାର ଜାଗା ମିଶନ ଅନ୍ତର୍ଜାତୀୟ ସ୍ୱୀକୃତି ଲାଭ କରିଛି। ଏଥିପାଇଁ ଓଡ଼ିଶାକୁ ବିଶ୍ୱ ବସତି ପୁରସ୍କାର-୨୦୧୮ ଏବଂ ଏସିଆ-ପ୍ରଶାନ୍ତ ଆବାସିକ ପୁରସ୍କାର-୨୦୨୧ରେ ସମ୍ମାନିତ କରାଯାଇଛି। ଉଷା ସର୍ଭେ ମାଧ୍ୟମରେ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ପ୍ରାୟ ୩୦୦୦ ବସ୍ତି ଚିହ୍ନଟ କରାଯାଇଛି। ଏଥିରେ ପ୍ରାୟ ୧,୬୮,୧୪୧ ବାସଗୃହ ରହିଥିବା ବେଳେ ସେଥିରୁ ୭୦,୦୦୦ ଗୃହଙ୍କୁ ଜମି ଅଧିକାର ଏବଂ ୧,୦୩,୩୨୮ ଗୃହଙ୍କୁ ଜମି ପ୍ରମାଣପତ୍ର ଦିଆଯାଇଛି। ଇତିମଧ୍ୟରେ ୫୫୦ ବସ୍ତିର ବିକାଶ କରି ସେସବୁକୁ ସହରୀ ଜୀବନର ମୁଖ୍ୟସ୍ରୋତରେ ସାମିଲ କରାଯାଇଛି। ଅବଶିଷ୍ଟ ବସ୍ତିକୁ ଚଳିତ ବର୍ଷ ଶେଷସୁଦ୍ଧା ବିକଶିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ଉଷା ସର୍ଭେ ମାଧ୍ୟମରେ ଚିହ୍ନିତ ବସ୍ତିଗୁଡ଼ିକ ମଧ୍ୟରୁ ୨୫୩ଟି ବସ୍ତି ୪୫ଟି ସହର ଅନ୍ତର୍ଗତ ଜଙ୍ଗଲ ଜମିରେ ରହିଛି। ଏହି ବସ୍ତିଗୁଡ଼ିକରେ ଜମି ଅଧିକାର ଏବଂ ଭିତ୍ତିଭୂମି ବିକାଶ ନିମନ୍ତେ ପ୍ରସ୍ତୁତ ଏସ୍‌ଓପି ବିଷୟରେ ସବିଶେଷ ଆଲୋଚନା ହୋଇଛି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶିଶିର କୁମାର ରଥ କହିଛନ୍ତି, ଏସ୍‌ଓପିକୁ ପରୀକ୍ଷାମୂଳକ ଭାବେ ଢେଙ୍କାନାଳ ପୌର ପରିଷଦ ଅଞ୍ଚଳରେ ପ୍ରୟୋଗ କରାଯାଇଥିଲା। ଏହା ପୂର୍ଣ୍ଣମାତ୍ରାରେ ଫଳପ୍ରସୂ ହୋଇଛି। ଏହି ଏସ୍‌ଓପିକୁ ଅନ୍ୟ ସମସ୍ତ ବସ୍ତିର ବିକାଶ ନିମନ୍ତେ ସମୟାନୁବନ୍ଧିତ ଭାବେ କାର୍ଯ୍ୟାନ୍ୱୟନ କରିବାକୁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ଜିଲାର ଜିଲାପାଳ, ଡିଏଫ୍‌ଓ ଏବଂ ସହରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



୩ଦଫା ଦାବି ନେଇ ଓଏସ୍‌ଏସ୍‌ଟିଇଟି ଯୋଗ୍ୟତାଧାରୀ ହିନ୍ଦୀ ତାଲିମପ୍ରାପ୍ତ ଅଣନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ସୋମବାର ଭୁବନେଶ୍ୱର ପିଏମ୍‌ଜି ରାସ୍ତାରେ ଆଣ୍ଠେଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଆଜି ଚିଲିକାରେ ପକ୍ଷୀଗଣନା

**ବାଲୁଗାଁ,୩।୧(ଡି.ଏନ୍.ଏ.)**

ଚିଲିକାରେ ପକ୍ଷୀଗଣନା ପାଇଁ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ପ୍ରସ୍ତୁତି ସରିଛି। ମଙ୍ଗଳବାର ପକ୍ଷୀଗଣନା ହେବାକୁ ଥିବା ବେଳେ ସୋମବାର ବାଲୁଗାଁ ନିକଟ ଚନ୍ଦ୍ରାପୁଟସ୍ଥିତ ସିଡିଏ ଗବେଷଣା କେନ୍ଦ୍ର ଗୃହରେ ଗଣନାକାରୀଙ୍କୁ ତାଲିମ ଦିଆଯାଇଛି। ବମ୍ବେ ନାଚୁରାଲ୍ ହିଷ୍ଟ୍ରି ଅଫ୍ ସୋସାଇଟିର ନିର୍ଦ୍ଦେଶକ ଡା. ବିଭଷ ପାଣ୍ଡବ, ପିସିସିଏଫ୍ ସମ୍ୟକ୍ ସାମନ୍ତରାୟ, ଡିଏଫ୍‌ଓ ଜ୍ୟୋତି କୋଟାଲ୍ ଏବଂ ଏସିଏଫ୍ ଶରତ କୁମାର ମିଶ୍ର ପ୍ରମୁଖ ପକ୍ଷୀଗଣନା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ସମଗ୍ର ଚିଲିକା ଅଧୀନ ଅଞ୍ଚଳରେ ୨୧ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ ହୋଇଥିବା ବେଳେ ୧୦୫ ଜଣ ଏହି ତାଲିମ ଶିବିରରେ ପ୍ରଶିକ୍ଷଣ ନେଇଛନ୍ତି। ଏଥିରେ ୱାଇଲ୍ଡ ଓଡ଼ିଶା, ବମ୍ବେ ନାଚୁରାଲ୍ ହିଷ୍ଟ୍ରି ଅଫ୍ ସୋସାଇଟି, ଓୟୁଏଟି, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରୀଛାତ୍ର ଓ ବହୁ ଅଭିଜ୍ଞ ବିଶାରଦ ସାମିଲ ହୋଇଥିବା ଜଣାପଡ଼ିଛି। ପ୍ରତ୍ୟେକ ଗଣନାକାରୀ ଟିମ୍‌କୁ ଗୋଟିଏ ଲେଖାଏ ଡଙ୍ଗା ଯୋଗାଇ ଦିଆଯାଇଥିବା ବେଳେ ପ୍ରତି ଟିମ୍‌ରେ ଅଭିଜ୍ଞ ପକ୍ଷୀ ବିଶାରଦଙ୍କ ସମେତ ୪ଜଣ ସହଯୋଗୀ ରହିବେ। ଗଣନା ପାଇଁ ପ୍ରତ୍ୟେକ ଦଳକୁ ୱାକିଟକି, ବାଇନାକୁଲାର, ଜିପିଏସ୍ ଓ ଡିଏସ୍‌ଏଫ୍ ଆଦି ଯନ୍ତ୍ର ଯୋଗାଇ ଦିଆଯାଇଛି।

# ସଚେତନତା ଅଭାବରୁ ବୃଦ୍ଧି ପାଉଛି ସ୍ତନ କର୍କଟ

**ଭୁବନେଶ୍ୱର,୩।୧**

ବର୍ତ୍ତମାନ ସମୟରେ ସ୍ତନ କର୍କଟ ହେଉଛି ସବୁଠାରୁ ସାଧାରଣ କର୍କଟ ରୋଗ। ଏହା ଓଡିଶାର ୫୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ମହିଳାଙ୍କ ପାଇଁ ମ୍ୟାମଗ୍ରାମ ପରୀକ୍ଷା ସହିତ ବାର୍ଷିକ ସ୍କ୍ରିନିଂ କରିବାକୁ ବିଭାଗୀୟ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ବିଶେଷ କରି କଟକ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ୭୪,୮୬୧ କର୍କଟ ରୋଗୀଙ୍କ ମଧ୍ୟରେ ଓଡିଶାରେ ସ୍ତନକର୍କଟ ରୋଗୀଙ୍କ ସଂଖ୍ୟା ପ୍ରାୟ ୨୯% (୨୮.୯୪%) ରହିଛି। ସେହିଭଳି ଭାରତରେ ସ୍ତନ କର୍କଟ ରୋଗର ସାମଗ୍ରିକ ଘଟଣା ୧୭.୩ ଲକ୍ଷ ରହିଛି। ଅର୍ଥାତ୍ ୨୮ ଜଣ ମହିଳାଙ୍କ ମଧ୍ୟରୁ ଜଣେ ମହିଳା ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ସେହିପରି ସୁସ୍ଥତା ହାର ମଧ ୬୬% ଥିବାବେଳେ ମୃତ୍ୟୁ ହାର ୧୨.୭% ପ୍ରତି ୧୦୦,୦୦୦ ମହିଳାଙ୍କଠାରେ ରହିଛି। ବୟସ, ମେଦବହୁଳତା, ପୋଷ୍ଟମେନୋପାଜାଲ ହରମୋନ ଥେରାପି, ରକ୍ତସ୍ରାବ, ନଳିପାରିଟି, ଜୀବନଶୈଳୀ, ଉତ୍ତରାଧିକାରୀ ଜିନ ପ୍ରଭୃତି କର୍କଟ ରୋଗ ପାଇଁ ମୁଖ୍ୟ କାରଣ। ଏ ସମ୍ପର୍କରେ କିମସ୍ ହସ୍ପିଟାଲର କନସଲଟାଣ୍ଟ ଡ. ଯୋଗମାୟା ପଟ୍ଟନାୟକ କହିଛନ୍ତି, ସ୍ତନ କର୍କଟ ଚିହ୍ନଟ ପାଇଁ ଉପଲବ୍ଧ ମ୍ୟାମୋଗ୍ରାଫି ହେଉଛି ସର୍ବୋତ୍ତମ ସ୍କ୍ରିନିଂ ମୋଡାଲିଟି। ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ତନ କର୍କଟ ଅସ୍ତ୍ରୋପଚାର ଓ ବିନା ରେଡିଓଥେରାପିରେ ଆରୋଗ୍ୟ ହୋଇପାରିଥାଏ। ଗ୍ରାମାଞ୍ଚଳର ମହିଳାମାନେ ସକ୍ରିୟ ରହୁଥିବାରୁ ସେମାନଙ୍କଠାରେ ସ୍ତନ କର୍କଟ ହେବା କମ୍ ରହିଥାଏ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

**ଭୁବନେଶ୍ୱର,୩।୧(ବ୍ୟୁରୋ)**



ଗ୍ରାମବାସୀ ଏୟାରଫିଲ୍ଡ ଥାନା ଘେରାଉ କରିଛନ୍ତି।

## ସୁନ୍ଦରପଦା ହତ୍ୟା ଘଟଣା

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ନୂଆସାହି ହଜ୍ ପୋଖରୀ ନିକଟରେ ଶୁକ୍ରବାର ରାତିରେ ଦୀପକ କୁମାର ରାଉତରାୟଙ୍କୁ ହତ୍ୟା କରାଯାଇଥିଲା। ଇତିମଧ୍ୟରେ ଏହି ଘଟଣାକୁ ୩ ଦିନ ବିତିଛି। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଥିଲେ ବି ଅଭିଯୁକ୍ତ ବିକି ମଲିଆ, ସୁଜିତ୍ ପଣ୍ଡା, ଗୁନୁ ମଲିଆ ଓ ଅନ୍ୟ ସହଯୋଗୀଙ୍କୁ ଏପର୍ଯ୍ୟନ୍ତ ଧରିପାରିନାହିଁ। ତେଣୁ ଏ ନେଇ କପିଳପ୍ରସାଦ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଅନ୍ୟାନ୍ୟ ଦାବି ନେଇ ଗ୍ରାମବାସୀ ସୋମବାର ରାତି ୯ଟାରେ ଥାନା ଘେରାଉ କରିଥିଲେ। ପରେ ସେମାନେ ଥାନା ଅଧିକାରୀ ରାଧାକାନ୍ତ ସାହୁ ଏବଂ ଏସିପି ଅନିରୁଦ୍ଧ ରାଉତରାୟଙ୍କୁ ଭେଟି ଦାବି ଜଣାଇଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସିପି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଫେରିଆସିଥିଲେ।

ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୦ଟାରେ ନୂଆସାହି ହଜ୍ ପୋଖରୀ ପାଖରେ କପିଳେଶ୍ୱର ଓ କପିଳପ୍ରସାଦର ଯୁବକ ଭୋଜି କରୁଥିଲେ। କପିଳେଶ୍ୱର ଗ୍ରାମର ବିକି, ସୁଜିତ୍, ଗୁନୁ ଓ ସହଯୋଗୀମାନେ ଥିଲେ। ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରିସ୍ଥିତି ଶାନ୍ତ ପଡ଼ିଲା ପରେ ସମସ୍ତେ ଘରକୁ ଚାଲିଯାଇଥିଲେ। ତେବେ ବିକି, ସୁଜିତ୍, ଗୁନୁ ଓ ସହଯୋଗୀମାନେ କପିଳପ୍ରସାଦର ଅନ୍ୟଗୋଷ୍ଠୀ ଉପରେ ପ୍ରତିଶୋଧ ରଖି ବିଳମ୍ବିତ ରାତିରେ ମାରଣାସ୍ତ୍ର ଧରି ଘଟଣାସ୍ଥଳକୁ ଆସି ଗାଳିଗୁଲଜ କରିଥିଲେ। କ୍ଲବରେ ଶୋଇଥିବା କପିଳପ୍ରସାଦ ଗ୍ରାମର ଦୀପକ ଉଠି ସେମାନଙ୍କୁ ବଡ଼ ପାଟି ନ କରିବାକୁ କହିଥିଲେ। ଅଭିଯୁକ୍ତମାନେ ଏଥିରେ ଉତ୍କ୍ଷିପ୍ତ ହୋଇ ତାଙ୍କୁ ମାରଣାସ୍ତ୍ରରେ ହାଣିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶୁଭଶ୍ରୀ



@ ଅକ୍ଷୟ



@ ଆଲୋକ



@ ଅରୁଣ



@ ହାପୁନ



@ ମିଲୁ

# ଆଜିଠାରୁ ମନନ ନାଟକ ମହୋତ୍ସବ

**ଭୁବନେଶ୍ୱର, ୩।୧(ବ୍ୟୁରୋ)**

- ସୌମେନ୍ଦ୍ର ପୂଜାରୀ ପାଇବେ 'ବନବିହାରୀ ପଟ୍ଟନାୟକ ସମ୍ମାନ'
- ୯ଜଣଙ୍କୁ ମିଳିବ 'ମନନ ସମ୍ମାନ'

ମନନ ନାଟ୍ୟ ସଂସ୍ଥାର ୪୩ତମ ଜନ୍ମ ବାର୍ଷିକୀ ନାଟକ ମହୋତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ରବୀନ୍ଦ୍ର ମଣ୍ଡପରେ କଳାକାରମାନେ ନାଟକ ପରିବେଷଣ କରିବେ। ଏହି ଅବସରରେ ୧୪ଜଣଙ୍କୁ ସମ୍ମାନିତ କରାଯିବ। ସୌମେନ୍ଦ୍ର ପୂଜାରୀଙ୍କୁ 'ବନବିହାରୀ ପଟ୍ଟନାୟକ ସମ୍ମାନ', ପ୍ରଫେସର ଡ. ସମର ମୁଦାଲିଙ୍କୁ 'ରତିରଞ୍ଜନ ସମ୍ମାନ', ବଜେନ୍ଦ୍ର ନାୟକଙ୍କୁ 'ଗୋପାଳଚନ୍ଦ୍ର ପଟ୍ଟନାୟକ ସମ୍ମାନ', ଡ. ଲିପିକା ମିଶ୍ରଙ୍କୁ 'ଚନ୍ଦ୍ରଶେଖର ନନ୍ଦ ସମ୍ମାନ', ରାମଚନ୍ଦ୍ର ଭୋଳଙ୍କୁ 'ଜୀବନବ୍ୟାପୀ ସଫଳତା ମନନ ସମ୍ମାନ' ଏବଂ ୯ଜଣଙ୍କୁ 'ମନନ ସମ୍ମାନ' ପ୍ରଦାନ କରାଯିବ ବୋଲି ନାଟ୍ୟ ସଂସ୍ଥା ସଭାପତି ମନୋଜ ପଟ୍ଟନାୟକ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପ୍ରଥମ ସନ୍ଧ୍ୟାରେ ଭୁବନେଶ୍ୱର ଜୀବନରେଖା ପ୍ରଯୋଜିତ ନାଟକ 'ଚିଠି' ପରିବେଷଣ ହେବ। ଦ୍ୱିତୀୟ ସନ୍ଧ୍ୟାରେ ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ 'ଅଳିଆ ଭିତରେ କାଳିଆ', ତୃତୀୟ ସନ୍ଧ୍ୟାରେ ଶ୍ୱେତପଦ୍ମା ନାଟଘର ପକ୍ଷରୁ ନାଟକ 'ସମୟର ଖେଳ', ଚତୁର୍ଥ ସନ୍ଧ୍ୟାରେ ମିରର୍ ଥିଏଟର ପକ୍ଷରୁ 'ଓଲଟି' ଏବଂ ଶେଷ ସନ୍ଧ୍ୟାରେ ଅଲ୍‌ଟରନେଟିଭ୍ ରିଦିମ୍ ଥିଏଟର ଢେଙ୍କାନାଳ ପକ୍ଷରୁ ନାଟକ 'ମାୟା' ପରିବେଷଣ କରାଯିବ। ପ୍ରଥମ ଥର ପାଇଁ ମନନ ପକ୍ଷରୁ କୌଣସି ନାଟକ ପରିବେଷଣ କରାଯିବ ନାହିଁ ବୋଲି ସଭାପତି କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପସଭାପତି ବଙ୍କିମଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଅନୁଜ ପଟ୍ଟନାୟକ ଓ ରାମଚନ୍ଦ୍ର ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।




ଜାନକୀ ବଲ୍ଲଭ ସ୍ମୃତି ସଂସଦ ପକ୍ଷରୁ ସୋମବାର ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୫ତମ ଜୟନ୍ତୀ ଉତ୍ସବ ଏବଂ ସମ୍ମାନ ପ୍ରଦାନ ସମାରୋହରେ ମଞ୍ଚାସୀନ ଅତିଥିମାନେ।



ନୂତନ ବର୍ଷର ପ୍ରାରମ୍ଭରେ ସୋମବାର ପୁରୀ ଶ୍ରୀମନ୍ଦିର ଖୋଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ଲମ୍ବାଧାଡ଼ିରେ ଅପେକ୍ଷା କରିଛନ୍ତି।



ଭୁବନେଶ୍ୱର ଗାଡ଼କଣ ମହାବୀର ବସ୍ତିରେ ସୋମବାର ବିଡିଏ ପକ୍ଷରୁ ବେଆଇନ ଘରଗୁଡ଼ିକୁ ଉଚ୍ଛେଦ କରାଯାଉଛି।

**ସଂକ୍ଷେପରେ**

## ବୁର୍ଲା ଥାନାରେ ପୋଲିସର ଥାର୍ଡ ଡିଗ୍ରୀ

### ଜାମିନରେ ଆସିବା ପରେ ଯୁବକଙ୍କ ଅଭିଯୋଗ

**ସମ୍ବଲପୁର,୩।୧(ବ୍ୟୁରୋ):** ସମ୍ବଲପୁର ଜିଲା ବୁର୍ଲା ଥାନା ପୋଲିସ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆସିଛି। ଥାନା ପରିସରରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ମାରପିଟ କରିଛି। ଏକ ମାମଲାରେ ଜେଲ ଯାଇ ଜାମିନରେ ଆସିବା ପରେ ଧର୍ମେନ୍ଦ୍ର ଗିରି ନାମକ ଯୁବକ ଏ ନେଇ ବୁର୍ଲା ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଡିସେମ୍ବର ୨୮ରେ ବୁର୍ଲା ଥାନାର ଜଣେ ଏସ୍ଆଇ ତାଙ୍କୁ ଥାନାକୁ ଡକାଇ ଏକ ମାମଲାରେ ପଚରାଉଚୁରା କରିଥିଲେ। ଏହି ସମୟରେ ସେ ପକ୍ଷପାତିତା କରି ଗାଳିଗୁଲଜ ସହ ମାରପିଟ କରିଥିଲେ। ଏକ ବାଉଁଶ ବାଡିରେ ବାମ ଗୋଡକୁ ପିଟିବାରୁ ଅଙ୍ଗୁଳି ଫାଟି ରକ୍ତ ବାହାରିଥିଲା। ପାଟି କରିବାରୁ ଅନ୍ୟ ଜଣେ ଏସ୍ଆଇ ପାଖକୁ ଆସି ଗୋଇଠା ମାରିଥିଲେ। ଏ ସମ୍ପର୍କରେ ଡାକ୍ତର କିମ୍ବା ମାଜିଷ୍ଟ୍ରେଟଙ୍କ ପାଖରେ ଅଭିଯୋଗ କଲେ ମିଥ୍ୟା ମାମଲାରେ ଜେଲ ପଠାଇଦେବେ ବୋଲି ଧମକ ଦେଇଥିଲେ। ତେଣୁ ସେ ସମୟରେ ସେ କାହାରି ପାଖରେ ଅଭିଯୋଗ କରି ନ ଥିଲେ। ଏବେ ପରିବାର ଓ ସମ୍ପର୍କୀୟ ସାହସ ଦେବାରୁ ସେ ଅଭିଯୋଗ କରିଥିବା କହିଛନ୍ତି। ଏ ସମ୍ପର୍କରେ ବୁର୍ଲା ଥାନା ଅଧିକାରୀ କମଳ ଲୋଚନ ପଣ୍ଡା କହିଛନ୍ତି, ଅଭିଯୁକ୍ତ ଧର୍ମେନ୍ଦ୍ରଙ୍କ ନାମରେ ପୂର୍ବରୁ ମାମଲା ରହିଛି। ଘଟଣାଦିନ ଏକ ମାମଲାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତାଙ୍କୁ ମାରପିଟ ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ହେଲେ ଘଟଣା ଦିନ ଆମ ପାଖରେ ଅଭିଯୋଗ କରିବା କଥା, ନ ହେଲେ ଡାକ୍ତର କିମ୍ବା ମାଜିଷ୍ଟ୍ରେଟଙ୍କ ପାଖରେ ଅଭିଯୋଗ କରି ପାରିଥାନ୍ତେ। ତଥାପି ଅଭିଯୋଗ ହୋଇଥିବାରୁ ସତ୍ୟାସତ୍ୟକୁ ନେଇ ତଦନ୍ତ କରାଯିବ ବୋଲି ସେ କହିଥିଲେ।

# ଡବ୍ଲ୍ୟୁଏଚ୍ଓରେ ଭିମ୍ସାର ଡାକ୍ତରଙ୍କ ଗବେଷଣା ରିପୋର୍ଟ

## ନିର୍ଦ୍ଦିଷ୍ଟ ବ୍ଲଡ୍ ଗ୍ରୁପ୍‌ରେ ସଂକ୍ରମଣ ନେଇ କରିଥିଲେ ଗବେଷଣା

**ସମ୍ବଲପୁର,୩।୧(ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍ସାରର ଏକ ଡାକ୍ତରୀ ଟିମ୍ ଟିକା ନେବା ପରେ ହୋଇପାରେ ସଂକ୍ରମଣ ଓ ଏକ ନିର୍ଦ୍ଦିଷ୍ଟ ବ୍ଲଡ୍ ଗ୍ରୁପ୍‌ରେ ସଂକ୍ରମଣ ବୃଦ୍ଧି ହେବା ନେଇ ଗବେଷଣା କରି ନଭେମ୍ବର ୨୫ରେ ରିପୋର୍ଟ ପ୍ରକାଶ କରିଥିଲେ। ଏହି ଗବେଷଣା ରିପୋର୍ଟକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ମାନ୍ୟତା ଦେଇଛି। ଡବ୍ଲ୍ୟୁଏଚ୍ଓର କୋଭିଡ୍ ଉପରେ ଗବେଷଣାର ଡାଟା ବେସ୍‌ରେ ଏହା ସ୍ଥାନିତ ହୋଇଛି। ଗତ ଶନିବାର ୱେବ୍‌ସାଇଟ୍‌ରେ ଏହା ଦେଖିବା ପରେ ଭିମ୍ସାରରେ ଗବେଷଣା କରିଥିବା ଡାକ୍ତରୀ ଟିମ୍ ଓ କର୍ତ୍ତୃପକ୍ଷ ଖୁସିବ୍ୟକ୍ତ କରିଛନ୍ତି। ଗବେଷକ ଟିମ୍‌ରେ ଥିବା ଡାକ୍ତର ସଞ୍ଜୀବ ମିଶ୍ର କହିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନରେ ଭିମ୍ସାର ଗବେଷଣା ରିପୋର୍ଟକୁ ସ୍ଥାନିତ କରାଯାଇଛି। ଏହା ଭିମ୍ସାର ପାଇଁ ଗୌରବର ବିଷୟ। ଆଗକୁ ଆହୁରି ଗବେଷଣା କରିବାକୁ ଉତ୍ସାହ ମିଳିବ।

ସୂଚନାଯୋଗ୍ୟ ଭିମ୍ସାରର ଡା. ସଞ୍ଜୀବ ମିଶ୍ର, ଡା. ସୁବ୍ରତ କୁମାର ନାଏକ, ଡା. ରାଜୀବ କୁମାର ନନ୍ଦ, ଡା. ସୁମନ୍ତ ସାହୁଙ୍କ ସହ ଭୁବନେଶ୍ୱର ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି)କୁ ନେଇ ଏକ ଟିମ୍ ଗଠନ ହୋଇଥିଲା। ସେମାନେ ଅନ୍ୟ ବ୍ଲଡ ଗ୍ରୁପ ଅପେକ୍ଷା ଓ' ପଜିଟିଭ, ବି' ପଜିଟିଭ ବ୍ଲଡ ଗ୍ରୁପରେ ସଂକ୍ରମଣ ହାର ଅଧିକ ବୋଲି ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏହା ସହ ଦ୍ୱିତୀୟ ଡୋଜ୍ ଟିକା ପରେ ଆଣ୍ଟିବଡି କ୍ଷମତା କମିଯାଉଛି। ତେଣୁ ଉଚିତ ସମୟରେ ବୁଷ୍ଟର ଡୋଜ୍ ନେବାକୁ ପରାମର୍ଶ ଦେଇଥିଲେ। କୋଭିଡ୍ ଟିକା ନେବା ପରେ ମଣିଷର ଆଣ୍ଟିବଡି ଉପରେ ଗବେଷଣା କରିବାକୁ ଏକ ଟିମ୍ ଗଠନ ହୋଇଥିଲା। ଦ୍ୱିତୀୟ ଡୋଜ୍ ନେଇଥିବା କେତେଜଣ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ମିଶାଇ ମୋଟ ୧୨୨ ଜଣଙ୍କ ରକ୍ତ ନମୁନା ସଂଗ୍ରହ ହୋଇଥିଲା। ସେମାନଙ୍କଠାରୁ ପ୍ରଥମ ଡୋଜ୍‌ର ୧ ମାସ ପରେ ଓ ଦ୍ୱିତୀୟ ଡୋଜ୍ ନେବାର ୬ ମାସ ପରେ ରକ୍ତ ନମୁନା ସଂଗ୍ରହ ହୋଇଥିଲା। ଟିକା ନେବା ପରେ ଆଣ୍ଟିବଡି ଓ ସଂକ୍ରମଣ ଆଶଙ୍କା ନେଇ ଗବେଷଣ ହୋଇଥିଲା। ଦ୍ୱିତୀୟ ଡୋଜ୍ ନେବା ପରେ ଆଣ୍ଟିବଡି କ୍ଷମତା କମିବାରେ ଲାଗିଥାଏ। ଓ' ପଜିଟିଭ ଓ ବି' ପଜିଟିଭ ବ୍ଲଡ ଗ୍ରୁପ୍‌ରେ ଏହି ସଂଖ୍ୟାର ହାର ଅଧିକ ଦେଖିବାକୁ ମିଳିଥିଲା। ଏପରି କି ୭ ଜଣଙ୍କ ଆଦୌ ଆଣ୍ଟିବଡି କ୍ଷମତା ନ ଥିଲା।



ଭୁବନେଶ୍ୱର ଶହୀଦ ନଗର ଦୁର୍ଗାପୂଜା ପଡ଼ିଆରେ ଚାଲିଥିବା ଶୀତବସ୍ତ୍ର ମେଳାର ଏକ ଷ୍ଟଲରେ ସୋମବାର ଲୋକମାନେ ଶୀତବସ୍ତ୍ର କିଣୁଛନ୍ତି।

# ସୁମିତ-ତପସ୍ୱିନୀ ମାମଲାର ରାୟ ଆଜି

**ବ୍ରହ୍ମପୁର ଅଫିସ,୩।୧**



ତପସ୍ୱିନୀ



ସୁମିତ

ଡା.ସୁମିତ ସାହୁ-ତପସ୍ୱିନୀ ଦାଶ ମାମଲାକୁ ନେଇ ଜିଲାଜଜ୍ କୋର୍ଟରେ ଦାଏର ହୋଇଥିବା ଅପିଲର ଚୂଡ଼ାନ୍ତ ରାୟ ମଙ୍ଗଳବାର ପ୍ରକାଶ ପାଇବ। ଗଞ୍ଜାମ ଜିଲା ଜଜ୍ କୋର୍ଟରେ ଏସ୍‌ଡିଜେଏମ୍‌ଙ୍କ ରାୟକୁ ଚ୍ୟାଲେଞ୍ଜ କରି ଉଭୟ ପକ୍ଷଙ୍କ ଓକିଲ ଅପିଲ କରିଥିଲେ। ଗତ ୨୭ ତାରିଖରେ ସୁମିତ ଓ ତପସ୍ୱିନୀଙ୍କ ଓକିଲ କୋର୍ଟରେ ଉଭୟ ପକ୍ଷର ଯୁକ୍ତି ରଖିଥିଲେ। ଜିଲାଜଜ୍ ଯୁକ୍ତି ଶୁଣି ଜାନୁୟାରୀ ୪ରେ ଚୂଡ଼ାନ୍ତ ରାୟ ଦେବା ପାଇଁ ଦିନ ଧାର୍ଯ୍ୟ କରିଥିଲେ। ପୂର୍ବରୁ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ତପସ୍ୱିନୀଙ୍କ ପକ୍ଷରୁ ରୁଜୁ ହୋଇଥିବା ପିଟିଶନ ଉପରେ ପର୍ଯ୍ୟାୟ କ୍ରମେ ଶୁଣାଣି କରି ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ସୁମିତ ଏକ ଘର ଭଡା ନେଇ ତପସ୍ୱିନୀଙ୍କୁ ରଖିବା ଏବଂ ତାଙ୍କର ସବୁ ଖର୍ଚ୍ଚ ବହନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଡିଜେଏମ୍‌ଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ତପସ୍ୱିନୀଙ୍କ ଓକିଲ ଜିଲା ଜଜ୍ କୋର୍ଟରେ ଅପିଲ କରିଥିଲେ। ଏସ୍‌ଡିଜେଏମ୍ ଦେଇଥିବା ନିର୍ଦ୍ଦେଶ ଖାରଜ କରି ସୁମିତଙ୍କ ଘରେ ରହିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଥିଲା। ଅନ୍ୟପଟେ ସୁମିତଙ୍କ ଓକିଲ ଜିଲା କୋର୍ଟରେ ଅପିଲ କରିଥିଲେ, ତପସ୍ୱିନୀ ବଧୂ ନିର୍ଯାତନା ମାମଲା ରୁଜୁ କରିଛନ୍ତି। ସେପଟେ କୋର୍ଟରେ ଛାଡ଼ପତ୍ର ମାମଲା ମଧ୍ୟ ବିଚାରାଧୀନ ରହିଛି। ଏଣୁ ତପସ୍ୱିନୀ ସୁମିତଙ୍କ ସହିତ ରହିବା କେତେଦୂର ସମୀଚୀନ ହେବ ସେ ଦିଗରେ ବିଚାର କରିବାକୁ ଆବେଦନ କରାଯାଇଥିଲା। ସେହିପରି ସୁମିତ ଓ ତପସ୍ୱିନୀଙ୍କର ଛାଡ଼ପତ୍ର ହୋଇନାହିଁ। ତେଣୁ ଆଇନ ଅନୁସାରେ ତପସ୍ୱିନୀଙ୍କୁ ତାଙ୍କ ଶାଶୁଘରେ ରହିବାକୁ ଅନୁମତି ଦେବା ପାଇଁ ଜିଲା ଜଜ୍ କୋର୍ଟରେ ତାଙ୍କ ଓକିଲ ଅପିଲ କରିଥିଲେ।


## UTKAL UNIVERSITY OF CULTURE

Sardar Patel Hall Complex, Unit – II, Bhubaneswar-751009
E-mail : mailboxuuc@gmail.com
www.uuc.ac.in , Phone - (0674)-2535486

No. CAD-2253 — No. 1417/UUC dt.09-12-2021

**ADMISSION NOTIFICATION-2022**

Utkal Universtiy of Culture invites applications for admission to the following courses
**i) Six Months Certificate Course in Jain Religion and Philosophy (Jan-June, 2022).**
**ii) Six Months Certificate Course in Tamil Language(Jan-June, 2022)**

**Eligibility :**
**For Jain Religion :** Any Graduate or equivalent from recognised University.
**For Tamil Language :** HSC or equivalent degree from any recognised Board/Institution.

**Admission Schedule**
**Commencement of sale of application Form and admission** 14.12.2021
**Last date of sale of application form and admission** 06. 01.2022
**No. of seats** 32 in each course
**Cost of application form** Rs. 100.00
**Admission Fee** for Jain Religion - Rs. 500.00; for Tamil Language - Nil

Application form can be procured from the above office address or can be downloaded from the University website www.uuc.ac.in (Form Downloads). **All fees are to be deposited online.** For further querries, contact - **8093982496 .**

Sd/-
Chairman, P.G.Council

OIPR-03005/11/0005/2122


# ଗଞ୍ଜାମ ଜିଲା ବାଲ୍ୟବିବାହ ମୁକ୍ତ

**ଘୋଷଣା କଲେ ଜିଲାପାଳ**

**ବାଲ୍ୟବିବାହ ସୂଚନା ଦେଲେ ୫୦ ହଜାର**

**ଛତ୍ରପୁର,୩।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ବାଲ୍ୟବିବାହ ମୁକ୍ତ ଘୋଷଣା ହୋଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ଘୋଷଣା କରିଛନ୍ତି। ଏଥିପାଇଁ କାର୍ଯ୍ୟ କରିଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଜିଲାପାଳ ଶୁଭେଚ୍ଛା ଜଣାଇବା ସହ ଧନ୍ୟବାଦ ଦେଇଛନ୍ତି। ଏଥିସହ ଏଣିକି ବାଲ୍ୟବିବାହ ପ୍ରଥମ ସୂଚନା ପ୍ରଦାନକାରୀଙ୍କୁ ୫ ହଜାର ବଦଳରେ ପଚାଶ ହଜାର ଟଙ୍କା ଦିଆଯିବ ବୋଲି ଜିଲାପାଳ ଘୋଷଣା କରିଛନ୍ତି। ଗଞ୍ଜାମରେ 'ନିର୍ଭୟା କଢ଼ି' ଯୋଜନାର କାର୍ଯ୍ୟକାରିତା ପରେ ତଳସ୍ତରରୁ କମିଟି ଗଠନ କରାଯାଇ ଯୋଜନାର ସଫଳ ରୂପାୟନ ନିମନ୍ତେ ସଚେତନତାମୂଳକ ପଦକ୍ଷେପ ନିଆଯାଇଥିଲା। ବାଲ୍ୟ ବିବାହ ରୋକିବା ପାଇଁ ଅନେକଗୁଡିଏ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଗ୍ରାମପଞ୍ଚାୟତ ଏବଂ ବିଜ୍ଞାପିତ ଅଞ୍ଚଳ ସ୍ତରରେ ସରପଞ୍ଚଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଏବଂ ସହାୟିକାମାନଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ସେହି କମିଟିର ସର୍ଭେ ରିପୋର୍ଟକୁ ଆଧାର କରି ବ୍ଲକସ୍ତରରେ ପୁଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ଶିଶୁ ବିକାଶ ଯୋଜନା ଅଧିକାରୀ ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ସତ୍ୟାସତ୍ୟ ଯାଞ୍ଚ କରି ଜିଲାସ୍ତରରେ ଗ୍ରାମ ଓ ସହରାଞ୍ଚଳର ୱାର୍ଡଗୁଡିକୁ ବାଲ୍ୟବିବାହ ମୁକ୍ତ ଘୋଷଣା କରିବା ସକାଶେ ରିପୋର୍ଟ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ଜିଲାରେ ୩,୩୦୯ଟି ଗ୍ରାମ, ସହରାଞ୍ଚଳର ୨୮୦ଟି ୱାର୍ଡ ଏବଂ ୫୦୩ ପଞ୍ଚାୟତ ବାଲ୍ୟବିବାହ ମୁକ୍ତ ବୋଲି ଜିଲାପାଳ କୁଲାଙ୍ଗେ ଘୋଷଣା କରିଛନ୍ତି। ଆଗାମୀ ଦିନରେ ଝିଅମାନଙ୍କୁ ବୃତ୍ତିଗତ ପରାମର୍ଶ ଦିଆଯିବ ବୋଲି ମଧ୍ୟ ସୂଚନା ଦେଇଛନ୍ତି।

# ନୂଆପଡ଼ା-ବରଗଡ଼ ରେଳ ପ୍ରକଳ୍ପକୁ ଅନୁମୋଦନ

## ସୂଚନା ଦେଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

**ଭୁବନେଶ୍ୱର,୩।୧(ବ୍ୟୁରୋ):** ନୂଆପଡ଼ା ଓ ବରଗଡ଼ ମଧ୍ୟରେ ଗଡ଼ିବ ରେଳ। କେନ୍ଦ୍ର ରେଳ ମନ୍ତ୍ରଣାଳୟ ଏହି ନୂତନ ରେଳ ଲାଇନ ପ୍ରକଳ୍ପକୁ ଅନୁମୋଦନ ଦେଇଛି। ଏନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଚିଠି ଲେଖି ବରଗଡ଼ ଏମ୍‌ପି ସୁରେଶ ପୂଜାରୀଙ୍କୁ ଜଣାଇଛନ୍ତି। ମନ୍ତ୍ରଣାଳୟ ଏହି ନୂତନ ରେଳପଥକୁ ଅନୁମୋଦନ ଦେବା ପରେ ପ୍ରକଳ୍ପର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ବୈଷ୍ଣବ ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପ ଜରିଆରେ ନୂଆପଡ଼ାରୁ ବରଗଡ଼ ୧୪୨ କିଲୋମିଟର ବ୍ୟାପୀ ନୂଆ ରେଳଲାଇନ ବିଛାଯିବ। ଏଥିରେ ୧୩ଟି ଷ୍ଟେସନ ରହିବ। ପୂର୍ବରୁ ପୂଜାରୀ ଉଭୟ ଜିଲାକୁ ରେଳ ସଂଯୋଗ କରିବାକୁ ବୈଷ୍ଣବଙ୍କୁ ଅନୁରୋଧ କରିଥିଲେ। ପ୍ରକଳ୍ପ ଅନୁମୋଦନ ହୋଇଥିବାରୁ ପୂଜାରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଟୁଇଟ କରି ଧନ୍ୟବାଦ ଜଣାଇଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଉଭୟ ଜିଲାର ବହୁ ଲୋକ ଉପକୃତ ହେବା ସହ ଆର୍ଥିକ ବିକାଶ ମଧ୍ୟ ହୋଇପାରିବ।


## OFFICE OF THE PANCHAYAT SAMITI, BALLIGUDA, KANDHAMAL

E-mail: ori-balliguda@nic.in, Phone/Fax: 06846-243251

No. 3669 — Dated: 30.12.2021

**NOTICE INVITING TENDER**

No. i-325: The Block Development Officer, Balliguda, Kandhamal invites sealed tenders on behalf of Govt. of Odisha from registered and eligible contractors of the Departments of the State (PWD (R&B)/Water Resources/ Rural Works/MI/CPWD/RWSS/PHED etc.) for the Civil works eventually to be drawn up in the PWD P-1 Form in conformity with the Detailed Tender Call Notice. The bidders may submit bids for the following works.

| Sl. No. | Name of the Work/Project | Amount put to tender (in Rs.) | Cost of Tender Paper (Non-refundable) (including 12% GST) (in Rs.) | Bid Security, EMD (in Rs.) | Period of Completion of the Work/Project | Eligible Class of Contractor |
|---|---|---|---|---|---|---|
| 1 | Maintenance/Development of Penamunda Tank at Barakhama | 13,84,042/- | 6720.00 | 13,840/- | 6 (Six) Calendar Months | 'D' & 'C' |

**Terms and Conditions:**
1. Availability of Bid/Tender document in the website: 31.12.2021 to 6.1.2022 (Upto 5.00 P.M.)
2. Date of Opening of the Bid/Tender : 7.1.2022 at 11.00 A.M.
3. The details are available in the district website : **http://www.kandhamal.nic.in.**

OIPR-19189/11/0001/2122 — Sd./- Block Development Officer, Balliguda

## ZILLA SWASTHYA SAMITI, MAYURBHANJ

Office of the CDM&PHO-cum-District Mission Director, NHM, Mayurbhanj, Odisha, 757001
Advt. No. 12649/NHM/2021-22 — Dt.: 22.12.2021

**Tender Call Notice**

No. E-802:- Sealed tenders (Percentage rate) are invited from the interested **"D, C, B & A"** Class Contractors registered with the Govt. for execution of Civil work under **Zilla Swasthya Samiti, Mayurbhanj**. The eligible criteria and the details of the tender documents which can be downloaded from the website www.mayurbhanj.nic.in. Interested bidders fulfilling the eligibility criteria may submit their proposals to the O/o: **CDM & PHO, Mayurbhanj**. Proposal(s) complete in all respect should reach the undersigned on or before **25.01.2022 upto 05.00 PM** through Regd. & Speed Post and the same will be opened on **28.01.2022 at 11.00 A.M.** in the office chamber of the undersigned. The undersigned reserves the right to reject any or all the tender(s) without assgning any reason thereof.

**Sd./- Chief District Medical & Public Health Officer**
**Mayurbhanj**
OIPR-10020/11/0036/2122

## GEDCOL SAIL POWER CORPORATION LIMITED

(A Joint Venture Company of GEDCOL & SAIL)
Regd. Office: GEDCOL Corporate Office, 2nd Floor, OSPH & WC Building, Vanivihar, Janpath, Bhoinagar, Bhubaneswar-751022, Tel: 0674-2547061, Fax: 0674-2542102, Email: info.gspcl@gmail.com
CIN NO.: U40300OR2018SGC029410

No. GSPCL: SECTL: 2018/504 — Date: 31.12.2021

**NOTICE INVITING TENDER**

No. CAD-2681:- Sealed Tenders are invited in two parts i.e. (i) Techno Commercial Bid & (ii) Price bid in separate sealed envelopes from the intending firms / service providers fulfilling the eligibility criteria for the work mentioned below.

| Tender Call Notice No. | Description of Work | Cost of tender papers (Non-refundable) in ₹ |
|---|---|---|
| 01/2021-22 | Providing Services of 01 (One) no. of Data Entry Operator/ Computer Personnel and 01 (one) no. of Qualified CA/ICWA for GSPCL Corporate Office, Bhubaneswar for a period of one year | 4,720.00 (4000+18% GST) |

For details of the tender documents, terms & conditions please visit/ refer our website **www.gedcol.com** from 31.12.2021.

Deputy General Manager (El)
GSPCL Corporate Office, BBSR
OIPR-04012/11/0024/2122

## GOVERNMENT OF ODISHA
## OFFICE OF THE PROJECT DIRECTOR, DRDA, JAGATSINGHPUR

No. CAD-2680 — Email: orijag@nic.in

**Tender Call Notice No. 01 of 2021-22/Health Building Work**

1. Type of works : Health Building works
2. Total No. of works : (10) Nos.
3. Estimated Cost : Rs.19.00 lakh to Rs.20.00 lakh (Approx.)
4. Class of Contractor : "D" & "C" Class
5. Period of Completion : 6 (Six) Calendar Months
6. Date of Bidding : 04.01.2022 at 10 A.M. to Dt.15.01.2022 till 4.00 P.M.
7. Last date of receipt of document : 18.01.2022 upto 5.30 P.M.
8. Date & time of opening of tender : 19.01.2022 at 11 A.M.

Bid documents consisting of specification & schedule of quantities (BOQ) and the set of terms and conditions of contract (DTCN) alongwith other necessary documents can be obtained/ download from district NIC website **www.jagatsinghpur.nic.in** and sealed Bids must be enclosed with appropriate cost in shape of a non-refundable Demand Draft of Rs.6000.00 only for each work separately issued from any Scheduled Bank payabelat at Jagatsinghpur in favour of Project Director, DRDA, Jagatsinghpur. Interested bidders may obtain further information at the same address.

**Sd./- Project Director, DRDA**
**Jagatsinghpur**
OIPR-19077/11/0004/2122

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR

Tel-0663-2548268, E-mail id- serwcirclesbp@yahoo.com

**Bid Identification No. Road tender Online-RWCSBP-43/2021-22 No.3710 Dated: 30.12.2021**

No.O-1610:- The Chief Construction Engineer, Rural Works Circle, Sambalpur on behalf of the Governor of Odisha invites online percentage rate Bid from experienced & eligible bidders for 01 (One) no. of Road work for 2021-22.

| Sl No. | Name of work | Approximate estimated cost put to tender excluding of GST in lakhs (Figure appearing in DTCN is final) | Concerned E.E. with Headquarters | EMD required (in Rs.) to be submitted online | Cost of Bid Document (Rs.) (Online) | Class of bidder | Period of Completion (including rainy, summer & festival) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | **Improvement to Parposi to Dhengurijore via Chandiposi Road under State Plan Improvement to existing RD Road for the year 2021-22 in the district of Deogarh** | 614.80 | Executive Engineer, Rural Works Division, Deogarh | No. EMD is required But, Bid Security declaration should be furnished by the Bidders as mentioned in the DTCN | 10,000/- (On-line) | Special & Super | 12 (Twelve) Calendar months |
| Mode of submission of tender | | | Tender should be submitted only online in website www.tendersorissa.gov.in (https://tendersodisha.gov.in) | | | | |

*Further details can be seen from the e-procurement portal www.tendersorissa.gov.in (https//tendersodisha.gov.in

Summary of key dates are provided below

| Procurement Officer | Bid Identification No. | Availability of Tender On-line for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural works Circle, Sambalpur | Road Tender On-line- RWCSBP-43/2021-22 | **05.01.2022 at 11.00 AM** | **18.01.2022 upto 5.00 PM** | **13.01.2022 up to 5.00 PM** | **19.01.2022 at 11.00 AM** | Will be intimated later |

● Subsequent modification/corrigendum/addendum if required shall appear in website only. ● The amount put to bid is exclusive of GST. ● Bidder should inspect the road before bidding and quote his rate accordingly.

OIPR-25091/11/0056/2122 — **Sd./- Chief Construction Engineer, Rural Works Circle, Sambalpur**

## ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ
### ଶିକ୍ଷା ସୌଧ, ୟୁନିଟ-୫, ଭୁବନେଶ୍ୱର

No.n-83:- ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ନିମନ୍ତେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ମାଧ୍ୟମିକ ଶିକ୍ଷା ପରିଷଦ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାଙ୍କ ତରଫରୁ ପ୍ରଦତ୍ତ ରିହାତି/ସୁବିଧା । ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ପରୀକ୍ଷା ନିମନ୍ତେ ଭିନ୍ନକ୍ଷମ ପରୀକ୍ଷାର୍ଥୀମାନେ ନିମ୍ନୋକ୍ତ ରିହାତି/ସୁବିଧା ହାସଲ କରିବା ନିମନ୍ତେ ଅନୁରୋଧ ।

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**
**BOARD OF SECONDARY EDUCATION, ODISHA**
CUTTACK-1

୧. ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ, ୨୦୧୬ରେ ବର୍ଣ୍ଣିତ ପରୀକ୍ଷାର୍ଥୀଙ୍କ ନିମନ୍ତେ ସହାୟକ ଲେଖାଳିର ବ୍ୟବସ୍ଥା । ସହାୟକ ଲେଖାଳିର ଶିକ୍ଷାଗତ ଯୋଗ୍ୟତା ପରୀକ୍ଷାର୍ଥୀର ଶ୍ରେଣୀଠାରୁ ଗୋଟିଏ ଶ୍ରେଣୀ ତଳ ହୋଇଥିବା ବାଞ୍ଛନୀୟ ।
୨. ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ନିମନ୍ତେ ଏକ ଘଣ୍ଟାର ପରୀକ୍ଷା ସମ ଅବଧି ପାଇଁ ଅତିରିକ୍ତ ୨୦ ମିନିଟର ସୁବିଧା ।
୩. ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ଯଥା ସମ୍ଭବ ତଳ ମହଲାରେ ପରୀକ୍ଷା ସ୍ଥାନର ବ୍ୟବସ୍ଥା ।
୪. ଶ୍ରବଣ ବାଧିତ ପରୀକ୍ଷାର୍ଥୀଙ୍କ ନିମନ୍ତେ ଦ୍ୱିତୀୟ ଭାଷା SEP ଓ ତୃତୀୟ ଭାଷା ଭାବରେ Visual Art ଚୟନ କରିବାର ବିକଳ୍ପ ବ୍ୟବସ୍ଥା ।
୫. ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କୁ ଶତକଡ଼ା ୫୦ ଭାଗ ପର୍ଯ୍ୟନ୍ତ ଶ୍ରେଣୀ ଉପସ୍ଥାନରେ କୋହଳ ।

ବି.ଦ୍ର.:- (ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ଅଭିଭାବକ ଲିଖିତ ଭାବରେ ଭିନ୍ନକ୍ଷମତାର ବୈଧ ପ୍ରମାଣପତ୍ର ସହିତ ବିଦ୍ୟାଳୟ ମୁଖ୍ୟଙ୍କ ଜରିଆରେ ପରୀକ୍ଷା ପୂର୍ବରୁ ମାଧ୍ୟମିକ ଶିକ୍ଷା ପରିଷଦର କ୍ଷେତ୍ରୀୟ କାର୍ଯ୍ୟାଳୟକୁ ଆବେଦନ କରିବେ ।)

**Council of Higher Secondary Education, Odisha**
ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

୧. ସମସ୍ତ ବର୍ଗର ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ନିମନ୍ତେ ପରୀକ୍ଷା ଫିସ କୋହଳ ।
୨. ଲେଖିବାରେ ସମସ୍ୟାଥିବା ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ନିମନ୍ତେ ସହାୟକ ଲେଖାଳିର ବ୍ୟବସ୍ଥା । ସହାୟକ ଲେଖାଳିର ଶିକ୍ଷାଗତ ଯୋଗ୍ୟତା ପରୀକ୍ଷାର୍ଥୀର ଶ୍ରେଣୀଠାରୁ ଗୋଟିଏ ଶ୍ରେଣୀ ତଳ ହୋଇଥିବା ବାଞ୍ଛନୀୟ ।
୩. ପରୀକ୍ଷାରେ ଏକ ଘଣ୍ଟାର ସମୟ ଅବଧି ପାଇଁ ଅତିରିକ୍ତ ୨୦ ମିନିଟର ସୁବିଧା ।
୪. ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ଯଥା ସମ୍ଭବ ତଳ ମହଲାରେ ପରୀକ୍ଷା ସ୍ଥାନର ବ୍ୟବସ୍ଥା ।
୫. ଶ୍ରବଣ ବାଧିତ ପରୀକ୍ଷାର୍ଥୀଙ୍କ ନିମନ୍ତେ ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର ବ୍ୟବସ୍ଥା ।

ବି.ଦ୍ର.:- (ଉପରୋକ୍ତ ରିହାତି/ସୁବିଧା ପାଇବା ପାଇଁ ପରୀକ୍ଷାର୍ଥୀ ପରୀକ୍ଷା ପୂର୍ବରୁ ଭିନ୍ନକ୍ଷମତାର ବୈଧ ପ୍ରମାଣପତ୍ର ସହିତ ଲିଖିତ ଭାବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ/ପ୍ରଧାନ ଶିକ୍ଷକଙ୍କୁ ଫର୍ମ ପୂରଣ ସମୟରେ ଉଦ୍ଦିଷ୍ଟ ଫର୍ମରେ ଆବେଦନ କରିବେ ।)

OIPR-27005/11/0014/2122 — ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ

## ସଂକ୍ଷେପରେ

### ଅବସରପ୍ରାପ୍ତ ନୌସେନା ଅଧିକାରୀ ଶ୍ରୀ ହରିଲାଲ ଶର୍ମାଙ୍କ ପରଲୋକ
### ମୁଖ୍ୟମନ୍ତ୍ରୀଙ୍କ ଶୋକ



ଭୁବନେଶ୍ୱର, ୩।୧(ବ୍ୟୁରୋ): ଅବସରପ୍ରାପ୍ତ ଭାରତୀୟ ନୌସେନା ଅଧିକାରୀ ଭାଇସ୍ ଆଡମିରାଲ ଶ୍ରୀ ହରିଲାଲ ଶର୍ମାଙ୍କର ସୋମବାର ପରଲୋକ ଘଟିଛି। ତାଙ୍କୁ ୧୦୦ ବର୍ଷ ବୟସ ହୋଇଥିଲା। ଭୁବନେଶ୍ୱରରେ ରହୁଥିବା ହରିଲାଲ ଅସୁସ୍ଥତା କାରଣରୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ସୋମବାର ସନ୍ଧ୍ୟା ୬ଟା ୨୦ରେ ତାଙ୍କର ଦେହାନ୍ତ ଘଟିଥିଲା। ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାରବର୍ଗଙ୍କ ପକ୍ଷରୁ ସୂଚନା ମିଳିଛି। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧବେଳେ ସେ ଫ୍ଲାଗ୍ ଅଫିସର କମାଣ୍ଡିଙ୍ଗ୍ ଇଷ୍ଟର୍ଣ୍ଣ ଫ୍ଲିଟ୍ (ଏଫ୍ଓସିଇଏଫ୍) ଭାବେ କାର୍ଯ୍ୟ କରିଥିଲେ। ଏହି ଯୁଦ୍ଧରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ପରେ ସେ ୧୯୭୭ ମାର୍ଚ୍ଚ ୧ରୁ ୧୯୭୮ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଇଷ୍ଟର୍ଣ୍ଣ ନାଭାଲ କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଙ୍ଗ ଇନ୍ ଚିଫ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ତତ୍କାଳୀନ ବିହାର ଓ ଓଡ଼ିଶା ପ୍ରଦେଶରେ ୧୯୨୨ ଡିସେମ୍ବର ୧ରେ ଜନ୍ମଗ୍ରହଣ କରିଥିବା ହରିଲାଲ ୧୯୪୨ରୁ ୧୯୭୮ ପର୍ଯ୍ୟନ୍ତ ଭାରତୀୟ ନୌସେନାରେ କାର୍ଯ୍ୟ କରିଥିଲେ। ସେ ପରମ ବିଶିଷ୍ଟ ସେବା ମେଡାଲ (ପିଭିଏସ୍ଏମ୍) ପାଇଥିଲେ। ହରିଲାଲଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ହରିଲାଲ୍ଙ୍କ ବିୟୋଗରେ ସେ ଦୁଃଖିତ। ଭାରତ ଲଢ଼ିଥିବା ବିଭିନ୍ନ ଯୁଦ୍ଧରେ ହରିଲାଲ ନେତୃତ୍ୱ ନେଇଥିଲେ। ତାଙ୍କ ଶୋକ ସନ୍ତପ୍ତ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି।

### ଏକାମ୍ରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ପୁରୁଣା ଭୁବନେଶ୍ୱର,୩।୧(ଡି.ଏନ୍.ଏ.): ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାସୁଆଘାଇ ପଞ୍ଚାୟତରେ ୮୦ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସୋମବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରୁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଦୁର୍ଗାପୁର ପାଟଣା ମଙ୍ଗଳା ମଣ୍ଡପ, ଗ୍ରାମଦେବତୀଙ୍କ ମଣ୍ଡପ, ହରିଜନ ସାହି ରାସ୍ତା, ବାସୁଆଘାଇ ଡ୍ରେନ ଏବଂ କଲଭର୍ଟ, ଆଶୁତୋଷ ନଗର ୧,୨, କେଶୋରା ବି ବି ନଗର, ଶ୍ରୀକ୍ଷେତ୍ର ବିହାର, ବ୍ୟାଙ୍କ୍ କଲୋନୀ, ଦ୍ୱାରିକାପୁରି, ଜାତୀୟ ରାଜପଥଠାରୁ ମହାଦେବ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଏବଂ ଜଳ ସମ୍ପଦ ବିଭାଗ ପକ୍ଷରୁ କୋରଡକଣ୍ଟା କପିଳ ମଠ ନିକଟ ନଦୀବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ଆଶୁତୋଷ ନଗର କମ୍ୟୁନିଟି ସେଣ୍ଟରର ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଦୀପ୍ତିମୟୀ ସୁନ୍ଦରାୟ, ପ୍ରଶାନ୍ତ ମୁଖୀ, କୃତାର୍ଥ ପ୍ରଧାନ, ଜ୍ଞାନରଞ୍ଜନ ଜେନା, ଅଶୋକ ଜେନା, ରତିକାନ୍ତ ସାମନ୍ତରାୟ, ସୁବାସ ସୁନ୍ଦରାୟ, ଦିଲୀପ ସାହୁ, ଗଙ୍ଗାରାମ ପଣ୍ଡା, ସୁଲୋଚନା ଦାସ, ଅମ୍ବିକା ରାଜ,ଶର୍ମିଷ୍ଠା ବଳିୟାରସିଂହ, ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲୁଗାଁ ଭାଜପା ନଗର ମଣ୍ଡଳ ସଭାପତି ଗିରଫ

**ବନ୍ଧୁକ ଧରି ଚିଲିକା ବିଧାୟକଙ୍କୁ ଧମକ, ଗାଳି ଅଭିଯୋଗ**
- ଥାନା ଆଗରେ ବିଜେଡି-ଭାଜପା କର୍ମୀ ମୁହାଁମୁହିଁ
- ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ବାଲୁଗାଁ,୩।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଲୁଗାଁସ୍ଥିତ ଏକ ସ୍କୁଲ ପରିସରରେ ସୋମବାର ଏକ ଶ୍ରେଣୀଗୃହର ଭୂମି ପୂଜନରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇଥିଲେ। ଏହି ସମୟରେ ବାଲୁଗାଁ ଭାଜପା ନଗର ମଣ୍ଡଳ ସଭାପତି ନିରଞ୍ଜନ ସେଠୀ ଏକ ବନ୍ଧୁକ ଧରି ବିଧାୟକଙ୍କୁ ହତ୍ୟା ଉଦ୍ଦେଶ୍ୟରେ ସ୍କୁଲ ପରିସରକୁ ପଶିଥିଲେ। ବାଲୁଗାଁ ବିଜେଡି କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା ପ୍ରତିବାଦ କରି ଅଟକାଇ ଥିଲେ। ଏନେଇ କୃଷ୍ଣଚନ୍ଦ୍ର ବାଲୁଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩/୨୨) ରୁଜୁକରି ନିରଞ୍ଜନଙ୍କୁ ଗିରଫ କରିଛି।

ଅଭିଯୋଗ ମୁତାବକ, ସୋମବାର ମଧ୍ୟାହ୍ନରେ ଏକ ସ୍କୁଲରେ ବିଧାୟକଙ୍କ ଦ୍ୱାରା ଏକ ନୂତନ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ବିଜେଡିର ବହୁ କର୍ମୀ ଉପସ୍ଥିତ ଥିଲେ। ଏହି ସମୟରେ ଭାଜପା ନଗର ମଣ୍ଡଳ ସଭାପତି ନିରଞ୍ଜନ ଏକ ବନ୍ଧୁକ ଧରି କେତେଜଣ ସହଯୋଗୀଙ୍କ ସହ ସେଠାରେ ପହଞ୍ଚିଥିଲେ। ନିରଞ୍ଜନ ବିଜେଡି କର୍ମୀଙ୍କୁ ଗାଳିଗୁଲଜ କରିବା ସହ ବନ୍ଧୁକ ଦେଖାଇଥିଲେ। ବିଧାୟକ ଜଗଦ୍ଦେବଙ୍କୁ ହତ୍ୟା ଉଦ୍ଦେଶ୍ୟରେ ନିରଞ୍ଜନ ସ୍କୁଲ ପରିସରକୁ ପ୍ରବେଶ ଉଦ୍ୟମ କରିଥିଲେ ବୋଲି କୃଷ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି। ସେ ଏହାର ପ୍ରତିବାଦ କରିବା ବେଳେ ଆକ୍ରମଣର ଶିକାର ହୋଇଥିବା ମଧ୍ୟ ଏତଲାରେ ଦର୍ଶାଇଛନ୍ତି। ପରେ ସେଠାରେ ଉପସ୍ଥିତ ପୋଲିସ ନିରଞ୍ଜନଙ୍କୁ କାବୁକରି ଥାନାକୁ ଆଣିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ଗିରଫ ଦାବିରେ ବିଧାୟକ ଜଗଦ୍ଦେବଙ୍କ ସମେତ ବିଜେଡି କର୍ମୀମାନେ ସ୍କୁଲରୁ ପଦଯାତ୍ରାରେ ଯାଇ ଥାନା ଆଗରେ ପହଞ୍ଚି ଧାରଣା ଦେଇଥିଲେ। କିଛି ସମୟ ପରେ ଭାଜପା ସମର୍ଥିତ କର୍ମୀମାନେ ମଧ୍ୟ ଥାନା ଆଗରେ ପହଞ୍ଚି ଏହା ମିଥ୍ୟା ଓ ଉଦ୍ଦେଶ୍ୟମୂଳକଭାବେ କରାଯାଇଛି ବୋଲି ପ୍ରତିବାଦ କରିଥିଲେ। ଫଳରେ ବିଜେଡି ଓ ଭାଜପା କର୍ମୀ ମୁହାଁମୁହିଁ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଘଟଣାସ୍ଥଳରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପି.କେ. ଦାଶ, ବାଲୁଗାଁ ଏସ୍ଡିପିଓ ମାନସ ରଞ୍ଜନ ବାରସ୍କଙ୍କ ସମେତ ବାଣପୁର, ବାଲୁଗାଁ, ଟାଙ୍ଗୀ ପୋଲିସ କର୍ମଚାରୀଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

ପ୍ରକାଶ ଯେ, କିଛି ଦିନ ପୂର୍ବେ ବାଲୁଗାଁ ଏନ୍ଏସି କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ବେଳେ ନିରଞ୍ଜନଙ୍କୁ ଆକ୍ରମଣ ଅଭିଯୋଗ ନେଇ ବିଧାୟକ ଜଗଦ୍ଦେବଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପରେ ବିଧାୟକ ଜଗଦ୍ଦେବ ବିଜେଡିରୁ ନିଲମ୍ବନ ହୋଇଥିଲେ। ସୋମବାର ପୂର୍ବ ବିବାଦକୁ ନେଇ ନିରଞ୍ଜନ ସମର୍ଥକଙ୍କ ସହ ବିଦ୍ୟାଳୟରେ ପହଞ୍ଚି ଏପରି ଘଟଣା ଘଟାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।



ଥାନା ଆଗରେ ଧାରଣାରେ ବସିଥିବା ବିଜେଡ଼ି କର୍ମୀମାନେ।

## ପ୍ରଥମ ଦିନରେ ୪, ୧୦୭ କିଶୋରଙ୍କୁ ଟିକା

ଭୁବନେଶ୍ୱର, ୩।୧(ବ୍ୟୁରୋ)

ରାଜ୍ୟରେ ୧୫ରୁ ୧୮ବର୍ଷ ବର୍ଗର କିଶୋରଙ୍କୁ ସୋମବାରଠାରୁ ଟିକାକରଣ ଆରମ୍ଭ ହୋଇଛି। ରାଜଧାନୀରେ ଟିକାକରଣକୁ ସୁଗମ କରିବା ପାଇଁ ବିଏମ୍ସି ପକ୍ଷରୁ ପୂର୍ବରୁ ଚାଲିଥିବା ଟିକା କେନ୍ଦ୍ର ସହିତ ଅତିରିକ୍ତ ୪ଟି କେନ୍ଦ୍ର ଖୋଲାଯାଇଛି। ପ୍ରଥମ ଦିନରେ ୪ହଜାର ୩୫୦ଜଣଙ୍କ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ତେବେ ୪ହଜାର ୧ଶହ ୭ଜଣ କିଶୋର ଟିକା ନେଇଥିବା ବିଏମ୍ସି ପକ୍ଷରୁ ସୂଚନା ଦିଆଯାଇଛି। ଟିକାକରଣକୁ ତ୍ୱରାନ୍ୱିତ କରିବା ସହ ଯଥାଶୀଘ୍ର ସାରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଅପରପକ୍ଷେ ସୋମବାର ୧୮ରୁ ୪୪ ବର୍ଷ ବୟସର ୧୩୫୭ ଓ ୪୫ରୁ ଉର୍ଦ୍ଧ୍ୱ ବୟସର ୩୮୩ଜଣ ଟିକା ନେଇଥିବା ସୂଚନା ମିଳିଛି।

## ଆରମ୍ଭ ହେଲା ଓଡ଼ିଶୀ ସଙ୍ଗୀତ ମହୋତ୍ସବ

ଭୁବନେଶ୍ୱର,୩।୧

ଶୀତୁଆ ସନ୍ଧ୍ୟାରେ ସୂଚନା ଭବନ ମଞ୍ଚରୁ ଶୁଭୁଥିଲା ଓଡ଼ଶୀ ସଙ୍ଗୀତ। ଜଣକ ପରେ ଜଣେ କଣ୍ଠଶିଳ୍ପୀ ବିଭିନ୍ନ ରାଗ, ରାଗିଣୀ ଓ ଛାନ୍ଦ, ଚମ୍ପୁ ଓ ଚଉତିଶାକୁ ଆଧାର କରି ଓଡ଼ଶୀ ସଙ୍ଗୀତ ପରିବେଷଣ କରି ଚାଲିଥିଲେ। ଅବସର ଥିଲା ୩ଦିନିଆ ଓଡ଼ଶୀ ସଙ୍ଗୀତ ମହୋତ୍ସବର ଉଦ୍ଘାଟନୀ ସନ୍ଧ୍ୟା। ସଙ୍ଗୀତ ସଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଏହି ସଙ୍ଗୀତ କାର୍ଯ୍ୟକ୍ରମର ସୋମବାର ଥିଲା ପ୍ରଥମ ସନ୍ଧ୍ୟା। ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଶିଳ୍ପ ବିଭାଗ ଅତିରିକ୍ତ ଶାସନ ସଚିବ ସୁଭେନ୍ଦ୍ର ନାୟକ, ଅନୁଷ୍ଠାନର ସମ୍ପାଦକ ଗୁରୁ ରାମହରି ଦାସ, ସୁଧାକରଙ୍କ ପୁତ୍ର ଅରକ୍ଷିତ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥଲେ। ସଭା ପରେ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ ଶିଳ୍ପୀ ରୂପକ କୁମାର ପରିଡ଼ା 'କାହା ଚିତ୍ତ ତାହା ଚାହିଁ ନବଳିବ, ଯାହା ମୁଁ ଦେଖିଲେ ଗୋ ମା' ପରିବେଷଣ କରିଥିଲେ। ଏହାପରେ ଗୀତା ମଞ୍ଜରୀ ବହେରା 'କହିବୁ ଯାଇ ଶ୍ୟାମବନ୍ଧୁଙ୍କୁ', ଗୁରୁ ଚନ୍ଦ୍ରମଣି ଲେଙ୍କା 'ରମଣୀବର ଆସୁଛି କରି ଭଙ୍ଗୀ', ସଙ୍ଗୀତ ପଣ୍ଡା 'ଜାଣି ଜାଣି ହୁଡିଗଲିଟି', ଢେଙ୍କାନାଳର ରାସ ବିହାରୀ ନାଥ 'କାହିଁକି ନଇଲେ ଶ୍ୟାମ', ଭାରତୀ ଜେନା 'ମଧୁମଳୟ ମନ୍ଦ ବହିଲାରେ' ଓ ଶେଷରେ ଗୁରୁ ନିମାକାନ୍ତ ରାଉତରାୟ 'ମହୀମଣ୍ଡନା ତୁ ନମାର ମାର ମାରରେ', 'ତାର ଛଇକି ଛବିକି ମାରରେ' ଭଳି ସଙ୍ଗୀତ ପରିବେଷଣ କରିଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବସ୍ତି ଉଚ୍ଛେଦ ବନ୍ଦ ନ ହେଲେ ଆନ୍ଦୋଳନ ଜୋର୍

ଭୁବନେଶ୍ୱର,୩।୧(ବ୍ୟୁରୋ): ବସ୍ତି ଥଇଥାନ ଓ ସୁରକ୍ଷାକୁ ନେଇ ରାଜ୍ୟ ସରକାର ଯେଉଁ ନୀତି ଘୋଷଣା କରିଛନ୍ତି, ତାହା କେବଳ ଏକ ସ୍ଲୋଗାନ ବୋଲି ବସ୍ତି ସୁରକ୍ଷା ମଞ୍ଚ ଅଭିଯୋଗ କରିଛି। ସୁଭାଷ ବୋଷ ନଗର ବସ୍ତି ଉଚ୍ଛେଦ ବିରୋଧରେ ବସ୍ତିବାସିନ୍ଦା ଓ ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବସ୍ତି ସୁରକ୍ଷା ମଞ୍ଚର ସମ୍ପାଦିକା ପ୍ରମିଳା କହିଛନ୍ତି, ରାଜ୍ୟରେ ପ୍ରଥମ କରି ୨୦୦୩ରେ ପ୍ରଣୀତ ଓଡ଼ିଶା ମହାନଗର ଅଧ୍ୟାଦେଶର ପରିଚ୍ଛଦ ୨୧ରେ ମହାନଗର ନିଗମ ଅଞ୍ଚଳର ବସ୍ତିବାସିନ୍ଦା ରହୁଥିବା ଜମି ଉପରେ ସ୍ଥାୟୀ ଉନ୍ନତି ବିଧାନ କରାଯିବ (ଟେନେବୁଲ ବସ୍ତି)ବୋଲି ବୈଧାନିକ ବ୍ୟବସ୍ଥା କରାଯାଇଥିଲା। ଏହାକୁ ଓଡ଼ିଶା ବିଧାନସଭା ମଞ୍ଜୁରୀ ଦେବାପରେ ଆଇନଗତ ଅଧିକାର ସତ୍ତ୍ୱେ ୨୦୦୪ରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୁଭାଷ ବୋଷ ନଗର ବସ୍ତି ବାସିନ୍ଦାଙ୍କ ଘର ଭାଙ୍ଗିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ତେବେ ବସ୍ତି ବାସିନ୍ଦାଙ୍କ ପ୍ରତିବାଦ କାରଣରୁ ବସ୍ତି ଭଙ୍ଗା ସ୍ଥଗିତ ରହିଥିଲା।

ଏ ନେଇ ପରେ ହାଉସିଂ ବୋର୍ଡ କର୍ତ୍ତୃପକ୍ଷ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି। ତେବେ ପ୍ରତିଶ୍ରୁତି କାର୍ଯ୍ୟକାରୀ କରା ନ ଯାଇ ୨୦୨୧ ଡିସେମ୍ବର ୩ରେ ବସ୍ତି ଭାଙ୍ଗିବା ପାଇଁ ବେଆଇନ ଭାବେ ଅଭିଯାନ ହୋଇଥିଲା ବୋଲି ପ୍ରମିଳା କହିଛନ୍ତି। ଏହା ପ୍ରତିବାଦରେ ଡିସେମ୍ବର ୩ରୁ ଦିବାରାତ୍ର ଧାରଣା ଦିଆଯାଇଛି। ଆନ୍ଦୋଳନକୁ ଓଡ଼ିଶା ସଂଯୁକ୍ତ କିଷାନ ମୋର୍ଚ୍ଚା ସମେତ ସିପିଆଇ(ଏମ୍ଏଲ୍) ରେଡ୍ ଷ୍ଟାର, କଂଗ୍ରେସ, ଭାଜପା ସମର୍ଥନ ଜଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆସନ୍ତା ୧୫ତାରିଖ ସୁଦ୍ଧା ଭରସାଯୋଗ୍ୟ ପ୍ରତିଶ୍ରୁତି ନ ମିଳିଲେ ବସ୍ତିବାସିନ୍ଦା ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ବସ୍ତିବାସିନ୍ଦା ଓ ବସ୍ତି ସୁରକ୍ଷା ମଞ୍ଚର କର୍ମକର୍ତ୍ତାମାନେ।



କଟକ ସାରଳା ଭବନରେ ସୋମବାର କଟକ ମହୋତ୍ସବର ଉଦ୍ଘାଟନୀ ସନ୍ଧ୍ୟାରେ ପରିବେଷିତ ନାଟକ 'ତୁଠ ପଥର'ର ଏକ ଦୃଶ୍ୟ।

## ଟ୍ରେଡ଼ିଂ ଆପ୍‌ରେ ଟଙ୍କା ନିବେଶ କରି ୨କୋଟି ହରାଇଲେ

**ସାଇବର ଥାନାରେ ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଅଭିଯୋଗ**

ଭୁବନେଶ୍ୱର,୩।୧(ବ୍ୟୁରୋ)

ଅନଲାଇନ୍ ଟ୍ରେଡ଼ିଂ ଆପ୍‌ରେ ଟଙ୍କା ନିବେଶ କରି ଦ୍ୱୈତ ନଗରୀରେ ରହୁଥିବା ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକାମିର ଶିକାର ହୋଇଛନ୍ତି। ଏନେଇ ଠକାମିର ଶିକାର ହୋଇଥିବା ବ୍ୟକ୍ତିମାନେ ସୋମବାର ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ସାଇବର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବାଇସାଇକେଲ୍ ଆପ୍ଲିକେଶନ ନାଁରେ ଏକ ଟ୍ରେଣ୍ଡିଂ ଆପ୍‌ରୁ ଏକ ଲିଙ୍କ ହ୍ୱାଟ୍ସଆପ୍ ଜରିଆରେ ସେମାନଙ୍କ ମୋବାଇଲ ଫୋନ୍‌କୁ ଆସିଥିଲା। ପରେ ଡାଉନଲୋଡ଼ କରି ଟଙ୍କା ନିବେଶ କରିବାକୁ ଆପ୍ ପକ୍ଷରୁ କୁହାଯାଇଥିଲା। ଟଙ୍କା ନିବେଶ କଲେ ଅଳ୍ପଦିନରେ ଦୁଇଗୁଣା ହେବ ବୋଲି ଲୋଭ ଦେଖାଯାଇଥିଲା। ଫଳରେ ଲୋକେ ପ୍ରଥମେ ଏକହଜାର ଟଙ୍କା ନିବେଶ କରିଥିଲେ। ଏହି ଟଙ୍କା ନିବେଶ କରିବା ପରେ ସେମାନଙ୍କୁ ୨୦ ଟଙ୍କାରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥିଲା। ଫଳରେ ସେମାନେ ଅଧିକ ଟଙ୍କା ନିବେଶ କରି ଟ୍ରେଣ୍ଡିଂ ଆପ୍‌ରେ ଶେୟାର କିଣିବାକୁ ଚାହିଁଲେ। ଏନେଇ କେତେଜଣ ବ୍ୟକ୍ତି ୩୦ରୁ ୪୦ହଜାର ଟଙ୍କା ଲେଖାଏ ନିବେଶ କରିଥିଲେ। ହେଲେ ଗତ ୨୪ ତାରିଖ ପରେ ଉକ୍ତ ଆପ୍‌ରେ ଆଉ ଟଙ୍କା ଫେରସ୍ତ ହୋଇ ନ ଥିଲା। ଏପରି କି ଆପ୍ଲିକେଶନ୍ କାମ କରି ନ ଥିଲା। ଫଳରେ ସେମାନେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।

## ମାସକରେ ୧୧୨ ଲୁଟେରା ଗିରଫ

**୭୨ ମୋବାଇଲ, ୫୬ ଗ୍ରାମ ସୁନା ଜବତ**

ଭୁବନେଶ୍ୱର,୩।୧(ବ୍ୟୁରୋ)

ରାଜଧାନୀରେ ଦିନକୁ ଦିନ ଲୁଟେରାଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। କିଛି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଏକାଧିକ ଘଟଣାରେ ଅଭିଯୁକ୍ତ ଫେରାର ଅଛନ୍ତି। ଏହିକ୍ରମରେ ବିଭିନ୍ନ ଥାନା ଅଞ୍ଚଳରୁ ଗତ ଡିସେମ୍ବର ମାସରେ ୧୧୨ଜଣ ଲୁଟେରାଙ୍କୁ ଗିରଫ କରାଯାଇଥିବା ସୋମବାର କମିଶନରେଟ ପୋଲିସ ସୂଚନା ଦେଇଛି। ଏମାନଙ୍କ ମଧ୍ୟରୁ ୩୦ ଜଣ ଅଭ୍ୟାସଗତ ଅପରାଧୀ ବୋଲି କୁହାଯାଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ପିଓପିଡି ଟିମ୍-୬୦ ଏବଂ ଥାନା ଅଫିସରଙ୍କ ମିଳିତ ଉଦ୍ୟମରେ ସମସ୍ତ ଅଭିଯୁକ୍ତଙ୍କୁ ଧରାଯାଇଛି। ୨୩ଜଣ ଅଭିଯୁକ୍ତଙ୍କୁ ଏକାଧିକ ମାମଲାରେ ସମ୍ପୃକ୍ତି ପାଇଁ ଜେଲରୁ ରିମାଣ୍ଡରେ ଅଣାଯାଇଥିଲା। ଅଭିଯୁକ୍ତମାନେ ଲୁଟ୍ କରିଥିବା ୭୨ଟି ମୋବାଇଲ ଫୋନ, ୫୬ଗ୍ରାମର ସୁନା ଅଳଙ୍କାର, ନଗଦ ୨୫ହଜାର ଟଙ୍କା ଏବଂ ୫୦ଟି ଚୋରା ବ୍ୟାଟେରି, ୨୭ଟି ଚୋରା ଗାଡି ଜବତ କରାଯାଇଛି। ଜବତ ହୋଇଥିବା ଅଧିକାଂଶ ସାମଗ୍ରୀକୁ ଚିହ୍ନଟ କରାଯାଇ ପ୍ରକୃତ ମାଲିକଙ୍କୁ ଫେରାଯାଇଛି। ଏଥିସହ କେତେକ ମୋବାଇଲ ଫୋନ୍‌ଗୁଡିକର ମାଲିକଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ତେବେ ଯଦି ଭୁବନେଶ୍ୱରର କୌଣସି ବ୍ୟକ୍ତିଙ୍କ ମୋବାଇଲ୍ ଲୁଟ, ଚୋରି କିମ୍ବା ହଜିଯାଇଥାଏ, ତା'ହେଲେ ସେମାନେ ଭୁବନେଶ୍ୱରଙ୍କ ଡିସିପି ଅଫିସ ପକ୍ଷରୁ ଜାରି ହୋଇଥିବା ୨୪ଘଣ୍ଟିଆ ସହାୟତା ନମ୍ବର '୭୦୭୭୭୯୮୧୧୧'ରେ ହ୍ୱାଟସଆପ୍ ମାଧ୍ୟମରେ ଯୋଗାଯୋଗ କରି ନିଜର ନାମ, କେସ୍ ନମ୍ବର ସହିତ ଚୋରି ହୋଇଥିବା ମୋବାଇଲର ତଥ୍ୟ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଫଳରେ ତାଙ୍କୁ ଚିହ୍ନଟ କରାଯାଇ ଜବତ ହୋଇଥିବା ମୋବାଇଲ ଫେରାଯିବାର ବ୍ୟବସ୍ଥା ରହିଛି।

## ବ୍ୟାଟେରି ଚୋରି ଗ୍ୟାଙ୍ଗ୍‌ର ୪ ଗିରଫ

**ଏକ ପିକ୍‌ଅପ୍ ଭ୍ୟାନ, ୨୨ ବ୍ୟାଟେରି ଜବତ**

ଭୁବନେଶ୍ୱର,୩।୧(ବ୍ୟୁରୋ)



ରାଜଧାନୀ ଓ ଏହାର ଉପକଣ୍ଠ ଅଞ୍ଚଳର ବିଭିନ୍ନ ଟାୱାରରୁ ବ୍ୟାଟେରି ଚୋରି କରୁଥିବା ଗ୍ୟାଙ୍ଗ୍‌କୁ କମିଶନରେଟ ପୋଲିସ ଗିରଫ କରିଛି। ଏହି ଗ୍ୟାଙ୍ଗର ୪ଜଣଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ଅଞ୍ଚଳର ରାଜେନ୍ଦ୍ର ବେହେରା, ଚିତ୍ରସେନ ଜେନା, ପ୍ରକାଶ ଜେନା ଏବଂ ଭରତପୁର ଥାନା ଅଧୀନ ସତ୍ୟନଗର ଅଞ୍ଚଳରେ ଟିଙ୍କିନା ପାଣ୍ଡେ। ସେମାନଙ୍କଠାରୁ ଏକ ପିକ୍‌ଅପ୍ ଭ୍ୟାନ ଏବଂ ୨୨ଟି ଚୋରା ବ୍ୟାଟେରି ଜବତ ହୋଇଛି। ଡିସେମ୍ବର ୨୪ରେ ନୟାପଲ୍ଲୀ ଥାନା ରେଣ୍ଟାଲ କଲୋନୀ ଟେଲିକମ୍ ଟାୱାରରୁ ବ୍ୟାଟେରୀ ଚୋରି ମାମଲାରେ ଏମାନଙ୍କର ସମ୍ପୃକ୍ତି ରହିଛି। ଏଥିସହ ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳର ବ୍ୟାଟେରୀ ଚୋରିରେ ସମ୍ପୃକ୍ତି ଥିବା ପୋଲିସ କହିଛି। ଏମାନଙ୍କ ସହ ଆଉ କେତେଜଣ ସଦସ୍ୟ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ସେମାନଙ୍କୁ ଧରିବାକୁ ପୋଲିସ ତଦନ୍ତ ଜାରି ରଖିଛି।

### ସୁରକ୍ଷାକର୍ମୀ ବିହୀନ ଟାୱାରକୁ ଟାର୍ଗେଟ

ଅଭିଯୁକ୍ତମାନେ ଚୋରି କରିବାକୁ ଏକ ତରିକା ଆପଣାଉଥିଲେ। ଏମାନେ ବିଭିନ୍ନ କମ୍ପାନୀର ଟାୱାରଗୁଡ଼ିକ ପାଖକୁ ଦିନବେଳା ଦେଖିବାକୁ ଯାଆନ୍ତି। ଯେଉଁଠି ସୁରକ୍ଷାକର୍ମୀ ନ ଥାନ୍ତି, ସେହି ଟାୱାରଗୁଡ଼ିକୁ ଏମାନେ ଟାର୍ଗେଟ କରିଥାନ୍ତି। ଶନିବାର ବିଳମ୍ବିତ ରାତିରେ ଖାରବେଳ ହୋଟେଲ ନିକଟ ଇଣ୍ଡସ୍ ଟାୱାର ପଛଗେଟ୍ ତାଲା ଭାଙ୍ଗି ଅଭିଯୁକ୍ତମାନେ ପଶିଥିଲେ। ଦୀର୍ଘ ୧ ଘଣ୍ଟା ଧରି ୨୨ଟି ବ୍ୟାଟେରିକୁ କାଟି ଭ୍ୟାନରେ ଭର୍ତ୍ତି କରିଥିଲେ। ଏପଟେ ଟାୱାର ଡାଉନ୍ ହେଇଯିବା ପରେ ଆଲାରାମ୍ ବାଜିବାରୁ ଚନ୍ଦ୍ରଶେଖରପୁର ଅଞ୍ଚଳର ଉମାକାନ୍ତ ପରିଡ଼ା ନାମକ ଟେକ୍ନିସିଆନ୍ ସେଠାକୁ ଧାଇଁ ଆସିଥିଲେ। ସେମାନେ ପିକ୍‌ଅପ ଭ୍ୟାନ ନେଇ ପଳାଇଯାଉଥିବା ବେଳେ ଉକ୍ତ ଗାଡ଼ି ନମ୍ବରକୁ ଉମାକାନ୍ତ ଲେଖି ରଖିଥିଲେ। ଏନେଇ ଫିଲ୍ଡ ସପୋର୍ଟିଂ ଅଫିସର ସୁଶାନ୍ତ ମହାପାତ୍ରଙ୍କ ଅଭିଯୋଗକ୍ରମେ ରବିବାର ପୋଲିସ (ନଂ.୨/୨୨) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଭ୍ୟାନରେ ତେଲ ପକାଇଲା ବେଳେ ଧରାପଡ଼ିଲେ

ସୋମବାର ସକାଳେ ଉକ୍ତ ଗାଡ଼ି ଏକ ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ ଆସିଥିବା ପୋଲିସ ଖବର ପାଇଥିଲା। ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଥିଲା।



ପୁରୀ ଶ୍ରୀମନ୍ଦିର କରିଡ଼ର ପାଇଁ ରଘୁନାଥ ଭବନକୁ ସୋମବାର ପ୍ରଶାସନ ପକ୍ଷରୁ ଡୋଜର ଦ୍ୱାରା ଉଚ୍ଛେଦ କରାଯାଉଛି।




ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ସୋମବାର ଭୁବନେଶ୍ୱର ସୂଚନା ଭବନରେ ଆୟୋଜିତ ଓଡ଼ିଶୀ ସଙ୍ଗୀତ ମହୋତ୍ସବରେ ରୂପକ କୁମାର ପରିଡ଼ା ସଙ୍ଗୀତ ପରିବେଷଣ କରୁଛନ୍ତି।




ନାଲ୍‌କୋକୁ ଘରୋଇକରଣ କରାଯିବା ପ୍ରସ୍ତାବ ବିରୋଧରେ ଆଇଏନ୍‌ଟିୟୁସି ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ନାଲ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

# ଲଙ୍କା କାଟିବା ପରେ...

ଲଙ୍କା କାଟିବା କିମ୍ବା ଚକଟିବା ପରେ ସାଧାରଣତଃ ହାତ ପୋଡ଼ାଜଳା କରିଥାଏ। କିନ୍ତୁ ବିଭିନ୍ନ ପ୍ରକାର ଘରୋଇ ଉପାୟରେ ଏହି କଷ୍ଟରୁ ମୁକ୍ତି ମିଳିପାରିବ। ତେଣୁ ଜାଣି ରଖନ୍ତୁ କିଛି ଟିପ୍ସ।

- ଲଙ୍କା କାଟିବା ପରେ ହାତ ପୋଡୁଥିଲେ ମହୁକୁ ଭଲଭାବେ ହାତରେ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ମହୁରେ ଔଷଧୀୟ ଗୁଣ ରହିଥିବାରୁ ଖୁବ୍‌ଶୀଘ୍ର ପୋଡ଼ାଜଳା ଦୂର ହୋଇଥାଏ।



- କ୍ଷୀର, ଦହି, ଲହୁଣୀ ଆଦି ଯେକୌଣସି ପଦାର୍ଥକୁ ହାତରେ କିଛି ସମୟ ଲଗାଇ ରଖିବା ପରେ ଲଙ୍କାଜନିତ ପୋଡାଜଳା ଦୂର ହୋଇଯାଏ।
- ଲଙ୍କା ବାଜି ହାତ ପୋଡୁଥିଲେ ସେହି ସ୍ଥାନରେ ଆପଣ ଲେମ୍ବୁରସ ଲଗାନ୍ତୁ। କିଛି ସମୟ ପରେ ଆରାମ ଲାଗିବ।



- ହାତରେ କିଛି ସମୟ ପର୍ଯ୍ୟନ୍ତ ବରଫ ଖଣ୍ଡକୁ ଘଷିଲେ ପୋଡ଼ାଜଳାରୁ ଅନେକାଂଶରେ ମୁକ୍ତି ମିଳିଥାଏ।
- ଲଙ୍କା ଯୋଗୁ ହାତ ପୋଡ଼ାଜଳା ହେଉଥିଲେ ଆଲୋବେରାକୁ ମଧ୍ୟ ବ୍ୟବହାର କରିହେବ। ଆଲୋବେରା ରସକୁ ହାତରେ ଭଲଭାବେ ସବୁଆଡେ ଲଗାଇ କିଛି ସମୟ ଛାଡି ଦିଅନ୍ତୁ। ଧୀରେ ଧୀରେ ହାତର ପୋଡାଜଳା କମ୍ ହୋଇଯିବ।

# ସଂସ୍କାର ପାଠ

ମା' ପେଟରୁ ହିଁ ପିଲାଟିଏ ଶିଖିଥାଏ ପ୍ରଥମ ପାଠ। ଜନ୍ମ ହେଲାମାତ୍ରେ ପରିବାର ପାଲଟେ ତା'ର ପ୍ରଥମ ପାଠଶାଳା। ମା, ବାପା, ଭଉଣୀ ଭାଇଙ୍କଠାରୁ ଆରମ୍ଭ ହୋଇଥିବା ଏ ସଂସ୍କାର ଜୀବନର ଶେଷ ଯାଏ ଚାଲିଥାଏ। ଜୀବନର ନୀତି ନୈତିକତା ପାଇଁ ନୈତିକ ଶିକ୍ଷା ବି ବେଶ୍ ଜରୁରୀ। ଆରମ୍ଭରୁ ଗପ, ଗୀତ ଆଉ କାହାଣୀ ମାଧ୍ୟମରେ ଦିଆଯାଉଥିବା ଶିକ୍ଷା ଏବେ ପାଠ୍ୟକ୍ରମରେ ସାମିଲ ହେଲାଣି...



ସିଲାବସ ପାଠ ପଢ଼ିବା ଆଗରୁ ପିଲାଙ୍କୁ ପରିବାରରୁ ମିଳେ ନୈତିକତାର ପାଠ। ନୈତିକ ଗୁଣ ହିଁ ସେମାନଙ୍କର ଚରିତ୍ର ଆଉ ସଂସ୍କାରର ପରିଚୟ ଦେଇଥାଏ। ଆଉ ପିଲାଙ୍କୁ ନୈତିକତାର ଶିକ୍ଷା ଦେବା କ୍ଷେତ୍ରରେ ମା'ମାନଙ୍କର ହିଁ ଭୂମିକା ସବୁଠୁ ଅଧିକ।

**ଗପ, ଗୀତରେ ଶିକ୍ଷା:** ମାଆମାନେ ପିଲାମାନଙ୍କୁ ସବୁଦିନେ ଶୋଇବାବେଳେ ବିଭିନ୍ନ ପ୍ରକାରର ଗପ କହିବା ସହିତ ଗୀତ ବି ଶୁଣାନ୍ତି। ଆଉ ଏଇ ଗପ ଓ ଗୀତ ମାଧ୍ୟମରେ ହିଁ ସେମାନଙ୍କୁ ବିଭିନ୍ନ ପ୍ରକାର ନୀତିଶିକ୍ଷା ଦେଇଥାନ୍ତି। ଗପ କି ଗୀତ ଶୁଣିବା ପାଇଁ ସାଧାରଣତଃ ପିଲାମାନେ ଭଲପାନ୍ତି। ଏହି ମାଧ୍ୟମ ହିଁ ସେମାନଙ୍କ ଉପରେ ବେଶି ପ୍ରଭାବ ପକାଇଥାଏ। ମାଆମାନଙ୍କ ବ୍ୟତୀତ ଜେଜେ କିମ୍ବା ଜେଜମାମାନେ ମଧ୍ୟ ସୁନ୍ଦର କାହାଣୀ ଓ କଥା ମାଧ୍ୟମରେ ଜୀବନର ନୈତିକ ଶିକ୍ଷା ଦେଇଥାନ୍ତି।

**ପରିବାର ସହ:** ପରିବାରରେ ସମସ୍ତଙ୍କ ସହିତ ଏକାଠି ରହିବା ମଧ୍ୟ ଏକ ନୈତିକ ଶିକ୍ଷାର ମାଧ୍ୟମ। କାହିଁକିନା ଯୌଥ ପରିବାରରେ ସମସ୍ତଙ୍କ ସହିତ ରହିବା ସମୟରେ କାହା ପ୍ରତି କିଭଳି ବ୍ୟବହାର କରିବାକୁ ହୁଏ ସେନେଇ ଶିକ୍ଷା ମିଳିଥାଏ। ପିଲାଙ୍କୁ ଶିଷ୍ଟାଚାର ଶିକ୍ଷା, ନମ୍ର ବ୍ୟବହାର ଆଉ ସହିଷ୍ଣୁତା ଆଦି ଗୁଣ ମଧ୍ୟ ଶିକ୍ଷା ମିଳିଥାଏ।





**ସମାଜ ସଂସ୍କାର:** ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ବ୍ୟକ୍ତିଙ୍କୁ ସମାଜର ସବୁ ସ୍ଥାନରେ ଆଦର ମିଳିଥାଏ। ଉତ୍ତମ ଚରିତ୍ରର ବ୍ୟକ୍ତିଙ୍କ ବ୍ୟବହାରରେ ସମସ୍ତେ ଖୁସି ହୋଇଥାନ୍ତି। ଖାଲି ସେତିକି ନୁହେଁ ପ୍ରତ୍ୟେକ ସ୍ଥାନରେ ସେ ତା' ମହତ ଗୁଣ ଆଚରଣରେ ସମାଜ ପାଇଁ ମଧ୍ୟ ଉଦାହରଣ ସାଜିପାରନ୍ତି।



## ଏମାନେ ଯାହା କରନ୍ତି

**ନୈତିକ ଶିକ୍ଷା ନିହାତି ଜରୁରୀ:**
ମୋ ମତରେ ପିଲା ଭଲ ପାଠ ପଢୁ କି ନ ପଢୁ କିନ୍ତୁ ଆଗ ଭଲ ମଣିଷଟେ ହେବା ଦରକାର। ସମସ୍ତଙ୍କୁ ଭଲ ବ୍ୟବହାର କରିବା, ସତ୍ୟ ଆଚରଣ, ସାଧୁତା, ପରିଶ୍ରମ ଆଦି ବିଭିନ୍ନ ଗୁଣ ପିଲାମାନେ ଛୋଟବେଳରୁ ପରିବାରରୁ ହିଁ ଶିକ୍ଷା କରିଥାନ୍ତି। ମୁଁ ସବୁବେଳେ ମୋ ପିଲାଙ୍କୁ ଏସବୁ ନୀତି ଶିକ୍ଷା ଦେବା ପାଇଁ ଯଥାସମ୍ଭବ ଚେଷ୍ଟା କରିଥାଏ। ତା ଛଡା ଘରେ ଅନ୍ୟମାନେ ବି ପିଲାଙ୍କୁ ନୀତିଶିକ୍ଷା ଦେଇ ଚରିତ୍ରବାନ୍ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରିଥାନ୍ତି।

*–ମୀନାଲିନ୍ ଗରାବଡୁ*
*ଗୃହିଣୀ, ଜୟରାମ ସିଂହ କମ୍ପ୍ଲେକ୍ସ, କାଡୁଗୋଡି, ବେଙ୍ଗାଲୁରୁ*

**ସମସ୍ତେ ପ୍ରଶଂସା କରନ୍ତି**
ମୋ ପୁଅ ଏବେ ପାଠ ପଢି ଇଞ୍ଜିନିୟର ଚାକିରି କଲାଣି ଆଉ ଝିଅ ଏବେ ଲ' ପଢୁଛି। ଭଲ ପାଠ ସାଙ୍ଗକୁ ସେମାନଙ୍କର ଉତ୍ତମ ଚରିତ୍ର ଗଠନ ନିମନ୍ତେ ମୁଁ ଢେର୍ ପ୍ରୟାସ କରିଛି। ଅବଶ୍ୟ ସାହିପଡ଼ିଶାଠାରୁ ଆରମ୍ଭକରି ବନ୍ଧୁବାନ୍ଧବ ସମସ୍ତେ ସେମାନଙ୍କ ଆଚରଣରେ ଖୁବ୍ ଖୁସି। ସମସ୍ତେ ସେଥିପାଇଁ ଆମର ଲାଳନପାଳନକୁ ବେଶ୍ ପ୍ରଶଂସା କରନ୍ତି। ଆଉ ପିଲାଙ୍କର ଏଭଳି ଗୁଣ ପାଇଁ ପ୍ରଶଂସା ଶୁଣି ଆମେ ବେଶ୍ ଗର୍ବିତ।

*–ଆରତୀ ପାଣି*
*ଗୃହିଣୀ, ବାସନ୍ତି କଲୋନୀ, ଉଦିତ ନଗର, ରାଉରକେଲା*

**ସର୍ବପ୍ରଥମେ ନୈତିକତା**
ପିଲାଙ୍କୁ ପାଠ ସାଙ୍ଗକୁ ସଂସ୍କାରୀ କରି ଗଢ଼ିବା ନିହାତି ଜରୁରୀ। ନୈତିକତା ନ ଥିଲେ ପିଲାମାନେ ଯେତେ ଭଲ ପାଠ ପଢ଼ି ଯେତେ ଅଧିକ ଅର୍ଥ ରୋଜଗାର କଲେ ତା'ର କିଛି ମୂଲ୍ୟ ନ ଥାଏ। ଅମୃତରେ ଭରାଥିବା ପାତ୍ରରେ ଟୋପାଏ ବିଷ ଯେମିତି ସବୁ କିଛି ନଷ୍ଟ କରିଦିଏ ସେମିତି ନୈତିକ ଗୁଣର ଅଭାବରେ ଜଣେ ବ୍ୟକ୍ତି ସବୁ ସ୍ଥାନରେ ନିନ୍ଦାର ପାତ୍ର ହୋଇଥାନ୍ତି। ଏଥିପାଇଁ ମୁଁ ପିଲାଙ୍କୁ ଯଥାସମ୍ଭବ ନୈତିକ ଶିକ୍ଷା ଦେବାକୁ ଚେଷ୍ଟା କରିଥାଏ।

*–ପ୍ରତିଭା ଦାସ ମହାପାତ୍ର*
*ଶିକ୍ଷୟିତ୍ରୀ, ସତ୍ୟବିହାର, ରସୁଲଗଡ଼, ଭୁବନେଶ୍ୱର*

**ଆଚରଣରେ ପ୍ରଭାବ**
ମୁଁ ମୋର ଦୁଇ ପିଲାଙ୍କୁ ନୈତିକ ଶିକ୍ଷା ଦେବାକୁ ସବୁ ସମୟରେ ଚେଷ୍ଟା କରିଥାଏ। ଏଥିପାଇଁ ମୁଁ ତାକୁ ପ୍ରତିଥର ସ୍କୁଲ ଛୁଟି ସମୟରେ ଗାଁରେ ସମସ୍ତଙ୍କ ସହ ରହିବା ପାଇଁ ପଠାଇଥାଏ। ଘରେ ଥିଲେ ପ୍ରତିଦିନ ପ୍ରାର୍ଥନା କରିବାକୁ କୁହେ। ଏହା ସହିତ ମୋତେ ଘରର ବିଭିନ୍ନ କାମରେ ସାହାଯ୍ୟ କରିବାକୁ ଶିଖାଏ। ଖାଲି ସେତିକି ନୁହେଁ ମୁଁ କିଭଳି ବଡ଼ମାନଙ୍କୁ ସମ୍ମାନ ଦେବା ସହ ଭଲ ବ୍ୟବହାର କରୁଛି ତା' ମଧ୍ୟ ତାକୁ ଉଦାହରଣ ଦିଏ। ଖାଲି ସେତିକି ନୁହେଁ ପିଲାଙ୍କୁ ସଂସ୍କାରୀ କରିବା ପାଇଁ ମୁଁ ସେମାନଙ୍କୁ ଭୁବନେଶ୍ୱରରେ ରହୁଥିଲେ ବି ସରସ୍ୱତୀ ଶିଶୁମନ୍ଦିରରେ ପାଠ ପଢାଉଛି।

*–ପ୍ରଭାସିନୀ ବେହେରା*
*ଗୃହିଣୀ, କଳିଙ୍ଗ ନଗର, ପାତ୍ରପଡ଼ା, ଭୁବନେଶ୍ୱର*


ଆରତୀ


ମୀନାଲିନ୍


ପ୍ରଭାସିନୀ


ପ୍ରତିଭା

# ରହିବନି ଷ୍ଟ୍ରେଚ୍ ମାର୍କ

ସୌନ୍ଦର୍ଯ୍ୟ





ପ୍ରାରମ୍ଭିକ ଅବସ୍ଥାରେ ସଚେତନ ରହିଲେ ଷ୍ଟ୍ରେଚ ମାର୍କ ସମସ୍ୟାକୁ ଅନେକାଂଶରେ ଦୂର କରାଯାଇପାରିବ। ଏଥିପାଇଁ ଜାଣି ରଖନ୍ତୁ କିଛି ଘରୋଇ ଉପାୟ...

- ଷ୍ଟ୍ରେଚ୍‌ମାର୍କ ଆରମ୍ଭ ହେଉଥିବାର ଜଣାପଡ଼ିବା ପରେ ସେହି ସ୍ଥାନରେ ନଡ଼ିଆ ତେଲ ମାଲିସ କରନ୍ତୁ। କିଛି ଦିନ ପରେ ଷ୍ଟ୍ରେଚ ମାର୍କ ଅନେକାଂଶରେ କମ୍ ହୋଇଯିବ।
- ଷ୍ଟ୍ରେଚ ମାର୍କ ଦୂର କରିବା ପାଇଁ ଆଲୋବେରା ଜେଲ୍‌କୁ କ୍ରିମ୍ ଭଳି ମସାଜ୍ କରନ୍ତୁ। ବାରମ୍ବାର ଏପରି ମସାଜ କରିବା ଫଳରେ ଷ୍ଟ୍ରେଚ ମାର୍କ କମ୍ ହେବା ସହିତ ତ୍ୱଚା ମୁଲାୟମ୍ ହୋଇପାରିବ।
- ଚିନିକୁ ବ୍ୟବହାର କରି ଷ୍ଟ୍ରେଚ ମାର୍କକୁ ମଧ୍ୟ ଦୂର କରାଯାଇପାରିବ। ଏଥିପାଇଁ ଅଧାକପ୍ ଚିନିରେ ନଡିଆ ତେଲ କିମ୍ବା ବାଦାମ ତେଲ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ପେଷ୍ଟକୁ ଷ୍ଟ୍ରେଚ ମାର୍କ ଉପରେ ଧୀରେ ଧୀରେ ମାଲିସ୍ କରନ୍ତୁ। କିଛି ସମୟ ହାଲ୍‌କା ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଲଗାତର ଏପରି କରିବା ଫଳରେ ଷ୍ଟ୍ରେଚ ମାର୍କ ମଧ୍ୟ କମିଯିବ।
- ଷ୍ଟ୍ରେଚ୍ ମାର୍କ ଦୂର କରିବା ପାଇଁ ଭିଟାମିନ୍-ଇ ଓ ଭିଟାମିନ୍-ସି ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଏହା ସହିତ ହାଲୁକା ବ୍ୟାୟାମ ମଧ୍ୟ କରନ୍ତୁ।
- କମଳା ଚୋପା ଏବଂ ଲେମ୍ବୁକୁ ଶୁଖାଇ ଗୁଣ୍ଡ କରି ରଖନ୍ତୁ। ଏହି ଗୁଣ୍ଡରେ ଗୋଲାପ ଜଳ ମିଶାଇ ପେଷ୍ଟ ତିଆରି କରି ଷ୍ଟ୍ରେଚ ମାର୍କ ହୋଇଥିବା ସ୍ଥାନରେ ୧୫ ମିନିଟ୍ ପର୍ଯ୍ୟନ୍ତ ଲଗାଇ ଧୋଇ ଦିଅନ୍ତୁ।
- ହଳଦୀ ଗୁଣ୍ଡରେ ତେଲ ମିଶାଇ ଷ୍ଟ୍ରେଚ ମାର୍କ ସ୍ଥାନରେ ଲଗାନ୍ତୁ।
- ଷ୍ଟ୍ରେଚ ମାର୍କ ଦୂର କରିବା ପାଇଁ ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ।
- ଲେମ୍ବୁ ରସକୁ ମଧ୍ୟ ଷ୍ଟ୍ରେଚ ମାର୍କ ସ୍ଥାନରେ ଲଗାଇଲେ କେତେକାଂଶରେ କମ୍ କରିହେବ।

# ବାଥରୁମ୍ ମ୍ୟାନେଜମେଣ୍ଟ

ବେଳେବେଳେ ବାଥରୁମ୍ ଏତେ ଛୋଟ ହୋଇଥାଏ ଯେ ନିଜ ସୁବିଧା ଅନୁସାରେ ସବୁକିଛି ରଖିବା ପାଇଁ ସ୍ଥାନ ମିଳେ ନାହିଁ। ତେବେ ଛୋଟ ବାଥରୁମ୍‌ରେ କିଭଳି ଅଧିକ ଜିନିଷ ରଖିପାରିବେ ସେଥିପାଇଁ ଜାଣି ରଖନ୍ତୁ କିଛି ଟିପ୍ସ....



- ବାଥରୁମ୍‌ରେ ଥାକ କରିବା ପାଇଁ ଅଧିକ ସ୍ଥାନ ନ ଥିଲେ କିମ୍ବା ଥାକ ଛୋଟ ହୋଇଥିଲେ ସବୁ ଜିନିଷ ରଖିବା ପାଇଁ ସ୍ଥାନ ମିଳି ନ ଥାଏ। ତେଣୁ ଏଭଳି କ୍ଷେତ୍ରରେ ଆପଣ ଚାହିଁଲେ ବାଥରୁମ୍‌ର କବାଟରେ ଭିତର ପଟରେ ଛୋଟ ହ୍ୟାଙ୍ଗିଙ୍ଗ୍ ଥାକ ଲଗାଇପାରିବେ। ଆଉ ସେଥିରେ ଶାମ୍ପୁଠାରୁ ଆରମ୍ଭ କରି ଫେସ୍‌ୱାଶ୍ ଆଦି ରଖିପାରିବେ।
- ବାଥରୁମରେ ପିଲାମାନଙ୍କ ହାତ ସବୁ ଥାକକୁ ପାଇ ନ ଥାଏ। ତେଣୁ ସେମାନଙ୍କର ସୁବିଧା ନିମନ୍ତେ ଏକ ଛୋଟ ଷ୍ଟେପ୍ସ ଟୁଲ୍ ରଖନ୍ତୁ।
- ବାଥରୁମ୍ ଭିତରେ ଛୋଟ ଛୋଟ ଜିନିଷ ରଖିବା ନିମନ୍ତେ ଆପଣ ଚାହିଁଲେ ମ୍ୟାଗ୍ନେଟିକ୍ ଷ୍ଟିକର ମଧ୍ୟ ରଖିପାରିବେ। ଏଥିରେ ଆପଣ ନେଲକଟର୍‌ଠାରୁ ଆରମ୍ଭ କରି ଅନେକ କିଛି ଛୋଟ ଏବଂ ହାଲୁକା ଜିନିଷ ରଖିପାରିବେ। ଏହା ବ୍ୟତୀତ ଟ୍ୱିଜର, ହେୟାରପିନ୍, କସ୍‌ମେଟିକ୍ ବ୍ରଶ୍ ଆଦି ବିଭିନ୍ନ ଜିନିଷ ରଖିପାରିବେ ଏବଂ ସହଜରେ ପାଇପାରିବେ।
- ବାଥରୁମ୍‌ରେ ସେଭିଂ କ୍ରିମ୍‌କୁ ଓଲଟାଇ ରଖନ୍ତୁ। ଫଳରେ ସେହି ବଟଲ ଖରାପ ହେବ ନାହିଁ କିମ୍ବା ଦାଗ ଲାଗିବ ନାହିଁ।

ଖାଦ୍ୟରୁଚି

# ମେଥି ପନିର

**ଆବଶ୍ୟକ ସାମଗ୍ରୀ:**
ମେଥି ଶାଗ- ୨କପ୍ (କଟା), ପନିର- ୧କପ୍ (କଟା), କ୍ଷୀର- ଅଧା କପ୍‌ରୁ କମ୍, ଟମାଟୋ- ୨ଟି (କଟା), ଅଦା ବଟା- ୧ ଚାମଚ, ରସୁଣ- ୫ କୋଲା, କାଜୁ- ୧୫ଟି (କଟା), ଲଙ୍କା ଗୁଣ୍ଡ- ଅଧା ଚାମଚ, ଧନିଆ ଗୁଣ୍ଡ- ୧ ଚାମଚ, ହଳଦୀ- ଅଧା ଚାମଚ, ଧନିଆ ପତ୍ର- ଅଳ୍ପ, ଆବଶ୍ୟକ ଅନୁସାରେ ଲୁଣ ଓ ତେଲ।



**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ମେଥି ଶାଗକୁ ଭଲଭାବେ ଧୋଇ କାଟି ରଖନ୍ତୁ। ଏହାପରେ କଡେଇରେ ଅଳ୍ପ ତେଲ ଗରମ କରି ସେଥିରେ ଜିରା ଫୁଟାନ୍ତୁ। ଏହାପରେ ସେଥିରେ ପିଆଜ ପକାଇ ଭାଜନ୍ତୁ, ପିଆଜ ଟିକେ ଭାଜି ହୋଇ ଆସିଲେ ସେଥିରେ ରସୁଣକୁ କାଟି ପକାନ୍ତୁ। ଅଦା ବଟାକୁ ସେଥିରେ ପକାନ୍ତୁ। ମସଲା ଭାଜି ହୋଇ ଆସିଲେ ସେଥିରେ କଟା ଟମାଟୋ ଓ କାଜୁକୁ ଦୁଇ ଫାଳ କରି ପକାନ୍ତୁ। ମସଲା ଭଲଭାବେ ମିଶି ଗଲା ପରେ ଚୁଲିରୁ ଓହ୍ଲାଇ ଥଣ୍ଡା କରି ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଥଣ୍ଡା କରି ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ପୁଣି ଥରେ କଡେଇ ବସାଇ ତେଲ ଗରମ କରି ସେଥିରେ ପନିର ଖଣ୍ଡକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜି ଦିଅନ୍ତୁ। ଏବେ କଡେଇରେ ଅଳ୍ପ ତେଲ ଗରମ କରି ସେଥିରେ ମେଥି ପତ୍ରକୁ ପକାଇ ହାଲୁକା ଆଞ୍ଚରେ ଭାଜନ୍ତୁ। ମେଥି ପତ୍ରରେ ହଳଦୀ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ ପକାଇ ସେଥିରେ ପ୍ରସ୍ତୁତ ହୋଇ ଥିବା ମସଲାକୁ ପକାନ୍ତୁ। ଏହାପରେ ସେଥିରେ ଅଳ୍ପ ପାଣି ଦେଇ ୫ ମିନିଟ୍ ଫୁଟିବା ପାଇଁ ଛାଡି ଦିଅନ୍ତୁ। ଶେଷରେ ପନିର ଓ କ୍ଷୀର ପକାଇ କିଛି ସମୟ ପରେ ଓହ୍ଲାଇ ଦିଅନ୍ତୁ।

# ରତପର୍ଣ୍ଣାଙ୍କୁ ଏକଲବ୍ୟ ପୁରସ୍କାର



ଏକଲବ୍ୟ ପୁରସ୍କାରରେ ସମ୍ମାନିତ କ୍ରୀଡ଼ାବିତ୍‌ଙ୍କ ସହ ମୁଖ୍ୟ ଅତିଥି ରାଜ୍ୟପାଳ ଗଣେଶୀ ଲାଲ ଓ ଅନ୍ୟମାନେ।

**ଭୁବନେଶ୍ୱର, ୩।୧(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବ୍ୟାଡ୍‌ମିଣ୍ଟନ ତାରକା ରତପର୍ଣ୍ଣା ପଣ୍ଡା ୨୯ତମ ଏକଲବ୍ୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସୋମବାର ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ଆନୁକୂଲ୍ୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କାର ଆକାରରେ ରତପର୍ଣ୍ଣାଙ୍କୁ ଟ୍ରଫି, ମାନପତ୍ର ସହ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଅନ୍ତର୍ଜାତୀୟ ମହିଳା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଏବଂ ଅନ୍ତର୍ଜାତୀୟ ମହିଳା ଫୁଟବଲର ପ୍ୟାରୀ ଖାଖାଙ୍କୁ ୫୦ ହଜାର ଟଙ୍କା ଲେଖାଏ ଦିଆଯାଇ ସମ୍ମାନିତ କରାଯାଇଛି। ପ୍ୟାରୀ ଖାଖା ଅନୁପସ୍ଥିତ ଥିବାରୁ ତାଙ୍କ ପରିବାରବର୍ଗ ଅର୍ଥରାଶି ଗ୍ରହଣ କରିଥିଲେ। ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟ ଅତିଥି ଏବଂ ପଦ୍ମଶ୍ରୀ ଦିଲୀପ ତିର୍କୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଇମ୍ପାକ୍ଟ ଟ୍ରଷ୍ଟି ବୈଜୟନ୍ତ ପଣ୍ଡା, ଚୟନ କମିଟି ସଦସ୍ୟ ତଥା ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ୧୯୯୩ରୁ ଇମ୍ପାକ୍ଟ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ପ୍ରକାଶ ଯୋଗ୍ୟ ଯେ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ସଫଳତା ପାଇ ସାରିଥିବା ରତପର୍ଣ୍ଣା ୨୦୨୧ରେ ଡେନମାର୍କରେ ଅନୁଷ୍ଠିତ ଉବେର କପ୍ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତୀୟ ଦଳର ସଦସ୍ୟା ଥିଲେ। ଏଥିରେ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଏହିବର୍ଷ ଫିନ୍‌ଲାଣ୍ଡରେ ଆୟୋଜିତ ସୁଦିରମନ କପ୍‌ରେ ମଧ୍ୟ ସେ ଭାରତର ପ୍ରତିନିଧିତ୍ୱ କରିଥିଲେ। ଉଭୟ ରତପର୍ଣ୍ଣା ପଣ୍ଡା ଓ ସ୍ୱସ୍ତି ସିଂ କିଟ୍‌ରେ ଅଧ୍ୟୟନରତ। କିଟ୍‌ରେ ହେଉଥିବା ଭେଲୋଡ୍ରମ ଆଗାମୀ ଦିନରେ ତାଙ୍କ ପାଇଁ ଖୁବ୍ ସହାୟକ ହେବ ବୋଲି ସ୍ୱସ୍ତି ପ୍ରକାଶ କରିଛନ୍ତି। ସେ ସମ୍ପ୍ରତି ଦିଲ୍ଲୀରେ ଅଭ୍ୟାସ କରୁଛନ୍ତି। ପୁରସ୍କୃତ କ୍ରୀଡ଼ାବିତ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ଭାରତ ୨୦୨ରେ ଅଲ୍‌ଆଉଟ

**ଜୋହାନ୍ସବର୍ଗ, ୩।୧**

ସ୍ଥାନୀୟ ୱାଣ୍ଡରର୍ସ ଷ୍ଟାଡିୟମରେ ସୋମବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ କ୍ରିକେଟ ଟେଷ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲରମାନେ ଚମତ୍କାର ବୋଲିଂ କରି ଭାରତକୁ ୨୦୨ ରନରେ ଅଲ୍‌ଆଉଟ କରି ଦେଇଛନ୍ତି। ପ୍ରଥମ ଦିବସ ଖେଳ ଶେଷ ବେଳକୁ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧ ଉଇକେଟ ହରାଇ ୩୫ ରନ ସଂଗ୍ରହ କରିଛି। ଏଡେନ ମାରକ୍ରମ ୭ ରନ କରି ମହମ୍ମଦ ସାମିଙ୍କ ବଲ୍‌ରେ ଆଉଟ ହୋଇଥିବାବେଳେ ଅଧିନାୟକ ଡିନ ଏଲଗାର ୧୧ ଓ କିଗାନ ପିଟରସନ ୧୪ ରନରେ ଅପରାଜିତ ରହିଛନ୍ତି।

## ରାହୁଲଙ୍କ ଅର୍ଦ୍ଧଶତକ

ପିଠିରେ ଯନ୍ତ୍ରଣା ଯୋଗୁ ନିୟମିତ ଅଧିନାୟକ ବିରାଟ କୋହଲି ଏହି ଟେଷ୍ଟରୁ ଓହରି ଯାଇଥିଲେ। ଫଳରେ ତାଙ୍କ ସ୍ଥାନରେ ଲୋକେଶ ରାହୁଲଙ୍କୁ ନେତୃତ୍ୱ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ରାହୁଲ। ଟେଷ୍ଟ ଅଧିନାୟକ ଭାବେ ନିଜର ପ୍ରଥମ ଇନିଂସରେ ଅର୍ଦ୍ଧଶତକ ମଧ୍ୟ ହାସଲ କରିଥିଲେ ରାହୁଲ। ମାତ୍ର ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେଙ୍କ ପୁନର୍ବାର ବିଫଳତା, ମୟଙ୍କ ଅଗ୍ରୱାଲ, ହନୁମା ବିହାରୀ ଓ ରିଷଭ ପନ୍ତ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରି ନ ପାରିବାରୁ ଭାରତ ଇନିଂସ ୨୦୨ ରନରେ ଶେଷ ହୋଇଯାଇଥିଲା। ମଧ୍ୟଭାଗରେ ରବିଚନ୍ଦ୍ରନ ଅଶ୍ୱିନ ପ୍ରଶଂସନୀୟ ଇନିଂସ ଖେଳି ୫୦

**ଦ୍ୱିତୀୟ ଟେଷ୍ଟ**

ବଲ୍‌ରୁ ୬ ଚୌକା ସହାୟତାରେ ୪୬ ରନ କରିବାରୁ ଯାଇ ଭାରତ ୨୦୦ ରନ ସ୍ପର୍ଶ କରିବା ସମ୍ଭବ ହୋଇଥିଲା। ରାହୁଲ ଓ ଅଗ୍ରୱାଲ ଓପନିଂ ଯୋଡ଼ିରେ ୩୬ ରନ ସଂଗ୍ରହ କରିଥିଲେ। ଫର୍ମରେ ଥିବା ଅଗ୍ରୱାଲ ୩୭ ବଲ୍‌ରୁ ୫ ଚୌକା ସହାୟତାରେ ୨୬ ରନ କରିଥିବାବେଳେ ମାର୍କୋ ଜାନସେନଙ୍କ ଶିକାର ହୋଇଥିଲେ। ପୂଜାରା ମାତ୍ର ୩ ରନ କରିଥିବାବେଳେ ରାହାନେ ଖାତା ଖୋଲିପାରି ନ ଥିଲେ। ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଦ୍ରୁତ ବୋଲର ଡୁଆନେ ଓଲିଭର ଏହି ଦୁଇ ଖେଳାଳିଙ୍କୁ



ୱାଣ୍ଡରର୍ସ ପିଚ୍‌ରୁ ଫାଇଦା ଉଠାଇ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଡୁଆନେ ଓଲିଭର ଓ ମାର୍କୋ ଜାନସେନ।

ପ୍ୟାଭିଲିୟନ ପଥ ଦେଖାଇଥିଲେ। କୋହଲିଙ୍କ ସ୍ଥାନରେ ସୁଯୋଗ ପାଇଥିବା ହନୁମା ୨୦, ରିଷଭ ୧୭ ରନ କରିବାକୁ ସକ୍ଷମ ହୋଇଥିଲେ। ବୋଲିଂ ଅଲରାଉଣ୍ଡରର ମାନ୍ୟତା ପାଉଥିବା ଶାର୍ଦ୍ଦୂଳ ଠାକୁର ଗୋଲ୍ଡେନ ଡକ୍(୦)ରେ ଆଉଟ ହୋଇଥିବାବେଳେ ମହମ୍ମଦ ସାମି ୯ ରନ କରିଥିଲେ। ୧୩୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରାହୁଲ ୯ ଚୌକା ସହାୟତାରେ ୫୦ ରନ କରିଥିବାବେଳେ ଜାନସେନଙ୍କ ଅଫ୍‌ଷ୍ଟମ୍ପ ବାହାରର ଶର୍ଟ ବଲ୍‌କୁ ପୁଲ୍ କରିବାକୁ ଯାଇ ଫାଇନ୍‌ଲେଗ୍ ଅଞ୍ଚଳରେ କାଗିଶୋ ରାବାଡ଼ାଙ୍କ ହାତରେ ଧରା ପଡ଼ିଥିଲେ। ଭାରତୀୟ ଇନିଂସ ଶେଷ ହେବା ବେଳକୁ ଯଶପ୍ରୀତ୍ ବୁମ୍‌ରା ୧୪ ରନରେ ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ଜାନସେନ ୩୧ ରନ ବିନିମୟରେ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଅବଶିଷ୍ଟ ୬ଟି ଉଇକେଟକୁ କାଗିଶୋ ରାବାଡ଼ା ଓ ଓଲିଭର ୩ଟି ଲେଖାଏ କରି ବାଣ୍ଟି ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୦୨/ଅଲଆଉଟ(ଲୋକେଶ ରାହୁଲ-୫୦, ରବିଚନ୍ଦ୍ରନ ଅଶ୍ୱିନ-୪୬, ମାର୍କୋ ଜାନସେନ-୪/୩୧, କାଗିଶୋ ରାବାଡ଼ା-୩/୬୪, ଡୁଆନେ ଓଲିଭର-୩/୬୪)। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୩୫/୧।

# ସେମିରେ ବୋକାରୋ ଷ୍ଟାର୍ ଇଲେଭେନ

**ଯାଜପୁର ଟାଉନ, ୩।୧ (ଡି.ଏନ.ଏ.):** ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ମ୍ୟାଚ୍‌ରେ ଝାଡଖଣ୍ଡ ବୋକାରୋ ଷ୍ଟାର୍ ଇଲେଭେନ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଉକ୍ତ ମ୍ୟାଚ୍ ବୋକାରୋ ଷ୍ଟାର୍ ଇଲେଭେନ ଓ ରାଇଜିଂ ଷ୍ଟୁଡେଣ୍ଟ୍ କଟକ ମଧ୍ୟରେ ହୋଇଥିଲା। ବୋକାରୋ ଟସ୍ ଜିତି ବ୍ୟାଟିଂ କରି ୩୪.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୨୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ହିମାଂଶୁ କୁମାର ସର୍ବାଧିକ ୬୦ରନ୍ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟର ଅଭିଷେକ ଗିରି ଓ ସିଦ୍ଧାର୍ଥ ସିଂ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୩୧.୨ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୬୧ ରନ୍ କରି ପାରିଥିଲା। ମିତ୍ରଭାନୁ ପଣ୍ଡା ସର୍ବାଧିକ ୪୦ରନ୍ କରିଥିଲେ। ବୋକାରୋ ଷ୍ଟାର ଇଲେଭେନର ଅଭିଜିତ୍ ସିଂ ଓ ସାହାନ୍‌ସ ଖାଁ ୩ଟି ଲେଖାଏ ଉଇକେଟ ନେଇଥିଲେ। ଅଭିଜିତ୍ ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଯୁବ ସାମାଜିକ କର୍ମୀ ଅଜୟ କୁମାର ନାୟକ ତାଙ୍କୁ ପୁରସ୍କୃତ କରିଥିଲେ। ମ୍ୟାଚ୍‌କୁ ଅମ୍ପାୟର ଅଲାଟ କେଶରୀ ନନ୍ଦ ଓ ସତ୍ୟବ୍ରତ ଯେନା ପରିଚାଳନା କରିଥିଲେ। ସ୍କୋରର ଭାବେ ଯଯାତି କେଶରୀ ସାମଲ ଓ ଶିବମ୍ ଦାସ ଯୋଗ ଦେଇଥିଲେ।

# କୋହଲିଙ୍କ ପିଠିରେ ଯନ୍ତ୍ରଣା, ଦ୍ୱନ୍ଦ୍ୱ ଜାରି



ବିରାଟ କୋହଲି

**ଜୋହାନ୍ସବର୍ଗ, ୩।୧ (ପି.ଟି.):** ଟିମ୍‌ଇଣ୍ଡିଆ ଅଧିନାୟକ ବିରାଟ କୋହଲି ସୋମବାର ଆରମ୍ଭ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରୁ ଓହରି ଯାଇଛନ୍ତି। ଏହା ୩୩ ବର୍ଷୀୟ କୋହଲିଙ୍କ କ୍ୟାରିୟରର ୯୯ତମ ଟେଷ୍ଟ ହୋଇଥାନ୍ତା। ପିଠିରେ ମାଂସପେଶୀ ଟାଣି ହୋଇଯିବାଜନିତ କାରଣରୁ ମ୍ୟାଚ ଆରମ୍ଭ ହେବାର ଅଳ୍ପକିଛି ସମୟ ପୂର୍ବରୁ ସେ ଓହରି ଯାଇଥିଲେ। ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ଟେଷ୍ଟରେ ଲୋକେଶ ରାହୁଲଙ୍କୁ ଅଧିନାୟକ କରାଯାଇଥିଲା। ତେବେ କୋହଲି ଜାନୁୟାରୀ ୧୧ରୁ ଆରମ୍ଭ ହେବାକୁ ଯାଉଥିବା ତୃତୀୟ ତଥା ଅନ୍ତିମ ଟେଷ୍ଟ ବେଳକୁ ଉପଲବ୍ଧ ହେବେ ବୋଲି ଟସ୍ ସମୟରେ ରାହୁଲ ଆଶା ପ୍ରକାଶ କରିଛନ୍ତି। ସମ୍ପ୍ରତି ଖରାପ ଫର୍ମଦେଇ ଗତି କରୁଥିବା କୋହଲି କେପ୍‌ଟାଉନ୍‌ରେ ହେବାକୁଥିବା ତୃତୀୟ ଟେଷ୍ଟ ଖେଳିଲେ ମଧ୍ୟ କ୍ୟାରିୟରର ୧୦୦ ଟେଷ୍ଟ ମାଇଲଖୁଣ୍ଟ ସ୍ପର୍ଶ କରିପାରିବେ ନାହିଁ। ଭାରତୀୟ ଦଳର କାର୍ଯ୍ୟସୂଚୀ ଅନୁସାରେ ଯଦି ସବୁକିଛି ଠିକ୍ ରୁହେ ତେବେ ଆସନ୍ତା ଫେବୃୟାରୀରେ ବେଙ୍ଗାଲୁରୁରେ ସେ ଶ୍ରୀଲଙ୍କା ବିପକ୍ଷରେ ୧୦୦ତମ ଟେଷ୍ଟ ଖେଳିବେ।

ଦିନିକିଆ କ୍ରିକେଟ ଅଧିନାୟକ କାର୍ଯ୍ୟକାଳ ଶେଷକୁ ନେଇ କୋହଲିଙ୍କର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହିତ ମତାନ୍ତର ରହିଛି। ରବିବାର ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ କୋହଲିଙ୍କ ଆହତ ସମସ୍ୟା ସମ୍ପର୍କରେ କୌଣସି ସୂଚନା ଦେଇ ନ ଥିଲେ କୋଚ୍ ରାହୁଲ ଦ୍ରାବିଡ। ବରଂ କୋହଲିଙ୍କୁ ସମର୍ଥନ ଜଣାଇବା ସହ ଖୁବ୍‌ଶୀଘ୍ର କୋହଲି ବଡ଼ ଇନିଂସ ଖେଳିବେ ବୋଲି ଦ୍ରାବିଡ ଆଶାପ୍ରକାଶ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଟି୨୦ ଅଧିନାୟକ ପଦ ଛାଡ଼ିବା ସମ୍ପର୍କରେ ପୁନର୍ବିଚାର କରିବା ପାଇଁ ତାଙ୍କୁ କେହି କହି ନ ଥିଲେ ବୋଲି କୋହଲି ପ୍ରକାଶ କରିଥିଲେ। ଏହା ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ ମନ୍ତବ୍ୟର ବିରୋଧାଭାସ ଥିଲା। କାରଣ କୋହଲିଙ୍କୁ ଅନୁରୋଧ କରାଯାଇଥିଲା ବୋଲି ଗାଙ୍ଗୁଲି ପୂର୍ବରୁ ପ୍ରକାଶ କରିଥିଲେ। ପରେ ଜାତୀୟ ଚୟନ କମିଟି ମୁଖ୍ୟ ଚେତନ ଶର୍ମା ମଧ୍ୟ କୋହଲିଙ୍କ କଥାକୁ ଖଣ୍ଡନ କରିଥିଲେ। ବୈଠକରେ ଉପସ୍ଥିତଥିବା ସମସ୍ତ ବ୍ୟକ୍ତି ପୁନର୍ବିଚାର ପାଇଁ କୋହଲିଙ୍କୁ କହିଥିଲେ ଏବଂ ଅକ୍ଟୋବର୍‌ରେ ଟି୨୦ ବିଶ୍ୱକପ ଶେଷ ହେବା ପର୍ଯ୍ୟନ୍ତ ନିଜ ନିଷ୍ପତ୍ତିକୁ ସାର୍ବଜନୀନ ନ କରିବାକୁ ପରାମର୍ଶ ଦେଇଥିଲେ ବୋଲି ଚେତନ କହିଥିଲେ। ମାତ୍ର କୋହଲି ଟି୨୦ ଅଧିନାୟକ ପଦ ଛାଡ଼ିବାପରେ ଗତ ଡିସେମ୍ବରରେ ତାଙ୍କୁ ଦିନିକିଆ ଅଧିନାୟକ ପଦରୁ ହଟାଇ ଦିଆଯାଇଥିଲା।

# ବାଂଲାଦେଶ ପ୍ରଥମ ଇନିଂସ ଅଗ୍ରଣୀ

**ମାଉଣ୍ଟ ମଙ୍ଗାନୁଇ, ୩।୧ (ଏପି):** ଅଧିନାୟକ ମୋମିନୁଲ ହକ୍‌ଙ୍କ ଆକର୍ଷଣୀୟ ୮୮ ରନ ସହାୟତାରେ ବାଂଲାଦେଶ ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ସୋମବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୭୩ ରନ ଅଗ୍ରଣୀ ଲାଭ କରିସାରିଛି। ବିଦେଶରେ ଭ୍ରମଣକାରୀ ଦଳର ଏହା ହେଉଛି ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ। ନ୍ୟୁଜିଲାଣ୍ଡର ପ୍ରଥମ ଇନିଂସ ସ୍କୋର ୩୨୮ ରନ ଜବାବରେ ରବିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ବାଂଲାଦେଶ ୨ ଉଇକେଟ ବିନିମୟରେ ୧୭୫ ରନ କରିଥିଲା। ସୋମବାର ଦଳ ଆଉ ୪ଟି ଉଇକେଟ ହରାଇ ୨୨୬ ରନ ଯୋଗ କରିବାରେ ସମର୍ଥ ହୋଇଛି। ଦଳର ପ୍ରଥମ ଇନିଂସ ସ୍କୋର ବର୍ତ୍ତମାନ ୪୦୧/୬ରେ ପହଞ୍ଚିଛି। ସକାଳେ ତୃତୀୟ ଦିବସ ଖେଳ ଆରମ୍ଭରେ ପୂର୍ବଦିନ ୭୦ରନ କରି ଅପରାଜିତ ରହିଥିବା ମହମୁଦୁଲା ହସନ ତୃତୀୟ ଉଇକେଟରେ ନାଜମୁଲ ହୋନେସ ସାଣ୍ଟୋ (୬୪)ଙ୍କ ସହ ୧୦୪ରନର ପାର୍ଟନରଶିପ୍ କରିଥିଲେ। ଜୟ ବ୍ୟକ୍ତିଗତ ୭୮ରନ ସ୍କୋରରେ ଶୀଘ୍ର ଆଉଟ ହୋଇଯାଇଥିଲେ। ପରେ ମୋମିନୁଲ ଓ ଉଇକେଟକିପର ଲିଟନ ଦାସ (୮୬ରନ) ପରବର୍ତ୍ତୀ ୫୨ ଓଭର ଖେଳିଥିଲେ। ଉଭୟଙ୍କ ମଧ୍ୟରେ ୧୫୮ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ହୋଇଥିଲା। ଫାଇନାଲ ସେସନ ଖେଳର ୪ ଓଭର ମଧ୍ୟରେ ଟ୍ରେଣ୍ଟ ବୋଲ୍ଟ ଉଭୟ ମୋମିନୁଲ ଓ ଲିଟନ ଦାସଙ୍କୁ ଆଉଟ କରିଦେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୩୨୮ ବାଂଲାଦେଶ ପ୍ରଥମ ଇନିଂସ: ୪୦୧/୬ (ମୋମିନୁଲ ହକ୍-୮୮, ଲିଟନ ଦାସ-୮୬, ମହମୁଦୁଲା ହସନ ଜୟ-୭୮, ଟ୍ରେଣ୍ଟ ବୋଲ୍ଟ-୩/୬୧, ନିଲ୍ ୱାଗନର-୩/୯୮)।

# ଓଡ଼ିଶା ପ୍ରତିଯୋଗୀଙ୍କୁ ୧୮ ପଦକ



ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୩।୧ (କ୍ରୀଡ଼ା ପ୍ରତିନିଧି):** ରାଜସ୍ଥାନର ଯୋଧପୁରରେ ଡିସେମ୍ବର ୨୮ରୁ ଜାନୁୟାରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ୨୬ତମ ସିନିୟର ଏବଂ ୨୫ତମ ଜୁନିୟର ଓ ସବ୍‌ଜୁନିୟର ଜାତୀୟ କିକ୍‌ବକ୍ସିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ୧୮ ପଦକ ମିଳିଛି। ଅଲ୍ ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ (ଏଓକେଏ) ପକ୍ଷରୁ ମୋଟ ୩୫ ଜଣ ଏଥିରେ ପ୍ରତିନିଧିତ୍ୱ କରିଥିଲେ। ଜୁନିୟର କାଟେଗୋରିରେ ଓଡ଼ିଶା ଦଳକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ୧୮ ରାଜ୍ୟରୁ ୩୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଦଳ ପକ୍ଷରୁ ଆଶୁତୋଷ ମହାପାତ୍ର ୪୮ କେଜି ଲାଇଟ୍ କଣ୍ଟାକ୍ଟ ଜୁନିୟର ବାଳକ ବିଭାଗରେ ୨ ସ୍ୱର୍ଣ୍ଣ (ମ୍ୟୁଜିକାଲ ଫର୍ମ୍ସ ଓ୍ୱପନ ବାଳକ), କୃପାସିନ୍ଧୁ ବାରିକ ୭୧ କେଜିରୁ କମ୍ ପଏଣ୍ଟ ଫାଇଟ୍ ସିନିୟର ପୁରୁଷ କାଟେଗୋରିରେ ୧ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ (ଏରୋକିକ୍‌ବକ୍ସିଂ ପୁରୁଷ), ସୌମ୍ୟରଞ୍ଜନ କାମେଲା ୮୧ କେଜିରୁ କମ୍ ଫୁଲ୍ କଣ୍ଟାକ୍ଟ ଫାଇଟ୍ ସିନିୟର ପୁରୁଷରେ ୧ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ୍ (ଏରୋକିକ୍‌ବକ୍ସିଂ), ଆର୍ଯ୍ୟନ ବିଶ୍ୱାଳ

**ଜାତୀୟ କିକ୍‌ବକ୍ସିଂ ଚାମ୍ପିୟନଶିପ୍**

୭୧ କେଜିରୁ କମ୍ ଲାଇଟ୍ କଣ୍ଟାକ୍ଟ ସିନିୟର ପୁରୁଷରେ ୧ ରୌପ୍ୟ ଓ ୧ ବ୍ରୋଞ୍ଜ (ଏରୋକିକ୍‌ବକ୍ସିଂ) ଏବଂ ଓମ୍ ମହାପାତ୍ର ୪୮ କେଜିରୁ କମ୍ ଲାଇଟ୍ କଣ୍ଟାକ୍ଟ ଜୁନିୟର ବାଳକ ବିଭାଗରେ ୧ ରୌପ୍ୟ ପଦକ ହାସଲ କରିଥିଲେ।

ସେହିପରି ୭ରୁ ୯ ବର୍ଷ ବିଭାଗରେ ବୈଶାଳୀ ବେହେରା ଓ ସାଇ କ୍ରିଷ୍ଣା ଦାସ ସ୍ୱର୍ଣ୍ଣ, ୬୭ କେଜିରୁ କମ୍‌ରେ ସୋନୁ ଶା ସ୍ୱର୍ଣ୍ଣ, ୬୫ କେଜିରୁ କମ୍ ବର୍ଗରେ ଅର୍ଚ୍ଚିତ ବରଦା ରୌପ୍ୟ, ୬୩ କେଜିରୁ କମ୍ ଲାଇଟ୍ କଣ୍ଟାକ୍ଟରେ ସୁମିତ ମହାନ୍ତି ରୌପ୍ୟ, ୧୦ରୁ ୧୨ ବର୍ଷ ବର୍ଗରେ ଅର୍ଚ୍ଚନା ପ୍ରିୟଦର୍ଶିନୀ ରାଉତ ରୌପ୍ୟ ଓ ସ୍ୱସ୍ତିକ ବେହେରା ବ୍ରୋଞ୍ଜ, ୪୮ କେଜିରୁ କମ୍‌ରେ ଶୁଭମ୍ ଭୂତିଆ ରୌପ୍ୟ ଏବଂ ଟିନି ବୟେଜ ବିଭାଗରେ ଶୁଭ୍ରାଂଶୁ ଓଝା ବ୍ରୋଞ୍ଜ ପଦକ ପାଇଥିଲେ। ଇଣ୍ଡିଆନ ଆସୋସିଏଶନ ଅଫ୍ କିକ୍‌ବକ୍ସିଂ ଅର୍ଗାନାଇଜେଶନ୍ସ (ଆଇଏକେଓ) ଅନୁମୋଦନକ୍ରମେ ରାଜସ୍ଥାନ କିକ୍‌ବକ୍ସିଂ ଆସୋସିଏଶନ ପ୍ରତିଯୋଗିତା ଆୟୋଜନ କରିଥିଲା। ଆଇଏକେଓର ପ୍ରତିଷ୍ଠାତା ସଭାପତି ଏସ.ଏସ. ହରିଚନ୍ଦନଙ୍କ ନେତୃତ୍ୱରେ ଓଡ଼ିଶା ଦଳରେ ଅଫିସିଆଲଭାବେ ପ୍ରଦ୍ୟୁମ୍ନ ବେହେରା, ପୃଥ୍ୱୀରାଜ ହରିଚନ୍ଦନ, ବିଭୂତି ଭୂଷଣ ବେହେରା, ଯୁବରାଜ ହରିଚନ୍ଦନ, ଦୀନବନ୍ଧୁ ବେହେରା ପ୍ରମୁଖ ସାମିଲ ଥିଲେ।

# ମୁମ୍ବାଇକୁ ହରାଇଲା ଓଡ଼ିଶା ଏଫ୍‌ସି

**ଭାସ୍କୋ, ୩।୧**

ଶେଷଭାଗରେ ଜେରୀ ମାୱିମିଙ୍ଗଥଙ୍ଗାଙ୍କ ଡବଲ ଏବଂ ଜୋନାଥସ ଡି ଜେସୁସଙ୍କ ଗୋଲ ବଳରେ ଓଡ଼ିଶା ଏଫ୍‌ସି ସୋମବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ) ମ୍ୟାଚରେ ଟେବୁଲ ଟପ୍ପର ମୁମ୍ବାଇ ସିଟି ଏଫ୍‌ସିକୁ ୪-୨ ଗୋଲରେ ପରାସ୍ତ କରିଛି। ୩ ପରାଜୟ

**ଇଣ୍ଡିଆନ ସୁପରଲିଗ୍**

ପରେ ଏହି ବିଜୟ ଓଡ଼ିଶା ଏଫ୍‌ସିର ମନୋବଳ ଦୃଢ଼ କରିଛି।

ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଓଡ଼ିଶା ଏଫ୍‌ସି ମ୍ୟାଚର ୪ର୍ଥ ମିନିଟରେ ଆରିଡାଇ କାବ୍ରେରାଙ୍କ ଗୋଲ ବଳରେ ଅଗ୍ରଣୀ ହାସଲ କରିଥିଲା। ତେବେ ୧୦ମ ମିନିଟରେ ମୁମ୍ବାଇ ଦଳର ଅହମଦ ଜାହୋଉ ଗୋଲଟି



ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ପରିଶୋଧ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ୩୮ତମ ମିନିଟରେ ଦଳର ତାରକା ଖେଳାଳି ଇଗର ଆଙ୍ଗୁଲୋ ଏକ ଗୋଲ ଦେଇ ମୁମ୍ବାଇକୁ ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ମୁମ୍ବାଇ ୨-୧ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୭୦ତମ ମିନିଟରେ ମାୱିମିଙ୍ଗଥଙ୍ଗା ଗୋଲ ପରିଶୋଧ କରି ମ୍ୟାଚରେ ଉଷ୍ମତା ଭରିଥିଲେ। ୭୭ତମ ମିନିଟରେ ସେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଭୁବନେଶ୍ୱର ଭିତ୍ତିକ ଦଳ ଓଡ଼ିଶା ଏଫ୍‌ସିକୁ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ କରାଇଥିଲେ। ମୁମ୍ବାଇ ଗୋଲ ପରିଶୋଧ ଚକ୍କରରେ ଥିବାବେଳେ ୮୯ତମ ମିନିଟରେ ଜୋନାଥସ ଗୋଟିଏ ଗୋଲ ଦେଇ ଓଡ଼ିଶା ଦଳର ବିଜୟ ନିଶ୍ଚିତ କରି ଦେଇଥିଲେ। ଇଞ୍ଜୁରି ଟାଇମ୍‌ରେ ମୁମ୍ବାଇ ଗୋଲ ଦେବାକୁ ଉଦ୍ୟମ କରିଥିଲେ ହେଁ ଓଡ଼ିଶା ଏଫ୍‌ସିର ରକ୍ଷଣଭାଗ ତାହା ହେବାକୁ ଦେଇ ନ ଥିଲେ। ମୁମ୍ବାଇ ସିଟି ଏଫ୍‌ସିକୁ ହରାଇବା ଫଳରେ ଓଡ଼ିଶା ଏଫ୍‌ସି ୯ ମ୍ୟାଚରୁ ୪ ବିଜୟ, ୧ ଡ୍ର ଓ ୪ ପରାଜୟ ସହ ୧୩ ପଏଣ୍ଟ ପାଇ ଟେବୁଲର ୭ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ମୁମ୍ବାଇ ୯ ମ୍ୟାଚରୁ ୧୬ ପଏଣ୍ଟ ସହିତ ଶୀର୍ଷସ୍ଥାନ ବଜାୟ ରଖିଛି।

# ଅନ୍ତର୍ଜାତୀୟ କ୍ରିକେଟରୁ ହାଫିଜଙ୍କ ଅବସର

**ଲାହୋର, ୩।୧ (ପି.ଟି.)**

ପାକିସ୍ତାନର ଭେଟେରାନ ଅଲରାଉଣ୍ଡର ମହମ୍ମଦ ହାଫିଜ ଅନ୍ତର୍ଜାତୀୟ କ୍ରିକେଟରୁ ସୋମବାର ତାଙ୍କର ଅବସର ଘୋଷଣା କରିଛନ୍ତି। ପ୍ରାୟ ଦୁଇ ଦଶନ୍ଧି ଧରି କ୍ୟାରିୟରରେ ହାଫିଜ୍ ଖେଳର ପ୍ରତ୍ୟେକ ଫର୍ମାଟରେ ଜାତୀୟ ଦଳର ଅଧିନାୟକତ୍ୱ କରିଛନ୍ତି। ୪୧ ବର୍ଷୀୟ ଟପ୍ ଅର୍ଡର ବ୍ୟାଟର ଓ ଅଫ୍ ସ୍ପିନର ପୂର୍ବରୁ ୨୦୧୮ରେ ଟେଷ୍ଟରୁ ତାଙ୍କର ଅବସର ଘୋଷଣା କରିସାରିଥିଲେ। ହାଫିଜ ପାକିସ୍ତାନ ତରଫରୁ ୩୯୨ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ସେ ୧୨,୭୮୯ ରନ ସଂଗ୍ରହ କରିଥିବା ବେଳେ ୨୫୩ ଉଇକେଟ ନେଇଛନ୍ତି। ୨୦୦୩ରେ ଜିମ୍ବାୱେ ବିପକ୍ଷ ଏକ ଦିନିକିଆରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ହାଫିଜ ଦେଶପାଇଁ ୫୫ ଟେଷ୍ଟ, ୨୧୮ ଅନ୍ତର୍ଜାତୀୟ ଦିନିକିଆ ଓ ୧୧୯ ଅନ୍ତର୍ଜାତୀୟ ଟି୨୦ ସମେତ ୩ ଆଇସିସି ଦିନିକିଆ ବିଶ୍ୱକପ୍ ଓ ୬ ଟି୨୦ ବିଶ୍ୱକପ୍ ଖେଳିଛନ୍ତି।



କଟକ ଖ୍ରୀଷ୍ଟ ମହାବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସୋମବାର ବ୍ୟାଡ୍‌ମିଣ୍ଟନ କୋଚିଂ ଓ ଟ୍ରେନିଂ ସେଣ୍ଟରକୁ ଉଦ୍‌ଘାଟନ କରିବାପରେ ଅତିଥିମାନେ ଖେଳାଳି ଓ କର୍ମକର୍ତ୍ତାଙ୍କ ସହ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୧।୨୦୨୨

| ୨,୮୬,୫୨୧ ଟଙ୍କା | |
|---|---|
| ସୁନା | ୮ ଗ୍ରାମ |
| ରୁପା | ୩୨.୫୦୦ ଗ୍ରାମ |

# ବିକଶିତ ହେବ ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ଭିତ୍ତିଭୂମି

## ଉଷା ସର୍ଭେରେ ଚିହ୍ନିତ ସବୁ ବସ୍ତିର ବିକାଶ ଚଳିତ ବର୍ଷ ଶେଷସୁଦ୍ଧା ସାର

ଭୁବନେଶ୍ୱର, ୩।୧(ବ୍ୟୁରୋ)

ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ପାଇଁ ନିର୍ଭରଶୀଳ ଓ ବାସଯୋଗ୍ୟ ବସତି ବିକାଶ ଉପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁତ୍ୱ ପ୍ରଦାନ କରିଛନ୍ତି। ସହର ଅନ୍ତର୍ଗତ ଜଙ୍ଗଲ ଜମିରେ ଥିବା ବସ୍ତିଗୁଡ଼ିକରେ ମୌଳିକ ଭିତ୍ତିଭୂମି ବିକାଶ ନିମନ୍ତେ ସୋମବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଜମିରେ ଥିବା ବସ୍ତିଗୁଡ଼ିକର ବିକାଶ ସମ୍ବନ୍ଧିତ କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟ ଶାସନ ସଚିବ କହିଛନ୍ତି, ବସ୍ତିବାସିନ୍ଦାମାନେ ସହରର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେମାନଙ୍କ ପାଇଁ ଉତ୍ତମ ବାସଗୃହ ଏବଂ ମୌଳିକ ସେବା ଯୋଗାଣ ନିଶ୍ଚିତ କରାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାଗା ମିଶନ ଅଭିଯାନ ଆରମ୍ଭ କରିଛନ୍ତି। ଏହି ମିଶନର ପ୍ରଥମ ପର୍ଯ୍ୟାୟରେ ଜମି ଅଧିକାର ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ବସ୍ତିଗୁଡ଼ିକର ବିକାଶ କରି ସେସବୁକୁ ସହର ମୁଖ୍ୟ ଜୀବନଧାରା ସହ ସଂଯୁକ୍ତ କରିବା ଉପରେ ଧ୍ୟାନଦେବାକୁ କୁହାଯାଇଛି। ଚଳିତ ବର୍ଷ ଶେଷସୁଦ୍ଧା ସହର ବସ୍ତିଗୃହ




ଅଞ୍ଚଳ(ଉଷା) ସର୍ଭେ ମାଧ୍ୟମରେ ଚିହ୍ନିତ ସମସ୍ତ ବସ୍ତିର ବିକାଶ ସାଧନ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କର୍ମଶାଳାରେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କହିଛନ୍ତି, ସହର ଅନ୍ତର୍ଗତ ଜଙ୍ଗଲ ଜମିରେ ରହିଥିବା ପୁରୁଣା ବସ୍ତିଗୁଡ଼ିକରେ ଜମି ଅଧିକାର ଏବଂ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଥିବା ଆଇନଗତ ଆବଶ୍ୟକତା ଆଦିକୁ ବିଚାରକରି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟାନ୍ୱୟନ ପଦ୍ଧତି (ଏସ୍‌ଓପି) ସ୍ଥିର କରାଯାଇଛି। ନଗର ଓ ଗୃହ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ୍ କହିଛନ୍ତି, ଓଡ଼ିଶାର ଜାଗା ମିଶନ ଅନ୍ତର୍ଜାତୀୟ ସ୍ୱୀକୃତି ଲାଭ କରିଛି। ଏଥିପାଇଁ ଓଡ଼ିଶାକୁ ବିଶ୍ୱ ବସତି ପୁରସ୍କାର-୨୦୧୮ ଏବଂ ଏସିଆ-ପ୍ରଶାନ୍ତ ଆବାସିକ ପୁରସ୍କାର-୨୦୨୧ରେ ସମ୍ମାନିତ କରାଯାଇଛି। ଉଷା ସର୍ଭେ ମାଧ୍ୟମରେ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ପ୍ରାୟ ୩୦୦୦ ବସ୍ତି ଚିହ୍ନଟ କରାଯାଇଛି। ଏଥିରେ ପ୍ରାୟ ୧,୬୮,୧୪୧ ବାସଗୃହ ରହିଥିବା ବେଳେ ସେଥିରୁ ୭୦,୦୦୦ ଗୃହଙ୍କୁ ଜମି ଅଧିକାର ଏବଂ ୧,୦୩,୩୨୮ ଗୃହଙ୍କୁ ଜମି ପ୍ରମାଣପତ୍ର ଦିଆଯାଇଛି। ଇତିମଧ୍ୟରେ ୫୫୦ ବସ୍ତିର ବିକାଶ କରି ସେସବୁକୁ ସହରୀ ଜୀବନର ମୁଖ୍ୟସ୍ରୋତରେ ସାମିଲ କରାଯାଇଛି। ଅବଶିଷ୍ଟ ବସ୍ତିକୁ ଚଳିତ ବର୍ଷ ଶେଷସୁଦ୍ଧା ବିକଶିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ଉଷା ସର୍ଭେ ମାଧ୍ୟମରେ ଚିହ୍ନିତ ବସ୍ତିଗୁଡ଼ିକ ମଧ୍ୟରୁ ୨୫୩ଟି ବସ୍ତି ୪୫ଟି ସହର ଅନ୍ତର୍ଗତ ଜଙ୍ଗଲ ଜମିରେ ରହିଛି। ଏହି ବସ୍ତିଗୁଡ଼ିକରେ ଜମି ଅଧିକାର ଏବଂ ଭିତ୍ତିଭୂମି ବିକାଶ ନିମନ୍ତେ ପ୍ରସ୍ତୁତ ଏସ୍‌ଓପି ବିଷୟରେ ସବିଶେଷ ଆଲୋଚନା ହୋଇଛି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶିଶିର କୁମାର ରଥ କହିଛନ୍ତି, ଏସ୍‌ଓପିକୁ ପରୀକ୍ଷାମୂଳକ ଭାବେ ଢେଙ୍କାନାଳ ପୌର ପରିଷଦ ଅଞ୍ଚଳରେ ପ୍ରୟୋଗ କରାଯାଇଥିଲା। ଏହା ପୂର୍ଣ୍ଣମାତ୍ରାରେ ଫଳପ୍ରସୂ ହୋଇଛି। ଏହି ଏସ୍‌ଓପିକୁ ଅନ୍ୟ ସମସ୍ତ ବସ୍ତିର ବିକାଶ ନିମନ୍ତେ ସମୟାନୁବନ୍ଧିତ ଭାବେ କାର୍ଯ୍ୟାନ୍ୱୟନ କରିବାକୁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ଜିଲାର ଜିଲାପାଳ, ଡିଏଫ୍‌ଓ ଏବଂ ସହରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



୩ଦଫା ଦାବି ନେଇ ଓଏସ୍ଏସ୍‌ଟିଇଟି ଯୋଗ୍ୟତାଧାରୀ ହିନ୍ଦୀ ତାଲିମପ୍ରାପ୍ତ ଅଣନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ସୋମବାର ଭୁବନେଶ୍ୱର ପିଏମ୍‌ଜି ରାସ୍ତାରେ ଆଣ୍ଠେଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଗଳାବାଟ ଦେଇ ପ୍ରବେଶ କରୁଛନ୍ତି ଭକ୍ତ

ପୁରୀ ଅଫିସ ୩।୧

ଶ୍ରୀମନ୍ଦିର ଭକ୍ତଙ୍କ ନିମନ୍ତେ ୩ଦିନ ବନ୍ଦ ରହିବା ପରେ ସୋମବାର ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିର ଖୋଲିଥିଲା। ନୂଆ ବର୍ଷରେ ପ୍ରଥମ କରି ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ସୋମବାର ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ଭକ୍ତମାନେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ଲମ୍ବା ବ୍ୟାରିକେଡ ଦେଇ ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ହେଲେ କେତେଜଣ ସେବାୟତ, ପୋଲିସ ଓ ଶ୍ରୀମନ୍ଦିର କର୍ମଚାରୀ ଶ୍ରଦ୍ଧାଳୁଙ୍କୁ ବିନା ଧାଡ଼ିରେ ଶ୍ରୀମନ୍ଦିରରେ ପ୍ରବେଶ କରାଉଛନ୍ତି। ଏଭଳି ଘଟଣାର ସୋମବାର ଦେଖିବାକୁ ମିଳିଛି । ଯାହାକୁ ନେଇ ଅନ୍ୟ ଶ୍ରଦ୍ଧାଳୁ ଓ ପୁରୀ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଉକ୍ତ ଶ୍ରଦ୍ଧାଳୁଙ୍କ ପଞ୍ଜୀକରଣ ହୋଇଛି କି ନାହିଁ ଓ ସେମାନେ ବିନା ଧାଡ଼ିରେ କିଭଳି ଭାବେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିପାରୁଛନ୍ତି ତାହାକୁ ନେଇ ସହରବାସୀ ପ୍ରଶ୍ନ କରିଛନ୍ତି। କୋଭିଡ୍ ସଂକ୍ରମଣକୁ ରୋକିବା ପାଇଁ କିଓସ୍କୋ ବ୍ୟବସ୍ଥା ହୋଇଥିବା ବେଳେ ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କର ପଞ୍ଜୀକରଣ କରି ଧାଡ଼ିରେ ଦର୍ଶନ ପାଇଁ ଯାଉଛନ୍ତି। ତେବେ ଏପରି ଚିତ୍ର ସହରବାସୀଙ୍କ ଚିନ୍ତା ବଢ଼ାଇଛି। ଏ ସମ୍ପର୍କରେ ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା କହିଛନ୍ତି, ସୁରକ୍ଷା ଦୃଷ୍ଟିକୋଣରୁ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଶ୍ରୀମନ୍ଦିର ପ୍ରଶାସନ ଏଭଳି ଗଳା ବାଟକୁ ବନ୍ଦ କରିବା ସହ ସେବାୟତମାନଙ୍କୁ ଏନେଇ ଚେତାବନୀ ଦେବା ଦରକାର ବୋଲି ସ୍ୱାଧୀନ କହିଛନ୍ତି।

# ପ୍ରଥମ ଦିନରେ ୩,୩୬୮ ଟିକା ନେଲେ

## ୧୫ରୁ ୧୮ ବର୍ଷ କିଶୋରୀ କିଶୋରଙ୍କୁ ଟିକାକରଣ

ପୁରୀ ଅଫିସ, ୩।୧

ସାରା ଦେଶରେ ସୋମବାରଠାରୁ ୧୫ ବର୍ଷରୁ ୧୮ ବର୍ଷ ମଧ୍ୟରେ ଥିବା କିଶୋର କିଶୋରମାନଙ୍କୁ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ପୁରୀରେ ମଧ୍ୟ ଟିକାକରଣ କରାଯାଇଛି। ପୁରୀର କମଳା ଦେବୀ ମାତୃ ମଙ୍ଗଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲାପାଳ ସମର୍ଥ ବର୍ମା ଏହି ଟିକା ଅଭିଯାନର ଶୁଭାରମ୍ଭ କରିଥିଲେ। ଆବଶ୍ୟକ ପଡିଲେ ସ୍ୱତନ୍ତ୍ର ଅଭିଯାନ ସହାୟତାରେ ଏହି ବର୍ଗରେ ଶତ ପ୍ରତିଶତ ଟିକାକରଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏହା ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥିଲା। ପୁରୀରେ ୯୦,୯୬୧ ଜଣ ଏହି ବୟସର ଥିବାବେଳେ ସେମାନଙ୍କୁ କୋଭାକ୍ସିନ ଟିକା ଦିଆଯିବ। ସୋମବାର ପୁରୀ ଜିଲାରେ ଅନ୍‌ଲାଇନରେ ୪,୩୦୦ ଜଣଙ୍କ ପାଇଁ ସ୍ଲଟ ବୁକିଂର ବ୍ୟବସ୍ଥା ଥିବାବେଳେ ସେଥିମଧ୍ୟରୁ ୩,୩୬୮ ଜଣ ଟିକା ନେଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଟିକାକରଣ କେନ୍ଦ୍ରକୁ ଆଧାରକାର୍ଡ କିମ୍ବା ବିଦ୍ୟାଳୟ ପରିଚୟପତ୍ର ଆଣିବାକୁ କିଶୋରୀ କିଶୋରମାନଙ୍କୁ ପରାମର୍ଶ ଦିଆଯାଇଥିଲା। ପ୍ରାଥମିକ ଭାବେ ଜିଲାର ୧୧ଟି ବ୍ଲକ ସହ ପୁରୀ ସହରର ୩ଟି ସ୍ଥାନରେ ଟିକାକରଣ ପାଇଁ ବ୍ୟବସ୍ଥା କରାଯାଇଥିଲା। ପୁରୀ ସହରର କମଳାଦେବୀ ମାତୃମଙ୍ଗଳ ସ୍ୱାସ୍ଥ୍ୟକେନ୍ଦ୍ରରୁ ୧୨୨ଜଣ, ଚନ୍ଦନ ହଜୁରୀ ଶିଶୁ ହସ୍ପିଟାଲରୁ ୨୬୩ଜଣ ଓ ସ୍ୱର୍ଗଦ୍ୱାର ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୧୫୩ଜଣ ଟିକା ନେଇଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପ୍ରଣବ ଶଙ୍କର ଦାଶ, ଡିପିଏମ୍ ଟି. ନାରାୟଣ ରାଓ, ଡିଡିଏମ୍ ସୁଦାମ ମହାରଣା ଏବଂ ପ୍ରଶାନ୍ତ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆବର୍ଷରେ ମହାପ୍ରଭୁଙ୍କ ଦର୍ଶନ ପାଇ ଭକ୍ତ ବିଭୋର

ପୁରୀ ଅଫିସ, ୩।୧

ଗତ ତିନିଦିନ ଧରି ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରହିବା ପରେ ସୋମବାରଠାରୁ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଖୋଲିଛି। ନୂଆବର୍ଷରେ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଆଶଙ୍କା କରି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଡିସେମ୍ବର ୩୧ ତାରିଖ ଏବଂ ଇଂରାଜୀ ନବବର୍ଷ ଜାନୁୟାରୀ ୧ ତାରିଖରେ ଶ୍ରୀମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନ ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିଲା। ସେହିପରି ରବିବାର ଶ୍ରୀମନ୍ଦିର ପରିସର ଏବଂ ଚାରିପାଖ ବିଶୋଧନ ନିମନ୍ତେ ଶ୍ରୀମନ୍ଦିର ବନ୍ଦ ରହିଥିଲା। ଫଳରେ ଭକ୍ତମାନେ ଲଗାତର ୩ଦିନ ଧରି ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ଥିଲେ। ଇଂରାଜୀ ନବବର୍ଷରେ ଭକ୍ତଙ୍କ ପାଇଁ ସୋମବାର ଶ୍ରୀମନ୍ଦିର ଖୋଲିଥିବା ବେଳେ ବର୍ଷର ପ୍ରଥମଥର ମହାପ୍ରଭୁଙ୍କ ଦର୍ଶନ କରି ଭକ୍ତ ବିଭୋର ହୋଇଯାଇଥିଲେ।

୩ଦିନ ପରେ ମନ୍ଦିର ଖୋଲିଥିବାରୁ ଶ୍ରୀମନ୍ଦିର ତଥା ପୁରୀରେ ପ୍ରବଳ ଜନ ସମାଗମ ହୋଇଥିଲା। ଶୃଙ୍ଖଳିତ ଭାବେ ଭକ୍ତମାନେ ସ୍ୱତନ୍ତ୍ର ବ୍ୟାରିକେଡ ଦେଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରୁଥିବା ବେଳେ ଦର୍ଶନ ସାରି ଉତ୍ତର ଓ ଦକ୍ଷିଣ ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ବ୍ୟାରିକେଡ ନିର୍ମାଣ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟଠାରୁ ମରିଚିକୋଟ ପର୍ଯ୍ୟନ୍ତ ଏହି ବ୍ୟାରିକେଡ ନିର୍ମାଣ କରାଯାଇଛି। ସେଠାରେ ସେମାନଙ୍କ ଟିକାକରଣ ପ୍ରମାଣପତ୍ର ଦେଖାଇବା ପରେ କିଓସ୍କୋ ଦେଇ ସାମାଜିକ ଦୂରତ୍ୱ ରକ୍ଷା କରି ଶେଡ ମଧ୍ୟ ଦେଇଯାଇଥିଲେ। ସେହିପରି ଗହଳିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଥାକ ଥାକ କରି ଭକ୍ତମାନଙ୍କୁ ଶ୍ରୀମନ୍ଦିର ମଧ୍ୟକୁ ଛଡାଯାଇଥିଲା। ଏହି ଅବସରରେ କାଶୀରୁ କେତେଜଣ ଭକ୍ତ ପରିବାର ସହ ଶ୍ରୀମନ୍ଦିରକୁ ଆସିଥିବା ଦେଖିବାକୁ ମିଳିଥିଲା। ସେମାନେ ସାଙ୍ଗରେ ଶ୍ରୀକୃଷ୍ଣଙ୍କ ପ୍ରତିମୂର୍ତ୍ତି ଆଣିଥିଲେ। ଶ୍ରୀକୃଷ୍ଣଙ୍କୁ ତାଙ୍କ ପରିବାରର ଅଂଶ କରିଥିବାରୁ ତାଙ୍କ ପ୍ରତିମୂର୍ତ୍ତିକୁ ସାଙ୍ଗରେ ଧରି ଆସିଥିଲେ। ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ସହ ଶ୍ରୀକୃଷ୍ଣଙ୍କ ଭେଟ କରେଇବେ ବୋଲି କହିଥିଲେ। ନୂତନ ବର୍ଷରେ ମହାପ୍ରଭୁଙ୍କ ଦର୍ଶନ କରି ବେଶ ଖୁସି ଥିବା କହିଥିଲେ।

## ସଂକ୍ଷେପରେ

### ୨ଲକ୍ଷ ଟଙ୍କାର ସାମଗ୍ରୀ ଚୋରି

କୋଣାର୍କ, ୩।୧(ଡି.ଏନ୍.ଏ)- କୋଣାର୍କ ଥାନା କୁରୁଜଙ୍ଗ ପଞ୍ଚାୟତ ବାଲିଦୋକାନ ବଜାରର ଏକ ବାସନ ସାମଗ୍ରୀ ଦୋକାନରୁ ୨ଲକ୍ଷ ଟଙ୍କାର ବାସନକୁସନ ଚୋରି ହୋଇଥିବା ଅଭିଯୋଗ ହୋଇଛି। କାକରପୁଟ ଗ୍ରାମର ପରୀକ୍ଷିତ ମହାରଣା ବାଲିଦୋକାନ ବଜାରରେ ବାସନ ସାମଗ୍ରୀ ବିକ୍ରି କରୁଥିଲେ। ରବିବାର ରାତିରେ ଦୁର୍ବୃତ୍ତମାନେ ଦୋକାନ କବାଟ ତାଡ଼ି ବିଭିନ୍ନ ସାମଗ୍ରୀ ଚୋରି କରି ନେଇଛନ୍ତି। ପରଦିନ ସକାଳ ପରୀକ୍ଷିତ ଦୋକାନକୁ ଆସିବା ବେଳେ ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତିକରି ଏଏସ୍‌ଆଇ ବନମାଳୀ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ବିଦ୍ୟୁତ୍‌ଖୁଣ୍ଟ ପୋତାକୁ ନେଇ ଗଣ୍ଡଗୋଳ

ନିମାପଡ଼ା,୩।୧(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ନିଆଁଗୋରଡ଼ା ଗ୍ରାମରେ ସୋମବାର ଜଣେ ବ୍ୟକ୍ତିଙ୍କ ଜମିରେ ବିଦ୍ୟୁତ୍‌ଖୁଣ୍ଟ ପୋତାକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏ ନେଇ ଉଭୟ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ପୃଥକ ଭାବେ ୨ଟି ମାମଲା(ନଂ.୨,୩/୨୨) ରୁଜୁ କରିବା ସହ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ପ୍ରଭାତ ଜେନାମଣିଙ୍କ ଜମିରେ ଅନ୍ୟ ଏକ ପରିବାର ବିଦ୍ୟୁତ୍‌ଖୁଣ୍ଟ ଲଗାଉଥିଲେ। ଏହାଦେଖି ପ୍ରଭାତ ଓ ତାଙ୍କ ପରିବାର ଲୋକ ବିରୋଧ କରିବାରୁ ଉକ୍ତ ପରିବାରର ୫ରୁ ଊର୍ଦ୍ଧ୍ୱ ଲୋକ ଆସି ବଚସା କରିଥିଲେ। ଯୁକ୍ତିତର୍କ ଅଧିକ ହେବାରୁ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏପରି କି ଖଣ୍ଡା, ମାରଣାସ୍ତ୍ରରେ ମଧ୍ୟ ଆକ୍ରମଣ କରିଥିଲେ। ଏଥିରେ ପ୍ରଭାତଙ୍କ ମୁଣ୍ଡରେ କ୍ଷତ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଓ ଅନ୍ୟ ସଦସ୍ୟ ଆହତ ହୋଇ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପରେ ପ୍ରଭାତ ଏ ନେଇ ଉକ୍ତ ଗୋଷ୍ଠୀର ୭ ଜଣଙ୍କ ବିରୋଧରେ ଅଭିଯୋଗ କରିଥିଲେ। ସେହିପରି ଉକ୍ତ ଗୋଷ୍ଠୀର କୃଷ୍ଣଚନ୍ଦ୍ର ଜେନାମଣି ମଧ୍ୟ ତାଙ୍କ ସମ୍ପର୍କୀୟମାନଙ୍କୁ ଆକ୍ରମଣ ହୋଇଥିବା ନେଇ ପାଲଟା ଅଭିଯୋଗ କରିଥିଲେ।

### ୧୬ରୁ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ନିମାପଡ଼ା,୩।୧(ଡି.ଏନ୍.ଏ.)- ନିମାପଡ଼ା ଆଥଲେଟିକ ଆସୋସିଏଶନ ପକ୍ଷରୁ ୧୩ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଜାନୁୟାରୀ ୧୬ତାରିଖରୁ ଆରମ୍ଭ ହୋଇ ୨୩ତାରିଖରେ ଶେଷ ହେବ। ଏ ନେଇ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ସୋମବାର ଗଣଶିକ୍ଷା ମନ୍ତ୍ରୀ ତଥା ନିମାପଡ଼ା ଆଥଲେଟିକ ଆସୋସିଏଶନର ସଭାପତି ସମୀର ରଞ୍ଜନ ଦାଶ ସୋମବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ଏହି ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୮ଟି ଟିମ୍ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ଚାମ୍ପିୟନ ଦଳକୁ ଆସୋସିଏଶନ ପକ୍ଷରୁ ନଗଦ ୩୫ହଜାର ଟଙ୍କା ଓ ଟ୍ରଫି, ରନର୍ସ ଅପ୍ ଦଳକୁ ନଗଦ ୨୦ହଜାର ଟଙ୍କା ଓ ଟ୍ରଫି, ମ୍ୟାନ ଅଫ୍ ଦିନ ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ୍ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସମ୍ମିଳନୀରେ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର, କ୍ରିକେଟ ସମ୍ପାଦକ ଅକ୍ଷୟ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶୁଭଶ୍ରୀ



@ ଅକ୍ଷୟ



@ ଆଲୋକ



@ ଅରୁଣ



@ ହାପୁନ



@ ମିଲୁ

## ଦ୍ୱିତୀୟ ଏସ୍‌ପିଏଲ୍ ପ୍ରିମିୟର ଲିଗ୍ ମ୍ୟାଚ ଉଦ୍‌ଘାଟନ

କଣାସ,୩।୧(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ସାହସପୁର ଗ୍ରାମର ମା’ ମଙ୍ଗଳା କ୍ରିକେଟ୍ ଆସୋସିଏଶନ୍ ପକ୍ଷରୁ ଦ୍ୱିତୀୟ ଏସ୍‌ପିଏଲ୍ ସାହସପୁର ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଘାଟନ ହୋଇଯାଇଛି। ଏଥିରେ ୨ଟି ପଞ୍ଚାୟତରୁ ୫ଟି ଦଳ ଭାଗ ନେଇଛନ୍ତି। ଗ୍ରାମ୍ୟ କମିଟି ସଭାପତି ଈଶ୍ୱର ଚନ୍ଦ୍ର ସାହୁ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। କିଙ୍ଗକୋବ୍ରା ଓ ହଣ୍ଟର ଇଲେଭେନ ସହିତ ପ୍ରଥମ ଲିଗ ମ୍ୟାଚ ଆରମ୍ଭ ହୋଇଥିଲା। କିଙ୍ଗକୋବ୍ରା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ହଣ୍ଟର ଇଲେଭେନ ୧୦ ଓଭରରେ ୫ ଉଇକେଟ ହରାଇ ୧୦୦ ରନ କରିଥିଲା। ଜବାବରେ କିଙ୍ଗକୋବ୍ରା ୧୦ ଓଭରରେ ୫ ଉଇକେଟ ହରାଇ ୯୯ ରନ କରି ପରାଜୟ ହୋଇଥିଲା। ହଣ୍ଟର ଦଳର ଅବିନାଶ ପ୍ରଧାନ ୨ ଓଭର ବୋଲିଂ କରି ୩ଟି ଉଇକେଟ ନେବା ସହିତ ଶେଷ ବଲରେ ୧୦ ରନ କରି ମ୍ୟାଚର ମୋଡ ବଦଳାଇ ଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ଲିଗ୍ ମ୍ୟାଚ ସୁପରଟାଇଗର ସହିତ ଗୋଲ୍ଡେନ ଇଗଲ ମଧ୍ୟରେ ହୋଇଥିଲା। ସୁପରଟାଇଗର ୫୬ ରନରେ ଗୋଲ୍ଡେନ ଇଗଲକୁ ହରାଇ ବିଜୟ ହୋଇଥିଲା। ୩ ନମ୍ବର ଜିଲା ପରିଷଦ ସଭ୍ୟ ନୀଳମଣି ବେହେରା, ସତ୍ୟବ୍ରତ ସାହୁ, ଖବରଦାତା ହେମନ୍ତ ମହାରଥୀ, ସାମାଜିକ କର୍ମୀ ରମେଶ ହରିଚନ୍ଦନ, ଅକ୍ରୂର ସାହୁ ଓ ସାଧୁ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀଧର ପ୍ରଧାନ ଓ ବିଜୟ ବେହେରା ଓ ମା’ ମଙ୍ଗଳା କ୍ରିକେଟ ଆସୋସିଏଶନର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।




ଜାନକୀ ବଲ୍ଲଭ ସ୍ମୃତି ସଂସଦ ପକ୍ଷରୁ ସୋମବାର ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୫ତମ ଜୟନ୍ତୀ ଉତ୍ସବ ଏବଂ ସମ୍ମାନ ପ୍ରଦାନ ସମାରୋହରେ ମଞ୍ଚାସୀନ ଅତିଥିମାନେ।



ନୂତନ ବର୍ଷର ପ୍ରାରମ୍ଭରେ ସୋମବାର ପୁରୀ ଶ୍ରୀମନ୍ଦିର ଖୋଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ଲମ୍ବାଧାଡ଼ିରେ ଅପେକ୍ଷା କରିଛନ୍ତି।



ଭୁବନେଶ୍ୱର ଗାଡ଼କଣ ମହାବୀର ବସ୍ତିରେ ସୋମବାର ବିଡିଏ ପକ୍ଷରୁ ବେଆଇନ ଘରଗୁଡ଼ିକୁ ଉଚ୍ଛେଦ କରାଯାଉଛି।

## ସଂକ୍ଷେପରେ

### ପ୍ରଥମ ଦିନରେ ଟିକା ନେଲେ ୨୫୪୦ ପିଲା

**ଖୋର୍ଦ୍ଧା ଅଫିସ,୩।୧:** ୧୫ରୁ ୧୮ବର୍ଷର କିଶୋରୀ, କିଶୋରଙ୍କୁ ସୋମବାରଠାରୁ ଟିକାକରଣ ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲାରେ ୮୭,୨୯୦ ଜଣଙ୍କୁ ଟିକା ଦେବା ଲାଗି ଲକ୍ଷ୍ୟ ରହିଛି। ପ୍ରଥମ ଦିନରେ ୨୫୪୦ଜଣ ପିଲାଙ୍କୁ କୋଭାକ୍ସିନ ଟିକା ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୧୩ଟି ସ୍ଥାନରେ ପିଲାଙ୍କୁ ଟିକା ଦିଆଯାଇଛି। ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଟିକାକରଣ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ ଉଦ୍‌ଘାଟନ କରିଥିଲେ। ଜିଲା ପରିବାର କଲ୍ୟାଣ ଓ ଟିକାକରଣ ଅଧିକାରୀ ଡା. ରଘୁନାଥ ନାୟକ, ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ପ୍ରସନ୍ନ କୁମାର ମହାପାତ୍ର, ଦେବସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ସିଡିଏମ୍‌ଓ ନାୟକ କହିଥିଲେ ଯେ, ପିଲାମାନେ ଆଧାରକାର୍ଡ ଏବଂ ସ୍କୁଲ ପରିଚୟପତ୍ର ଦେଖାଇ ଟିକା ନେଇଥିଲେ। ଟିକା ନେବା ପରେ କୌଣସି ଛାତ୍ରୀଛାତ୍ରଙ୍କ ମଧରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇନାହିଁ। ସମସ୍ତ ଟିକାଦାନ କେନ୍ଦ୍ରରେ ଶୃଙ୍ଖଳାର ସହ ଟିକା ଦିଆଯାଇଛି। ଏହି ଅବସରରେ ସିଡିଏମ୍‌ଓ ବିଭିନ୍ନ ସ୍ଥାନରେ ଚାଲିଥିବା ଟିକାଦାନ କେନ୍ଦ୍ର ବୁଲି ଯାଞ୍ଚ କରିଥିଲେ।

### ୧୫ଜଣଙ୍କୁ 'ଦୂରଦର୍ଶୀ ସେବା ସମ୍ମାନ'

**ଭୁବନେଶ୍ୱର, ୩।୧(ବ୍ୟୁରୋ):** ସମ୍ବାଦଭିତ୍ତିକ ପତ୍ରିକା ଦୂରଦର୍ଶୀ ପକ୍ଷରୁ ସୋମବାର ବୁଦ୍ଧ ମନ୍ଦିରଠାରେ ଦୂରଦର୍ଶୀ ସେବା ସମ୍ମାନ ସମାରୋହ ଓ 'ସେବା' ସମ୍ପର୍କିତ ବିଷୟକୁ ନେଇ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୫ଜଣଙ୍କୁ 'ଦୂରଦର୍ଶୀ ସେବା ସମ୍ମାନ' ପ୍ରଦାନ କରାଯାଇଛି। 'ଦୂରଦର୍ଶୀ' ସମ୍ପାଦକ ଦୁର୍ଗାପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ସୁଜିତ୍ କୁମାର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ଲେଖକ ଉମେଶ ଚନ୍ଦ୍ର ଜେନା, ଜାତୀୟ ଯୁବ ପ୍ରକଳ୍ପ ଆବାହକ ମଧୁସୂଦନ ଦାସ ପ୍ରମୁଖ ଯୋଗଦେଇଥିଲେ। ବ୍ୟୁରୋଚିଫ୍ ପ୍ରସନ୍ନ ବିଷୋୟୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

### ଅବସରପ୍ରାପ୍ତ ନୌସେନା ଅଧିକାରୀ ଶ୍ରୀ ହରିଲାଲ ଶର୍ମାଙ୍କ ପରଲୋକ

**ଭୁବନେଶ୍ୱର, ୩।୧(ବ୍ୟୁରୋ):** ଅବସରପ୍ରାପ୍ତ ଭାରତୀୟ ନୌସେନା ଅଧିକାରୀ ଭାଇସ୍ ଆଡମିରାଲ ଶ୍ରୀ ହରିଲାଲ ଶର୍ମାଙ୍କର ସୋମବାର ପରଲୋକ ଘଟିଛି। ତାଙ୍କୁ ୧୦୦ ବର୍ଷ ବୟସ ହୋଇଥିଲା। ଭୁବନେଶ୍ୱରରେ ରହୁଥିବା ହରିଲାଲ ଅସୁସ୍ଥତା କାରଣରୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ସୋମବାର ସନ୍ଧ୍ୟା ୬ଟା ୨୦ରେ ତାଙ୍କର ଦେହାନ୍ତ ଘଟିଥିଲା। ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାରବର୍ଗଙ୍କ ପକ୍ଷରୁ ସୂଚନା ମିଳିଛି। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧବେଳେ ସେ ଫ୍ଲାଗ୍ ଅଫିସର କମାଣ୍ଡିଙ୍ଗ୍ ଇଷ୍ଟର୍ଣ୍ଣ ଫ୍ଲିଟ୍ (ଏଫ୍‌ଓସିଇଏଫ୍) ଭାବେ କାର୍ଯ୍ୟ କରିଥିଲେ। ଏହି ଯୁଦ୍ଧରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ପରେ ସେ ୧୯୭୭ ମାର୍ଚ୍ଚ ୧ରୁ ୧୯୭୮ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଇଷ୍ଟର୍ଣ୍ଣ ନାଭାଲ କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଙ୍ଗ ଇନ୍ ଚିଫ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ତତ୍କାଳୀନ ବିହାର ଓ ଓଡ଼ିଶା ପ୍ରଦେଶରେ ୧୯୨୨ ଡିସେମ୍ବର ୧ରେ ଜନ୍ମଗ୍ରହଣ କରିଥିବା ହରିଲାଲ ୧୯୪୨ରୁ ୧୯୭୮ ପର୍ଯ୍ୟନ୍ତ ଭାରତୀୟ ନୌସେନାରେ କାର୍ଯ୍ୟ କରିଥିଲେ। ସେ ପରମ ବିଶିଷ୍ଟ ସେବା ମେଡାଲ (ପିଭିଏସ୍‌ଏମ୍) ପାଇଥିଲେ। ହରିଲାଲଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ହରିଲାଲ୍‌ଙ୍କ ବିୟୋଗରେ ସେ ଦୁଃଖିତ।

# ବିକଶିତ ହେବ ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ଭିତ୍ତିଭୂମି

## ଉଷା ସର୍ଭେରେ ଚିହ୍ନିତ ସବୁ ବସ୍ତିର ବିକାଶ ଚଳିତ ବର୍ଷ ଶେଷସୁଦ୍ଧା ସାର

**ଭୁବନେଶ୍ୱର, ୩।୧(ବ୍ୟୁରୋ)**




ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ପାଇଁ ନିର୍ଭରଶୀଳ ଓ ବାସଯୋଗ୍ୟ ବସତି ବିକାଶ ଉପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁତ୍ୱ ପ୍ରଦାନ କରିଛନ୍ତି। ସହର ଅନ୍ତର୍ଗତ ଜଙ୍ଗଲ ଜମିରେ ଥିବା ବସ୍ତିଗୁଡ଼ିକରେ ମୌଳିକ ଭିତ୍ତିଭୂମି ବିକାଶ ନିମନ୍ତେ ସୋମବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଜମିରେ ଥିବା ବସ୍ତିଗୁଡ଼ିକର ବିକାଶ ସମ୍ବନ୍ଧିତ କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟ ଶାସନ ସଚିବ କହିଛନ୍ତି, ବସ୍ତିବାସିନ୍ଦାମାନେ ସହରର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେମାନଙ୍କ ପାଇଁ ଉତ୍ତମ ବାସଗୃହ ଏବଂ ମୌଳିକ ସେବା ଯୋଗାଣ ନିଶ୍ଚିତ କରାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାଗା ମିଶନ ଅଭିଯାନ ଆରମ୍ଭ କରିଛନ୍ତି। ଏହି ମିଶନର ପ୍ରଥମ ପର୍ଯ୍ୟାୟରେ ଜମି ଅଧିକାର ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ବସ୍ତିଗୁଡ଼ିକର ବିକାଶ କରି ସେସବୁକୁ ସହର ମୁଖ୍ୟ ଜୀବନଧାରା ସହ ସଂଯୁକ୍ତ କରିବା ଉପରେ ଧ୍ୟାନଦେବାକୁ କୁହାଯାଇଛି। ଚଳିତ ବର୍ଷ ଶେଷସୁଦ୍ଧା ସହର ବସ୍ତିଗୃହ ଅଞ୍ଚଳ(ଉଷା) ସର୍ଭେ ମାଧ୍ୟମରେ ଚିହ୍ନିତ ସମସ୍ତ ବସ୍ତିର ବିକାଶ ସାଧନ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କର୍ମଶାଳାରେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କହିଛନ୍ତି, ସହର ଅନ୍ତର୍ଗତ ଜଙ୍ଗଲ ଜମିରେ ରହିଥିବା ପୁରୁଣା ବସ୍ତିଗୁଡ଼ିକରେ ଜମି ଅଧିକାର ଏବଂ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଥିବା ଆଇନଗତ ଆବଶ୍ୟକତା ଆଦିକୁ ବିଚାରକରି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟାନ୍ୱୟନ ପଦ୍ଧତି (ଏସ୍‌ଓପି) ସ୍ଥିର କରାଯାଇଛି। ନଗର ଓ ଗୃହ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ୍ କହିଛନ୍ତି, ଓଡ଼ିଶାର ଜାଗା ମିଶନ ଅନ୍ତର୍ଜାତୀୟ ସ୍ୱୀକୃତି ଲାଭ କରିଛି। ଏଥିପାଇଁ ଓଡ଼ିଶାକୁ ବିଶ୍ୱ ବସତି ପୁରସ୍କାର-୨୦୧୮ ଏବଂ ଏସିଆ-ପ୍ରଶାନ୍ତ ଆବାସିକ ପୁରସ୍କାର-୨୦୨୧ରେ ସମ୍ମାନିତ କରାଯାଇଛି। ଉଷା ସର୍ଭେ ମାଧ୍ୟମରେ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ପ୍ରାୟ ୩୦୦୦ ବସ୍ତି ଚିହ୍ନଟ କରାଯାଇଛି। ଏଥିରେ ପ୍ରାୟ ୧,୬୮,୧୪୧ ବାସଗୃହ ରହିଥିବା ବେଳେ ସେଥିରୁ ୭୦,୦୦୦ ଗୃହଙ୍କୁ ଜମି ଅଧିକାର ଏବଂ ୧,୦୩,୩୨୮ ଗୃହଙ୍କୁ ଜମି ପ୍ରମାଣପତ୍ର ଦିଆଯାଇଛି। ଇତିମଧ୍ୟରେ ୫୫୦ ବସ୍ତିର ବିକାଶ କରି ସେସବୁକୁ ସହରୀ ଜୀବନର ମୁଖ୍ୟସ୍ରୋତରେ ସାମିଲ କରାଯାଇଛି। ଅବଶିଷ୍ଟ ବସ୍ତିକୁ ଚଳିତ ବର୍ଷ ଶେଷସୁଦ୍ଧା ବିକଶିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ଉଷା ସର୍ଭେ ମାଧ୍ୟମରେ ଚିହ୍ନିତ ବସ୍ତିଗୁଡ଼ିକ ମଧ୍ୟରୁ ୨୫୩ଟି ବସ୍ତି ୪୫ଟି ସହର ଅନ୍ତର୍ଗତ ଜଙ୍ଗଲ ଜମିରେ ରହିଛି। ଏହି ବସ୍ତିଗୁଡ଼ିକରେ ଜମି ଅଧିକାର ଏବଂ ଭିତ୍ତିଭୂମି ବିକାଶ ନିମନ୍ତେ ପ୍ରସ୍ତୁତ ଏସ୍‌ଓପି ବିଷୟରେ ସବିଶେଷ ଆଲୋଚନା ହୋଇଛି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶିଶିର କୁମାର ରଥ କହିଛନ୍ତି, ଏସ୍‌ଓପିକୁ ପରୀକ୍ଷାମୂଳକ ଭାବେ ଢେଙ୍କାନାଳ ପୌର ପରିଷଦ ଅଞ୍ଚଳରେ ପ୍ରୟୋଗ କରାଯାଇଥିଲା। ଏହା ପୂର୍ଣ୍ଣମାତ୍ରାରେ ଫଳପ୍ରସୂ ହୋଇଛି। ଏହି ଏସ୍‌ଓପିକୁ ଅନ୍ୟ ସମସ୍ତ ବସ୍ତିର ବିକାଶ ନିମନ୍ତେ ସମୟାନୁବନ୍ଧିତ ଭାବେ କାର୍ଯ୍ୟାନ୍ୱୟନ କରିବାକୁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ଜିଲାର ଜିଲାପାଳ, ଡିଏଫ୍‌ଓ ଏବଂ ସହରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



୩ଦଫା ଦାବି ନେଇ ଓଏସ୍‌ଏସ୍‌ଟିଇଟି ଯୋଗ୍ୟତାଧାରୀ ହିନ୍ଦୀ ତାଲିମପ୍ରାପ୍ତ ଅଣନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ସୋମବାର ଭୁବନେଶ୍ୱର ପିଏମ୍‌ଜି ରାସ୍ତାରେ ଆଣ୍ଠେଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ଆଜିଠାରୁ ମନନ ନାଟକ ମହୋତ୍ସବ

**ଭୁବନେଶ୍ୱର, ୩।୧(ବ୍ୟୁରୋ)**

ମନନ ନାଟ୍ୟ ସଂସ୍ଥାର ୪୩ତମ ଜନ୍ମ ବାର୍ଷିକୀ ନାଟକ ମହୋତ୍ସବ ମଙ୍ଗଳବାର ଠାରୁ ଆରମ୍ଭ ହେବ। ଏହା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ରବୀନ୍ଦ୍ର ମଣ୍ଡପରେ କଳାକାରମାନେ ଗୋଟିଏ ପରେ ଗୋଟିଏ ନାଟକ ପରିବେଷଣ କରିବେ। ଏହି ଅବସରରେ ୧୪ଜଣଙ୍କୁ ସମ୍ମାନିତ କରାଯିବ। ସୌମେନ୍ଦ୍ର ପୂଜାରୀଙ୍କୁ 'ବନବିହାରୀ ପଟ୍ଟନାୟକ ସମ୍ମାନ', ପ୍ରଫେସର ଡ. ସମର ମୁଦାଲିଙ୍କୁ 'ରତିରଞ୍ଜନ ସମ୍ମାନ', ବଜେନ୍ଦ୍ର ନାୟକଙ୍କୁ 'ଗୋପାଳଚନ୍ଦ୍ର ପଟ୍ଟନାୟକ ସମ୍ମାନ', ଡ. ଲିପିକା ମିଶ୍ରଙ୍କୁ 'ଚନ୍ଦ୍ରଶେଖର ନନ୍ଦ ସମ୍ମାନ', ରାମଚନ୍ଦ୍ର ଭୋଳଙ୍କୁ 'ଜୀବନବ୍ୟାପୀ ସଫଳତା ମନନ ସମ୍ମାନ' ଏବଂ ୯ଜଣଙ୍କୁ 'ମନନ ସମ୍ମାନ' ପ୍ରଦାନ କରାଯିବ ବୋଲି ନାଟ୍ୟ ସଂସ୍ଥା ସଭାପତି ମନୋଜ ପଟ୍ଟନାୟକ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରଥମ ସନ୍ଧ୍ୟାରେ ଭୁବନେଶ୍ୱର ଜୀବନରେଖା ପ୍ରଯୋଜିତ ନାଟକ 'ଚିଠି' ପରିବେଷଣ ହେବ। ଏହାର ରଚନା ଚିନ୍ମୟୀ ଷଡ଼ଙ୍ଗୀ କରିଥିବାବେଳେ ଅଭିନ୍ନ ରାଉତରାୟ ନିର୍ଦ୍ଦେଶନା ଦେଇଛନ୍ତି। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ 'ଅଳିଆ ଭିତରେ କାଳିଆ', ତୃତୀୟ ସନ୍ଧ୍ୟାରେ ଶ୍ୱେତପଦ୍ମା ନାଟଘର ପକ୍ଷରୁ ନାଟକ 'ସମୟର ଖେଳ', ଚତୁର୍ଥ ସନ୍ଧ୍ୟାରେ ମିରର୍ ଥିଏଟର ପକ୍ଷରୁ 'ଉଲପି' ଏବଂ ଶେଷ ସନ୍ଧ୍ୟାରେ ଅଲ୍‌ଟରନେଟିଭ୍ ରିଦିମ୍ ଥିଏଟର ଢେଙ୍କାନାଳ ପକ୍ଷରୁ ନାଟକ 'ମାୟା' ପରିବେଷଣ କରାଯିବ। ପ୍ରଥମ ଥର ପାଇଁ ମନନ ପକ୍ଷରୁ ମହୋତ୍ସବରେ କୌଣସି ନାଟକ ପରିବେଷଣ କରାଯିବ ନାହିଁ ବୋଲି ସଭାପତି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ଉପସଭାପତି ବଙ୍କିମଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଅନୁଜ ପଟ୍ଟନାୟକ ଏବଂ ରାମଚନ୍ଦ୍ର ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀଙ୍କ ଧାରଣା

**ଖୋର୍ଦ୍ଧା ଅଫିସ,୩।୧**



## ସରପଞ୍ଚ ପଦବୀ ତାଲିକା ସଂଶୋଧନ ଦାବି

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଜିଲାର ସମସ୍ତ ବ୍ଲକ ଅନ୍ତର୍ଗତ ସରପଞ୍ଚ, ସମିତିସଭ୍ୟ ପଦବୀ ପାଇଁ ପ୍ରଶାସନ ପକ୍ଷରୁ ସଂରକ୍ଷିତ ଚିଠା ତାଲିକା ପ୍ରକାଶ ପାଇଛି। ତେବେ ସଂରକ୍ଷିତ ତାଲିକାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଭିନ୍ନ ବ୍ଲକର ଗ୍ରାମବାସୀ, ସାମାଜିକ ଅନୁଷ୍ଠାନ ଜିଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି। ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ସରପଞ୍ଚ ପଦବୀକୁ ନେଇ ଏକାଧିକ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏହି ପଞ୍ଚାୟତର ସରପଞ୍ଚ ପଦବୀ ଅଣସଂରକ୍ଷିତ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସରକାର ପଛୁଆବର୍ଗ ଉଚ୍ଛେଦ କରିଛନ୍ତି। ତେବେ ଏହି ଆସନ ଅଣସଂରକ୍ଷିତଙ୍କ ପରିବର୍ତ୍ତେ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷଣ ରଖାଯାଇଛି। ଉକ୍ତ ପଞ୍ଚାୟତରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ସଂଖ୍ୟା ବୃଦ୍ଧି ଲାଗି ୪ଟି ୱାର୍ଡରେ ୮୦ରୁ ଊର୍ଦ୍ଧ୍ୱ ମୃତ ବ୍ୟକ୍ତିଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ପୋଡ଼ାଡିହ ସରପଞ୍ଚ ପଦବୀ ପାଇଁ ତାଲିକାକୁ ସଂଶୋଧନ କରାଯାଇ ଅନୁସୂଚିତ ଜାତି ମହିଳା ପରିବର୍ତ୍ତେ ସାଧାରଣ ବର୍ଗ କରାଯିବା ପାଇଁ ଦାବି କରିଛନ୍ତି। ବିଭୂତି ଭୂଷଣ ଦାଶ, ବେଣୁଧର ବେହେରା, ସୁଦର୍ଶନ ନାୟକ, ଅର୍ଜୁନ ଜେନା, କାର୍ତ୍ତିକ ନାୟକଙ୍କ ସମେତ ଆଶୁତୋଷ କୁମାର ମହାପାତ୍ର, ଜୟଦେବ ଜେନା, ଶତ୍ରୁଘ୍ନ ଲେଙ୍କା, ସୁରେଶ ମହାପାତ୍ର ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

# ଆଜି ଚିଲିକାରେ ପକ୍ଷୀଗଣନା

**ବାଲୁଗାଁ,୩।୧(ଡି.ଏନ୍.ଏ.)**

## ସାମିଲ ହେବେ ୨୧ ଟିମ୍

ଚିଲିକାରେ ପକ୍ଷୀଗଣନା ପାଇଁ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ପ୍ରସ୍ତୁତି ସରିଛି। ମଙ୍ଗଳବାର ପକ୍ଷୀଗଣନା ହେବାକୁ ଥିବାବେଳେ ସୋମବାର ବାଲୁଗାଁ ଚନ୍ଦ୍ରାପୁଟସ୍ଥିତ ସିଡିଏ ଗବେଷଣା କେନ୍ଦ୍ର ଗୃହରେ ଗଣନାକାରୀଙ୍କୁ ତାଲିମ ଦିଆଯାଇଛି। ବମ୍ବେ ନାଚୁରାଲ୍ ହିଷ୍ଟ୍ରି ଅଫ୍ ସୋସାଇଟିର ନିର୍ଦ୍ଦେଶକ ଡା. ବିଭଷ ପାଣ୍ଡବ, ପିସିସିଏଫ୍ ସମ୍ୟକ୍ ସାମନ୍ତରାୟ, ଡିଏଫ୍‌ଓ ଜ୍ୟୋତି କୋଟାଲ୍ ଏବଂ ଏସିଏଫ୍ ଶରତ କୁମାର ମିଶ୍ର ପ୍ରମୁଖ ପକ୍ଷୀଗଣନା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ସମଗ୍ର ଚିଲିକା ଅଧୀନ ଅଞ୍ଚଳରେ ୨୧ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ ହୋଇଥିବା ବେଳେ ୧୦୫ ଜଣ ଏହି ତାଲିମ ଶିବିରରେ ପ୍ରଶିକ୍ଷଣ ନେଇଛନ୍ତି । ଏଥିରେ ୱାଇଲ୍ଡ ଓଡ଼ିଶା, ବମ୍ବେ ନାଚୁରାଲ୍ ହିଷ୍ଟ୍ରି ଅଫ୍ ସୋସାଇଟି, ଓୟୁଏଟି, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରୀଛାତ୍ର ଓ ବହୁ ଅଭିଜ୍ଞ ବିଶାରଦ ସାମିଲ ହୋଇଥିବା ଜଣାପଡ଼ିଛି। ଗଣନାକାରୀ ଟିମ୍‌କୁ ଗୋଟିଏ ଲେଖାଏ ଡଙ୍ଗା ଯୋଗାଇ ଦିଆଯାଇଥିବା ବେଳେ ପ୍ରତି ଟିମ୍‌ରେ ଅଭିଜ୍ଞ ପକ୍ଷୀ ବିଶାରଦଙ୍କ ସମେତ ୪ଜଣ ସହଯୋଗୀ ରହିବେ। ଗଣନା ପାଇଁ ପ୍ରତ୍ୟେକ ଦଳକୁ ୱାକିଟକି, ବାଇନାକୁଲାର, ଜିପିଏସ୍ ଓ ଡିଏସ୍‌ଏଲ୍ଆର୍ ଆଦି ଯନ୍ତ୍ର ଯୋଗାଇ ଦିଆଯାଇଛି। ବାଲୁଗାଁ ରେଞ୍ଜରେ ୬ଟି ଟିମ୍, ସାତପଡ଼ା ୪, ରମ୍ଭା ୨, ଚିଲିକା ୧ ଓ ଟାଙ୍ଗୀ ରେଞ୍ଜରେ ୮ଟି ଟିମ୍ ପକ୍ଷୀଗଣନା କରିବା ନେଇ ସ୍ଥିର ହୋଇଛି ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୁଭଶ୍ରୀ



@ ଅକ୍ଷୟ



@ ଆଲୋକ



@ ଅରୁଣ



@ ହାପୁନ



@ ମିଲୁ

# କୋଭିଡ୍ କଟକଣାକୁ ଫୁଁ: ମାରାଥନରେ ୨୦୦ରୁ ଊର୍ଦ୍ଧ୍ୱ ପିଲା ଦୌଡ଼ିଲେ

**ନିରାକାରପୁର,୩।୧(ଡି.ଏନ.ଏ.)**

ରାଜ୍ୟରେ କରୋନା ସଂକ୍ରମଣ ସହ ଏହାର ନୂଆ ଭାରିଆଣ୍ଟ ଓମିକ୍ରନ ବ୍ୟାପିବାରେ ଲାଗିଛି। ଭିଡ଼କୁ ଦୃଷ୍ଟିରେ ରଖି ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର କଟକଣାକୁ କଡ଼ାକଡ଼ି କରିଛନ୍ତି। ସୋମବାର ଖୋର୍ଦ୍ଧା ଜଲା ରାମେଶ୍ୱରରେ ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଆୟୋଜିତ ମିନି ମାରାଥନରେ ୨୦୦ରୁ ଊର୍ଦ୍ଧ୍ୱ ପିଲା ବିନା ମାସ୍କ ଓ ସାମାଜିକ ଦୂରତ୍ୱ ରକ୍ଷା ନ କରି ଦୌଡ଼ିଥିଲେ। ନିରାକାରପୁର ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ଏହାର ଉଦ୍‌ଘାଟନ କରିଥିଲେ। ଏହି ମାରଥାନ ବେଳେ ୩୦ ମିନିଟ ରାସ୍ତାର ଉଭୟ ପାର୍ଶ୍ୱରୁ ଆସୁଥିବା ଯାନବାହନକୁ ପୋଲିସ ଅଟକାଇଥିଲା। ଫଳରେ ଯାତାୟତ କରୁଥିବା ଲୋକେ ନାହିଁ ନ ଥିବା ହଇରାଣ ହୋଇଥିଲେ। ପରେ ପଟ୍ଟନାୟକଙ୍କ ଫାର୍ମ ହାଉସରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ପଥ୍ୱୀବଲ୍ଲଭ ପଟ୍ଟନାୟକ ଓ ଇଂ.ବିଶ୍ୱମୋହନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମାରାଥନ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବିଜେତାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।




ଜାନକୀ ବଲ୍ଲଭ ସ୍ମୃତି ସଂସଦ ପକ୍ଷରୁ ସୋମବାର ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୫ତମ ଜୟନ୍ତୀ ଉତ୍ସବ ଏବଂ ସମ୍ମାନ ପ୍ରଦାନ ସମାରୋହରେ ମଞ୍ଚାସୀନ ଅତିଥିମାନେ।



ନୂତନ ବର୍ଷର ପ୍ରାରମ୍ଭରେ ସୋମବାର ପୁରୀ ଶ୍ରୀମନ୍ଦିର ଖୋଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ଲମ୍ବାଧାଡ଼ିରେ ଅପେକ୍ଷା କରିଛନ୍ତି।



ଭୁବନେଶ୍ୱର ଗାଡ଼କଣ ମହାବୀର ବସ୍ତିରେ ସୋମବାର ବିଡିଏ ପକ୍ଷରୁ ବେଆଇନ ଘରଗୁଡ଼ିକୁ ଉଚ୍ଛେଦ କରାଯାଉଛି।

**କଲେଜ ସମସ୍ୟା ସମାଧାନକୁ ଗୁରୁତ୍ୱ**

**କଟକ ଅଫିସ:** ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ସୋମବାର ଖ୍ରୀଷ୍ଟ କଲେଜ ପରିଦର୍ଶନ କରିଥିଲେ। ଏହି ଅବସରରେ କଲେଜ କନଫରେନ୍ସ ହଲ୍‌ରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ତୁରନ୍ତ ଏହାର ସମାଧାନ ପାଇଁ ଉଚ୍ଚସ୍ତରୀୟ ବୈଠକ ଡକାଯିବ ବୋଲି ସିଂ କହିଥିଲେ। ପରେ କଲେଜର ନୂତନ ବ୍ୟାଡ୍‌ମିଣ୍ଟନ ଟ୍ରାକ୍ ବୁଲି ଦେଖିବା ସହ ଖେଳପଡିଆର ନୂତନ ରୂପରେଖ ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ଅଧ୍ୟକ୍ଷା ମଧୁମିତା ପାତ୍ର, ସଭାପତି ଅନୁପମ ପାତ୍ର, ସମ୍ପାଦକ ବିକାଶ ରାଉତ, ଚନ୍ଦନ ଦାସ, ସୁଭାଶିଷ ରାଉତ, ବିଧାନ ଚନ୍ଦ୍ର ରାଉତ, ଆଡମିନିଷ୍ଟ୍ରେଟର ସୁମନ ରାୟ, ବିକାଶ ବେହେରା, ଯୁବନେତା ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

କଟକ

- ଦି କଲିଜିଏଟ ରୋଲ ମଡେଲର ଟେଲର ରିଲିଜ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପରିସର, ଷ୍ଟେସନ ବଜାର, ଅପରାହ୍ନ ୫ଟା ୩୦।
- ଉଠା ଦୋକାନୀ ମହାସଂଘର ବିଭିନ୍ନ ସମସ୍ୟାକୁ ନେଇ ଗଣଧାରଣା, ମ୍ୟୁନିସିପାଲିଟି ଗେଟ ସମ୍ମୁଖ, ପୂର୍ବାହ୍ନ ୧୧ଟା।

## ଅବସରପ୍ରାପ୍ତ ନୌସେନା ଅଧିକାରୀ ଶ୍ରୀ ହରିଲାଲ ଶର୍ମାଙ୍କ ପରଲୋକ

### ମୁଖ୍ୟମନ୍ତ୍ରୀଙ୍କ ଶୋକ



**ଭୁବନେଶ୍ୱର, ୩।୧(ବ୍ୟୁରୋ):** ଅବସରପ୍ରାପ୍ତ ଭାରତୀୟ ନୌସେନା ଅଧିକାରୀ ଭାଇସ୍ ଆଡମିରାଲ ଶ୍ରୀ ହରିଲାଲ ଶର୍ମାଙ୍କର ସୋମବାର ପରଲୋକ ଘଟିଛି। ତାଙ୍କୁ ୧୦୦ ବର୍ଷ ବୟସ ହୋଇଥିଲା। ଭୁବନେଶ୍ୱରରେ ରହୁଥିବା ହରିଲାଲ ଅସୁସ୍ଥତା କାରଣରୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ସୋମବାର ସନ୍ଧ୍ୟା ୬ଟା ୨୦ରେ ତାଙ୍କର ଦେହାନ୍ତ ଘଟିଥିଲା। ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାରବର୍ଗଙ୍କ ପକ୍ଷରୁ ସୂଚନା ମିଳିଛି। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧବେଳେ ସେ ଫ୍ଲାଗ୍ ଅଫିସର କମାଣ୍ଡିଙ୍ଗ୍ ଇଷ୍ଟର୍ଣ୍ଣ ଫ୍ଲିଟ୍ (ଏଫ୍‌ଓସିଇଏଫ୍) ଭାବେ କାର୍ଯ୍ୟ କରିଥିଲେ। ଏହି ଯୁଦ୍ଧରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ପରେ ସେ ୧୯୭୭ ମାର୍ଚ୍ଚ ୧ରୁ ୧୯୭୮ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଇଷ୍ଟର୍ଣ୍ଣ ନାଭାଲ କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଙ୍ଗ ଇନ୍ ଚିଫ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ତତ୍କାଳୀନ ବିହାର ଓ ଓଡ଼ିଶା ପ୍ରଦେଶରେ ୧୯୨୨ ଡିସେମ୍ବର ୧ରେ ଜନ୍ମଗ୍ରହଣ କରିଥିବା ହରିଲାଲ ୧୯୪୨ରୁ ୧୯୭୮ ପର୍ଯ୍ୟନ୍ତ ଭାରତୀୟ ନୌସେନାରେ କାର୍ଯ୍ୟ କରିଥିଲେ। ସେ ପରମ ବିଶିଷ୍ଟ ସେବା ମେଡାଲ (ପିଭିଏସ୍‌ଏମ୍) ପାଇଥିଲେ। ହରିଲାଲଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ହରିଲାଲ୍‌ଙ୍କ ବିୟୋଗରେ ସେ ଦୁଃଖିତ। ଭାରତ ଲଢ଼ିଥିବା ବିଭିନ୍ନ ଯୁଦ୍ଧରେ ହରିଲାଲ ନେତୃତ୍ୱ ନେଇଥିଲେ। ତାଙ୍କ ଶୋକ ସନ୍ତପ୍ତ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି।

## କଦମରସୁଲ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ



**କଟକ ଅଫିସ, ୩।୧:** ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ସୋମବାର ସ୍ଥାନୀୟ କଦମରସୁଲ ପୀଠର ଉନ୍ନୟନ ଓ ନବୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଭାସ କୁମାର ମାଝି ଓ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ଏଥିସହ କଦମରସୁଲ ପ୍ରବେଶ ପଥରେ ଗୋଟିଏ ସୁଦୃଶ୍ୟ ସ୍ଥାୟୀ କଂକ୍ରିଟ ତୋରଣ ନିର୍ମାଣ ପାଇଁ ବିଧାୟକ ମୋକିମ ପ୍ରସ୍ତାବ ଦେଇଥିଲେ। ଏହି ସମୟରେ କଦମରସୁଲ ପରିଚାଳନା କମିଟି ସଭାପତି ରମଜାନ ଖାନ୍, ସମ୍ପାଦକ ସେକ୍ ଲିଆକତ ଉଦ୍ଦିନ ଅହମ୍ମଦ, ମୌଲବୀ ହାଜି ସୟଦ ସଦରଉଦ୍ଦିନ, ପୂର୍ବତନ କର୍ପୋରେଟର ସେକ୍ ସମ୍ଭିମ ଉଲ୍ଲ, ସେକ୍ ଜିଆଉଦ୍ଦିନ, ଇର୍ଶାଦ ଖାନ, ଉସ୍ମାନ ଖାନ, ସୟଦ ରମଜାନ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିକଶିତ ହେବ ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ଭିତ୍ତିଭୂମି

### ଉଷା ସର୍ଭେରେ ଚିହ୍ନିତ ସବୁ ବସ୍ତିର ବିକାଶ ଚଳିତ ବର୍ଷ ଶେଷସୁଦ୍ଧା ସାର

ଭୁବନେଶ୍ୱର, ୩।୧(ବ୍ୟୁରୋ)

ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ପାଇଁ ନିର୍ଭରଶୀଳ ଓ ବାସଯୋଗ୍ୟ ବସତି ବିକାଶ ଉପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁତ୍ୱ ପ୍ରଦାନ କରିଛନ୍ତି। ସହର ଅନ୍ତର୍ଗତ ଜଙ୍ଗଲ ଜମିରେ ଥିବା ବସ୍ତିଗୁଡ଼ିକରେ ମୌଳିକ ଭିତ୍ତିଭୂମି ବିକାଶ ନିମନ୍ତେ ସୋମବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଜମିରେ ଥିବା ବସ୍ତିଗୁଡ଼ିକର ବିକାଶ ସମ୍ବନ୍ଧିତ କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟ ଶାସନ ସଚିବ କହିଛନ୍ତି, ବସ୍ତିବାସିନ୍ଦାମାନେ ସହରର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେମାନଙ୍କ ପାଇଁ ଉତ୍ତମ ବାସଗୃହ ଏବଂ ମୌଳିକ ସେବା ଯୋଗାଣ ନିଶ୍ଚିତ କରାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାଗା ମିଶନ ଅଭିଯାନ ଆରମ୍ଭ କରିଛନ୍ତି। ଏହି ମିଶନର ପ୍ରଥମ ପର୍ଯ୍ୟାୟରେ ଜମି ଅଧିକାର ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ବସ୍ତିଗୁଡ଼ିକର ବିକାଶ କରି ସେସବୁକୁ ସହର ମୁଖ୍ୟ ଜୀବନଧାରା ସହ ସଂଯୁକ୍ତ କରିବା ଉପରେ ଧ୍ୟାନଦେବାକୁ କୁହାଯାଇଛି। ଚଳିତ ବର୍ଷ ଶେଷସୁଦ୍ଧା ସହର ବସ୍ତିଗୃହ ଅଞ୍ଚଳ(ଉଷା) ସର୍ଭେ ମାଧ୍ୟମରେ ଚିହ୍ନିତ




ସମସ୍ତ ବସ୍ତିର ବିକାଶ ସାଧନ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କର୍ମଶାଳାରେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କହିଛନ୍ତି, ସହର ଅନ୍ତର୍ଗତ ଜଙ୍ଗଲ ଜମିରେ ରହିଥିବା ପୁରୁଣା ବସ୍ତିଗୁଡ଼ିକରେ ଜମି ଅଧିକାର ଏବଂ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଥିବା ଆଇନଗତ ଆବଶ୍ୟକତା ଆଦିକୁ ବିଚାରକରି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟାନ୍ୱୟନ ପଦ୍ଧତି (ଏସ୍‌ଓପି) ସ୍ଥିର କରାଯାଇଛି। ନଗର ଓ ଗୃହ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ୍ କହିଛନ୍ତି, ଓଡ଼ିଶାର ଜାଗା ମିଶନ ଅନ୍ତର୍ଜାତୀୟ ସ୍ୱୀକୃତି ଲାଭ କରିଛି। ଏଥିପାଇଁ ଓଡ଼ିଶାକୁ ବିଶ୍ୱ ବସତି ପୁରସ୍କାର-୨୦୧୮ ଏବଂ ଏସିଆ-ପ୍ରଶାନ୍ତ ଆବାସିକ ପୁରସ୍କାର-୨୦୨୧ରେ ସମ୍ମାନିତ କରାଯାଇଛି। ଉଷା ସର୍ଭେ ମାଧ୍ୟମରେ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ପ୍ରାୟ ୩୦୦୦ ବସ୍ତି ଚିହ୍ନଟ କରାଯାଇଛି। ଏଥିରେ ପ୍ରାୟ ୧,୬୮,୧୪୧ ବାସଗୃହ ରହିଥିବା ବେଳେ ସେଥିରୁ ୭୦,୦୦୦ ଗୃହଙ୍କୁ ଜମି ଅଧିକାର ଏବଂ ୧,୦୩,୩୨୮ ଗୃହଙ୍କୁ ଜମି ପ୍ରମାଣପତ୍ର ଦିଆଯାଇଛି। ଇତିମଧ୍ୟରେ ୫୫୦ ବସ୍ତିର ବିକାଶ କରି ସେସବୁକୁ ସହରୀ ଜୀବନର ମୁଖ୍ୟସ୍ରୋତରେ ସାମିଲ କରାଯାଇଛି। ଅବଶିଷ୍ଟ ବସ୍ତିକୁ ଚଳିତ ବର୍ଷ ଶେଷସୁଦ୍ଧା ବିକଶିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ଉଷା ସର୍ଭେ ମାଧ୍ୟମରେ ଚିହ୍ନିତ ବସ୍ତିଗୁଡ଼ିକ ମଧ୍ୟରୁ ୨୫୩ଟି ବସ୍ତି ୪୫ଟି ସହର ଅନ୍ତର୍ଗତ ଜଙ୍ଗଲ ଜମିରେ ରହିଛି। ଏହି ବସ୍ତିଗୁଡ଼ିକରେ ଜମି ଅଧିକାର ଏବଂ ଭିତ୍ତିଭୂମି ବିକାଶ ନିମନ୍ତେ ପ୍ରସ୍ତୁତ ଏସ୍‌ଓପି ବିଷୟରେ ସବିଶେଷ ଆଲୋଚନା ହୋଇଛି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶିଶିର କୁମାର ରଥ କହିଛନ୍ତି, ଏସ୍‌ଓପିକୁ ପରୀକ୍ଷାମୂଳକ ଭାବେ ଢେଙ୍କାନାଳ ପୌର ପରିଷଦ ଅଞ୍ଚଳରେ ପ୍ରୟୋଗ କରାଯାଇଥିଲା। ଏହା ପୂର୍ଣ୍ଣମାତ୍ରାରେ ଫଳପ୍ରସୂ ହୋଇଛି। ଏହି ଏସ୍‌ଓପିକୁ ଅନ୍ୟ ସମସ୍ତ ବସ୍ତିର ବିକାଶ ନିମନ୍ତେ ସମୟାନୁବନ୍ଧିତ ଭାବେ କାର୍ଯ୍ୟାନ୍ୱୟନ କରିବାକୁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ଜିଲାର ଜିଲାପାଳ, ଡିଏଫ୍‌ଓ ଏବଂ ସହରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



୩ଦଫା ଦାବି ନେଇ ଓଏସ୍‌ଏସ୍‌ଟିଇଟି ଯୋଗ୍ୟତାଧାରୀ ହିନ୍ଦୀ ତାଲିମପ୍ରାପ୍ତ ଅଣନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ସୋମବାର ଭୁବନେଶ୍ୱର ପିଏମ୍‌ଜି ରାସ୍ତାରେ ଆଣ୍ଠେଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ୫୧୭୧ ନେଲେ ପ୍ରଥମ ଡୋଜ୍

### ଆଜିଠୁ ପିଏଚ୍‌ସିରେ ଟିକାକରଣ

କଟକ ଅଫିସ, ୩।୧

ସୋମବାରଠାରୁ ୧୫ରୁ ୧୮ବର୍ଷ କିଶୋରଙ୍କ ପାଇଁ ଟିକାକରଣ ଆରମ୍ଭ ହୋଇଛି। ଏଥିପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ସିଟି ହସ୍ପିଟାଲ, ଚାଉଳିଆଗଞ୍ଜ ଓ ବିଡାନାସୀସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବସ୍ଥା କରାଯାଇଥିଲା। ଏହି କେନ୍ଦ୍ରଗୁଡ଼ିକରେ ଟିକା ନେବା ପାଇଁ ଲମ୍ବା ଲାଇନ ଲାଗିଥିଲା। ତେବେ ପ୍ରଥମ ଦିନରେ ଜିଲାରେ ମୋଟ୍ ୫୧୭୧ ଜଣ ଟିକା ନେଇଛନ୍ତି। ସେଥିମଧ୍ୟରେ ସହରାଞ୍ଚଳରେ ୧୩୩୯ ଓ ଗ୍ରାମାଞ୍ଚଳରେ ୩୮୩୨ ଡୋଜ୍ ଦିଆଯାଇଛି। ଏ ସମ୍ପର୍କରେ କୋଭିଡ୍ ନୋଡାଲ ଅଫିସର ଡା. ଉମେଶ ରାୟ କହିଛନ୍ତି, ଆମପାଖରେ ପର୍ଯ୍ୟାପ୍ତ ପରିମାଣର ଡୋଜ୍ ମହଜୁଦ୍ ରହିଛି। ମଙ୍ଗଳବାରଠାରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି)ଗୁଡ଼ିକରେ ମଧ୍ୟ ଟିକା ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସିଏମ୍‌ସି ପକ୍ଷରୁ ଗୁରୁବାରଠାରୁ କଟକ ସହରର ୧୦ଟି ସ୍କୁଲ ଓ ୩ଟି କଲେଜରେ ଟିକାକରଣ କରାଯିବ ବୋଲି ଜଣାପଡ଼ିଛି।

# ଟ୍ରେଡ଼ିଂ ଆପ୍‌ରେ ଟଙ୍କା ନିବେଶ କରି ୨କୋଟି ହରାଇଲେ

### ସାଇବର ଥାନାରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଅଭିଯୋଗ

ଭୁବନେଶ୍ୱର,୩।୧(ବ୍ୟୁରୋ)

ଅନଲାଇନ୍ ଟ୍ରେଡ଼ିଂ ଆପ୍‌ରେ ଟଙ୍କା ନିବେଶ କରି ଦ୍ୱୈତ ନଗରୀରେ ରହୁଥିବା ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକାମିର ଶିକାର ହୋଇଛନ୍ତି। ଏନେଇ ଠକାମିର ଶିକାର ହୋଇଥିବା ବ୍ୟକ୍ତିମାନେ ସୋମବାର ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ସାଇବର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ବାଇସାଇକେଲ୍ ଆପ୍ଲିକେଶନ ନାଁରେ ଏକ ଟ୍ରେଣ୍ଡିଂ ଆପ୍‌ରୁ ଏକ ଲିଙ୍କ ହ୍ୱାଟ୍ସଆପ୍ ଜରିଆରେ ସେମାନଙ୍କ ମୋବାଇଲ ଫୋନ୍‌କୁ ଆସିଥିଲା। ପରେ ଡାଉନଲୋଡ଼ କରି ଟଙ୍କା ନିବେଶ କରିବାକୁ ଆପ୍ ପକ୍ଷରୁ କୁହାଯାଇଥିଲା। ଟଙ୍କା ନିବେଶ କଲେ ଅଳ୍ପଦିନରେ ଦୁଇଗୁଣା ହେବ ବୋଲି ଲୋଭ ଦେଖାଯାଇଥିଲା। ଫଳରେ ଲୋକେ ପ୍ରଥମେ ଏକହଜାର ଟଙ୍କା ନିବେଶ କରିଥିଲେ। ଏହି ଟଙ୍କା ନିବେଶ କରିବା ପରେ ସେମାନଙ୍କୁ ୨୦ ଟଙ୍କାରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥିଲା। ଫଳରେ ସେମାନେ ଅଧିକ ଟଙ୍କା ନିବେଶ କରି ଟ୍ରେଣ୍ଡିଂ ଆପ୍‌ରେ ଶେୟାର କିଣିବାକୁ ଚାହିଁଲେ। ଏନେଇ କେତେଜଣ ବ୍ୟକ୍ତି ୩୦ରୁ ୪୦ହଜାର ଟଙ୍କା ଲେଖାଏ ନିବେଶ କରିଥିଲେ। ହେଲେ ଗତ ୨୪ ତାରିଖ ପରେ ଉକ୍ତ ଆପ୍‌ରେ ଆଉ ଟଙ୍କା ଫେରସ୍ତ ହୋଇ ନ ଥିଲା। ଏପରିକି ଆପ୍ଲିକେଶନ୍ କାମ କରି ନ ଥିଲା। ଫଳରେ ସେମାନେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।

## ବିଦେଶୀ ମଦ ଦୋକାନ ଉଚ୍ଛେଦ ଦାବି

ଆଠଗଡ଼ ୩।୧(ସ୍ୱ.ପ୍ର.)

ଆଠଗଡ଼ ବ୍ଲକ ଚାନ୍ଦବାଲି ଛକସ୍ଥିତ ସୁବର୍ଣ୍ଣପୁର ରାସ୍ତାରୁ ବିଦେଶୀ ଠିପି ବନ୍ଦ ମଦ ଦୋକାନ ଉଚ୍ଛେଦ ପାଇଁ ସୋମବାର ଦାବି ହୋଇଛି। ଏନେଇ ସ୍ଥାନୀୟ ମହିଳାମାନେ ଆଠଗଡ଼ ଉପଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଅଶୋକ ନଗର ଅଞ୍ଚଳରେ ଆସୁଥିବା ଏହି ମଦ ଦୋକାନ ଯୋଗୁ ଜୀବନଯାତ୍ରା ପ୍ରଭାବିତ ହେଉଛି। ରାସ୍ତାରେ ଦମକଳ କେନ୍ଦ୍ର ଥିଲେ ମଧ୍ୟ ଜରୁରିକାଳୀନ ସ୍ଥିତିରେ ଅଗ୍ନିଶମ ଗାଡ଼ି ଆସିବାରେ ଅସୁବିଧା ହେଉଛି। ଏହାକୁ ମହିଳାମାନେ ବିରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ୩ଟି ଏସ୍‌ଏଚ୍‌ଜିର ସଦସ୍ୟାମାନେ ଉପସ୍ଥିତ ଥିଲେ। ଏନେଇ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୁଭଶ୍ରୀ



@ ଅକ୍ଷୟ



@ ଆଲୋକ



@ ଅରୁଣ



@ ହାପୁନ



@ ମିଲୁ

# ବୃଦ୍ଧ, ବିଧବା, ଭିନ୍ନକ୍ଷମଙ୍କ ଭତ୍ତା ୧୦୦୦ ଟଙ୍କା କରାଯାଉ

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କଟକ ଅଫିସ, ୩।୧

ବୃଦ୍ଧ, ବିଧବା ଓ ଭିନ୍ନକ୍ଷମଙ୍କ ଭତ୍ତା ୧୦୦୦ ଟଙ୍କା କରିବା ଦାବିରେ ଅଖିଳ ଓଡ଼ିଶା ବୃଦ୍ଧ, ବିଧବା ଓ ଭିନ୍ନକ୍ଷମ ମହାସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ମହାସଂଘ ପକ୍ଷରୁ ଏ ସମ୍ପର୍କିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦିଆଯାଇଥିଲା। ମହାସଂଘ ସଭାପତି ବୃନ୍ଦାବନ ଦାସ ଆଜାଦ୍ କହିଛନ୍ତି, ରାଜ୍ୟ ସରକାର କରୋନା ପାଇଁ ଉଠା ଦୋକାନୀ, ଖବରକାଗଜ ବିକ୍ରେତା ଓ ରାଶନ କାର୍ଡଧାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । କିନ୍ତୁ ମାସକୁ ୫୦୦ ଟଙ୍କା ଭତ୍ତା ପାଉଥିବା ବୃଦ୍ଧ, ବିଧବା ଓ ଭିନ୍ନକ୍ଷମଙ୍କୁ ଆର୍ଥିକ ସହାୟତା ଦେଇନାହାନ୍ତି । କରୋନା ସମୟରେ ସେମାନେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ଏଣୁ ରାଜ୍ୟ ସରକାର ଭତ୍ତା ହିତାଧିକାରୀଙ୍କୁ କାର୍ଡ ପିଛା ୧୦୦୦ ଟଙ୍କା ପ୍ରଦାନ କରିବା ସହ ମାସିକ ଭତ୍ତା ୧୦୦୦ ଟଙ୍କା କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଆଜାଦ୍ କହିଛନ୍ତି। ମହାସଂଘ ସଭାପତି ଆଜାଦଙ୍କ ନେତୃତ୍ୱରେ ସଞ୍ଜୟ ନାୟକ, ମହେନ୍ଦ୍ର ହେମ୍ବ୍ରମ, ଲକ୍ଷ୍ମଣ ମୁର୍ମୁ, ଯସ୍ମୀନ ବେଗମ, ହୀରା ମୁର୍ମୁ, ସାଧୁ ହେମ୍ବ୍ରମ, ତୁଳସୀ ସୋରେନ, ପାର୍ବତୀ ମୁର୍ମୁ, ମାତି ମୁର୍ମୁ, ଲଛମୀ ରେଡି, ରୀନା ମହାନ୍ତି ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ଅସନ୍ତୁଷ୍ଟ କଂଗ୍ରେସ କର୍ମୀଙ୍କ ବନ୍ଧୁମିଳନ

ନିଶ୍ଚିନ୍ତକୋଇଲି, ୩।୧ (ସ୍ୱ.ପ୍ର.)

ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ଗୋଷ୍ଠୀ କନ୍ଦଳ କଂଗ୍ରେସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଦଳରୁ ପୂର୍ବତନ ସମ୍ପାଦକ ପ୍ରଦୀପ୍ତ ଦାସ ନିଲମ୍ବିତ ହେବାପରେ, ସେ ବନ୍ଧୁମିଳନ ଆଳରେ ଦଳରେ ଥିବା ତାଙ୍କ ସମର୍ଥକ ଓ ଅସନ୍ତୁଷ୍ଟ କର୍ମୀମାନଙ୍କୁ ସଙ୍ଗଠିତ କରୁଥିବା ଚର୍ଚ୍ଚା ହେଉଛି। ନିଶ୍ଚିନ୍ତକୋଇଲି ବ୍ଲକ ତରତଶାସନ ପଞ୍ଚାୟତର ଦାମୋଦରପୁର ଲଙ୍ଗୁଳି ପୀଠରେ ସୋମବାର ବନ୍ଧୁମିଳନ ଉତ୍ସବ ହୋଇଥିଲା। ଏଥିରେ ପ୍ରଦୀପ୍ତ ସଭାପତିତ୍ୱ କରିଥିଲେ। ଆଇନଜୀବୀ ଦୀପକ ମହାନ୍ତି, କଟକ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ସେକ୍ ସଦାମ, ସଂଗ୍ରାମ ମଲ୍ଲିକ, ମାହାଙ୍ଗା ବ୍ଲକ ଯୁବ କଂଗ୍ରେସ ସଭାପତି ବିକାଶ ଗୋଛାୟତ, କଂଗ୍ରେସ ନେତା ଟହଲି ସେଠୀ, ନଳିନୀକାନ୍ତ ନାୟକଙ୍କ ସମେତ ଅନେକ ନେତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଦିଲୀପ ରାଉତ, ସଞ୍ଜୟ ବେହେରା ଏଥିରେ ସହଯୋଗ କରିଥିଲେ।

## ଅରୁଣିମା କାର୍ଯ୍ୟକ୍ରମ ତଦାରଖ

**ବାଙ୍କୀ,୩।୧(ସ୍ୱ.ପ୍ର.):** ବାଙ୍କୀ ବ୍ଲକ ସିଡିପିଓ ରୂପାଲି ମିତ୍ର ସୋମବାର ଅରୁଣିମା କାର୍ଯ୍ୟକ୍ରମର ତଦାରଖ କରିଛନ୍ତି। କରୋନା ଯୋଗୁ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ଥିବାରୁ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ଘଟିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଅରୁଣିମା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ବ୍ଲକରେ କିପରି କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ ସିଡିପିଓ ପରିଦର୍ଶିକାମାନଙ୍କୁ ପଚାରି ତଥ୍ୟ ସଂଗ୍ରହ କରିଥିଲେ।




ଜାନକୀ ବଲ୍ଲଭ ସ୍ମୃତି ସଂସଦ ପକ୍ଷରୁ ସୋମବାର ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୫ତମ ଜୟନ୍ତୀ ଉତ୍ସବ ଏବଂ ସମ୍ମାନ ପ୍ରଦାନ ସମାରୋହରେ ମଞ୍ଚାସୀନ ଅତିଥିମାନେ।



ନୂତନ ବର୍ଷର ପ୍ରାରମ୍ଭରେ ସୋମବାର ପୁରୀ ଶ୍ରୀମନ୍ଦିର ଖୋଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ଲମ୍ବାଧାଡ଼ିରେ ଅପେକ୍ଷା କରିଛନ୍ତି।



ଭୁବନେଶ୍ୱର ଗାଡ଼କଣ ମହାବୀର ବସ୍ତିରେ ସୋମବାର ବିଡିଏ ପକ୍ଷରୁ ବେଆଇନ ଘରଗୁଡ଼ିକୁ ଉଚ୍ଛେଦ କରାଯାଉଛି।

## ସଂକ୍ଷେପରେ

### କାର୍ ଧକ୍କାରେ ସାଇକେଲ ଆରୋହୀ ଗୁରୁତର

ନିମାପଡ଼ା,୩।୧(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ଝାମ୍ପୁଲାକୁଦ ନିକଟରେ ସୋମବାର ଏକ କାର୍ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ହୋଇଛନ୍ତି। ଆହତ ଜଣକ ହେଲେ ସର୍ବାପଡ଼ା ନିକଟସ୍ଥ ସ୍ୱପ୍ନେଶ୍ୱର ସାହିର ବାବୁଲି ଦାସ (କବି)। ଏ ନେଇ ବାବୁଲିଙ୍କ ଭାଇ ଭଗବାନ ଦାସ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ./୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବାବୁଲି ଘରରୁ ନିମାପଡ଼ା ଆଡ଼କୁ ଆସୁଥିଲେ। ଏହି ସମୟରେ ଭୁବନେଶ୍ୱରରୁ କୋଣାର୍କ ଅଭିମୁଖେ ଯାଉଥିବା କାର୍‌ଟି ତାଙ୍କୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଦୋକାନକୁ ମଧ ଧକ୍କା ଦେଇଥିଲା। ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିମାପଡ଼ା ମେଡିକାଲ ନେଇଥିଲେ। ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ କାର୍ ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକ ଧରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିବା ସହ ଡ୍ରାଇଭରଙ୍କ ଅଟକ ରଖି ପଚରାଉଚରା ଚଳାଇଛି।

### ସ୍କୁଟିକୁ ପିଟିଲା କାର୍, ୨ ଗୁରୁତର

ନିମାପଡ଼ା,୩।୧(ଡି.ଏନ୍.ଏ.)- ନିମାପଡ଼ା-ପିପିଲି ରାସ୍ତାର ଗରପଦା ମନ୍ଦିର ଛକ ନିକଟରେ ସୋମବାର ଏକ ସ୍କୁଟି ଗାଡ଼ିକୁ ଏକ କାର୍ ଧକ୍କା ଦେଇଛି। ଫଳରେ ସ୍କୁଟିରେ ଥିବା ୨ଜଣ ଗୁରୁତର ହୋଇଛନ୍ତି। ଆହତଦ୍ୱୟ ହେଲେ ନିମାପଡ଼ା ଥାନା ରଡ଼ବଜାର ଗ୍ରାମର ନାଜରିନ ପରବିନ ଓ ତାଙ୍କ ପୁତୁରା। ସୂଚନା ଅନୁଯାୟୀ, ସ୍କୁଟି(ନଂ. ଓଡି ୦୨ଏଟି ୯୫୨୫)ରେ ୨ଜଣ ବସି ଖେଲାର ବଜାରରୁ ନିମାପଡ଼ାକୁ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରେ ଯାଉଥିବା କାର୍(ନଂ.ଓଆର ୦୨ ବିଜେଡ୍ ୪୩୦୯)ଟି ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ଥିବା ୨ଜଣ ଛିଟିକି ତଳେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଆସି ଗୁରୁତରଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ହେଲେ ନାଜରିନଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଦୁର୍ଘଟଣା ପରେ କାର୍ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ୨ଟି ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

### କଣାସ ନାଗରିକ ମଞ୍ଚର ବୈଠକ

କଣାସ,୩।୧(ସ୍ୱ.ପ୍ର)- କଣାସ ନାଗରିକ ମଞ୍ଚର ଏକ ଜରୁରୀ ବୈଠକ କଣାସର ଜନମଙ୍ଗଳ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷ୍ଣଚନ୍ଦ୍ର ଜଗଦେବ ଅଧକ୍ଷତା କରିଛନ୍ତି। କଣାସ ପଞ୍ଚାୟତ ସମିତି ସ୍ଥାନାନ୍ତରିତ ବିରୋଧରେ ଅନୁଷ୍ଠିତ ହୋଇଥିବା ୧୨ଦିନିଆ ଗଣଧାରଣା କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା। ଗଣଧାରଣାକୁ ସଫଳ କରିବାରେ କଣାସ ବ୍ଲକର ବୁଦ୍ଧିଜୀବୀ, ବ୍ୟବସାୟୀ, କୃଷକ, ମହିଳା ଓ ସର୍ବସାଧାରଣଙ୍କୁ ମଞ୍ଚ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା। ଧାରଣାରେ ଜିଲା ପ୍ରସାଶନ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତିଗୁଡିକ ପାଳନ କରିବା ପାଇଁ ଜନସାଧାରଣ ସତର୍କ ଓ ସଜାଗ ରହିବା ପାଇଁ ନାଗରିକ ମଞ୍ଚ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନରେ କଣାସ ବ୍ଲକର ସର୍ବାଙ୍ଗୀନ ବିକାଶ ପାଇଁ ନାଗରିକ ମଞ୍ଚ ସମର୍ଥନ କରୁଥିବା ସମସ୍ତ ପ୍ରାର୍ଥୀମାନଙ୍କୁ ବିଜୟୀ କରିବା ପାଇଁ ନିବେଦନ କରାଯାଇଥିଲା। ବୈଠକରେ ମଞ୍ଚର କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ଅଶୋକ ପ୍ରଧାନ, ଓମ୍ ପ୍ରକାଶ ମିଶ୍ର, ସୁକାନ୍ତ ସାମନ୍ତରାୟ, ପ୍ରାଧାପକ ରାମଚନ୍ଦ୍ର ସାମନ୍ତରାୟ, ସୁଶୀଲକାନ୍ତ ରାଉତ, ଭଗବାନ ସୁବୁଦ୍ଧି, ବିଶ୍ୱଜିତ୍ ବଡଜେନା, ଦୁର୍ଯ୍ୟୋଧନ ଜେନା, ଚରଣ ସ୍ୱାଇଁ ଉପସ୍ଥିତ ଥିଲେ।

# ବାଲୁଗାଁ ଭାଜପା ନଗର ମଣ୍ଡଳ ସଭାପତି ଗିରଫ

**ବନ୍ଧୁକ ଧରି ଚିଲିକା ବିଧାୟକଙ୍କୁ ଧମକ, ଗାଳି ଅଭିଯୋଗ**

- ଥାନା ଆଗରେ ବିଜେଡି-ଭାଜପା କର୍ମୀ ମୁହାଁମୁହିଁ
- ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ବାଲୁଗାଁ,୩।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଲୁଗାଁସ୍ଥିତ ଏକ ସ୍କୁଲ ପରିସରରେ ସୋମବାର ଏକ ଶ୍ରେଣୀଗୃହର ଭୂମି ପୂଜନରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇଥିଲେ। ଏହି ସମୟରେ ବାଲୁଗାଁ ଭାଜପା ନଗର ମଣ୍ଡଳ ସଭାପତି ନିରଞ୍ଜନ ସେଠୀ ଏକ ବନ୍ଧୁକ ଧରି ବିଧାୟକଙ୍କୁ ହତ୍ୟା ଉଦ୍ଦେଶ୍ୟରେ ସ୍କୁଲ ପରିସରକୁ ପଶିଥିଲେ। ବାଲୁଗାଁ ବିଜେଡି କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା ପ୍ରତିବାଦ କରି ଅଟକାଇ ଥିଲେ। ଏନେଇ କୃଷ୍ଣଚନ୍ଦ୍ର ବାଲୁଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩/୨୨) ରୁଜୁକରି ନିରଞ୍ଜନଙ୍କୁ ଗିରଫ କରିଛି।

ଅଭିଯୋଗ ମୁତାବକ, ସୋମବାର ମଧ୍ୟାହ୍ନରେ ଏକ ସ୍କୁଲରେ ବିଧାୟକଙ୍କ ଦ୍ୱାରା ଏକ ନୂତନ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ବିଜେଡିର ବହୁ କର୍ମୀ ଉପସ୍ଥିତ ଥିଲେ। ଏହି ସମୟରେ ଭାଜପା ନଗର ମଣ୍ଡଳ ସଭାପତି ନିରଞ୍ଜନ ଏକ ବନ୍ଧୁକ ଧରି କେତେଜଣ ସହଯୋଗୀଙ୍କ ସହ ସେଠାରେ ପହଞ୍ଚିଥିଲେ। ନିରଞ୍ଜନ ବିଜେଡି କର୍ମୀଙ୍କୁ ଗାଳିଗୁଲଜ କରିବା ସହ ବନ୍ଧୁକ ଦେଖାଇଥିଲେ। ବିଧାୟକ ଜଗଦେବଙ୍କୁ ହତ୍ୟା ଉଦ୍ଦେଶ୍ୟରେ ନିରଞ୍ଜନ ସ୍କୁଲ ପରିସରକୁ ପ୍ରବେଶ ଉଦ୍ୟମ କରିଥିଲେ ବୋଲି କୃଷ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି। ସେ ଏହାର ପ୍ରତିବାଦ କରିବା ବେଳେ ଆକ୍ରମଣର ଶିକାର ହୋଇଥିବା ମଧ ଏତଲାରେ ଦର୍ଶାଇଛନ୍ତି। ପରେ ସେଠାରେ ଉପସ୍ଥିତ ପୋଲିସ ନିରଞ୍ଜନଙ୍କୁ କାବୁକରି ଥାନାକୁ ଆଣିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ଗିରଫ ଦାବିରେ ବିଧାୟକ ଜଗଦେବଙ୍କ ସମେତ ବିଜେଡି କର୍ମୀମାନେ ସ୍କୁଲରୁ ପଦଯାତ୍ରାରେ ଯାଇ ଥାନା ଆଗରେ ପହଞ୍ଚି ଧାରଣା ଦେଇଥିଲେ। କିଛି ସମୟ ପରେ ଭାଜପା ସମର୍ଥିତ କର୍ମୀମାନେ ମଧ ଥାନା ଆଗରେ ପହଞ୍ଚି ଏହା ମିଥ୍ୟା ଓ ଉଦ୍ଦେଶ୍ୟମୂଳକଭାବେ କରାଯାଇଛି ବୋଲି ପ୍ରତିବାଦ କରିଥିଲେ। ଫଳରେ ବିଜେଡି ଓ ଭାଜପା କର୍ମୀ ମୁହାଁମୁହିଁ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଘଟଣାସ୍ଥଳରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପି.କେ. ଦାଶ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରସ୍କଙ୍କ ସମେତ ବାଣପୁର, ବାଲୁଗାଁ, ଟାଙ୍ଗୀ ପୋଲିସ କର୍ମଚାରୀଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

ପ୍ରକାଶ ଯେ, କିଛି ଦିନ ପୂର୍ବେ ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ବେଳେ ନିରଞ୍ଜନଙ୍କୁ ଆକ୍ରମଣ ଅଭିଯୋଗ ନେଇ ବିଧାୟକ ଜଗଦେବଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପରେ ବିଧାୟକ ଜଗଦେବ ବିଜେଡିରୁ ନିଲମ୍ବନ ହୋଇଥିଲେ। ସୋମବାର ପୂର୍ବ ବିବାଦକୁ ନେଇ ନିରଞ୍ଜନ ସମର୍ଥକଙ୍କ ସହ ବିଦ୍ୟାଳୟରେ ପହଞ୍ଚି ଏପରି ଘଟଣା ଘଟାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।


ଥାନା ଆଗରେ ଧାରଣାରେ ବସିଥିବା ବିଜେଡି କର୍ମୀମାନେ।

### ପୁରୀ ପୌରସଂସ୍ଥାର ସାନି ଚିଠା ପ୍ରସ୍ତାବ

ପୁରୀ ଅଫିସ,୩।୧

ଜିଲା ପ୍ରଶାସନ ପକ୍ଷରୁ ପୁରୀ ପୌର ସଂସ୍ଥାର ସାନି ଚିଠା ପ୍ରସ୍ତାବ ଘୋଷଣା କରାଯାଇଛି। ପୌର ସଂସ୍ଥାର ୱାର୍ଡ ଆବଣ୍ଟନ ଏବଂ ଆସନ ସଂରକ୍ଷଣ ସମ୍ପର୍କରେ ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି। ପୂର୍ବଭଳି ପୁରୀ ପୌରସଂସ୍ଥାକୁ ୩୨ଟି ୱାର୍ଡ ବିଭକ୍ତ କରାଯାଇଛି, ମାତ୍ର ୱାର୍ଡ ମଧ୍ୟରେ ସ୍ଥାନ ପାଇଥିବା ସାହିଗୁଡିକର ସ୍ଥାନ କିଛିଟା ପରିବର୍ତ୍ତନ କରାଯାଇ ୱାର୍ଡର ବିଭକ୍ତିକରଣ କରାଯାଇଥିବା ଚିଠା ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି। ପୁରୀ ପୌରାଞ୍ଚଳର ୧, ୬, ୭, ୯, ୧୪, ୧୬, ୧୮, ୧୯ , ୨୨, ୨୭, ୨୮, ୨୯, ୩୦ ଏବଂ ୩୨ ନମ୍ବର ୱାର୍ଡ ଅଣ ସଂରକ୍ଷିତ ମହିଳାଙ୍କ ନିମନ୍ତେ ରଖାଯାଇଥିବା ବେଳେ ୧୦ ନମ୍ବର ଓ ୨୫ ନମ୍ବର ଏସି ବର୍ଗଙ୍କ ନିମନ୍ତେ ସଂରକ୍ଷଣ ରଖାଯାଇଛି। ସେହିପରି ୩୧ ନମ୍ବର ୱାର୍ଡକୁ ଏସ୍‌ଟି ବର୍ଗଙ୍କ ନିମନ୍ତେ ସଂରକ୍ଷଣ ରଖାଯାଇଛି। ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଚିଠା ପ୍ରସ୍ତାବ ଅନୁଯାୟୀ ୩୨ଟି ୱାର୍ଡର ସୀମା ନିର୍ଦ୍ଧାରଣ କରାଯାଇଛି।

# ରାତିରେ ବଢ଼ୁଛି ଅସାମାଜିକଙ୍କ ଦୌରାତ୍ମ୍ୟ

ପିପିଲି,୩।୧(ସ୍ୱ.ପ୍ର.)

ପିପିଲିରେ ଗତ କିଛିଦିନ ହେବ ଅସାମାଜିକ ଲୋକଙ୍କ ରାତି ଅଧିଆ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ରାତିରେ ବିଭିନ୍ନ ପ୍ରକାରର ଅସାମାଜିକ କାର୍ଯ୍ୟ କରୁଥିବା ବେଳେ ଚୋରି, ଜିନିଷପତ୍ର ଭଙ୍ଗାରୁଜା କରୁଛନ୍ତି। ଗତ ଶନିବାର ନବବର୍ଷର ପ୍ରଥମଦିନକୁ ସାଧାରଣ ଲୋକେ ବହୁ ଆନନ୍ଦରେ ପାଳନ କରୁଥିବା ବେଳେ ପିପିଲି କଲେଜ ଛକ ବଜାରର ମୁଖ୍ୟ ରାସ୍ତାକଡରେ ଥିବା ଦିଶା ଶିକ୍ଷାକେନ୍ଦ୍ରକୁ କେତେଜଣ ଅସାମାଜିକ ଇଟା ପଥର ମାରି ଭଙ୍ଗାରୁଜା କରିଛନ୍ତି। ଫଳରେ ଶିକ୍ଷାକେନ୍ଦ୍ରର ଝରକା, କବାଟ ଆଦି ଭାଙ୍ଗିଯାଇଛି। ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଏଭଳି ଘଟଣା ଘଟାଇଥିବା ଅନୁମାନ କରାଯାଉଥିବା ବେଳେ ଏ ନେଇ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠାତା ପ୍ରଭାତ କୁମାର ମହାପାତ୍ର ପିପିଲି ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗର ୨୪ଘଣ୍ଟା ପରେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ କରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ନାଇଟ ପେଟ୍ରୋଲିଂକୁ କୋହଳ ହୋଇଯାଇଥିବାରୁ ଅସାମାଜିକ ଲୋକଙ୍କ ରାଜରାସ୍ତାରେ ଲୁଟ, ରାହାଜାନ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ରାତ୍ର ପାଟ୍ରୋଲିଂକୁ କଡ଼ାକଡି କରିବାକୁ ସାଧାରଣରେ ଦାବି ହେଉଛି।


କଟକ ସାରଳା ଭବନରେ ସୋମବାର କଟକ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ପରିବେଷିତ ନାଟକ 'ତୁଠ ପଥର'ର ଏକ ଦୃଶ୍ୟ।

### ପୋଖରୀରୁ ବୃଦ୍ଧାଙ୍କ ମୃତଦେହ ଜବତ

ଗୋପ,୩।୧(ଡି.ଏନ୍.ଏ.)

ଗୋପ ବ୍ଲକ ଅଧୀନ ବଣିଆସାହି ପଞ୍ଚାୟତର ଚଟୋଳ ଗାଁ ପୋଖରୀରୁ ସୋମବାର ସକାଳେ ଜଣେ ବୃଦ୍ଧାଙ୍କ ମୃତଦେହ ରାମଚଣ୍ଡୀ ପୋଲିସ ଜବତ କରିଛି। ମୃତା ହେଲେ ସେହି ଗ୍ରାମର ରମାମଣି ମଙ୍ଗରାଜ (୭୦)। ଏ ନେଇ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ସଦର ହସ୍ପିଟାଲ ପଠାଇ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ରବିବାର ରାତିରେ ରମାମଣି ସ୍ଥାନୀୟ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। କିନ୍ତୁ ସକାଳେ ପରିବାର ଲୋକେ ରମାମଣିଙ୍କୁ ଘରେ ନ ପାଇ ଖୋଜାଖୋଜି କରିଥିଲେ। ଅନ୍ୟପଟେ ସ୍ଥାନୀୟ ଗ୍ରାମର ଯୁବକମାନେ ସକାଳେ ପୋଖରୀକୁ ଯାଇଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖି ନିକଟକୁ ଯିବାବେଳ ରମାମଣିଙ୍କ ମୃତଦେହ ଜାଣି ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ପୋଲିସ ଓ ପରିବାର ଲୋକ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ବୃଦ୍ଧାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ନେତା ନୀରଞ୍ଜନ ଶଗଡ଼ିଆ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ମନ୍ଦିରର ଚୋରି ସାମଗ୍ରୀ ଜବତ, ୨ ଗିରଫ

ଡେଲାଙ୍ଗ,୩।୧(ଡି.ଏନ୍.ଏ.)

ମନ୍ଦିରରୁ ସାମଗ୍ରୀ ଚୋରି କରିବା ଘଟଣାରେ ଡେଲାଙ୍ଗ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଏଥିସହ ତାଙ୍କଠାରୁ ଲକ୍ଷାଧିକ ଟଙ୍କାର ପିତ୍ତଳ ସାମଗ୍ରୀ ଜବତ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଗଡମୋଟରୀ ଗ୍ରାମର ଅଜୟ ପଣ୍ଡା (୪୨) ଓ ପଟଣପୁର ଗ୍ରାମର ଦୋକାନୀ ଅମିୟ ସାହୁ (୩୮)। ଏ ନେଇ ପୋଲିସ ନଂ. ୦୪/୨୨ରେ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, କୁମୁଣ୍ଡାଳ ଗ୍ରାମର ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରରୁ ଗତ ୧ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିରରେ ପଶି ବିଭିନ୍ନ ସାମଗ୍ରୀ ଓ ହୁଣ୍ଡି ଟଙ୍କା ଚୋରି କରି ନେଇଥିଲେ। ଏ ନେଇ ପୂଜକ ହୁଲାସ ରଣା ଡେଲାଙ୍ଗ ହାଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ, ଫାଣ୍ଡି ଅଧିକାରୀ ଧନପତି ପିଙ୍କ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ସନ୍ଦେହରେ ଅଭିଯୁକ୍ତ ଅଜୟଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ସେ ସମସ୍ତ ଚୋରି ସାମଗ୍ରୀ ଡେଲାଙ୍ଗ ହାଟ ବଜାରସ୍ଥିତ ଅମିୟଙ୍କ କଂସାବାସନ ଦୋକାନରେ ଦେଇଥିବା ସ୍ୱୀକାର କରିଥିଲେ। ଏହାସହ କିଛିଦିନ ତଳେ ସେବକସାହୁପାଟଣା ଗ୍ରାମର ଗୋପୀନାଥ ଦେବଙ୍କ ମନ୍ଦିରରୁ ଚୋରି କରିଥିବା ଅଭିଯୁକ୍ତ ଅଜୟ ସ୍ୱୀକାର କରିଥିଲା। ପୋଲିସ ଅମିୟଙ୍କ କଂସାବାସନ ଦୋକାନରେ ଚଢ଼ାଉ କରି ଦୋକାନ ସିଜ କରିବା ସହ ଚୋରି ସାମଗ୍ରୀ ପିତ୍ତଳ ଘଣ୍ଟି, ଘଣ୍ଟା, ପିତ୍ତଳ ଗରା, ପିତ୍ତଳ ଡାଳ, ପିତ୍ତଳ ଥାଳି, ତସଲା, ପିତ୍ତଳ ବାଲ୍‌ଟି, ଭୋଗଥାଳିଆ, ଘିଅ ଦୀପ, ପାଣି ବଡ୍ଡୁ, ପିତ୍ତଳ ନାଗ, ରୁପା ପାଉଁଜି ପ୍ରଭୃତି ସାମଗ୍ରୀ ଜବତ କରିଛି।



# ଆଜି ଚିଲିକାରେ ପକ୍ଷୀଗଣନା

ବାଲୁଗାଁ,୩।୧(ଡି.ଏନ୍.ଏ.):

ଚିଲିକାରେ ପକ୍ଷୀଗଣନା ପାଇଁ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ପ୍ରସ୍ତୁତି ସରିଛି। ମଙ୍ଗଳବାର ପକ୍ଷୀଗଣନା ହେବାକୁ ଥିବାବେଳେ ସୋମବାର ବାଲୁଗାଁ ନିକଟ ଚନ୍ଦ୍ରାପୁଟସ୍ଥିତ ସିଡିଏ ଗବେଷଣା କେନ୍ଦ୍ର ଗୃହରେ ଗଣନାକାରୀଙ୍କୁ ତାଲିମ ଦିଆଯାଇଛି। ବମ୍ବେ ନାଚୁରାଲ୍ ହିଷ୍ଟ୍ରି ଅଫ୍ ସୋସାଇଟିର ନିର୍ଦ୍ଦେଶକ ଡା. ବିଭଷ ପାଣ୍ଡବ, ପିସିସିଏଫ୍ ସମ୍ୟକ୍ ସାମନ୍ତରାୟ, ଡିଏଫ୍‌ଓ ଜ୍ୟୋତି କୋଟାଲ୍ ଏବଂ ଏସିଏଫ୍ ଶରତ କୁମାର ମିଶ୍ର ପ୍ରମୁଖ ପକ୍ଷୀଗଣନା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ସମଗ୍ର ଚିଲିକା ଅଧୀନ ଅଞ୍ଚଳରେ ୨୧ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ ହୋଇଥିବା ବେଳେ ୧୦୫ଜଣ ଏହି ତାଲିମ ଶିବିରରେ ପ୍ରଶିକ୍ଷଣ ନେଇଛନ୍ତି। ଏଥିରେ ୱାଇଲ୍ଡ ଓଡ଼ିଶା, ବମ୍ବେ ନାଚୁରାଲ୍ ହିଷ୍ଟ୍ରି ଅଫ୍ ସୋସାଇଟି, ଓୟୁଏଟି, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରୀଛାତ୍ର ଓ ଅଭିଜ୍ଞ ବିଶାରଦ ସାମିଲ ଥିଲେ। ପ୍ରତ୍ୟେକ ଗଣନାକାରୀ ଟିମ୍‌କୁ ଗୋଟିଏ ଲେଖାଏ ଡଙ୍ଗା, ପ୍ରତି ଟିମ୍‌ରେ ଅଭିଜ୍ଞ ପକ୍ଷୀ ବିଶାରଦଙ୍କ ସମେତ ୪ଜଣ ସହଯୋଗୀ ରହିବେ। ଗଣନା ପାଇଁ ପ୍ରତ୍ୟେକ ଦଳକୁ ୱାକିଟକି, ବାଇନାକୁଲାର, ଜିପିଏସ୍ ଓ ଡିଏଚ୍‌ଏଫ୍ ଆଦି ଯନ୍ତ୍ର ଦିଆଯାଇଛି। ବାଲୁଗାଁ ରେଞ୍ଜରେ ୬ଟି ଟିମ୍ ନିୟୋଜିତ ହୋଇଥିବା ବେଳେ ସାତପଡ଼ା ୪, ରମ୍ଭା ୨, ଚିଲିକା ୧ ଓ ଟାଙ୍ଗୀ ରେଞ୍ଜରେ ୮ଟି ଟିମ୍ ପକ୍ଷୀଗଣନା ପାଇଁ ସ୍ଥିର ହୋଇଛି। ପ୍ରତ୍ୟେକ ଗଣନାକାରୀ ଟିମ୍ ସୋମବାର କ୍ୟାମ୍ପକୁ ଯାଇ ଅବସ୍ଥାନ କରିଛନ୍ତି। ମଙ୍ଗଳବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ଯାଏ ପକ୍ଷୀଗଣନା କାର୍ଯ୍ୟ ହେବ।

### ଅବସରପ୍ରାପ୍ତ ନୌସେନା ଅଧିକାରୀ ଶ୍ରୀ ହରିଲାଲ ଶର୍ମାଙ୍କ ପରଲୋକ

ଭୁବନେଶ୍ୱର, ୩।୧(ବ୍ୟୁରୋ):

ଅବସରପ୍ରାପ୍ତ ଭାରତୀୟ ନୌସେନା ଅଧିକାରୀ ଭାଇସ୍ ଆଡମିରାଲ ଶ୍ରୀ ହରିଲାଲ ଶର୍ମାଙ୍କର ସୋମବାର ପରଲୋକ ଘଟିଛି। ତାଙ୍କୁ ୧୦୦ ବର୍ଷ ବୟସ ହୋଇଥିଲା। ଭୁବନେଶ୍ୱରରେ ରହୁଥିବା ହରିଲାଲ ଅସୁସ୍ଥତା କାରଣରୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ସୋମବାର ସନ୍ଧ୍ୟା ୬ଟା ୨୦ରେ ତାଙ୍କର ଦେହାନ୍ତ ଘଟିଥିଲା। ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାରବର୍ଗଙ୍କ ପକ୍ଷରୁ ସୂଚନା ମିଳିଛି। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧବେଳେ ସେ ଫ୍ଲାଗ୍ ଅଫିସର କମାଣ୍ଡିଙ୍ଗ୍ ଇଷ୍ଟର୍ଣ୍ଣ ଫ୍ଲିଟ୍ (ଏଫ୍‌ଓସିଇଏଫ୍) ଭାବେ କାର୍ଯ୍ୟ କରିଥିଲେ। ଏହି ଯୁଦ୍ଧରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ପରେ ସେ ୧୯୭୭ ମାର୍ଚ୍ଚ ୧ରୁ ୧୯୭୮ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଇଷ୍ଟର୍ଣ୍ଣ ନାଭାଲ କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ ଇନ୍‌ଚିଫ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି।

# ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ କାର୍ଯ୍ୟ ଆରମ୍ଭ

- ୯୫ ପ୍ରତିଶତ ଉଚ୍ଛେଦ ସରିଛି
- ଜମି ବିବାଦ ଯୋଗୁ ବାକି ଅଟକିଥିଲା

ପୁରୀ ଅଫିସ, ୩।୧

କିଛି ଦିନର ନୀରବତା ପରେ ଜିଲା ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ହେରିଟେଜ କରିଡ଼ର ଅଞ୍ଚଳରେ ଥିବା ନିର୍ମାଣାଧୀନ କୋଠାଗୁଡ଼ିକର ଉଚ୍ଛେଦ କାର୍ଯ୍ୟ ସୋମବାରଠାରୁ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପଶ୍ଚିମ ପାର୍ଶ୍ୱରେ ଥିବା କୋଠାଗୁଡିକୁ ଉଚ୍ଛେଦ କରାଯାଇଛି। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ ଓ ଉପଜିଲାପାଳ ଭବତାରଣ ସାହୁଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ ହୋଇଥିଲା। ପୂର୍ବରୁ ଶ୍ରୀମନ୍ଦିର ଐତିହ୍ୟ କରିଡ଼ରର ୯୫ ପ୍ରତିଶତ ଅଞ୍ଚଳରୁ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଥିଲା। ତେବେ ଅନେକଗୁଡିଏ ନିର୍ମାଣ ଉଚ୍ଛେଦକୁ ନେଇ କୋର୍ଟରେ ମାମଲା ଚାଲିଥିବାରୁ ଏଗୁଡିକୁ ଭଙ୍ଗାଯାଇପାରି ନ ଥିଲା।

ଜମି ଅଧିଗ୍ରହଣ ଆଇନ ଅନୁଯାୟୀ କ୍ଷତିପୂରଣ ରାଶି ପ୍ରଶାସନ ତରଫରୁ ସରକାରଙ୍କ ନିକଟରେ ଜମା ଦେଇ ପୁଣି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ପୂର୍ବରୁ ଶ୍ରୀମନ୍ଦିର ସୁରକ୍ଷା କରିଡ଼ର ନେଇ ଗତ ନଭେମ୍ବର ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କାର୍ଯ୍ୟ ଶେଷ କରିଥିବା ବେଳେ କିଛି ଜମି ଅଧିଗ୍ରହଣ ବାକି ରହିଥିଲା। ତେବେ ଏହି ଜମି ଅଧିଗ୍ରହଣ କାର୍ଯ୍ୟ କରାଯାଇଥିବା ବେଳେ ବଳକା ଥିବା ପାଖାପାଖି ୭ଟି ପ୍ଲଟର ୩୫ଡେସିମିଲ ଜମିକୁ ପ୍ରଶାସନ ଅଧିଗ୍ରହଣ ନେଇ ପ୍ରକ୍ରିୟା ଆରମ୍ଭ କରିଛି। ପୂର୍ବରୁ ଏହି ଜମି ଅଧିଗ୍ରହଣ ନେଇ ଆଇନଗତ ବିବାଦ ରହିଥିବା ବେଳେ ଜିଲା ପ୍ରଶାସନ ଲାରା ଅଥରିଟିଙ୍କ ନିର୍ଦ୍ଦେଶ ଅନୁସାରେ ଅଧିଗ୍ରହଣ କରୁଥିବା ସୂଚନା ମିଳିଛି। ରଘୁନାଥ ଅତିଥି ବିହାର ସମେତ ଅନେକ ବ୍ୟବସାୟିକ ଅନୁଷ୍ଠାନକୁ ପ୍ରଶାସନ ପକ୍ଷରୁ ସୋମବାର ଉଚ୍ଛେଦ କରାଯାଇଛି। ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ ଆଇନ ଅନୁଯାୟୀ କ୍ଷତିପୂରଣ ରାଶି କ୍ଷତିଗ୍ରସ୍ତ ପାଇଥିବା ବେଳେ ଆହୁରି ଅଧିକ କ୍ଷତିପୂରଣ ପାଇଁ ଜମି ମାଲିକ ଆଶାବ୍ୟକ୍ତ କରିଛନ୍ତି। ଅପରପକ୍ଷେ ଅନେକ ଜମି ମାଲିକ ପୂର୍ବରୁ ନିଜ ଜମି ପ୍ରଦାନ କରିଥିବା ବେଳେ ସେମାନଙ୍କୁ ନିୟମ ଅନୁସାରେ ଜମି ଓ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଇଛି। ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହେବା ପରେ ପୁଣିଥରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ଉଚ୍ଛେଦ କାର୍ଯ୍ୟରେ ୫ ପ୍ଲାଟୁନ ପୋଲିସ ଫୋର୍ସ ସହ ବିଭିନ୍ନ ଥାନା ଅଧିକାରୀ, ଅଗ୍ନିଶମ ବାହିନୀ ଉପସ୍ଥିତ ଥିଲେ। ଉଚ୍ଛେଦ କାର୍ଯ୍ୟରେ ଦୁଇଟି ଡୋଜର ନିୟୋଜିତ କରାଯାଇଥିଲା। ଉଚ୍ଛେଦ ସମୟରେ କୌଣସି ଅଘଟଣକୁ ଏଡାଇବା ପାଇଁ ପୋଲିସ ପକ୍ଷରୁ ବ୍ୟାରିକେଡ କରାଯାଇ ଉଚ୍ଛେଦସ୍ଥଳକୁ ଜନସାଧାରଣ ଏବଂ ଯାନବାହନଗୁଡିକୁ ଛଡାଯାଇ ନ ଥିଲା।


ପୁରୀ ଶ୍ରୀମନ୍ଦିର କରିଡ଼ର ପାଇଁ ରଘୁନାଥ ଭବନକୁ ସୋମବାର ପ୍ରଶାସନ ପକ୍ଷରୁ ଡୋଜର ଦ୍ୱାରା ଉଚ୍ଛେଦ କରାଯାଉଛି।



ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ସୋମବାର ଭୁବନେଶ୍ୱର ସୂଚନା ଭବନରେ ଆୟୋଜିତ ଓଡ଼ିଶୀ ସଙ୍ଗୀତ ମହୋତ୍ସବରେ ରୂପକ କୁମାର ପରିଡ଼ା ସଙ୍ଗୀତ ପରିବେଷଣ କରୁଛନ୍ତି।



ନାଲ୍‌କୋକୁ ଘରୋଇକରଣ କରାଯିବା ପ୍ରସ୍ତାବ ବିରୋଧରେ ଆଇଏନ୍‌ଟିୟୁସି ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ନାଲ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

## ସଂକ୍ଷେପରେ

### ୩୧ ଛାତ୍ରୀଛାତ୍ର କରୋନା ପଜିଟିଭ

**ଜଟଣୀ,୩।୧(ଡି.ଏନ୍.ଏ.):** ଜଟଣୀସ୍ଥିତ ନାଇଜର ଶିକ୍ଷାନୁଷ୍ଠାନର କେତେଜଣ ଛାତ୍ରୀଛାତ୍ର କରୋନାରେ ସଂକ୍ରମିତ ହୋଇଛନ୍ତି। ଶିକ୍ଷାନୁଷ୍ଠାନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ବିଭିନ୍ନ ରାଜ୍ୟରୁ ଆସିଥିବା ୩୧ଜଣ ଛାତ୍ରୀଛାତ୍ର ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ସଂକ୍ରମିତ ଛାତ୍ରୀଛାତ୍ର ଓମିକ୍ରନରେ ଆକ୍ରାନ୍ତ ହୋଇଛନ୍ତି କି ନାହିଁ ରିପୋର୍ଟ ଆସିବା ଜଣାପଡିବ ବୋଲି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜିତେନ୍ଦ୍ର କୁମାର ପଣ୍ଡା କହିଛନ୍ତି। ବର୍ତ୍ତମାନ ସମସ୍ତ ଆକ୍ରାନ୍ତ ଛାତ୍ରୀଛାତ୍ର ନାଇଜର ପରିସରରେ ସଙ୍ଗରୋଧରେ ଅଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖାଯିବା ସହ ସମସ୍ତ ବ୍ୟବସ୍ଥା କରାଯାଇଥିବା କୁଳ ସଚିବ ଡ.ଅଭୟ୍ କୁମାର ନାୟକ କହିଛନ୍ତି।

### ଟ୍ରେନ୍ ଯାତ୍ରୀଙ୍କ ମୃତ୍ୟୁ

**ବାଲୁଗାଁ,୩।୧(ଡି.ଏନ୍.ଏ.):** ଆନ୍ଧ୍ରପ୍ରଦେଶରୁ ନିଜ ଘର ଅନୁଗୋଳକୁ ଟ୍ରେନ୍ ଯୋଗେ ଫେରୁଥିବା ବେଳେ ଅସୁସ୍ଥତା ଅନୁଭବ କରିବାରୁ ବାଲୁଗାଁ ରେଳ ଷ୍ଟେଶନରେ ଓହ୍ଲାଇଥିଲେ। ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରକାଶ ନାୟକ(୩୦)। ସୂଚନା ମୁତାବକ, ରବିବାର ଏକ ଟ୍ରେନ୍‌ରେ ପ୍ରକାଶ ଘରକୁ ଫେରୁଥିଲେ। ରାସ୍ତାରେ ହଠାତ୍ ତାଙ୍କର ପେଟରେ ଯନ୍ତ୍ରଣା ହେବା ସହ ଅସୁସ୍ଥତା ଅନୁଭବ କରିବାରୁ ବାଲୁଗାଁ ଷ୍ଟେଶନରେ ଅପରାହ୍ନରେ ଓହ୍ଲାଇ ଅଟୋ ଭଡ଼ାକରି ଡାକ୍ତରଖାନାରେ ପହଞ୍ଚିଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକ ପହଞ୍ଚିବା ପରେ ସୋମବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ ମାମଲା (ନଂ.୨/୨୨) ରୁଜୁକରି ତଦନ୍ତ ଚଳାଇଛି।

### ମହିଳାଙ୍କ ଆତ୍ମହତ୍ୟା

**ବାଲୁଗାଁ,୩।୧(ଡି.ଏନ୍.ଏ.):** ବାଲୁଗାଁ ଶାନ୍ତିନଗର ଅଞ୍ଚଳରେ ଜଣେ ମହିଳା କୌଣସି କାରଣରୁ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ହେଲେ ପ୍ରମିଳା ମଣ୍ଡଳ(୨୧)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବାଲୁଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧/୨୨) ରୁଜୁକରି ତଦନ୍ତ ଚଳାଇଛି। ଶାନ୍ତିନଗରର ବିଶ୍ୱଜିତ୍ ମଣ୍ଡଳ ଏକମାସ ପୂର୍ବେ କେନ୍ଦ୍ରାପଡ଼ା ଅଞ୍ଚଳର ପ୍ରମିଳାଙ୍କୁ ବିବାହ କରିଥିଲେ। କୌଣସି କାରଣ ନେଇ ପ୍ରମିଳା ରବିବାର ଅପରାହ୍ନରେ ଶାଶୁଘର ଲୋକଙ୍କ ଅନୁପସ୍ଥିତିରେ ବେକରେ ରଶି ଲଗାଇ ଝୁଲି ପଡ଼ିଥିଲେ। କିଛି ସମୟ ପରେ ଶାଶୁଘର ଲୋକେ ଏହି ଘଟଣା ଦେଖିବା ସହ ପ୍ରମିଳାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଅଟଳ ର୍ୟାଙ୍କିଙ୍ଗରେ ସ୍ଥାନିତ

**ଜଟଣୀ,୩।୧(ଡି.ଏନ.ଏ.):** ଅଟଳ ର୍ୟାଙ୍କିଙ୍ଗ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ଅନ୍ ଇନୋଭେସନ ଆଚିଭମେଣ୍ଟ୍ସ (ଏଆରଆଇଆଇଏ) ୨୦୨୧ର ର୍ୟାଙ୍କିଙ୍ଗ ପାଇଁ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ପ୍ରଦର୍ଶନକାରୀ ଭାବେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ସ୍ଥାନିତ ହୋଇଛି। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ୧୪୩୮ଟି ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଯାହା ଛାତ୍ର ଏବଂ ଅଧାପକଙ୍କ ମଧ୍ୟରେ ଅଭିନବ ଏବଂ ଉଦ୍ୟୋଗୀ ବିକାଶ ସମ୍ବନ୍ଧୀୟ ସୂଚକାଙ୍କରେ ବ୍ୟବସ୍ଥିତ ଭାବେ ସ୍ଥାନିତ ହୋଇଥିଲା। ଏହାପୂର୍ବରୁ ଏମଓଇର ଇନୋଭେସନ୍ ସେଲ୍, ଆଇଆଇସି ପ୍ରଦର୍ଶନ ୨୦୨୦-୨୧ର ପ୍ରଦର୍ଶନ ଘୋଷଣା କରିଥିଲା। ଯେଉଁଥିରେ ସେଞ୍ଚୁରିଆନ ପ୍ରଥମ ଥର ଭାଗ ନେଇ ନିଜର ପ୍ରଦର୍ଶନ ପାଇଁ ୩.୫ ର ଶୀର୍ଷ ଷ୍ଟାର ରେଟିଂ ହାସଲ କରିଛି। ଏଥିଲାଗି ବିଶ୍ୱବିଦ୍ୟାଳୟର କୁଳପତି ଡ.ସୁପ୍ରିୟା ପଟ୍ଟନାୟକ ଏହାର ସମସ୍ତ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ର, ଅଧାପକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବାଲୁଗାଁ ଭାଜପା ନଗର ମଣ୍ଡଳ ସଭାପତି ଗିରଫ

**ବନ୍ଧୁକ ଧରି ଚିଲିକା ବିଧାୟକଙ୍କୁ ଧମକ, ଗାଳି ଅଭିଯୋଗ**

- ଥାନା ଆଗରେ ବିଜେଡି-ଭାଜପା କର୍ମୀ ମୁହାଁମୁହିଁ
- ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

**ବାଲୁଗାଁ,୩।୧(ଡି.ଏନ୍.ଏ.)**


ଥାନା ଆଗରେ ଧାରଣାରେ ବସିଥିବା ବିଜେଡ଼ି କର୍ମୀମାନେ।

ଖୋର୍ଦ୍ଧା ଜିଲା ବାଲୁଗାଁସ୍ଥିତ ଏକ ସ୍କୁଲ ପରିସରରେ ସୋମବାର ଏକ ଶ୍ରେଣୀଗୃହର ଭୂମି ପୂଜନରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇଥିଲେ। ଏହି ସମୟରେ ବାଲୁଗାଁ ଭାଜପା ନଗର ମଣ୍ଡଳ ସଭାପତି ନିରଞ୍ଜନ ସେଠୀ ଏକ ବନ୍ଧୁକ ଧରି ବିଧାୟକଙ୍କୁ ହତ୍ୟା ଉଦ୍ଦେଶ୍ୟରେ ସ୍କୁଲ ପରିସରକୁ ପଶିଥିଲେ। ବାଲୁଗାଁ ବିଜେଡି କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା ପ୍ରତିବାଦ କରି ଅଟକାଇ ଥିଲେ। ଏନେଇ କୃଷ୍ଣଚନ୍ଦ୍ର ବାଲୁଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩/୨୨) ରୁଜୁକରି ନିରଞ୍ଜନଙ୍କୁ ଗିରଫ କରିଛି।

ଅଭିଯୋଗ ମୁତାବକ, ସୋମବାର ମଧ୍ୟାହ୍ନରେ ଏକ ସ୍କୁଲରେ ବିଧାୟକଙ୍କ ଦ୍ୱାରା ଏକ ନୂତନ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ବିଜେଡିର ବହୁ କର୍ମୀ ଉପସ୍ଥିତ ଥିଲେ। ଏହି ସମୟରେ ଭାଜପା ନଗର ମଣ୍ଡଳ ସଭାପତି ନିରଞ୍ଜନ ଏକ ବନ୍ଧୁକ ଧରି କେତେଜଣ ସହଯୋଗୀଙ୍କ ସହ ସେଠାରେ ପହଞ୍ଚିଥିଲେ। ନିରଞ୍ଜନ ବିଜେଡି କର୍ମୀଙ୍କୁ ଗାଳିଗୁଲଜ କରିବା ସହ ବନ୍ଧୁକ ଦେଖାଇଥିଲେ। ବିଧାୟକ ଜଗଦ୍ଦେବଙ୍କୁ ହତ୍ୟା ଉଦ୍ଦେଶ୍ୟରେ ନିରଞ୍ଜନ ସ୍କୁଲ ପରିସରକୁ ପ୍ରବେଶ ଉଦ୍ୟମ କରିଥିଲେ ବୋଲି କୃଷ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି। ସେ ଏହାର ପ୍ରତିବାଦ କରିବା ବେଳେ ଆକ୍ରମଣର ଶିକାର ହୋଇଥିବା ମଧ୍ୟ ଏତଲାରେ ଦର୍ଶାଇଛନ୍ତି। ପରେ ସେଠାରେ ଉପସ୍ଥିତ ପୋଲିସ ନିରଞ୍ଜନଙ୍କୁ କାବୁକରି ଥାନାକୁ ଆଣିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ଗିରଫ ଦାବିରେ ବିଧାୟକ ଜଗଦ୍ଦେବଙ୍କ ସମେତ ବିଜେଡି କର୍ମୀମାନେ ସ୍କୁଲରୁ ପଦଯାତ୍ରାରେ ଯାଇ ଥାନା ଆଗରେ ପହଞ୍ଚି ଧାରଣା ଦେଇଥିଲେ। କିଛି ସମୟ ପରେ ଭାଜପା ସମର୍ଥିତ କର୍ମୀମାନେ ମଧ୍ୟ ଥାନା ଆଗରେ ପହଞ୍ଚି ଏହା ମିଥ୍ୟା ଓ ଉଦ୍ଦେଶ୍ୟମୂଳକଭାବେ କରାଯାଇଛି ବୋଲି ପ୍ରତିବାଦ କରିଥିଲେ। ଫଳରେ ବିଜେଡି ଓ ଭାଜପା କର୍ମୀ ମୁହାଁମୁହିଁ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଘଟଣାସ୍ଥଳରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପି.କେ. ଦାଶ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରସ୍କଙ୍କ ସମେତ ବାଣପୁର, ବାଲୁଗାଁ, ଟାଙ୍ଗୀ ପୋଲିସ କର୍ମଚାରୀଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

ପ୍ରକାଶ ଯେ, କିଛି ଦିନ ପୂର୍ବେ ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ବେଳେ ନିରଞ୍ଜନଙ୍କୁ ଆକ୍ରମଣ ଅଭିଯୋଗ ନେଇ ବିଧାୟକ ଜଗଦ୍ଦେବଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପରେ ବିଧାୟକ ଜଗଦ୍ଦେବ ବିଜେଡିରୁ ନିଲମ୍ବନ ହୋଇଥିଲେ। ସୋମବାର ପୂର୍ବ ବିବାଦକୁ ନେଇ ନିରଞ୍ଜନ ସମର୍ଥକଙ୍କ ସହ ବିଦ୍ୟାଳୟରେ ପହଞ୍ଚି ଏପରି ଘଟଣା ଘଟାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ଅନ୍‌ଲାଇନ୍ କ୍ଲାସ୍ ପାଇଁ ମୋବାଇଲ ଦେଲା ସଂକଳ୍ପ ଟ୍ରଷ୍ଟ

**ବେଗୁନିଆ, ୩।୧ (ଡି.ଏନ୍.ଏ.)**

କରୋନା ସଂକ୍ରମଣ ସମୟରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ସରକାର ଅନ୍‌ଲାଇନ୍ କ୍ଲାସ୍ ଆରମ୍ଭ କରିଥିଲେ। ହେଲେ ଏଭଳି ସମୟରେ କେତେଜଣ ଛାତ୍ରୀଛାତ୍ରଙ୍କ ପାଇଁ ମୋବାଇଲ ଥିଲା ଏକ ସ୍ୱପ୍ନ। ଅଭାବ ଅନଟନ ମଧ୍ୟରେ ମୋବାଇଲଟିଏ ନ ଥିବାରୁ ଜଣେ ଛାତ୍ରୀ ନିଜ ପାଠପଢ଼ାକୁ ନେଇ ଦ୍ୱନ୍ଦ୍ୱରେ ଥିଲେ। ସେ ହେଉଛନ୍ତି ହରିୟାଣା ମେଡିକାଲ କଲେଜର ଶୁଭଶ୍ରୀ ମିଶ୍ର। ଏଭଳି ସମୟରେ ଶୁଭଶ୍ରୀଙ୍କ ପାଠପଢ଼ା ପାଇଁ ସଂକଳ୍ପ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ମୋବାଇଲ ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର ଗ୍ରାମର ଶ୍ରୀକାନ୍ତ ଚରଣ ମିଶ୍ର ଓ ଜ୍ୟୋତ୍ସ୍ନାରାଣୀ ମିଶ୍ରଙ୍କ ଝିଅ ହେଉଛନ୍ତି ଶୁଭଶ୍ରୀ। ଶ୍ରୀକାନ୍ତ ପେସାରେ ଅଟୋଚାଳକ ଥିବାବେଳେ ଲିଭର ରୋଗରେ ଆକ୍ରାନ୍ତ ହୋଇ ତାଙ୍କ ନିଧନ ଘଟିଥିଲା। ବଡ଼ ଝିଅ ଭାବେ ଶୁଭଶ୍ରୀଙ୍କ ଉପରେ ପରିବାର ବୋଝ ପଡ଼ିବା ସହ ପାଠପଢ଼ାର ଖର୍ଚ୍ଚ ମଧ୍ୟ ଥିଲା। ହେଲେ କରୋନା ଆସିବା ପରେ ସବୁ ଅନ୍‌ଲାଇନ କ୍ଲାସ୍ ହୋଇଗଲା। ମୋବାଇଲ ଅଭାବରୁ ପାଠ ପଢିବାକୁ ଅକ୍ଷମ ଥିଲେ ଶୁଭଶ୍ରୀ। ଏହି କଥା ଜାଣିବା ପରେ ସଂକଳ୍ପ ଚାରିଟେବଲ ଟ୍ରଷ୍ଟର କର୍ମୀମାନେ ତାଙ୍କୁ ଏକ ସ୍ମାର୍ଟ ଫୋନ ଯୋଗାଇଥିଲେ। ଏଥିପାଇଁ ଶୁଭଶ୍ରୀ ଓ ତାଙ୍କ ପରିବାର ସଂକଳ୍ପ ଟ୍ରଷ୍ଟଙ୍କୁ ସାଧୁବାଦ ଜଣାଇଛନ୍ତି।

## ଟ୍ରେଡିଂ ଆପ୍‌ରେ ଟଙ୍କା ନିବେଶ କରି ୨କୋଟି ଠକାମିର ଶିକାର ହେଲେ

**ସାଇବର ଥାନାରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଅଭିଯୋଗ**

**ଭୁବନେଶ୍ୱର,୩।୧(ବ୍ୟୁରୋ)**

ଅନଲାଇନ୍ ଟ୍ରେଡ଼ିଂ ଆପ୍‌ରେ ଟଙ୍କା ନିବେଶ କରି ଦ୍ୱୈତ ନଗରୀରେ ରହୁଥିବା ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକାମିର ଶିକାର ହୋଇଛନ୍ତି। ଏନେଇ ଠକାମିର ଶିକାର ହୋଇଥିବା ବ୍ୟକ୍ତିମାନେ ସୋମବାର ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ସାଇବର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବାଇସାଇକେଲ୍ ଆପ୍ଲିକେଶନ ନାଁରେ ଏକ ଟ୍ରେଣ୍ଡିଂ ଆପ୍‌ରୁ ଏକ ଲିଙ୍କ ହ୍ୱାଟ୍ସଆପ୍ ଜରିଆରେ ସେମାନଙ୍କ ମୋବାଇଲ ଫୋନ୍‌କୁ ଆସିଥିଲା। ପରେ ଡାଉନଲୋଡ଼ କରି ଟଙ୍କା ନିବେଶ କରିବାକୁ ଆପ୍ ପକ୍ଷରୁ କୁହାଯାଇଥିଲା। ଟଙ୍କା ନିବେଶ କଲେ ଅଳ୍ପଦିନରେ ଦୁଇଗୁଣା ହେବ ବୋଲି ଲୋଭ ଦେଖାଯାଇଥିଲା। ଫଳରେ ଲୋକେ ପ୍ରଥମେ ଏକହଜାର ଟଙ୍କା ନିବେଶ କରିଥିଲେ। ଏହି ଟଙ୍କା ନିବେଶ କରିବା ପରେ ସେମାନଙ୍କୁ ୨୦ ଟଙ୍କାରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥିଲା। ଫଳରେ ସେମାନେ ଅଧିକ ଟଙ୍କା ନିବେଶ କରି ଟ୍ରେଣ୍ଡିଂ ଆପ୍‌ରେ ଶେୟାର କିଣିବାକୁ ଚାହିଁଲେ। ଏନେଇ କେତେଜଣ ବ୍ୟକ୍ତି ୩୦ରୁ ୪୦ହଜାର ଟଙ୍କା ଲେଖାଏ ନିବେଶ କରିଥିଲେ। ହେଲେ ଗତ ୨୪ ତାରିଖ ପରେ ଉକ୍ତ ଆପ୍‌ରେ ଆଉ ଟଙ୍କା ଫେରସ୍ତ ହୋଇ ନ ଥିଲା। ଏପରି କି ଆପ୍ଲିକେଶନ୍ କାମ କରି ନ ଥିଲା। ଫଳରେ ସେମାନେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।



କଟକ ସାରଳା ଭବନରେ ସୋମବାର କଟକ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ପରିବେଷିତ ନାଟକ 'ତୁଠ ପଥର'ର ଏକ ଦୃଶ୍ୟ।

## କୋଭିଡ୍ ସହାୟତା ବଣ୍ଟନ କେନ୍ଦ୍ରରେ ମାନୁନାହାନ୍ତି କଟକଣା

**ବୋଲଗଡ଼,୩।୧(ଡି.ଏନ୍.ଏ.)**

ରାଶନ ହିତାଧିକାରୀଙ୍କୁ କୋଭିଡ୍ ସହାୟତା ବାବଦକୁ ୧ ହଜାର ଟଙ୍କା ଓ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଉଛି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଏହି ବଣ୍ଟନ କରିବାକୁ ଥିବା ବେଳେ ସୋମବାର ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଓ ଦଳେଇସାହି ପଞ୍ଚାୟତ କାର୍ଯ୍ୟାଳୟରେ କଟକଣାକୁ କେହି ମାନୁ ନ ଥିବା ଦେଖିବାକୁ ମିଳିଛି। ସେଠାରେ ନିୟୋଜିତ କର୍ମଚାରୀ କିମ୍ବା ହିତାଧିକାରୀ ମାସ୍କ ପରିଧାନ କରି ନ ଥିବା ବେଳେ ସାମାଜିକ ଦୂରତ୍ୱକୁ ଯେପରି ଭୁଲିଯାଇଥିଲେ। ଏ ସମ୍ପର୍କରେ ବିଡିଓ ଧୋବେଇ ନାୟକ କହିଛନ୍ତି, କରୋନା କଟକଣା ମାନିବାକୁ ସରକାରୀ ନିର୍ଦ୍ଦେଶ ଆସିନାହିଁ। ପଞ୍ଚାୟତ ନିର୍ବାଚନ ଆଚରଣବିଧି ଲାଗିବା ପୂର୍ବରୁ ବଣ୍ଟନ କାର୍ଯ୍ୟକ୍ରମ ସରିବା ଆବଶ୍ୟକ ବୋଲି କହିଥିଲେ। ଜିଲା ଯୋଗାଣ ଅଧିକାରୀ ବିଷ୍ଣୁଚରଣ ପରିଡ଼ା କୁହନ୍ତି, କୋଭିଡ୍ ଗାଇଡ୍‌ଲାଇନ ମାନିବା ପାଇଁ ବାରମ୍ବାର ତାଗିଦା କରାଯାଉଛି। କିନ୍ତୁ କେତେଜଣ ଅମାନିଆ ଏହି କଟକଣା ମାନୁନାହାନ୍ତି।

## ଏକାମ୍ରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ପୁରୁଣା ଭୁବନେଶ୍ୱର,୩।୧(ଡି.ଏନ୍.ଏ.)**

ଏକାମ୍ର ନିର୍ବାଚନମଣ୍ଡଳୀ ବାସୁଆଘାଇ ପଞ୍ଚାୟତରେ ୮୦ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସୋମବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରୁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଦୁର୍ଗାପୁର ପାଟଣା ମଙ୍ଗଳା ମଣ୍ଡପ, ଗ୍ରାମଦେବତୀଙ୍କ ମଣ୍ଡପ, ହରିଜନ ସାହି ରାସ୍ତା, ବାସୁଆଘାଇ ଡ୍ରେନ ଏବଂ କଲଭର୍ଟ, ଆଶୁତୋଷ ନଗର ୧,୨, କେଶୋରା ବି ବି ନଗର, ଶ୍ରୀକ୍ଷେତ୍ର ବିହାର, ବ୍ୟାଙ୍କ୍ କଲୋନୀ, ଦ୍ୱାରିକାପୁରି, ଜାତୀୟ ରାଜପଥଠାରୁ ମହାଦେବ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଏବଂ କୋରଡକଣ୍ଠା କପିଳ ମଠ ନିକଟ ନଦୀବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆଶୁତୋଷ ନଗର କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କରିଥିଲେ।

## ବିଦ୍ୟାଳୟର ବିକାଶ ପାଇଁ ଆହ୍ୱାନ


ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥି।

**ବଳରାମ ଦେବ ବିଦ୍ୟାପୀଠରେ ପ୍ରତିଷ୍ଠା ଦିବସ**

**ଟାଙ୍ଗୀ(ଖୋର୍ଦ୍ଧା),୩।୧(ଡି.ଏନ୍.ଏ.)**

ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ୭୯ତମ ପ୍ରତିଷ୍ଠା ଦିବସ ସୋମବାର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ପୁରାତନ ଛାତ୍ର ସଂସଦର ସମ୍ପାଦକ ବିଜୟ କୁମାର ରାଉତ, ପରିଚାଳନା କମିଟି ସଭାପତି ସୁନିଲ କୁମାର ମହାନ୍ତି, ବରିଷ୍ଠ ଖବରଦାତା ରଘୁନାଥ ସାହୁ, ପ୍ରଧାନଶିକ୍ଷକ ରମେଶ କୁମାର ବଳବନ୍ତରାୟ, ପୂର୍ବତନ ପ୍ରଧାନଶିକ୍ଷକ ମହେଶ୍ୱର ପ୍ରଧାନ, ଖୋର୍ଦ୍ଧା ଜିଲାପରିଷଦ ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରୀଛାତ୍ର ଉଦ୍ୟମ କରିବାକୁ ସମ୍ପାଦକ ନିବେଦନ କରିଥିଲେ। ପୁରାତନ ଛାତ୍ର ଗୋବିନ୍ଦ ଚନ୍ଦ୍ର ସାହୁ, ବାସୁଦେବ ସିଂ, ପରିକ୍ଷିତ ମହାରଣା, ଗଙ୍ଗାଧର ବେହେରା, ରାମଚନ୍ଦ୍ର ପରିଡ଼ା, ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଛାତ୍ର ଜୀବନର ସ୍ମୃତିଚାରଣ କରିଥିଲେ। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ବିଦ୍ୟାର୍ଥୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ୨୦୨୧ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ପ୍ରିୟମ୍ବଦା ପାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ବିଶ୍ୱଜିତ୍ ପଲାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ପରିଡ଼ା ଧନ୍ୟବାଦ ଦେଇଥିଲେ।

## କାର୍ଯ୍ୟାଦେଶ ପରେ ବି ମିଳୁନି ସହାୟତା

**ଜଟଣୀ,୩।୧(ଡି.ଏନ୍.ଏ.)**



ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା ହିତାଧିକାରୀମାନେ।

ଜଟଣୀ ପୌରାଞ୍ଚଳରେ ବସବାସ କରୁଥିବା ବସ୍ତି ବାସିନ୍ଦା ପକ୍କା ଘର ପାଇବାରେ ହଟହଟା ହେଉଥିବା ଅଭିଯୋଗ ହୋଇଛି। ସରକାର ଜାଗା ମିଶନ ଯୋଜନାରେ ଗରିବ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଘର ଯୋଗାଇ ଦେବେ ବୋଲି କହିଥିଲେ। ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୭ନମ୍ବର ୱାର୍ଡ ରେ ଗଢି ଉଠିଥିବା ଗୋପବନ୍ଧୁ ନଗରରେ ଜାଗା ମିଶନ ଜରିଆରେ ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ପଟା ବା ଏଲଆରସି ମିଳିବାପରେ ପକ୍କା ଘର ନିର୍ମାଣ ନିମନ୍ତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି।

ଦୀର୍ଘ ମାସ ପରେ ମଧ୍ୟ ପାଖାପାଖି ୭୦ରୁ ଊର୍ଦ୍ଧ୍ୱ ପରିବାରର ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ଅର୍ଥ ଦିଆଯାଇ ନ ଥିବା ବେଳେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ପୌର ପ୍ରଶାସନର ଅଧିକାରୀଙ୍କୁ ଉକ୍ତ ସମସ୍ୟା ସମ୍ପର୍କରେ ପଚାରିବାରୁ ସନ୍ତୋଷଜନକ ଉତ୍ତର ମିଳୁ ନ ଥିବା କ୍ଷତିଗ୍ରସ୍ତ ହିତାଧିକାରୀ କହିଛନ୍ତି। ପ୍ରଶାସନର ପ୍ରତିଶ୍ରୁତି ପାଇଁ ଲୋକେ ଝାଟିମାଟି ଘର ଭାଙ୍ଗି ଦେଇ ଖୋଲା ଆକାଶ ତଳେ ସମୟ କାଟୁଥିବା ଉକ୍ତ ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ ସୋମବାର ଗୋପବନ୍ଧୁ ନଗରର ରବି ନାୟକ, ସସ୍ମିତା ସାମଲ, ମଞ୍ଜୁ ସାମଲ, ବିନୋଦିନୀ ମହାପାତ୍ର, ସତ୍ୟଭାମା ସାହୁ, ବିନୋଦ ମହାପାତ୍ର, ପ୍ରକାଶ ଚନ୍ଦ୍ର କୁଣ୍ଠୁ, ରାମଚନ୍ଦ୍ର ମହାରଣା ଓ ବିଜେଡିଜିଲା ସମ୍ପାଦକ ଅନନ୍ତ ଶତପଥୀଙ୍କ ସହିତ ବହୁ ହିତାଧିକାରୀ ସାମିଲ ହୋଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭୋଟ ସମସ୍ୟା ସମାଧାନ ନିମନ୍ତେ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଏ ନେଇ ଜଟଣୀ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି, ସରକାରଙ୍କ ପକ୍ଷରୁ ଟଙ୍କା ଆସିଲେ ହିତାଧିକାରୀଙ୍କ ଖାତାକୁ ପଠାଯିବ।



ପୁରୀ ଶ୍ରୀମନ୍ଦିର କରିଡ଼ର ପାଇଁ ରଘୁନାଥ ଭବନକୁ ସୋମବାର ପ୍ରଶାସନ ପକ୍ଷରୁ ଡୋଜର ଦ୍ୱାରା ଉଚ୍ଛେଦ କରାଯାଉଛି।



ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ସୋମବାର ଭୁବନେଶ୍ୱର ସୂଚନା ଭବନରେ ଆୟୋଜିତ ଓଡ଼ିଶୀ ସଙ୍ଗୀତ ମହୋତ୍ସବରେ ରୂପକ କୁମାର ପରିଡ଼ା ସଙ୍ଗୀତ ପରିବେଷଣ କରୁଛନ୍ତି।



ନାଲ୍‌କୋକୁ ଘରୋଇକରଣ କରାଯିବା ପ୍ରସ୍ତାବ ବିରୋଧରେ ଆଇଏନ୍‌ଟିୟୁସି ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ନାଲ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

## ଦଳକୁ ବାହୁଡ଼ିଲେ ବିଜେଡି କର୍ମୀ

**ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.):** କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନ ମାଣପୁର ଗ୍ରାମର ବିଜେଡି କର୍ମୀ ଗଣେଶ ବସ୍ତିଆ ରବିବାର ଆନୁଷ୍ଠାନିକ ଭାବେ ଭାଜପାର ରାଜ୍ୟ କାର୍ଯ୍ୟାଳୟରେ ଯୋଗଦେଇଥିଲେ। ୨୪ ଘଣ୍ଟା ନ ପୂରୁଣୁ ସେ ସୋମବାର ପୁନର୍ବାର ଦଳକୁ ଫେରି ଆସିଛନ୍ତି। ବିଜେଡିର ଲୋକାଭିମୁଖୀ ଯୋଜନାରେ ସାମିଲ ହୋଇ ସେ ଦଳ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏହି ଅବସରରେ ଆୟୋଜିତ ମିଶ୍ରଣ ପର୍ବରେ ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ନାୟକ, ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ପଞ୍ଚାୟତ ବିଜେଡି ସଭାପତି ରୁସ୍ତମ ମହମ୍ମଦ ଓ ଯୁବ ବିଜେଡି ସଭାପତି ବିଶ୍ୱଜିତ୍ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ବାଲୁଗାଁ ଭାଜପା ନଗର ମଣ୍ଡଳ ସଭାପତି ଗିରଫ

**ବାଲୁଗାଁ,୩।୧(ଡି.ଏନ୍.ଏ.)**

### ବନ୍ଧୁକ ଧରି ଚିଲିକା ବିଧାୟକଙ୍କୁ ଧମକ, ଗାଳି ଅଭିଯୋଗ

- ଥାନା ଆଗରେ ବିଜେଡି-ଭାଜପା କର୍ମୀ ମୁହାଁମୁହିଁ
- ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ଖୋର୍ଦ୍ଧା ଜିଲା ବାଲୁଗାଁସ୍ଥିତ ଏକ ସ୍କୁଲ ପରିସରରେ ସୋମବାର ଏକ ଶ୍ରେଣୀଗୃହର ଭୂମି ପୂଜନରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇଥିଲେ। ଏହି ସମୟରେ ବାଲୁଗାଁ ଭାଜପା ନଗର ମଣ୍ଡଳ ସଭାପତି ନିରଞ୍ଜନ ସେଠୀ ଏକ ବନ୍ଧୁକ ଧରି ବିଧାୟକଙ୍କୁ ହତ୍ୟା ଉଦ୍ଦେଶ୍ୟରେ ସ୍କୁଲ ପରିସରକୁ ପଶିଥିଲେ। ବାଲୁଗାଁ ବିଜେଡି କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା ପ୍ରତିବାଦ କରି ଅଟକାଇ ଥିଲେ। ଏନେଇ କୃଷ୍ଣଚନ୍ଦ୍ର ବାଲୁଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩/୨୨) ରୁଜୁକରି ନିରଞ୍ଜନଙ୍କୁ ଗିରଫ କରିଛି।

ଅଭିଯୋଗ ମୁତାବକ, ସୋମବାର ମଧ୍ୟାହ୍ନରେ ଏକ ସ୍କୁଲରେ ବିଧାୟକଙ୍କ ଦ୍ୱାରା ଏକ ନୂତନ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ବିଜେଡିର ବହୁ କର୍ମୀ ଉପସ୍ଥିତ ଥିଲେ। ଏହି ସମୟରେ ଭାଜପା ନଗର ମଣ୍ଡଳ ସଭାପତି ନିରଞ୍ଜନ ଏକ ବନ୍ଧୁକ ଧରି କେତେଜଣ ସହଯୋଗୀଙ୍କ ସହ ସେଠାରେ ପହଞ୍ଚିଥିଲେ। ନିରଞ୍ଜନ ବିଜେଡି କର୍ମୀଙ୍କୁ ଗାଳିଗୁଲଜ କରିବା ସହ ବନ୍ଧୁକ ଦେଖାଇଥିଲେ। ବିଧାୟକ ଜଗଦେବଙ୍କୁ ହତ୍ୟା ଉଦ୍ଦେଶ୍ୟରେ ନିରଞ୍ଜନ ସ୍କୁଲ ପରିସରକୁ ପ୍ରବେଶ ଉଦ୍ୟମ କରିଥିଲେ ବୋଲି କୃଷ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି। ସେ ଏହାର ପ୍ରତିବାଦ କରିବା ବେଳେ ଆକ୍ରମଣର ଶିକାର ହୋଇଥିବା ମଧ୍ୟ ଏତଲାରେ ଦର୍ଶାଇଛନ୍ତି। ପରେ ସେଠାରେ ଉପସ୍ଥିତ ପୋଲିସ ନିରଞ୍ଜନଙ୍କୁ କାବୁକରି ଥାନାକୁ ଆଣିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ଗିରଫ ଦାବିରେ ବିଧାୟକ ଜଗଦେବଙ୍କ ସମେତ ବିଜେଡି କର୍ମୀମାନେ ସ୍କୁଲରୁ ପଦଯାତ୍ରାରେ ଯାଇ ଥାନା ଆଗରେ ପହଞ୍ଚି ଧାରଣା ଦେଇଥିଲେ। କିଛି ସମୟ ପରେ ଭାଜପା ସମର୍ଥିତ କର୍ମୀମାନେ ମଧ୍ୟ ଥାନା ଆଗରେ ପହଞ୍ଚି ଏହା ମିଥ୍ୟା ଓ ଉଦ୍ଦେଶ୍ୟମୂଳକଭାବେ କରାଯାଇଛି ବୋଲି ପ୍ରତିବାଦ କରିଥିଲେ। ଫଳରେ ବିଜେଡି ଓ ଭାଜପା କର୍ମୀ ମୁହାଁମୁହିଁ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଘଟଣାସ୍ଥଳରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପି.କେ. ଦାଶ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରସ୍କଙ୍କ ସମେତ ବାଣପୁର, ବାଲୁଗାଁ, ଟାଙ୍ଗୀ ପୋଲିସ କର୍ମଚାରୀଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

ପ୍ରକାଶ ଯେ, କିଛି ଦିନ ପୂର୍ବେ ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ବେଳେ ନିରଞ୍ଜନଙ୍କୁ ଆକ୍ରମଣ ଅଭିଯୋଗ ନେଇ ବିଧାୟକ ଜଗଦେବଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପରେ ବିଧାୟକ ଜଗଦେବ ବିଜେଡିରୁ ନିଲମ୍ବନ ହୋଇଥିଲେ। ସୋମବାର ପୂର୍ବ ବିବାଦକୁ ନେଇ ନିରଞ୍ଜନ ସମର୍ଥକଙ୍କ ସହ ବିଦ୍ୟାଳୟରେ ପହଞ୍ଚି ଏପରି ଘଟଣା ଘଟାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।



ଥାନା ଆଗରେ ଧାରଣାରେ ବସିଥିବା ବିଜେଡି କର୍ମୀମାନେ।

## ସଂକ୍ଷେପରେ

### ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ଜିଲାପାଳ

**କଟକ ଅଫିସ, ୩।୧:** ଜିଲାପାଳ ଭବାନୀ ଶଙ୍କର ଚୟନୀ ସୋମବାର ଟାଙ୍ଗୀ ଡ୍ରିମ୍‌ସ ପରିସରସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲ ଗସ୍ତ କରିଥିଲେ। ସେଠାରେ ସେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଭେଟିଥିଲେ। ଏଥିସହ ହସ୍ପିଟାଲର ବିଭିନ୍ନ ୱାର୍ଡକୁ ଯାଇ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉମେଶ ଚନ୍ଦ୍ର ରାୟ, ଡେପୁଟି କଲେକ୍ଟର ଅଳକାରାଣୀ ଦେବତା, ବିଏସ୍‌କେୱାଇ ସଂଯୋଜକ ସୁସ୍ମିତା ନାୟକ, ଡ୍ରିମ୍‌ସ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ରଥ, ହସ୍ପିଟାଲର ସିଇଓ ଡା. ଜ୍ୟୋତି ପ୍ରକାଶ ପରିଜା, ସଞ୍ଜୀବ ପ୍ରହରାଜ, ମାନବ ସମ୍ବଳ ଅଧିକାରୀ ଜଗଦୀଶ ପତି, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

### ୩ ବିଦ୍ୟାଳୟ ୫-ଟିରେ ସାମିଲ: ମନ୍ତ୍ରୀଙ୍କ ଶିଳାନ୍ୟାସ

**ଆଠଗଡ଼,୩।୧(ସ୍ୱ.ପ୍ର.):** ଆଠଗଡ଼ ବ୍ଲକର ୩ ସ୍କୁଲକୁ ୫-ଟି ଅଧୀନ ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ସେଗୁଡ଼ିକ ହେଲା ବ୍ଲକ ଅନ୍ତର୍ଗତ ସମସରପୁର, ଅରଖପାଟଣା ଏବଂ ଜେନାପଦା ହାଇସ୍କୁଲ। ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୋମବାର ଏହାର ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ଆଠଗଡ଼ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତ, ଲଳିତେନ୍ଦୁ ସେନାପତି, ପ୍ରଦୀପ୍ତ କୁମାର ଦାସ, ନିରାକାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

### ବନ୍ଧୁମିଳନ କାର୍ଯ୍ୟକ୍ରମ

**କଟକ ଅଫିସ,୩।୧:** ସ୍ଥାନୀୟ ବାଲିକୁଦାସ୍ଥିତ ବୁଢ଼ିମଙ୍ଗଳା ପୀଠରେ ରବିବାର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସୁକାନ୍ତ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଏସ୍‌ଏପି ଷଷ୍ଠ ବାଟାଲିୟନ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦେଈ ମୁଖ୍ୟ ଅତିଥି, ଆଇନଜୀବୀ ପ୍ରଶାନ୍ତ ମହାପାତ୍ର, ଉଲ୍ଲାସ ଚରଣ ମହାନ୍ତି, ଦୁର୍ଗା ପ୍ରସାଦ ମହାନ୍ତି, ଅକ୍ଷୟ କୁମାର ସାମଲ ପ୍ରମୁଖ ଅନ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୪୦ ଜଣ ବୃଦ୍ଧାବୃଦ୍ଧଙ୍କୁ ଶୀତ ବସ୍ତ୍ରବଣ୍ଟନ କରାଯାଇଥିଲା।

### ତେଲ ପକାଇ ଲଟେରି ଜିତିଲେ ଗ୍ରାହକ

**ତିଗିରିଆ,୩।୧ (ଡି. ଏନ.ଏ):** ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ଲକ୍ଷ୍ମୀ ପ୍ରତିମା ଇଣ୍ଡିଆନ ଅଏଲ ଫିଲିଙ୍ଗ ଷ୍ଟେସନରେ ଗାଡ଼ିରେ ପେଟ୍ରୋଲ ଓ ଡିଜେଲ ପକାଯାଇଥିବା ଗ୍ରାହକମାନଙ୍କୁ ଲଟେରି ମାଧମରେ ପୁରସ୍କୃତ କରାଯାଇଛି। ଅକ୍ଟୋବରରୁ ଡିସେମ୍ବର ମଧରେ ୨୯୯ ଟଙ୍କାର ପେଟ୍ରୋଲ ଓ ୪୯୯ ଟଙ୍କାର ଡିଜେଲ କିଣିଥିବା ଗ୍ରାହକମାନଙ୍କୁ ଫିଲିଙ୍ଗ ଷ୍ଟେଶନ ତରଫରୁ ଏକ ଲକି କୁପନ ଦିଆଯାଇଥିଲା। ସୋମବାର ଲଟେରି ମାଧମରେ ୧୦ ଗ୍ରାହକଙ୍କୁ ପେଟ୍ରୋଲ ପମ୍ପ ପରିସରରେ ପୁରସ୍କୃତ କରାଯାଇଛି। ସେମାନଙ୍କ ମଧରେ ଅଚଳକୋଟର ଦୀପ୍ତିରଞ୍ଜନ ସ୍ୱାଇଁ ରେଫ୍ରିଜରେଟର ଜିତିଥିବା ଜଣାପଡ଼ିଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ତିଗିରିଆ ତହସିଲଦାର ପ୍ରମୋଦ କୁମାର ବାସ୍କେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପାଞ୍ଚଗାଁ ସରପଞ୍ଚଙ୍କ ପ୍ରତିନିଧି ସରୋଜ ଦାଶ, ଇଣ୍ଡିଆନ ଅଏଲ ସେଲ୍‌ସ ମ୍ୟାନେଜର ରାକେଶ କୁମାର ଭୋଇ ଓ ଲକ୍ଷ୍ମୀ ପ୍ରତିମା ଫିଲିଙ୍ଗ ଷ୍ଟେଶନ ପ୍ରୋପ୍ରାଇଟର ପ୍ରତିମା ସାହୁ ଉପସ୍ଥିତ ଥିଲେ।

# ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କଲେ ମନ୍ତ୍ରୀ

**ଚୌଦ୍ୱାର,୩।୧(ଡି.ଏନ୍.ଏ.)**

ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସୋମବାର ଚୌଦ୍ୱାର ସହରାଞ୍ଚଳ, ଆଖପାଖ ଗ୍ରାମାଞ୍ଚଳରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଜେନା ଯୋଗଦେଇ ଚୌଦ୍ୱାର ସଫେଇ କେନାଲଠାରୁ ଯାତ୍ରାପଡ଼ିଆ ପର୍ଯ୍ୟନ୍ତ ରାସ୍ତା ନବୀକରଣର ଶିଳାନ୍ୟାସ ଓ ରୂପାନ୍ତରଣ ହୋଇଥିବା ମ୍ୟୁନିସିପାଲ ସରକାରୀ ହାଇସ୍କୁଲ ଉଦ୍‌ଘାଟନ କରିଥିଲେ। ସେହିପରି ମଙ୍ଗଳି-ଡଗରାସାହି (ଚାଉଳିଆ)ପୋଲ, ଓଟିଏମ୍ ହାଇସ୍କୁଲରେ ପ୍ରସ୍ତାବିତ ଇନ୍‌ଡୋର ଷ୍ଟାଡ଼ିୟମ୍, କଳିଙ୍ଗ ବିଦ୍ୟାପୀଠର ରୂପାନ୍ତରଣ କାର୍ଯ୍ୟ, ନିଗମାନନ୍ଦ ବିଦ୍ୟାପୀଠ ରୂପାନ୍ତରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏଥିସହ ଚୌଦ୍ୱାର ଚଷାପଡ଼ା ଠାରେ ସହରାଞ୍ଚଳ ଜଳଯୋଗାଣ ପ୍ରକଳ୍ପକୁ ମନ୍ତ୍ରୀ ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ପ୍ରଶାନ୍ତ ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଚାନ୍ଦିନୀ ସୁମନ ସାହୁ, ସଞ୍ଜୀବ ରାୟ, ଶମ୍ଭୁନାଥ ସେଠୀ, ବିଜେଡ଼ି କଟକ ଜିଲା ଉପ ସଭାପତି ପ୍ରେମଚାନ୍ଦ ନାୟକ, ସମ୍ପାଦକ ଶୁଭେନ୍ଦୁ ସାମଲ, ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ଅର୍ଜ୍ଜୁନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ୍-ବାଇକ୍ ମୁହାଁମୁହିଁ, ଯୁବକ ମୃତ

**କଟକ ଅଫିସ, ୩।୧**

ସିଡିଏ ସେକ୍ଟର-୧୧ ଗଡ଼ା ନିକଟରେ ସୋମବାର ଅପରାହ୍ନ ସାଢେ ୧୨ଟାରେ ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଧୀନ ବାଇଗିଣିଆ ଗ୍ରାମର ପ୍ରହଲ୍ଲାଦ ମାଝୀ(୪୨)ଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂଚନା ମୁତାବକ, ପ୍ରହଲ୍ଲାଦ କଲେଜ ଛକସ୍ଥିତ ଏକ ଫାଷ୍ଟଫୁଡ ଦୋକାନରେ ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ସେକ୍ଟର-୧୧ରେ ରହୁଥିବାରୁ କଲେଜ ଛକ ଅଭିମୁଖେ ନଈକୂଳ ରାସ୍ତାରେ ବାଇକ୍ ଯୋଗେ ଯାଉଥିଲେ। ଏହି ସମୟରେ କଟକରୁ ନରାଜ ଆଡେ ଆସୁଥିବା ଏକ ଟ୍ରକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଚିକିତ୍ସା ଲାଗି ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କଟକ ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଫେଜ୍-୨ ଥାନା ପୋଲିସ ପହଞ୍ଚି ଗାଡି ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨/୨୨) ରୁଜୁ ହୋଇଛି।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**କଟକ ସଦର, ୩।୧(ଡି.ଏନ.ଏ.)**

କନ୍ଦରପୁର ଥାନା ଅନ୍ତର୍ଗତ ନିମେଇଶାପୁର ଗ୍ରାମର ନିରଞ୍ଜନ ଭୋଇ (୨୮) ରବିବାର ରାତିରେ ନିକଟସ୍ଥ ଶାହାଡ଼ା ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସୋମବାର ସକାଳେ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ଏଥିସହ ଏକ ଅପମୃତ୍ୟୁ ମାମଲା(ନଂ.୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ୮ ମାସ ତଳେ ନିରଞ୍ଜନଙ୍କର ବିବାହ ହୋଇଥିଲା। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ଥାନାଧିକାରୀ ବିପିନ ବିହାରୀ ହୋତା କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



କଟକ ସାରଳା ଭବନରେ ସୋମବାର କଟକ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ପରିବେଷିତ ନାଟକ 'ତୁଠ ପଥର'ର ଏକ ଦୃଶ୍ୟ।

## ମନମୋହିଲା ନାଟକ 'ତୁଠ ପଥର'

**କଟକ ଅଫିସ,୩।୧**

### କଟକ ମହୋତ୍ସବ ଉଦ୍‌ଘାଟିତ

କଟକ ଶାରଳା ଭବନରେ କଟକ ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ଆୟୋଜିତ ମହୋତ୍ସବରେ ମୁଖ୍ୟ ଉପଦେଷ୍ଟା ଭାବେ ଜଷ୍ଟିସ ଡି.ପି. ଚୌଧୁରୀ ଯୋଗଦେଇ କହିଥିଲେ, ଏହି ମହୋତ୍ସବ କଳାର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଝାରଖଣ୍ଡର ନୃତ୍ୟଶିଳ୍ପୀ ଶାଲିନି ଝାହା, ସରେଇକେଲାର ଅଦିତି ଓଝା କଥକ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ନାଟକ 'ଚାରିକାନ୍ଥ' ଓ 'ତୁଠ ପଥର' ପରିବେଷିତ ହୋଇଥିଲା। ଏହା ଦର୍ଶକଙ୍କ ମନ ମୋହିଥିଲା। ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ୧୫୦ କଣ୍ଠଶିଳ୍ପୀ, ନୃତ୍ୟ ଓ ବାଦ୍ୟଶିଳ୍ପୀ କଳା ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମରେ ସଂଘର ଅଧ୍ୟକ୍ଷ ପ୍ରଭା ପଟ୍ଟନାୟକ, ବିଧାୟକ ମହମ୍ମଦ ମୋକିମ, ବିଜୟାନନ୍ଦ ସିଂ, ଶୈଳାଦିତ୍ୟ ରଥ, ଦିପାୟନ ପଟ୍ଟନାୟକ, ଶାଶ୍ୱତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତଥିଲେ।

## ରୁଟି ବ୍ୟାଙ୍କ ଉଦ୍‌ଘାଟିତ

**କଟକ ଅଫିସ,୩।୧**

କଟକ ଗଡଚଣ୍ଡୀ ମନ୍ଦିର ପରିସରରେ ସୋମବାର ଆସ୍ଥା ଆଲୋକ ନ୍ୟାସ ସଙ୍ଗଠନ ଆନୁକୂଲ୍ୟରେ ରୁଟି ବ୍ୟାଙ୍କ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସଙ୍ଗଠନର ଅଧ୍ୟକ୍ଷ ତଥା ପୂର୍ବତନ ଡିଜିପି ପ୍ରକାଶ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ୧୦୦ ଜଣ ସମ୍ପର୍କୀୟଙ୍କୁ ସକାଳ ଜଳଖିଆରେ ରୁଟି ଦିଆଯାଇଥିଲା। ଆଗାମୀ ଦିନରେ ରେଳଷ୍ଟେଶନ ଓ ଅନ୍ୟ ସ୍ଥାନରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି ମିଶ୍ର କହିଛନ୍ତି। ଓଡ଼ିଶା ଘରୋଇ ଯାନ୍ତ୍ରିକ ମହାବିଦ୍ୟାଳୟ ସଂଘର ଅଧ୍ୟକ୍ଷ ତଥା ନ୍ୟାସ୍‌ର ଉପାଧ୍ୟକ୍ଷ ବିନୋଦ ବିହାରୀ ଦାଶ କହିଛନ୍ତି, ସମାଜରେ ଅବହେଳିତ ଅବସ୍ଥାରେ ଥିବା ପିଲାଙ୍କ ଶିକ୍ଷାଦାନ ପାଇଁ ସଙ୍ଗଠନ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ। ଏଥିସହ ସମାଜର ମଙ୍ଗଳ ପାଇଁ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯିବ।

## ଆଇଟିଆଇ-କମ୍ପାନୀ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ



**କଟକ ଅଫିସ, ୩।୧**

କଟକ ଖପୁରିଆସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ(ଆଇଟିଆଇ) ଓ ଅଟୋମୋବାଇଲ ଡକ୍ଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ନାମକ କମ୍ପାନୀ ମଧ୍ୟରେ ସୋମବାର ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଉକ୍ତ କମ୍ପାନୀର ଉପକରଣ ନବୀକରଣ, ଆବଶ୍ୟକ ଯନ୍ତ୍ରପାତିର ମରାମତି, ବିଭିନ୍ନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ରକ୍ଷଣାବେକ୍ଷଣ ଆଇଟିଆଇ କରିବ। ଆସନ୍ତା ୫ ବର୍ଷ ପାଇଁ ଏହି ଚୁକ୍ତିନାମା କରାଯାଇଛି। ଏମ୍‌ଓୟୁ ସ୍ୱାକ୍ଷରିତ ସମୟରେ ଡାଇରେକ୍ଟର ଅଫ ଡିଟିଇଟି ରେଘୁ ଜୀ, ଆଇଟିଆଇ ଅଧ୍ୟକ୍ଷ ହୃଷୀକେଶ ମହାନ୍ତି, ଅଜୟ ପଣ୍ଡା, ସୟଦ ମୋହିଭ ଅଲ୍ଲି ପ୍ରମୁଖ ଉସ୍ଥିତଥିଲେ।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

**ନରସିଂହପୁର ୩।୧(ସ୍ୱ.ପ୍ର.)**

### ସଡ଼କ ଦୁର୍ଘଟଣାରେ ଶିକ୍ଷୟିତ୍ରୀ ମୃତ

କଟକ-ନରସିଂହପୁର ୬୫ନଂ. ରାଜପଥର ସିଆରିଆ ଛକରେ ସୋମବାର ସଡ଼କ ଦୁର୍ଘଟଣା ଘଟି ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବିରେ ରାସ୍ତାରୋକୋ ହୋଇଥିଲା। ମୃତକ ହେଲେ ଏହି ବ୍ଲକ ଅନ୍ତର୍ଗତ ସିଆରିଆ ଗ୍ରାମର ପୁଷ୍ପଲତା ସାହୁ। ସେ ସିଆରିଆସ୍ଥିତ ବିଦ୍ୟାଳୟରୁ ୨ ବର୍ଷ ତଳେ ଅବସର ନେଇଥିଲେ। ପୁନର୍ବାର ସରକାରୀ ଚୁକ୍ତି ଭିତ୍ତିରେ କିଛି ଦିନ ପୂର୍ବେ ବଡ଼ମ୍ବା ବ୍ଲକ ଗୋପପୁର ହାଇସ୍କୁଲରେ ନିଯୁକ୍ତି ପାଇଥିଲେ। ସୋମବାର ନୂତନ କାର୍ଯ୍ୟରେ ଯୋଗଦେବାକୁ ବାହାରିଥିଲେ। ଏନେଇ ସିଆରିଆ ଛକରେ ଏକ କାର୍‌ରେ ବସିବାକୁ ଯାଉଥିବାବେଳେ ଏକ ନମ୍ବରବିହୀନ ଟାଟା ଏସିଇ ଗାଡି ଦ୍ରୁତ ଗତିରେ ଆସି ତାଙ୍କୁ ପଛ ପଟୁ ଧକ୍କା ଦେଇ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କାନପୁର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପୁଷ୍ପଲତାଙ୍କୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରସାରିତ ହେବା ପରେ ପରିବାର ସଦସ୍ୟଙ୍କ ସହ ସ୍ଥାନୀୟ ଗ୍ରାମବାସୀ ମୁଖ୍ୟ ରାସ୍ତାର ରଷିପଡା ଛକରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ନରସିଂହପୁର ତହସିଲଦାର ଆଲୋକ କୁମାର ଦେହୁରୀ ଓ କାନପୁର ଥାନା ଅଧିକାରୀ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ଓ ପୋଲିସ ପ୍ରଶାସନ ପକ୍ଷରୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି ବୋଲି କାନପୁର ପୋଲିସ କହିଛି।



ରଷିପଡା ଛକରେ ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।



ପୁରୀ ଶ୍ରୀମନ୍ଦିର କରିଡ଼ର ପାଇଁ ରଘୁନାଥ ଭବନକୁ ସୋମବାର ପ୍ରଶାସନ ପକ୍ଷରୁ ଡୋଜର ଦ୍ୱାରା ଉଚ୍ଛେଦ କରାଯାଉଛି।




ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ସୋମବାର ଭୁବନେଶ୍ୱର ସୂଚନା ଭବନରେ ଆୟୋଜିତ ଓଡ଼ିଶୀ ସଙ୍ଗୀତ ମହୋତ୍ସବରେ ରୂପକ କୁମାର ପରିଡ଼ା ସଙ୍ଗୀତ ପରିବେଷଣ କରୁଛନ୍ତି।




ନାଲ୍‌କୋକୁ ଘରୋଇକରଣ କରାଯିବା ପ୍ରସ୍ତାବ ବିରୋଧରେ ଆଇଏନ୍‌ଟିୟୁସି ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ନାଲ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।